
ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, December 12/2025 | Page 16 | ₹ 7.00 | BALASORE
୫୨ଶ ଭାଗ ୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 19 | ମୂଲ୍ୟ₹୭/-




## Kia Seltos
Badass. Forever.

Bigger in stance, longer in profile, and stronger in presence, the all-new Seltos has arrived with a reinvigorated sense of authority. The new design strikes harder, the Trinity Panoramic Display amplifies the cabin, Ventilated Seats bring comfort, and ADAS Level 2 equips you with unmatched confidence. A complete transformation that carries forward the one thing that never changed: its unmistakable badass attitude. Experience the all-new Seltos today!

**Commanding Presence** Advanced, with attitude


Command-Centric Trinity Panoramic Display


Over-the-Air (OTA) Software Updates with Kia Remote Diagnostics*


Dual Pane Panoramic Sunroof


Iconic R18 - 46.20 cm (18") Sporty Crystal Cut Alloy Wheels with Neon Brake Calipers


ADAS Level 2 with 21 Autonomous Features*


Front, Rear and Side Parking Sensors

**Robust 24 Hi-Safety Package**
STANDARD ACROSS ALL VARIANTS

Front Dual Airbags | Front Seat Side Airbags | Side Curtain Airbags | Highline Tyre Pressure Monitor | ABS (Anti-lock Brake System) | BAS (Brake Assist System) | ESC (Electronic Stability Control) | VSM (Vehicle Stability Management) | HAC (Hill-start Assist Control) | ESS (Emergency Stop Signal) | Child Lock | All Wheel Disc Brakes | Rear Parking Sensors x4 | Speed Sensing Auto Door Locks | Impact Sensing Auto Door Unlock | Front & Rear All Seat 3-Point Seat Belts with Reminder | ISOFIX (Rear Anchors) | Front Passenger Airbag On/ Off Switch | Front Passenger Airbag On/ Off Indicator | Rear Occupant Alert | DBC (Downhill Brake Control) | Rollover Sensor | Auto Light Control & Headlamp Escort Function | Rear View Camera with Dynamic Guidelines

**Kia Service**
Connected • Adaptive • Responsive • Engage

3 Years Unlimited km Warranty | Extended Warranty* Up to 7 Years | My Convenience Plus* Best-in-class Cost of Ownership | Scratch Care Program* | IoT Based Smart Services* | 24x7 | 3 Years Nationwide RSA*

**Bookings open** | **Call** 1800 108 5000 | **Visit** www.kia.com | Kia Seltos | Look for "Kia India" @

*Terms & Conditions Apply. The product & feature images shown in this ad is for representation purpose only. Features and specifications as shown may not be part of standard fitment and may vary. The colors shown are subject to availability and may not be available across all variants and may differ slightly from those shown in this ad. The specifications and features may vary depending on models/ variants. As a standard feature in defined segment. Segment is defined as Mid SUV whose length lies between 4 220-4 460 mm and width between 1 760-1830 mm. ADAS features are for driver assistance only. Driver is responsible for safe and attentive driving. For details on functioning of ADAS, Safety, Kia Connect 2.0 features kindly refer to the owners manual. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, Kia Connect 2.0 features and other details of any model as mentioned in this ad to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads. We do not endorse vandalism or illegal activities related to road safety. Safety is a top priority, and we urge responsible behavior regarding traffic regulations and road safety.

**FOR INFORMATION CONTACT: BALASORE: BASANTI KIA,** PH: 7077732182, **BHUBANESHWAR: CENTRAL KIA,** PAHAL, PH: 7440004288, 7440002919, **TRUPTI KIA,** PATRAPADA, PH: 7064414001/ 7064414004/ 7064414005, PURI BYPASS ROAD, PH: 7064414001, **EMPREO KIA,** PATIA, PH: 9777064777, 9124401571, **BHAWANIPATNA: MAJESTY KIA,** PH: 9124572956, **BOLANGIR: MAJESTY KIA,** PH: 9124672378/ 9124572963, **CUTTACK: CENTRAL KIA,** PH: 9237304769, **ROURKELA: KRISHNA KIA,** PH: 7852941723, **BERHAMPUR: CENTRAL KIA,** PH: 9124563157, **SAMBALPUR: CENTRAL KIA,** PH: 7440004263, 7440003022, **ANGUL: CENTRAL KIA,** PH: 7440004255, 9124563136, **JAJPUR: SANJIB KIA,** PH: 993768900, **JEYPORE: MAJESTY KIA,** PH: 9124572378, **KEONJHAR: TRUPTI KIA,** PH: 7064414005

INNOCEAN-064/25



ଗୁଆହାଟୀରେ ନାଗରିକ ସଂଶୋଧନ ଆଇନ (ସିଏଏ) ବିରୋଧରେ ଅଲ୍ ଆସାମ ଷ୍ଟୁଡେଣ୍ଟ୍ସ ୟୁନିୟନ ପକ୍ଷରୁ କଳାଦିବସ ପାଳନ ବେଳେ ବିକ୍ଷୋଭ ପ୍ରଦର୍ଶନ।

## ୬୦ କୋଟି ଜମା କରିବାକୁ ଶିଳ୍ପା ସେଟ୍ଟୀ, ରାଜ କୁନ୍ଦ୍ରାଙ୍କୁ ନିର୍ଦ୍ଦେଶ

### ଲୁକ୍‌ଆଉଟ୍ ସର୍କୁଲାର ଉଠାଇବା ଆବେଦନ

ମୁମ୍ବାଇ,୧୧।୧୨

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିରୋଧରେ ଜାରି ହୋଇଥିବା ଲୁକ୍‌ଆଉଟ୍ ସର୍କୁଲାରକୁ ଉଠାଇବାକୁ ହେଲେ ସେମାନଙ୍କୁ ୬୦ କୋଟି ଟଙ୍କା ଜମା କରିବାକୁ କିମ୍ବା ଏକ ଜାତୀୟକରଣ ବ୍ୟାଙ୍କରୁ କ୍ରମାଗତ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିବାକୁ ବମ୍ବେ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ମୁମ୍ବାଇ ପୋଲିସର ଆର୍ଥିକ ଅପରାଧ ଶାଖା ଶିଳ୍ପା ଏବଂ ରାଜ କୁନ୍ଦ୍ରାଙ୍କ ବିରୋଧରେ ବହୁକୋଟି ଟଙ୍କା ଠକେଇ ମାମଲା ରୁଜୁ କରିଥିବାବେଳେ ସେମାନଙ୍କ ବିଦେଶ ଗସ୍ତ ଉପରେ କଟକଣା ପାଇଁ ଲୁକ୍‌ଆଉଟ୍



ସର୍କୁଲାର (ଏଲ୍‌ଓସି) ଜାରି ହୋଇଛି। ତେବେ କୁନ୍ଦ୍ରାଙ୍କ ଅସୁସ୍ଥ ବାପାଙ୍କୁ ଦେଖିବା ପାଇଁ ସେମାନେ ଲଣ୍ଡନ ଯିବା ନିମନ୍ତେ ଏଲ୍‌ଓସି ସ୍ଥଗିତ ରଖିବା ଲାଗି ନିର୍ଦ୍ଦେଶ ଦେବା ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ଖବର ଅନୁଯାୟୀ କୁନ୍ଦ୍ରାଙ୍କ ବାପାଙ୍କଠାରେ ରକ୍ତହୀନତା ସମେତ ବିଭିନ୍ନ ଦୀର୍ଘସ୍ଥାୟୀ ସମସ୍ୟା ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେଉଛି। ଡାକ୍ତରମାନେ ତାଙ୍କୁ କ୍ୟାପ୍‌ସୁଲ୍ ଏଣ୍ଡୋସ୍କୋପି କିମ୍ବା ଡବଲ-ବେଲୁନ୍ ଏଣ୍ଟରସ୍କୋପି ଚିକିତ୍ସା ପାଇଁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତି ଦର୍ଶାଇ ଶିଳ୍ପା ଓ କୁନ୍ଦ୍ରା ଜାନୁଆରୀ ୨୦ ପୂର୍ବରୁ ଲଣ୍ଡନ ଯିବା ଲାଗି ଅନୁମତି ମାଗିଥିଲେ।

## ଦିଲ୍ଲୀ ଦଙ୍ଗା ମାମଲା: ଉମର ଖଲିଦଙ୍କୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ,୧୧।୧୨

୨୦୨୦ ଦିଲ୍ଲୀ ଦଙ୍ଗା ସହ ଜଡ଼ିତ ଷଡ଼ଯନ୍ତ୍ର ମାମଲାରେ ଗିରଫ ହୋଇ ଜେଲରେ ଥିବା ଜେଏନ୍‌ୟୁର ପୂର୍ବତନ ଛାତ୍ର ନେତା ଉମର ଖଲିଦଙ୍କୁ ଗୁରୁବାର ଦିଲ୍ଲୀର ଏକ ଅଦାଲତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଭଉଣୀ ବାହାଘରରେ ଯୋଗଦେବା ପାଇଁ ତାଙ୍କୁ ଡିସେମ୍ବର ୧୬ରୁ ୨୯ ମଧ୍ୟରେ ଜାମିନରେ ଯିବା ନିମନ୍ତେ ଅନୁମତି ମିଳିଛି। ଜାମିନରେ ରହିବା ସମୟରେ ସୋସିଆଲ ମିଡିଆ ବ୍ୟବହାର ନ କରିବା କିମ୍ବା କୌଣସି ସାକ୍ଷୀଙ୍କ ସହ ଯୋଗାଯୋଗ ନ ରଖିବା ପାଇଁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କେବଳ ତାଙ୍କ ପରିବାର ସଦସ୍ୟ, ବନ୍ଧୁ ଓ ସମ୍ପର୍କୀୟମାନଙ୍କୁ ଭେଟିପାରିବେ।



ଏଥିସହିତ ତାଙ୍କୁ କେବଳ ନିଜ ଘରେ ଏବଂ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବା ସ୍ଥାନରେ ରହିବା ପାଇଁ ଏଏସ୍‌ଜେ ସମୀର ବାଜପାୟୀ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୦ ଫେବୃଆରୀରେ ଦିଲ୍ଲୀରେ ଘଟିଥିବା ବିକ୍ଷୋଭ ଓ ସାମ୍ପ୍ରଦାୟିକ ହିଂସା ଘଟଣାର ଯୋଜନା ଉମର କରିବା ସହ ଏହାକୁ କାର୍ଯ୍ୟକାରୀ କରିବାରେ ସମନ୍ୱୟ ରଖିଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ତାଙ୍କର ନିୟମିତ ଜାମିନ ଆବେଦନ ତଳ କୋର୍ଟ ଏବଂ ଦିଲ୍ଲୀ ହାଇକୋର୍ଟରେ ଖାରଜ ହୋଇଥିଲା।

## ପ୍ରଭାବିତ ଯାତ୍ରୀଙ୍କୁ ୧୦ ହଜାର ଟଙ୍କାର ଭାଉଚର ଦେବ ଇଣ୍ଡିଗୋ

ନୂଆଦିଲ୍ଲୀ,୧୧।୧୨

ଇଣ୍ଡିଗୋ ବିମାନ ଉଡ଼ାଣ ବିଳମ୍ବ ଯୋଗୁ ଗତ ୩ରୁ ୫ ତାରିଖ ମଧ୍ୟରେ ଦୀର୍ଘ ସମୟ ଧରି ଅଟକି ରହିଥିବା ପ୍ରତ୍ୟେକ ଯାତ୍ରୀଙ୍କୁ ଏୟାରଲାଇନ୍ସ ୧୦,୦୦୦ ଟଙ୍କାର ଭାଉଚର ପ୍ରଦାନ କରିବ ବୋଲି ଗୁରୁବାର ଘୋଷଣା କରିଛି। ଏହି ଭାଉଚର ଆଗାମୀ ୧୨ ମାସ ପର୍ଯ୍ୟନ୍ତ ଯେକୌଣସି ଇଣ୍ଡିଗୋ ବିମାନ ପାଇଁ ବୈଧ ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଉଡ଼ାଣ ବାତିଲ ହୋଇଥିବା ବିମାନଯାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସେମାନଙ୍କ ଟିକେଟ ଦେୟ ଫେରସ୍ତ କରାଗଲାଣି। ଅବଶିଷ୍ଟ କେତେଜଣ ଯାତ୍ରୀଙ୍କ ଭଡ଼ା ଖୁବ୍‌ଶୀଘ୍ର ଫେରାଇ ଦିଆଯିବ ବୋଲି ଆଶା କରାଯାଉଛି। ଯେଉଁମାନେ ଟ୍ରାଭେଲ ପ୍ଲାଟ୍‌ଫର୍ମ ଜରିଆରେ ଟିକେଟ ବୁକିଂ କରିଥିଲେ, ସେମାନଙ୍କ ଅର୍ଥ ଫେରସ୍ତ ଆରମ୍ଭ ହୋଇଛି। ଯଦି କୌଣସି ଗ୍ରାହକଙ୍କ ଯୋଗାଯୋଗ ବିବରଣୀ ଏୟାରଲାଇନ୍ସ ସିଷ୍ଟମ୍‌ରେ ଅସମ୍ପୂର୍ଣ୍ଣ ରହିଥାଏ, ସେମାନଙ୍କୁ customer.experience@goindigo.inକୁ ଲେଖି ଜଣାଇବା ପାଇଁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ପାଇଲଟ୍ ଏବଂ କର୍ମଚାରୀ ଅଭାବରୁ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଇଣ୍ଡିଗୋର ଶତାଧିକ ବିମାନ ଉଡ଼ାଣ ବାତିଲ ହେବା ସହ ଅତ୍ୟଧିକ ବିଳମ୍ବ ହୋଇଥିଲା। ଫଳରେ ଅନେକ ହଜାର ଯାତ୍ରୀ ଦେଶର ବିଭିନ୍ନ ଏୟାରପୋର୍ଟରେ ଫସିରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ଚିମୁଟା, ତାୱା ଧରି ଲଢ଼େଇ କର

### ଏସ୍‌ଆଇଆର୍ ବିରୋଧରେ ପଶ୍ଚିମବଙ୍ଗ ମହିଳାଙ୍କୁ ମମତାଙ୍କ ଆହ୍ୱାନ

କୋଲକାତା,୧୧।୧୨(ଏଜେନ୍ସି)

ଭୋଟର ତାଲିକାର ଶୁଦ୍ଧୀକରଣ ନାମରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ଦେଶରେ ବିବାଦୀୟ ସ୍ଥିତି ଉପୁଜିଥିବାବେଳେ ଗୁରୁବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସଙ୍ଗରେ ଭାଜପା ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ଟାର୍ଗେଟ କରିଛନ୍ତି। ୨୦୨୬ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ପଶ୍ଚିମବଙ୍ଗର ୧.୫ କୋଟି ମତଦାତାଙ୍କ ନାମ ହଟାଇବା ପାଇଁ କେନ୍ଦ୍ର ସରକାର ଇସିଙ୍କୁ ନିୟୋଜିତ କରାଇଛନ୍ତି। ଲୋକଙ୍କୁ ଆତଙ୍କିତ କରିବା ପାଇଁ ଭାଜପା ବାହାର ଲୋକଙ୍କୁ ବ୍ୟବହାର କରୁଛି। ତେବେ ଯେଉଁ ମହିଳାମାନଙ୍କ ନାମ ଭୋଟର ତାଲିକାରୁ କଟିଯାଇଥିବ, ସେମାନେ ଚିମୁଟା, ତାୱା ଓ ବେଲଣା ଭଳି ରୋଷେଇଘର ଉପକରଣ ଧରି ଲଢ଼େଇ କରନ୍ତୁ ବୋଲି ମମତା ଆହ୍ୱାନ ଦେଇଛନ୍ତି।

ନଦିଆ ଜିଲାର କ୍ରିଷ୍ଣାନଗରରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଏକ ରାଲିକୁ ସମ୍ବୋଧିତ କରି ଦଳର ସୁପ୍ରିମୋ ମମତା ବାନାର୍ଜୀ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍‌ଶାହା ଜଣେ ବିପଜ୍ଜନକ ବ୍ୟକ୍ତି। ତାଙ୍କ ୨ ଆଖି ବିପର୍ଯ୍ୟୟର ବାର୍ତ୍ତା ଦେଇଥାଏ। ଗୋଟିଏ ଆଖିରେ ମହାଭାରତର ଦୁର୍ଯ୍ୟୋଧନ ଓ ଅନ୍ୟ ଆଖିରେ ଦୁଃଶାସନଙ୍କୁ ଦେଖିବାକୁ ମିଳିଥାଏ। ପଶ୍ଚିମବଙ୍ଗର ଭୋଟର ତାଲିକାରୁ ଯେପରି ୧.୫ କୋଟି ମତଦାତାଙ୍କ ନାମ କଟାଯିବ ସେଥିଲାଗି ଶାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ୟମ ଚାଲିଛି। ଏଥିଲାଗି ଜିଲାପାଳମାନଙ୍କ ଉପରେ ଚାପ ପକାଯାଉଛି। ଏସ୍‌ଆଇଆର୍ ପ୍ରକ୍ରିୟାରେ ଜଣେ ହେଲେ ଯୋଗ୍ୟ ଭୋଟରଙ୍କ ନାମ କଟିଲେ ସେ ଧାରଣାରେ ବସିବେ ବୋଲି ମମତା ଚେତାବନୀ ଦେଇଛନ୍ତି।

ମମତା ଆହୁରି କହିଛନ୍ତି, ଭାଜପା ଭୋଟ ପାଇଁ ଏତେ ଭୋକିଲା ହୋଇଯାଇଛି ଯେ ସେମାନେ ନିର୍ବାଚନର ଠିକ୍ ୨ ମାସ ପୂର୍ବରୁ ଏସ୍‌ଆଇଆର୍ ଆରମ୍ଭ କରିଛନ୍ତି। ସେମାନେ ବିହାରରେ ଏପରି କରି ନିର୍ବାଚନକୁ ମ୍ୟାନେଜ୍ କରିବାରେ ସଫଳ ହୋଇଛନ୍ତି। ପଶ୍ଚିମବଙ୍ଗରେ ତାକୁ ଦୋହରାଇବାକୁ ଯାଇ ଭାଜପାର ଆଇଟି ସେଲ୍ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ପ୍ରସ୍ତୁତି ଚାଲିଛି। କିନ୍ତୁ ପଶ୍ଚିମବଙ୍ଗରେ ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ। ରାଜ୍ୟରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) କିମ୍ବା କୌଣସି ଅଟକ କେନ୍ଦ୍ର କରାଇ ଦିଆଯିବ ନାହିଁ। ସେମାନେ ଯଦି କାହାକୁ ତାଲିକାରୁ ହଟାଇଦେଇଥିବେ ତାଙ୍କୁ ଫେରାଇ ଆଣିବାର ବିଦ୍ୟା ଆମକୁ ଜଣା ଅଛି। ତୁମେ ଏସ୍‌ଆଇଆର୍ ନାମରେ ଆମ ମା'ଭଉଣୀଙ୍କ ଅଧିକାର ଛଡ଼ାଇବାକୁ ଆସିଛ? ଦିଲ୍ଲୀରୁ ପୋଲିସକୁ ଡକାଇବ? ଯଦି କୌଣସି ମହିଳାଙ୍କ ନାମ କାଟିଦିଆଯାଏ ତେବେ ମା'ଭଉଣୀମାନେ ରୋଷେଇ ଘରେ ବ୍ୟବହାର କରୁଥିବା ଉପକରଣଗୁଡ଼ିକୁ ଶକ୍ତିଶାଳୀ ଅସ୍ତ୍ର କରି ଲଢ଼େଇ କରିବେ। ମହିଳାମାନେ ଆଗରେ ରହିବେ ଓ ସେମାନଙ୍କ ପଛରେ ପୁରୁଷମାନେ ଛିଡ଼ା ହୋଇଥିବେ ବୋଲି ମମତା କହିଛନ୍ତି।

ପ୍ରକାଶ ଯେ, ଶାହା ବୁଧବାର ପାର୍ଲାମେଣ୍ଟରେ କହିଥିଲେ, ଯେଉଁମାନେ ଅନୁପ୍ରବେଶକାରୀଙ୍କୁ ସମର୍ଥନ କରୁଛନ୍ତି, ସେମାନେ ପଶ୍ଚିମବଙ୍ଗରୁ ଉଭାନ୍ ହୋଇଯିବେ। ଏହାର ଦିନକ ପରେ କ୍ଷୁବ୍ଧ ମମତା ଶାହାଙ୍କୁ ଏପରି ଟାର୍ଗେଟ କରିଛନ୍ତି।



ମମତା ବାନାର୍ଜୀ

## ୬ ରାଜ୍ୟରେ ଏସ୍‌ଆଇଆର୍ ତାରିଖ ଅବଧି ବୃଦ୍ଧି

### ପଶ୍ଚିମବଙ୍ଗ ପାଇଁ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧୧।୧୨

ଭାରତର ନିର୍ବାଚନ କମିଶନ (ଇସିଆଇ) ଗୁରୁବାର ୫ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ତାରିଖ ଅବଧି ବୃଦ୍ଧି କରିଛନ୍ତି। ତାମିଲନାଡୁ, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତର ପ୍ରଦେଶ ଓ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଏସ୍‌ଆଇଆର୍ ପ୍ରକ୍ରିୟା ଗୁରୁବାର ଶେଷ ହେବାକୁ ଥିବାବେଳେ ଚିଠା ଭୋଟର ତାଲିକା ଡିସେମ୍ବର ୧୬ରେ ପ୍ରକାଶ ପାଇବା ନେଇ ପୂର୍ବରୁ ସ୍ଥିର ହୋଇଥିଲା। ନୂଆ ନିଷ୍ପତ୍ତି ଅନୁସାରେ ତାମିଲନାଡୁ ଓ ଗୁଜରାଟରେ ଗଣନା ଅବଧି ଡିସେମ୍ବର ୧୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାବେଳେ ଚିଠା ଭୋଟର ତାଲିକା ୧୯ରେ ପ୍ରକାଶ ପାଇବ। ସେହିପରି ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଗଣନା ଅବଧି ଡିସେମ୍ବର ୧୮ ପର୍ଯ୍ୟନ୍ତ ବଢ଼ାଯାଇଥିବାବେଳେ ଚିଠା ଭୋଟର ତାଲିକା ୨୩ରେ ପ୍ରକାଶିତ ହେବ। ୟୁପିରେ ଏହି ତାରିଖ ଯଥାକ୍ରମେ ଡିସେମ୍ବର ୨୬ ଓ ୩୧କୁ ବୃଦ୍ଧି କରାଯାଇଛି। କିନ୍ତୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଶାସନାଧୀନ ପଶ୍ଚିମବଙ୍ଗରେ ଏହି ତାରିଖ ଅପରିବର୍ତ୍ତିତ ରହିଛି। ଇସିଙ୍କ ବିବୃତି ଅନୁସାରେ ଗୋଆ, ପଣ୍ଡିଚେରୀ, ଲାକ୍ଷାଦ୍ୱୀପ, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ଗୁରୁବାର ଗଣନା କାର୍ଯ୍ୟ ଶେଷ ହୋଇଥିବାବେଳେ ଡିସେମ୍ବର ୧୬ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ପୂର୍ବରୁ କେରଳ ପାଇଁ ଏହି ତାରିଖ ଯଥାକ୍ରମେ ଡିସେମ୍ବର ୧୮ ଓ ୨୩କୁ ବୃଦ୍ଧି କରାଯାଇଥିଲା।

## ଗଭୀର ଖାତକୁ ଟ୍ରକ୍ ଖସି ୨୧ ଶ୍ରମିକ ମୃତ

ତିନ୍‌ସୁକିଆ/ଡିବ୍ରୁଗଡ଼,୧୧।୧୨

ଅରୁଣାଚଳପ୍ରଦେଶରେ ଏକ ଗଭୀର ଖାତ ମଧ୍ୟକୁ ଟ୍ରକ୍ ଖସିପଡ଼ିବାରୁ ୨୧ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଆସାମ ତିନ୍‌ସୁକିଆ ଜିଲାର ୨୨ ଜଣ ଶ୍ରମିକ ନିର୍ମାଣ କାର୍ଯ୍ୟ ପାଇଁ ଗତ ୮ ତାରିଖରେ ଏକ ଟ୍ରକ୍‌ରେ ଯାଉଥିବାବେଳେ ଅଞ୍ଜାଓ ଜିଲା ଅନ୍ତର୍ଗତ ହାୟୁଲିଆଙ୍ଗ-ଚଗଲାଗାମ୍ ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପ୍ରତିରକ୍ଷା ପିଆର୍‌ଓ ଲ୍ୟୁଟ୍‌ନାଣ୍ଟ କଲୋନେଲ ମହେନ୍ଦ୍ର ରାୱତ୍ ସୂଚନା ଦେଇଛନ୍ତି। ଜଣେ ଶ୍ରମିକ ବଞ୍ଚିଥିବାବେଳେ ସେ ଚିପ୍ରା ଜେନେରାଲ ରିଜର୍ଭ ଇଞ୍ଜିନିୟର ଫୋର୍ସ (ଜିଆର୍‌ଇଏଫ୍) କ୍ୟାମ୍ପରେ ପହଞ୍ଚିବା ପରେ ତାଙ୍କଠାରୁ ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିଥିବା ରାୱତ୍ କହିଛନ୍ତି। ଦୁର୍ଘଟଣାସ୍ଥଳ ଚଗଲାଗାମ୍‌ଠାରୁ ୧୨ କିଲୋମିଟର ଦୂର ଏବଂ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଦୁର୍ଘଟଣାର ଖବର ମିଳିବାରେ ବିଳମ୍ବ ହୋଇଛି। ମୃତଦେହଗୁଡ଼ିକୁ ଦଉଡ଼ି ସାହାଯ୍ୟରେ ଖାତରୁ ବାହାର କରାଯାଇଛି। ତଲାସି ଓ ଉଦ୍ଧାର କାର୍ଯ୍ୟରେ ସେନାକୁ ନିୟୋଜିତ କରାଯାଇଥିଲା।

## ମା' ଜାତି ଆଧାରରେ ଝିଅଙ୍କୁ ପ୍ରମାଣପତ୍ର ଦେବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୧।୧୨

ଏକ ଭିନ୍ନ ଜାତି ବିବାହ ମାମଲାରେ ମା'ଙ୍କ ଜାତି ଆଧାରରେ ତାଙ୍କ ଝିଅଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାଆ ଜଣେ ଆଦି ଦ୍ରାବିଡ଼ ହୋଇଥିବାବେଳେ ସେ ଅନୁସୂଚିତ ଜାତିର ହୋଇ ନ ଥିବା ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ସେମାନଙ୍କ ନାବାଳିକା ଝିଅର ପାଠପଢ଼ା ପାଇଁ ମାଆ ଜାତି ଆଧାରରେ ପ୍ରମାଣପତ୍ର ଦେବା ନିମନ୍ତେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ବାପାଙ୍କ ଜାତି ଆଧାରରେ ପିଲାମାନଙ୍କ ଜାତି ନିର୍ଦ୍ଧାରଣକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ୍ ବିଚାରାଧୀନ ରହିଛି। ମାଡ୍ରାସ ହାଇକୋର୍ଟଙ୍କ ଏକ ରାୟକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନରେ ହସ୍ତକ୍ଷେପ କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ପଣ୍ଡିଚେରୀ ନାବାଳିକାଙ୍କ ଶିକ୍ଷାଗତ କ୍ୟାରିୟର ଯେପରି କ୍ଷତିଗ୍ରସ୍ତ ନ ହେବ, ସେଥିପାଇଁ ତାଙ୍କୁ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ଖଣ୍ଡପୀଠ କହିଛନ୍ତି। ଚ୍ୟାଲେଞ୍ଜ ସମୟରେ କାହିଁକି ମା'ଙ୍କ ଜାତି ଆଧାରରେ ପ୍ରମାଣପତ୍ର ପ୍ରଦାନ କରା ନ ଯିବ ବୋଲି ସିଜେଆଇ କହିଛନ୍ତି। ଏହାର ଅର୍ଥ ଅନୁସୂଚିତ ଜାତି ମହିଳା ଉଚ୍ଚ ଜାତିରେ ବିବାହ କରିଥିଲେ ଓ ଉଚ୍ଚଜାତି ପରିବାରରେ ପାଳନପୋଷଣ ହୋଇଥିଲେ ମଧ୍ୟ ସେ ଅନୁସୂଚିତ ଜାତି ପ୍ରମାଣପତ୍ର ପାଇବାକୁ ହକ୍‌ଦାର ହେବ। ସୂଚନାଯୋଗ୍ୟ, ଉଚ୍ଚଜାତିର ସ୍ୱାମୀ ଅନୁସୂଚିତ ଜାତିର ମହିଳାଙ୍କୁ ବିବାହ କରିବା ଦିନରୁ ତାଙ୍କ ଘରେ ରହିଆସୁଛନ୍ତି। ତେଣୁ ସେମାନଙ୍କ ୨ ଝିଅ ଓ ପୁଅଙ୍କୁ ମହିଳାଙ୍କ ଜାତି ଆଧାରରେ ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ ତହସିଲଦାରଙ୍କୁ ନିବେଦନ କରିଥିଲେ।

### ଫୁର୍‌ସତ୍

## ଗୁମର ଖୋଲିଲେ ଅଭିଷେକ



ଅଭିଷେକ ବଚ୍ଚନ

ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରାୟତଃ ଛାଡ଼ପତ୍ର ବିଷୟରେ ଆଲୋଚନା ହୁଏ। କିନ୍ତୁ ଏହା ସିଧାସଳଖ ସେମାନଙ୍କ ପରିବାର ଏବଂ ପିଲାମାନଙ୍କୁ ପ୍ରଭାବିତ କରେ। ନିକଟରେ ଅଭିଷେକ ବଚ୍ଚନ ଏବଂ ଐଶ୍ୱର୍ଯ୍ୟା ରାୟଙ୍କ ମଧ୍ୟରେ ଫାଟ ବିଷୟରେ ଚର୍ଚ୍ଚା ହୋଇଥିଲା। ଏହି ଚର୍ଚ୍ଚା ଉଭୟଙ୍କ ପରିବାର ଉଭୟଙ୍କୁ ପ୍ରଭାବିତ କରିଥିଲା। ଏ ବିଷୟରେ ସେମାନଙ୍କ ଝିଅ ଆରାଧ୍ୟା ଜାଣିଥିଲେ କି? ଅଭିଷେକ ନିଜେ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି।

ଏକ ସାକ୍ଷାତ୍‌କାରରେ ଅଭିଷେକ କହିଛନ୍ତି, ତାଙ୍କ ୧୪ ବର୍ଷୀୟା ଝିଅ ଆରାଧ୍ୟା ଏ ବିଷୟରେ ଜାଣିନାହାନ୍ତି। ଆରାଧ୍ୟାଙ୍କର ଏପର୍ଯ୍ୟନ୍ତ ନିଜର ମୋବାଇଲ ଫୋନ ମଧ୍ୟ ନାହିଁ, ତେଣୁ ସେ ଏପରି କୌଣସି ଗୁଜବ ଜାଣିପାରିବେ ନାହିଁ। ସେ ଜଣେ ବୁଦ୍ଧିମାନ ଏବଂ ଭଲ ଝିଅ। ଐଶ୍ ତାଙ୍କୁ ବହୁତ ଭଲ ଭାବରେ ପାଳନ କରିଛନ୍ତି। ମୁଁ ଭାବୁନାହିଁ ଯେ ଏହା ତାଙ୍କର ପ୍ରାଥମିକତାର ଏକ ଅଂଶ। ଯଦି ତାଙ୍କ ସାଙ୍ଗମାନେ ତାଙ୍କ ସହିତ କଥା ହେବାକୁ ଚାହାନ୍ତି, ତେବେ ସେମାନଙ୍କୁ ତାଙ୍କ ମା'ଙ୍କ ମୋବାଇଲ୍‌କୁ କଲ୍ କରିବାକୁ ପଡ଼ିବ। ଅବଶ୍ୟ ଏହି ନିଷ୍ପତ୍ତି ଆମେ ବହୁ ପୂର୍ବରୁ ନେଇଥିଲୁ। ଆରାଧ୍ୟା ଇଣ୍ଟରନେଟ୍ ବ୍ୟବହାର କରନ୍ତି, କିନ୍ତୁ ସେ ଅନ୍‌ଲାଇନରେ ତାଙ୍କ ମାତାପିତାଙ୍କ ବିଷୟରେ ଗୁଜବ ଖୋଜିବାକୁ ସାହସ କରନ୍ତି ନାହିଁ। ସେ ତାଙ୍କ ପାଠପଢ଼ାରେ ଅଧିକ ଆଗ୍ରହୀ ଆଉ ସ୍କୁଲ ଯିବାକୁ ଭାରି ଭଲ ପାଆନ୍ତି। ତେବେ ଅଭିଷେକ ଛାଡପତ୍ର ଗୁଜବକୁ ଅବାନ୍ତର, ଶସ୍ତା ଏବଂ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ସେମାନଙ୍କ ସମ୍ପର୍କ ବିଷୟରେ ପ୍ରାୟତଃ ମନଗଢ଼ା କାହାଣୀ ସୃଷ୍ଟି କରାଯାଏ। ନିକଟରେ ରେଡ୍ ସି ଫିଲ୍ମ ଫେଷ୍ଟିଭାଲରେ ଐଶ୍ୱର୍ଯ୍ୟା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଆରାଧ୍ୟା ସୋସିଆଲ ମିଡିଆରେ ନାହାନ୍ତି।

## ଦେଶର ପ୍ରଥମ ହାଇଡ୍ରୋଜେନ୍ ଜାହାଜ ଚଳାଚଳ ଆରମ୍ଭ

ବାରାଣସୀ,୧୧।୧୨

ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ହାଇଡ୍ରୋଜେନ୍ ଇନ୍ଧନ-ସେଲ୍ ଜାହାଜର ଚଳାଚଳକୁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଗୁରୁବାର ଶୁଭାରମ୍ଭ କରିଛନ୍ତି। ସ୍ୱଚ୍ଛ ଓ ସ୍ଥାୟୀ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ଦିଗରେ ଏହା ଏକ ବଡ଼ ସଫଳତା। ଉକ୍ତ ଜାହାଜର ବ୍ୟବସାୟିକ ଚଳାଚଳକୁ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ହାଇଡ୍ରୋଜେନ୍ ଚାଳିତ ଜାହାଜ ଭାରତର ବର୍ଦ୍ଧିତ ବୈଷୟିକ ସାମର୍ଥ୍ୟ ଏବଂ ସ୍ଥାୟୀ ଇନ୍ଧନ ପାଇଁ ଏହାର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଏହା କେବଳ ଏକ ପ୍ରଯୁକ୍ତିଗତ ଅଗ୍ରଗତି ନୁହେଁ, ବରଂ ସ୍ୱଚ୍ଛ ଇନ୍ଧନ ଏବଂ ସ୍ୱଦେଶୀ ସମାଧାନ ଦିଗରେ ଆମେ ଆତ୍ମବିଶ୍ୱାସର ସହ ଅଗ୍ରସର ହେଉଛେ ବୋଲି ସୋନୋୱାଲ କହିଛନ୍ତି। ଏହି ସଫଳତା ସହ ଭାରତ ହାଇଡ୍ରୋଜେନ୍‌ଚାଳିତ ଜାହାଜ ଥିବା ଅଳ୍ପ କେତୋଟି ଦେଶ ତାଲିକାରେ ନିଜକୁ ସାମିଲ କରିଛି। ବର୍ତ୍ତମାନ କେବଳ ଚାଇନା, ନରୱେ, ନେଦରଲାଣ୍ଡସ୍ ଏବଂ ଜାପାନରେ ଏଭଳି ଜାହାଜ ଚଳାଚଳ କରୁଛି।



ବାରାଣସୀସ୍ଥିତ ଗଙ୍ଗା ନଦୀରେ ଭାରତ ନିର୍ମିତ ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଯାତ୍ରୀବାହୀ ଜାହାଜ ଗୁରୁବାର ବ୍ୟବସାୟିକ ଚଳାଚଳ ଶୁଭାରମ୍ଭ କରିଛି।

ଧରିତ୍ରୀ 52 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୨/୨୦୨୫ | Bhubaneswar, Friday, December 12/2025 

# ଭାରତ ଉପରେ ମେକ୍ସିକୋ କଷିଲା ୫୦% ଟାରିଫ୍

## ପ୍ରଭାବିତ ହେବ ପ୍ରାୟ ୫.୬ ବିଲିୟନ ଆମେରିକୀୟ ଡଲାରର ରପ୍ତାନି

**ଆମେରିକା ପରେ ଏହାର ପଡ଼ୋଶୀ ଦେଶ ମେକ୍ସିକୋ ଭାରତକୁ ବଡ଼ ଆର୍ଥିକ ଝଟକା ଦେଇଛି। ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ମେକ୍ସିକୋ ୫୦% ପର୍ଯ୍ୟନ୍ତ ଟାରିଫ୍ ଘୋଷଣା କରିଛି, ଯାହାକି ୨୦୨୬ ଆରମ୍ଭରୁ ଲାଗୁହେବାକୁ ଯାଉଛି। ନିଜ ଜାତୀୟ ଶିଳ୍ପ ଓ ନିର୍ମାତାଙ୍କୁ ସୁରକ୍ଷା ଦେବା ପାଇଁ ମେକ୍ସିକୋ ଏହି ନିଷ୍ପତ୍ତି ନେଇଥିବା କହିଛି। କିନ୍ତୁ ଆମେରିକାର ପ୍ରଭାବରେ ଏଭଳି ପଦକ୍ଷେପ ନିଆଯାଇ ଭାରତ ଉପରେ ଚାପ ସୃଷ୍ଟି କରାଯାଇଥିବା ଅନେକେ ମନେକରୁଛନ୍ତି। ୨୦୨୫ ଅଗଷ୍ଟରୁ ଆମେରିକାକୁ ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ଲାଗୁଥିବାବେଳେ ମେକ୍ସିକୋର ଏହି କଠୋର ପଦକ୍ଷେପ ଯୋଗୁ ଦେଶର ରପ୍ତାନି ଆହୁରି ପ୍ରଭାବିତ ହୋଇପାରେ। ଭାରତ ୨୦୨୩-୨୪ରେ ପ୍ରାୟ ୫.୩ ବିଲିୟନ ଆମେରିକୀୟ ଡଲାରର ବିଭିନ୍ନ ସାମଗ୍ରୀ ମେକ୍ସିକୋକୁ ରପ୍ତାନି କରିଥିଲା। ସେଥିମଧ୍ୟରେ ରହିଛି ୧ ବିଲିୟନ ଡଲାରର ଅଟୋ ପାର୍ଟ୍ସ ଓ ଯାନବାହନ। ସେହିପରି ପୋଷାକ, ପ୍ଲାଷ୍ଟିକ୍, ଷ୍ଟିଲ୍, ଘରକରଣା ଉପକରଣ, ଖେଳନା, ଟେକ୍ସଟାଇଲ୍, ଆସବାବପତ୍ର, ଜୋତା, ଚମଡ଼ା ସାମଗ୍ରୀ, କାଗଜ ଓ କାର୍ଡବୋର୍ଡ, ଆଲୁମିନିୟମ୍, କାଚ, ସାବୁନ, ଅତର ଓ ପ୍ରସାଧନ ସାମଗ୍ରୀର ରପ୍ତାନି ଅଧିକ ପ୍ରଭାବିତ ହେବା ଆଶଙ୍କା ଉପୁଜିଛି। ତେବେ ମେକ୍ସିକୋର ଏହି ନୂଆ ଟାରିଫ୍ କେବଳ ଭାରତ ପାଇଁ ନୁହେଁ, ବରଂ ଚାଇନା ସମେତ ଅନ୍ୟ କେତେକ ଏସୀୟ ରାଷ୍ଟ୍ରର ସାମଗ୍ରୀ ଉପରେ ମଧ୍ୟ ଲାଗୁହେବ।**

ନୂଆଦିଲ୍ଲୀ/ମେକ୍ସିକୋ ସିଟି, ୧୧।୧୨(ବ୍ଲୁମ୍‌ବର୍ଗ/ରଏଟର୍ସ)

ମେକ୍ସିକୋ ସିନେଟ୍‌ରେ ବୁଧବାର ନୂଆ ଟାରିଫ୍ ରିଜାଇମ୍ ସମ୍ପର୍କିତ ଏକ ବିଲ୍ ପାରିତ ହୋଇଛି। ବିଧେୟକ ସପକ୍ଷରେ ୭୬ ଓ ବିରୋଧରେ ୫ ଭୋଟ ପଡ଼ିଥିବାବେଳେ ୩୫ ଜଣ ସିନେଟର ମତଦାନରୁ ବିରତ ରହିଥିଲେ। ଉକ୍ତ ବିଲ୍ ଅନୁଯାୟୀ ମେକ୍ସିକୋ ସହ ଯେଉଁ ଦେଶଗୁଡ଼ିକର ଆନୁଷ୍ଠାନିକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇନାହିଁ, ସେହି ଦେଶରୁ ଆମଦାନୀ ହେବାକୁ ଥିବା ୧,୪୦୦ ପ୍ରକାର ସାମଗ୍ରୀ ଉପରେ ୫୦% ଟାରିଫ୍ ଲାଗୁ ହେବ। ଏହି ଦେଶଗୁଡ଼ିକ ମଧ୍ୟରେ ଭାରତ, ଚାଇନା, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ରହିଛନ୍ତି। ପୂର୍ବରୁ ଉକ୍ତ ବିଲ୍ ନିମ୍ନ ସଦନରେ ଗୃହୀତ ହୋଇସାରିଥିବାରୁ ସିନେଟ୍‌ର ସଦ୍ୟ ମଞ୍ଜୁରୀ ପରେ ଏହା ଆଇନରେ ପରିଣତ ହେବାରେ ବାଧା ନାହିଁ। ୨୦୨୬ ଜାନୁଆରୀ ପହିଲାରୁ ଲାଗୁ ହେବାକୁ ଥିବା ନୂଆ ଟାରିଫ୍ ଆଟୋମୋବାଇଲ୍ସ ଓ ପାର୍ଟ୍ସ, ଟେକ୍ସଟାଇଲ୍ସ, ଆପାରେଲ, ପ୍ଲାଷ୍ଟିକ୍, ମେଟାଲ, ଫୁଟ୍‌ୱେର ଭଳି ଶିଳ୍ପ କଞ୍ଚାମାଲ ଓ ଉପଭୋକ୍ତା ସାମଗ୍ରୀ ରପ୍ତାନି କ୍ଷେତ୍ରରେ ବାଧା ଉପୁଜାଇବ। କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଲାଗୁ ହେବାକୁ ଥିବାବେଳେ ଅଧିକାଂଶ ସାମଗ୍ରୀର ରପ୍ତାନିକାରୀଙ୍କୁ ୩୫% ଟାରିଫ୍ ବୋଝ ସହିବାକୁ ପଡ଼ିବ। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବଉମ୍‌ଙ୍କ ☞ପୃଷ୍ଠା-୨

### ସର୍ବାଧିକ ପ୍ରଭାବିତ ହେବ ଅଟୋମୋବାଇଲ୍ସ ସେକ୍ଟର

୨୦୨୩-୨୪ରେ ଭାରତ-ମେକ୍ସିକୋ ବାଣିଜ୍ୟିକ କାରବାର ୮.୪ ବିଲିୟନ୍ ଡଲର ରହିଥିଲା। ସେଥିରୁ ଭାରତ ୫.୩ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। ମେକ୍ସିକୋର ଟାରିଫ୍ ବୃଦ୍ଧି ଭାରତର ରପ୍ତାନି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଦକ୍ଷିଣ ଆଫ୍ରିକା ଓ ସାଉଦି ଆରବ ପରେ ଭାରତ ହେଉଛି ମେକ୍ସିକୋକୁ ସର୍ବାଧିକ କାର୍ ପଠାଉଥିବା ଦେଶ। ସେହି ବର୍ଷ ଭାରତ ମେକ୍ସିକୋକୁ ୧,୬୯୭ ନିୟୁତ ଡଲାର ମୂଲ୍ୟର କାର୍ ଓ ଅନ୍ୟ ଯାନବାହନ ରପ୍ତାନି କରିଥିଲା। ବର୍ତ୍ତମାନ ଭାରତର ଅଟୋମୋବାଇଲ ସାମଗ୍ରୀ ରପ୍ତାନି ଉପରେ ମେକ୍ସିକୋ ୨୦% ଆମଦାନୀ ଶୁଳ୍କ ଲଗାଉଥିବାବେଳେ ୨୦୨୬ରୁ ଏହା ୫୦%କୁ ବୃଦ୍ଧି ପାଇବ। ଏଥିଯୋଗୁ ଭୋକ୍ସୱାଗନ, ହୁଣ୍ଡାଇ, ନିସାନ୍ ଓ ମାରୁତି ସୁଜୁକି ☞ପୃଷ୍ଠା-୨



୧୩ ଦଫା ଦାବିରେ ଆଶାକର୍ମୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ଲୁଥ୍ରା ଭ୍ରାତା ଥାଇଲାଣ୍ଡରେ ଅଟକ

## ଗୋଆ ନାଇଟ୍‌କ୍ଲବ ଅଗ୍ନିକାଣ୍ଡ



ଗୌରବ ଓ ସୌରଭ

ବ୍ୟାଙ୍କକ୍,୧୧।୧୨

ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ପରେ ଏହାର ମାଲିକ ସୌରଭ ଲୁଥ୍ରା ଏବଂ ଗୌରବ ଲୁଥ୍ରା ଭାରତରୁ ଥାଇଲାଣ୍ଡ ପଳାଇଥିଲେ। ସେମାନଙ୍କୁ ଥାଇଲାଣ୍ଡ ପୋଲିସ ଅଟକ ରଖିଥିବା ଗୁରୁବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ନିବେଦନକ୍ରମେ ସେମାନଙ୍କୁ ଫୁକେଟ୍‌ରୁ ଧରାଯାଇଛି। ସେମାନଙ୍କୁ ଭାରତ ପଠାଯିବାର ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ଗତ ୭ ତାରିଖ ବିଳମ୍ବିତ ରାତିରେ ଉତ୍ତର ଗୋଆର ଆର୍ପୋରାଠାରେ ଥିବା ବିର୍ଚ ବାଇ ରୋମିଓ ଲେନ୍ ନାଇଟ୍ କ୍ଲବ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ମାତ୍ର ଅଳ୍ପ ସମୟ ପରେ ନାଇଟ୍ କ୍ଲବ୍ ମାଲିକ ଲୁଥ୍ରା ଭ୍ରାତା ଅନ୍‌ଲାଇନ୍ ଟ୍ରାଭେଲ୍ ପୋର୍ଟାଲ ଜରିଆରେ ଥାଇଲାଣ୍ଡର ☞ପୃଷ୍ଠା-୨

# କଥା ବୁଝୁଛି ଏଆଇ ରୋବୋ

ରାଉରକେଲା,୧୧।୧୨(ସଙ୍ଗୀତା ଜେନା)

### ପେଟେଣ୍ଟ ହାସଲ କଲା ରାଉରକେଲା ଏନ୍‌ଆଇଟି



ରୋବୋ ସହ ଏନ୍‌ଆଇଟି ଗବେଷକ।

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ଗବେଷକମାନେ ଲୋକଙ୍କ ସହ କଥୋପକଥନ କରୁଥିବା ରୋବୋଟିକ୍ ସିଷ୍ଟମ୍ ବିକଶିତ କରିଛନ୍ତି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଓ ଲାର୍ଜ ଲାଙ୍ଗୁଏଜ୍ ମଡେଲ (ଏଲ୍‌ଏଲ୍‌ଏମ୍) ବ୍ୟବହାର କରି ଏହି ଉଦ୍ଭାବନ କରାଯାଇଛି। ଏଥିରେ ମୌଖିକ ଓ ଅଣ ମୌଖିକ ଯୋଗାଯୋଗକୁ ଏକୀକୃତ କରି ନିର୍ବିଘ୍ନରେ ମାନବ ଯନ୍ତ୍ର ଭାବ ବିନିମୟ ସୃଷ୍ଟି କରିବା ଉପରେ ଧ୍ୟାନ ଦିଆଯାଇଛି। ଏହି ସିଷ୍ଟମ ବ୍ୟବହାର କରିବାକୁ ସହଜ ଓ ପୂର୍ବଭାଷିତ ଉତ୍ତରଗୁଡ଼ିକ ବ୍ୟତୀତ ପ୍ରତିଦିନର ଭାଷା ବୁଝିପାରିବ, ନିର୍ଦ୍ଦେଶାବଳୀ ଅନୁସରଣ କରିପାରିବ, ପ୍ରଶ୍ନର ଉତ୍ତର ଦେଇପାରିବ ଏବଂ ବାସ୍ତବ ସମୟରେ ଯୋଗାଯୋଗ କରିପାରିବ। ଏହି ବିକଶିତ ସିଷ୍ଟମ ଘର, ଶ୍ରେଣୀଗୃହ, କାର୍ଯ୍ୟାଳୟ, ହସ୍ପିଟାଲ, ସାମୁଦାୟିକ ସ୍ଥାନଗୁଡ଼ିକରେ କଥାବାର୍ତ୍ତା କରିବା ପାଇଁ ସକ୍ଷମ। ଏହି ବିକଶିତ ନବସୃଜନ ଓ ସିଷ୍ଟମ ପାଇଁ ଏନ୍‌ଆଇଟି ରାଉରକେଲା ପେଟେଣ୍ଟ ହାସଲ କରିଛି। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ପତ୍ରିକା କମ୍ପ୍ୟୁଟର୍ସ ଆଣ୍ଡ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ପ୍ରକାଶିତ ହୋଇଛି। ଏହାକୁ ରାଉରକେଲା ଏନ୍‌ଆଇଟିର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଅନୁପ ନନ୍ଦୀ, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଅସୀମ ନସ୍କର, ରିସର୍ଚ୍ଚ ସ୍କଲାର ସୌଗତମୟ ବିଶ୍ୱାସ ଏବଂ ଏମ୍‌ଟେକ୍ ଗ୍ରାଜୁଏଟ୍ ରାହୁଲ ସାଓ ଲେଖିଛନ୍ତି। ଭାଷା ବୁଝିବା ଓ ପ୍ରୟୋଗ କରିବା ସହିତ ଏହି ସିଷ୍ଟମ ହାତ ହଲାଇବା ଓ ହାତ ଉଠାଇବା ଭଳି ସାଙ୍କେତିକ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ଭବିଷ୍ୟତର ଭୟ

# ସେମିଳିଗୁଡ଼ାରେ ୩.୫ ଡିଗ୍ରୀକୁ ଖସିଲା ପାରଦ

## ୧୦ ଡିଗ୍ରୀ ତଳେ ୧୬ ସହର

ଭୁବନେଶ୍ୱର,୧୧।୧୨ (ବନ୍ଦନା ସେଠୀ)

ଶୀତରେ ଥରୁଛି ସାରା ଓଡ଼ିଶା। ଆହୁରି ୨ ଦିନ ଯାଏ ଶୀତ ଲହରି ଜାରି ରହିବ। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ଶୀତ ଲହରି ଜାରି ରହିଥିବାବେଳେ ଆସନ୍ତା ୧୩ ତାରିଖ ଯାଏ ପ୍ରବଳ ଶୀତ ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପାରଦ ୩ ଡିଗ୍ରୀ ସେଲ୍‌ସିୟସ ଛୁଇଁବା ସହ ୧୬ ସହରରେ ରାତି ତାପମାତ୍ରା ୧୦ଡିଗ୍ରୀଠାରୁ କମ୍ ରେକର୍ଡ କରାଯାଇଛି। ରାଜ୍ୟର ସର୍ବନିମ୍ନ ତାପମାତ୍ରା ସେମିଳିଗୁଡ଼ାରେ ରେକର୍ଡ ହୋଇଛି। ଏଠାରେ ପାରଦ ୩.୫ଡିଗ୍ରୀ ଛୁଇଁଥିବାବେଳେ ଜି. ଉଦୟଗିରିରେ ୪, ଫୁଲବାଣୀରେ ୫.୨, ଚିପିଲିମାରେ ୬.୧, ରାଉରକେଲାରେ ୬.୬, ଦାରିଙ୍ଗିବାଡ଼ିରେ ୭, ଭବାନୀପାଟଣାରେ ୮, କିରେଇରେ ୮.୧, ନବରଙ୍ଗପୁରରେ ୮.୬, କୋରାପୁଟ ଓ ବଲାଙ୍ଗୀରରେ ୯.୩, କେନ୍ଦୁଝର ଓ ସୁନ୍ଦରଗଡ଼ରେ ୯.୬ ଏବଂ ସୋନପୁରରେ ୧୦ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଝାରସୁଗୁଡାଠାରେ ଅତ୍ୟଧିକ ଥଣ୍ଡା ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ସର୍ବନିମ୍ନ ତାପମାତ୍ରା ☞ପୃଷ୍ଠା-୨






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସକାଳ ୯ଟା ୩୦।
- ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ରାଲି, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଜନତା ଅଧିକାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଡିଜିଟାଲ ମିଡିଆ ଅଫିସ, ଏଜି ଟ୍ରାଫିକ୍ ଅଫିସ ପାଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍ ପକ୍ଷରୁ ୩୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଭିଏସ୍ଏସ୍ ନଗର, ସମୟ: ଅପରାହ୍ନ ୨ଟା।
- ଅପୂର୍ବା ପକ୍ଷରୁ ୭ମ ରାଜ୍ୟ ପୁସ୍ତକ ମହୋତ୍ସବ ସାରସ୍ୱତ ସନ୍ଧ୍ୟା, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଏସ୍ଆଇଇପି ଏକାଡେମୀ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ୧୬ତମ ଭାରତମୁନି ଫେଷ୍ଟିଭାଲ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ୱେତପଦ୍ମା ସାଂସ୍କୃତିକ ପରିବାର ପକ୍ଷରୁ ୧୨ତମ ଓଡ଼ିଆ ମଞ୍ଚ ନାଟକ ମେଳା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ଏଫ୍ଏମ୍ ଅଟୋନୋମସ୍ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଭଦ୍ରକ**
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ଆଦମପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଦୋବଲ, ଧାମନଗର, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ରାତି ୮ଟା।

**କେନ୍ଦୁଝର**
- ଏକ ଦିବସୀୟ କ୍ରିକେଟ୍ ମ୍ୟାଚ, ସ୍ଥାନ: ସୋସୋ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।
- ପାଟଣାରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପ୍ରଥମ ଗ୍ରାମସଭା, ସ୍ଥାନ: ଭୃଙ୍ଗରାଜପୋଷି, ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ : ହାଟଡ଼ିହୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ସତ୍ୟସାଇଙ୍କ ଭଜନ, ସତ୍‌ସଙ୍ଗ, ସ୍ଥାନ: କଣିଆରୀ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ବାଣୀପୀଠ ମହୋତ୍ସବ, ସ୍ଥାନ:ବଡ଼ସାହି, ସମୟ: ସକାଳ ୧୦ଟା।

- ଲେଟ କଟ୍ କ୍ଲବ୍ ଆନୁକୂଲ୍ୟରେ ସର୍ବଭାରତୀୟ ଟି-୨୦ କ୍ରିକେଟ ମ୍ୟାଚ,ସ୍ଥାନ:ପ୍ରଫୁଲ୍ଲନଗର ଲେଟ୍‌କଟ୍ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ମାତୃଶ୍ରୀ ଆଙ୍ଗ୍ଲୋବେଦିକ ସ୍କୁଲର ବାର୍ଷିକ କ୍ରୀଡ଼ା, ସ୍ଥାନ: କେ.ସି.ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୭ଟା ୩୦।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଚଣ୍ଡୀମନ୍ଦିର, ଲାଞ୍ଜିପଲ୍ଲୀ,ସମୟ: ସକାଳ ୭ଟା ୩୦।

**ଗଞ୍ଜାମ**
- ରାଶନ କାର୍ଡ ବଣ୍ଟନ, ପାତ୍ରପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦଭାବନା ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।

**ଅନୁଗୋଳ**
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ଆଠମଲ୍ଲିକ ଅଇଡ଼ାସ୍ଥିତ ପଇଞ୍ଚକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

**ଜଗତ୍‌ସିଂହପୁର**
- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ସକାଳ ୯ଟା।
- ମେଘମଲ୍ଲାର କଳା ପରିଷଦ ଅନୁଷ୍ଠାନର ୫ମ ବାର୍ଷିକ ଉତ୍ସବ, ସ୍ଥାନ: ଜୟଦେବ ଭବନ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ବ୍ଲକସ୍ତରୀୟ ରାଜସ୍ୱ ଅଭିଯୋଗର ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କ୍ରିକେଟ ମ୍ୟାଚ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଜୟଦୁର୍ଗା ଆଥଲେଟିକ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ହରିଅଙ୍କ ହାଇସ୍କୁଲ ପଡ଼ିଆ, ଡେରାବିଶ, ସମୟ: ଅପରାହ୍ନ ୨ଟା।

**ଯାଜପୁର**
- କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ : କୋରେଇ ସିଏଚ୍‌ସି ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ୟାସନଗର ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଘୋଡାଲାଗି ପର୍ବର ୧୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡାଲାଗି ପର୍ବର ୧୬ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସରେ ବାହାଡା ବନାମ ଭୋଗଡା, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସୁନାଖଳା ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ସିଟି ସ୍କୁଲ ପଡ଼ିଆ ସୁନାଖଳା, ସମୟ: ସଂଧ୍ୟା ୬ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ଚଇତି -୨୦୨୫, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡ, ଗୁଡାରି, ସମୟ: ସକାଳ ୮ଟା।
- ରାୟଗଡା ବ୍ଲକ୍‌ସ୍ତରୀୟ ଚଇତି ମହୋତ୍ସବ, ସ୍ଥାନ: ବାରିଖୋଲା ଚଇତି ପଡିଆ, ରାୟଗଡ଼ା ବ୍ଲକ୍, ସମୟ : ସକାଳ ୯ଟା।
- ଉପଖଣ୍ଡ ସ୍ତରୀୟ ଚଇତି ମହୋତ୍ସବ ପାଇଁ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ,ଗୁଣପୁର, ସମୟ: ଅପରାହ୍ନ ୩ଟା।

**ନବରଙ୍ଗପୁର**
- ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁରସମୟ: ଅପରାହ୍ନ ୨ଟା
- ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଉଦ୍‌ଘାଟିତ, ସ୍ଥାନ: ନବରଙ୍ଗପୁର, ସମୟ: ସନ୍ଧ୍ୟା ୭ଟା।

**କୋରାପୁଟ**
- ଅନ୍ତ୍ୟୋଦୟ ଆବାସ ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୂତନ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ଦୈନିକ ବଜାର ଓ ସାପ୍ତାହିକ ହାଟ ଉଦ୍‌ଘାଟନ, ସ୍ଥାନ: ଗିର୍ଲା ପଞ୍ଚାୟତ, କୋଟପାଡ଼, ସମୟ: ଅପରାହ୍ନ ୨ ଟା।
- ପୌଷ ପୂର୍ଣ୍ଣିମା ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ:ଗୋପବନ୍ଧୁ ପାଠାଗାର, କୋଟପାଡ଼, ସମୟ: ରାତି ୭ଟା।

**ସମ୍ବଲପୁର**
- ବ୍ଲୁ ଡାଇମଣ୍ଡ କ୍ଲବ ପକ୍ଷରୁ ଜିଲାସ୍ତରୀୟ ଜୁନିୟର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୮ଟା ୩୦।
- ଜିଲା ଚେସ ସଂଘ ଆୟୋଜନରେ ସମୀକ୍ଷା ନାୟକ ସ୍ମାରକୀ ଜିଲା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା-୨୦୨୫, ସ୍ଥାନ: ହାଟପଡ଼ା କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା।
- କଲମ ପରିବାର ଟ୍ରଷ୍ଟ ଆୟୋଜନରେ ତୃତୀୟ ସମ୍ବଲପୁରୀ ବହିହାଟ-୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବ୍ରଜ ମହୋତ୍ସବ, ସ୍ଥାନ: ସାକ୍ଷୀପଡାସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- କେନ୍ଦ୍ରୀୟ ବିଦ୍ୟାଳୟର ସମ୍ବଲପୁର-୧ର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା୩୦।
- ସମ୍ବଲପୁରୀ ଧନୁଯାତ୍ରା ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଓଡ଼ିଶା-କର୍ଣ୍ଣାଟକ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ର ଚତୁର୍ଥ ଦିବସ ଖେଳ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଯୋଗୀସର୍ଡା ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ଦିବସ, ସ୍ଥାନ: କଲେଜ ଖେଳ ପଡିଆ, ଲୋଇସିଂହା ବ୍ଲକ, ସମୟ ପୂର୍ବାହ୍ନ ୧୦ଟା।
- ଜାତୀୟ ଯୁବ ମହୋତ୍ସବ ୨୦୨୫ ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୦୬ ତମ ଭାଲେର ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ଧନୁଯାତ୍ରା ମଣ୍ଡପ, ଭାଲେର, ପୁଇଁନ୍ତଲା, ବଲାଙ୍ଗୀର, ସମୟ: ଅପରାହ୍ନ ୧ଟା ୩୦।
- ନଟରାଜ କଳା ପରିଷଦର ନାଟକ ମହୋତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: କୋଶଳ କଳା ମଣ୍ଡଳ ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୫।
- ନାଟକ ମହୋତ୍ସବର ପ୍ରଥମ ଦିନର ନାଟକ 'ବା' ଓ 'ଯାଦୁବାଲା', ସ୍ଥାନ: କୋଶଳ କଳା ମଣ୍ଡଳ ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ରାତି ୭ଟା ଓ ୮ଟା ୧୫।

**ରାଉରକେଲା**
- ସୁରୁଚି ବଜାର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୫, ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ସାଧନା ଶିବିରର ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।।
- ପିଏମ୍ ଶ୍ରୀ ଶିକ୍ଷକ ତାଲିମ ଶିବିରର ଉଦ୍‌ଯାପନୀ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡିଶା ୱିଣ୍ଟର କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଏୟାରପୋର୍ଟ କମିଟି ପକ୍ଷରୁ ଷ୍ଟ୍ରିଟ୍ କର୍ନର ମିଟିଂ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୫ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୧୧ତମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।
- କଳ୍ପତରୁ ଆଶ୍ରମରେ ଗୀତାଯଜ୍ଞ, ସ୍ଥାନ: ବାସନ୍ତୀ କଲୋନି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

**ସୁନ୍ଦରଗଡ଼**
- ଖରିଫ ଧାନ ସଂଗ୍ରହ ନିମନ୍ତେ ତାଲିମ ଶିବିର, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓସ୍ତା) ତରଫରୁ ଶିଶୁ ଉତ୍ସବ, ସ୍ଥାନ: ଟାଉନ ହାଇସ୍କୁଲ, ପଦ୍ମପୁର, ସମୟ: ସକାଳ ୯ଟା ୩୦।
- ବରଗଡ଼ ଧନୁଯାତ୍ରା କଳାକାରମାନଙ୍କ ପୂର୍ବାଭ୍ୟାସ, ସ୍ଥାନ: ଗାନ୍ଧିଛକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦

**କଳାହାଣ୍ଡି**
- ବ୍ରିଜ ନିର୍ମାଣ ଦାବିରେ ଗଣଧାରଣା, ସ୍ଥାନ: ଭବାନୀପାଟଣା ବ୍ଲକ ତୁର୍କେଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ଶ୍ରୀଅରବିନ୍ଦ ଶିକ୍ଷା ଶିବିର, ସ୍ଥାନ: କେସିଙ୍ଗା ବ୍ଲକ ବୋରିଆ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଦାବିହୀନ ଜମା ରାଶି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ତୃତୀୟ ଦିବସ, ସ୍ଥାନ: ଭୈରବୀ ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ପିପିଲିପାଲି ସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ପରିସର, ସମୟ: ସକାଳ ୯ଟା।

**ନୂଆପଡ଼ା**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଡୁମେରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ବିଘ୍ନରାଜ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ସଚେତନତା ଶିବିର, ସ୍ଥାନ: ନିଳାଦ୍ରି ବିହାର ପ୍ରାଙ୍ଗଣ ନୂଆପଡ଼ା, ସମୟ: ସକାଳ ୧୦ଟା।
- ଆଦିବାସୀ ଓ ହରିଜନ ସେବାଶ୍ରମରେ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: କୋମନା ବ୍ଲକ ମିଛାପାଲି ସେବାଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡିଏମ୍ଏଫ୍ ଅଡିଟୋରିୟମ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ମହିଳାଙ୍କୁ ଦଳିଦେଲା ହାତୀ

**କଣ୍ଟାବାଞ୍ଜି,୧୧।୧୨(ଗୁରୁଦୟାଳ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ଥାନା ବଡ଼ବାଙ୍କୀ ପଞ୍ଚାୟତ ସାନବାଙ୍କୀ ଗ୍ରାମରେ ବୁଧବାର ରାତିରେ ହାତୀ ଦଳିଦେବାରୁ ମନ୍ଦାର ପୁଟେଲ(୩୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ସତ୍ୟାନନ୍ଦ ପୁଟେଲ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ନୂଆପଡ଼ା ଜିଲା ଖରିଆର ମିଶନ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ସକାଳେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଗତ କିଛି ଦିନ ହେଲା ୩୦ଟିକିଆ ହାତୀପଲ ସେହି ଅଞ୍ଚଳରେ ଫସଲ ଖାଇଯାଇଥିବାବେଳେ ଘରଦ୍ୱାର ଭାଙ୍ଗି ଦେଉଛନ୍ତି। ବନ ବିଭାଗ ପକ୍ଷରୁ ଗଜସାଥୀ ସହାୟତାରେ ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନିଆଯାଉନାହିଁ। ଫଳରେ ହାତୀପଲଙ୍କ ଉପଦ୍ରବ ବଢିଚାଲିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ହାତୀପଲ ସାନବାଙ୍କୀ ଗ୍ରାମରେ ପଶି ଘରଦ୍ୱାର ଭାଙ୍ଗିଥିଲେ। ସତ୍ୟାନନ୍ଦଙ୍କ ଘର ଭାଙ୍ଗି ଦେଇ ଘରେ ଶୋଇଥିବା ସ୍ୱାମୀସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ସତ୍ୟାନନ୍ଦ ଗୁରୁତର ହୋଇଥିବାବେଳେ ମନ୍ଦାରଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାଟିଶୁଣି ଲୋକେ ଘଉଡ଼ାଇ ଦେବାରୁ ହାତୀପଲ ଚାଲିଯାଇଥିଲେ। ତୁରେକେଲା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୦୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରାକେଶ କୁମାର ବେହେରା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ହାତକୁ ନେଇଥିବା କାମଟି ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ବିଳାସପୂର୍ଣ୍ଣ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ବନ୍ଧୁଙ୍କ ସହ ମଧୁର ସ୍ମୃତିର ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ଗୃହ, ଭୂମି, ଗାଡି, ମୋଟର, ବନ୍ଧୁବାନ୍ଧବ, ସହକର୍ମୀ, କରଜ, ଟଙ୍କା ପଇସା ପ୍ରଭୃତି ପାଇବାରେ ସଫଳ ହୋଇପାରନ୍ତି।

**ବୃଷ** ରାଶ୍ୟାଧିପ ଶୁକ୍ର ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ଭିତରେ ରହିବ। ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତିଲାଭ କରିବେ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** ଚତୁର୍ଥସ୍ଥାନରେ ଚନ୍ଦ୍ର ଓ କେତୁଙ୍କ ସମ୍ପର୍କ କାରଣରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ଦେଖାଦେବ। ପ୍ରତ୍ୟେକ କ୍ଷେତ୍ରରେ ଉତ୍ତେଜନାମୂଳକ କଥା କିମ୍ବା ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା କଷ୍ଟକର ହୋଇଯିବ। ବାଣିଜ୍ୟ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ମିଥ୍ୟାଭିଯୋଗ ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ** କୌଣସି ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସ୍ୱାସ୍ଥ୍ୟପ୍ରତି ସତର୍କତା ଅବଲମ୍ବନ ନ କଲେ ପଶ୍ଚାତାପ କରିବାକୁ ପଡିପାରେ।

**ସିଂହ** ସରକାରୀ ସ୍ତରରୁ ଅର୍ଥପ୍ରାପ୍ତିର ସୂଚନା ପାଇ ମନ ଖୁସି ହୋଇଯିବ। ଶତ୍ରୁ ମନୋଭାବ ପୋଷଣ କରୁଥିବା ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ଶିଳ୍ପ, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ମନ୍ଦ ହେବନାହିଁ। ଆନୁଷ୍ଠାନିକ କାମରେ ଯୋଗଦେଇ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରିବେ।

**କନ୍ୟା** ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି ତାହା ପାଇବା କଷ୍ଟକର ହୋଇପାରେ। ବନ୍ଧୁଙ୍କ ପରାମର୍ଶରେ କଳା, ସାହିତ୍ୟ, ସଂସ୍କୃତି ପ୍ରତି ଅନୁରାଗ ଜାଗ୍ରତ ହୋଇପାରେ। ଯାତ୍ରା ସମୟରେ ସାବଧାନତା ଅବଲମ୍ବନ ନ କଲେ ଅସୁବିଧା ଭୋଗିବେ। ପିଲାଙ୍କ ପଢ଼ାକୁ ନେଇ ଚିନ୍ତା ବଢ଼ିଯିବ। ଘରକୁ ବନ୍ଧୁ ଆଗମନ ଘଟିପାରେ।

**ତୁଳା** ଶୁକ୍ର ପ୍ରଭାବରୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ । କର୍ମକ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘଦିନରୁ ଲାଗିରହିଥିବା କଚେରି ମାମଲା ସକାଶେ ଚିନ୍ତା ବଢିପାରେ। ଆନୁଷ୍ଠାନିକ କାମରେ ପାରିପାର୍ଶ୍ୱିକ ପରିସ୍ଥିତି ପ୍ରାୟତଃ ଅନୁକୂଳ ମନେହେବ।

**ବିଛା** ବନ୍ଧୁଙ୍କ ନିମନ୍ତ୍ରଣ ପାଇ ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂରେଇଯିବ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପାରେ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ାଇବା ସକାଶେ ନୂତନ ପଦକ୍ଷେପ ନେଇପାରନ୍ତି।

**ଧନୁ** ସହକର୍ମୀଙ୍କ ସହଯୋଗରେ କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିପାରିବେ। ସରକାରୀ ସ୍ତରରୁ ସକାଳୁ ଶୁଭଖବର ପାଇ ଉଲ୍ଲସିତ ହେବେ। ବ୍ୟବସାୟରେ ଲାଭ ମିଳିବ ମାତ୍ର ପରିବହନରେ ଝଗଡ଼ାର ଆଶଙ୍କାକୁ ଏଡି ହେବନାହିଁ। ବୈଷୟିକ ଅଭିବୃଦ୍ଧି କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର** ସାହାଯ୍ୟର ପ୍ରତିଶ୍ରୁତି ଦେଇ ବନ୍ଧୁ ମନରେ ଆନନ୍ଦ ସୃଷ୍ଟି କରିବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ନିର୍ମାଣାଧୀନ କାମ ଅଟକି ରହିଯାଇପାରେ। ଅସମର୍ଥିତ ସୂତ୍ରରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହେବ। ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ଭାବେ ମିତ୍ରତା ଆଚରଣ କରିପାରନ୍ତି।

**କୁମ୍ଭ** ନୂତନ ଯୋଜନା ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଆଶ୍ୱସ୍ତି ଦେବ। ଭାବପ୍ରବଣତାରେ ହଜି ନ ଜାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟାକରିବା ଭଲ ହେବ। ଆଜିର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷଭାବେ ଅନୁକୂଳ ରହିବ।

**ମୀନ** କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବନ୍ଧୁଙ୍କ ଘରୋଇ ସମସ୍ୟା ଶୁଣି ମନ ବିଚଳିତ ରହିପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ଉନ୍ନତି ପରିଲକ୍ଷିତ ହେବ।

ଆଜି ଡିସେମ୍ବର ୧୨ ତାରିଖ, ସ୍ୱଦେଶୀ ଦିବସ, ପୌଷ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ସିଦ୍ଧାନ୍ତଦର୍ପଣ ପ୍ରଣେତା ପଠାଣି ସାମନ୍ତ ଏବଂ ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ଉତ୍ତରାଫାଲଗୁନୀ/ସିଂହ, ଦିବା ଘ.୧୦.୨୧ ଗତେ କନ୍ୟାଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୫ ଗତେ ଘ. ୦୬.୫୮ ମଧ୍ୟେ, ଘ.୦୭.୪୨ ଗତେ ଘ.୦୮.୫୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦.୧୯ ଗତେ ଘ.୧୧.୪୦ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆମ୍ବ ବଉଳିଲା ଶିମ୍ବ ବଉଳିଲା**
**ପଛେ ବଉଳିଲା କେନ୍ଦୁ**
**ତୋରାଣି ନଦେଇ ମେଲାଣି ଦେଲେ**
**ସଡ଼କ ତଳିଆ ବନ୍ଧୁ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି। ଦୁନିଆରେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ ବନ୍ଧୁଙ୍କୁ ଇତର ଭଳି ବ୍ୟବହାର ଦେଖାଇଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ଯତ୍ କିଞ୍ଚିତ ଦେଇ ବୋଧ କରି ବିଦାୟ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖିର କଜ୍ଜଳ ସହିହୁଏ,**
**ଟିରିକି କଜ୍ଜଳ ସହି ହୁଏ ନାହିଁ ।**

ଟିରିକି ଅର୍ଥ ଶତ୍ରୁ। ଶତ୍ରୁର ଉନ୍ନତିକୁ କେହି ସହଜରେ ଗ୍ରହଣ କରିପାରି ନ ଥାନ୍ତି। ପ୍ରତିବାଦୀ ଆଖିରେ ଶତ୍ରୁର ଆଡ଼ମ୍ବର ଅସହିଷ୍ଣୁତା ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଭାରତ ଉପରେ...

ସରକାର ଯୁକ୍ତି ବାଢ଼ିଛନ୍ତି, ଦେଶରେ ସ୍ଥାନୀୟ ନିଯୁକ୍ତି ଓ ବିନିର୍ମାଣକୁ ସୁରକ୍ଷା ଦେବା ପାଇଁ ଏଭଳି ଉଚ୍ଚ ଟାରିଫ୍‌ର ଆବଶ୍ୟକତା ରହିଛି। ଏହି ଆଡ୍‌ଜଷ୍ଟମେଣ୍ଟ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ମେକ୍ସିକୋର ସାମଗ୍ରୀଗୁଡ଼ିକୁ ଓ ଗୁରୁତ୍ୱପୂର୍ଣ୍ଣ ସେକ୍ଟରରେ ନିଯୁକ୍ତିକୁ ପ୍ରୋତ୍ସାହିତ କରିବ ବୋଲି ସିନେଟ୍ ଇକୋନୋମି କମିଟି ଚେୟାରମ୍ୟାନ୍ ଇମାନୁଏଲ୍ ରେୟେସ୍ କହିଛନ୍ତି। ଏହା କେବଳ ରାଜସ୍ୱ ବୃଦ୍ଧି ନିମନ୍ତେ ଏକ ପଦକ୍ଷେପ ନୁହେଁ, ବରଂ ମେକ୍ସିକୋ ଜନସାଧାରଣଙ୍କ ସାମୂହିକ କଲ୍ୟାଣ ନିମନ୍ତେ ଏକ ଅର୍ଥନୀତି ଓ ବାଣିଜ୍ୟ ନୀତିକୁ ମାର୍ଗଦର୍ଶନ ପାଇଁ ଉଦ୍ଦିଷ୍ଟ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବିଶ୍ଳେଷକଙ୍କ ମତରେ ମେକ୍ସିକୋର ଆମେରିକା-ମେକ୍ସିକୋ-କାନାଡା ଏଗ୍ରିମେଣ୍ଟ (ୟୁଏସ୍ଏମ୍‌ସିଏ)ର ପରବର୍ତ୍ତୀ ସମୀକ୍ଷା ପୂର୍ବରୁ ଆମେରିକାକୁ ଖୁସି କରିବା ପାଇଁ ମେକ୍ସିକୋ ସରକାର ଟାରିଫ୍ ବୃଦ୍ଧି ନିଷ୍ପତ୍ତି ନେଇଛନ୍ତି। ଏହା ଆସନ୍ତା ବର୍ଷ ମେକ୍ସିକୋ ରାଜକୋଷରେ ଅତିରିକ୍ତ ୩.୭୬ ବିଲିୟନ୍ ଡଲାର ଯୋଡ଼ିବା ସହ ଦେଶର ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବ ବୋଲି ସେଠାକାର ସରକାର ଆଶାବାଦୀ।

### ସର୍ବାଧିକ ପ୍ରଭାବିତ...

ଭଳି ବୃହତ୍ ରପ୍ତାନିକାରୀ ପ୍ରଭାବିତ ହେବେ। ରଏଟର୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତୀୟ ଶିଳ୍ପ ଏହି ହାଇକ୍ ରୋକିବା ପାଇଁ ଲବି କରିଥିଲା। ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକ୍ଚର୍ସ (ଏସ୍ଆଇଏଏମ୍) ପକ୍ଷରୁ ବାଣିଜ୍ୟ ମନ୍ତ୍ରଣାଳୟକୁ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଥିଲା। ମେକ୍ସିକୋ ସରକାରଙ୍କ ସହ ଭାରତ ସରକାର ଆଲୋଚନାକରି ଟାରିଫ୍ ବୃଦ୍ଧି ବନ୍ଦ କରନ୍ତୁ ବୋଲି ଏସ୍ଆଇଏଏମ୍ ନିବେଦନ କରିଥିଲା। ତେବେ ଏହା ଫଳପ୍ରଦ ହୋଇ ନ ଥିବା ଜଣାପଡ଼ିଛି।

### ଲୁଥ୍ରା ଭ୍ରାତା...

ଫୁକେଟ୍‌କୁ ବିମାନ ଟିକେଟ ବୁକ୍ କରି ଇଣ୍ଡିଗୋ ବିମାନ ଯୋଗେ ଦେଶ ଛାଡ଼ି ପଳାଇଯାଇଥିଲେ। ନାଇଟ୍ କ୍ଲବ୍‌ର ପରିଚାଳନା ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଲୁଥ୍ରା ଭ୍ରାତାଙ୍କୁ ଗୋଆ ପୋଲିସ ନ ପାଇବାରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ସହଯୋଗ ଲୋଡ଼ିଥିଲା। ସେମାନଙ୍କ ବିରୋଧରେ ଇଣ୍ଟରପୋଲ୍ ବ୍ଲୁ କର୍ନର ନୋଟିସ ଜାରି କରିବାରେ ସିବିଆଇ ସହାୟତା କରିଥିଲା। ଅନ୍ୟପକ୍ଷରେ ଧରାପଡ଼ିବା ପରେ ଲୁଥ୍ରା ଭ୍ରାତା କହିଛନ୍ତି, ସେମାନେ ଭାରତ ଫେରିବାକୁ ଯୋଜନା କରୁଥିଲେ। ସେମାନେ ଆଇନ ପାଳନକାରୀ ନାଗରିକ ଏବଂ ଆଇନଗତ ପ୍ରକ୍ରିୟାକୁ ଏଡ଼ାଇଯିବାର ଉଦ୍ଦେଶ୍ୟ ସେମାନଙ୍କର ନ ଥିଲା। ଉଭୟ ଦେଶର ଅଧିକାରୀମାନଙ୍କ ସୂଚନା ଅନୁଯାୟୀ, ଫୁକେଟ୍‌ରେ ଅଟକ ଥିବା ଲୁଥ୍ରା ଭ୍ରାତାଙ୍କ ସୁରକ୍ଷିତ ଭାରତ ପ୍ରତ୍ୟାବର୍ତ୍ତନ ଲାଗି ଔପଚାରିକ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ନାଇଟ୍ କ୍ଲବ୍‌ର ଅନ୍ୟତମ ମାଲିକ ଅଜୟ ଗୁପ୍ତାଙ୍କୁ ଗୋଆର ଏକ ଅଦାଲତ ଗୁରୁବାର ୭ ଦିନିଆ ପୋଲିସ ହାଜତକୁ ପଠାଇ ଦେଇଛନ୍ତି। ଗୁପ୍ତାଙ୍କୁ ଗତ ବୁଧବାର ଦିଲ୍ଲୀରୁ ଗିରଫ କରାଯାଇ ଜେରା ପାଇଁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଗୋଆ ଅଣାଯାଇଥିଲା।

### କଥା ବୁଝୁଛି...

ଭାଷା ବୁଝିପାରିବ। ଏହି କ୍ଷମତା ରୋବୋକୁ ପିଲା ଓ ବୃଦ୍ଧ ସମେତ ଅନ୍ୟ ବୟସର ବ୍ୟବହାରକାରୀ ପାଇଁ ସହଜ କରିଥାଏ, ଯେଉଁମାନେ କଥିତ ଆଦେଶ ଅପେକ୍ଷା ପ୍ରାକୃତିକ ଇଙ୍ଗିତ ଉପରେ ଅଧିକ ନିର୍ଭର କରିଥାନ୍ତି। ଉକ୍ତ ସିଷ୍ଟମ ବ୍ୟବହାରକାରୀଙ୍କୁ ସ୍ୱାଗତ କରିବା, ଦିଗ୍‌ଦର୍ଶନ ଦେଇପାରିବା, ମନୁଷ୍ୟ ଭଳି ପ୍ରଶ୍ନର ଉତ୍ତର ଦେବା ଭଳି କାର୍ଯ୍ୟ କରିପାରିବ। ଟେକ୍ସଟ ଆଧାରିତ ପ୍ରଶ୍ନ ଭଳି ବ୍ୟବହାରକାରୀଙ୍କ ଇନ୍‌ପୁଟ୍ ପ୍ରକ୍ରିୟାକରଣ ପାଇଁ ରାସ୍ପବେରୀ ପାଇ ସିଷ୍ଟମ ବ୍ୟବହାର କରିଥାଏ। ଏଲ୍ଏଲ୍ଏମ୍ ଏହି ଇନ୍‌ପୁଟ୍‌ର ବିଶ୍ଳେଷଣ କରେ, ପ୍ରସଙ୍ଗ ନିର୍ଣ୍ଣୟ କରିବା ସହିତ ଉତ୍ତର ଦେଇଥାଏ।

ଏହି ଗବେଷଣାକୁ ନେଇ ବିଭାଗର ଆସୋସିଏଟ୍ ପ୍ରଫେସର ଅନୁପ ନନ୍ଦୀ କହିଛନ୍ତି, ସ୍ୱଦେଶୀ ଭାବେ ବିକଶିତ ରୋବୋଟିକ୍ ସିଷ୍ଟମ ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ପଦକ୍ଷେପ ସହିତ ଗୁରୁତ୍ୱପୂର୍ଣ୍ଣ ଭାବେ ସମନ୍ୱିତ ହୋଇଛି। ବିଶ୍ୱସ୍ତରରେ ଉପଲବ୍ଧ ଅନ୍ୟ ସିଷ୍ଟମ ତୁଳନାରେ ଏନ୍ଆଇଟି ରାଉରକେଲାର ଏହି ରୋବୋ ଏକ ଅନନ୍ୟ ସମନ୍ୱିତ ଢାଞ୍ଚା ପ୍ରଦାନ କରେ, ଯାହା ଭାରତୀୟ ପରିବେଶ ପାଇଁ ଉପଯୁକ୍ତ। ଏହା ସୁଲଭ ମୂଲ୍ୟରେ ମିଳିବା ସହିତ ଫିଚର ବହନ କରୁଛି। ରୋବୋ ଯାତାୟାତ କରିବା ପାଇଁ ଚକ ଆଧାରିତ ପ୍ଲାଟଫର୍ମ ଓ ନାଭିଗେଶନ ସିଷ୍ଟମ ଖଞ୍ଜାଯାଇଛି। ବିଲ୍ଟ ଇନ୍ ଡିଷ୍ଟାନ୍ସ ସେନ୍ସିଂ ମଡ୍ୟୁଲ ଏହାର ବାଧାଗୁଡ଼ିକ ଏଡାଇବା ଓ ଭିଡ ସ୍ଥାନରେ ସୁରକ୍ଷିତ ଯାତାୟାତ କରିବା ପାଇଁ ସକ୍ଷମ କରିଥାଏ। ଏହି ସିଷ୍ଟମ ବୟସ୍କ ବ୍ୟକ୍ତିମାନଙ୍କ ଇଙ୍ଗିତ, ମୁଖମଣ୍ଡଳ ଅଭିବ୍ୟକ୍ତି ଚିହ୍ନଟ କରି ସାଥୀ ଭାବେ ସହାୟତା ପ୍ରଦାନ କରି ସରଳ ନିର୍ଦ୍ଦେଶଗୁଡ଼ିକର ଉତ୍ତର ଦେଇପାରିବ। ସେହିପରି ଶିକ୍ଷାକ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବ। ସର୍ବୋପରି ଏକ ବନ୍ଧୁ ପରି ସାହାଯ୍ୟ କରିପାରିବ। ଉତ୍ପାଦନ ସ୍କେଲ ଓ ଉତ୍ପାଦନ ଅପ୍ଟିମାଇଜେଶନ ଉପରେ ଆଧାର କରି ଏନ୍ଆଇଟି ରାଉରକେଲାରେ ବିକଶିତ ଏହି ରୋବୋର ମୂଲ୍ୟ ଆନୁମାନିକ ୮୦ରୁ ୯୦ ହଜାର ଟଙ୍କା ହେବ ବୋଲି ବୋଲି ପ୍ରଫେସର ନନ୍ଦୀ କହିଥିଲେ।

### ସେମିଳିଗୁଡ଼ାରେ ୩.୫...

୬.୮ ଡିଗ୍ରୀ ରହିଥିବାବେଳେ ସ୍ୱାଭାବିକ ତାପମାତ୍ରାଠାରୁ -୬.୮ଡିଗ୍ରୀ କମ୍ ରହିଥିଲା। ଫଳରେ ଏହି ଅଞ୍ଚଳରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହୋଇଥିଲା। ଅନୁଗୋଳରେ ୮ଡିଗ୍ରୀ ତାପମାତ୍ରା ରେକର୍ଡ ହେବା ସହିତ ପ୍ରବଳ ଥଣ୍ଡା ଲାଗି ରହିଥିଲା। ଏଠାରେ ସ୍ୱାଭାବିକ ତାପମାତ୍ରାଠାରୁ -୬.୨ ଡିଗ୍ରୀ ତାପମାତ୍ରା କମ୍ ରହିଥିଲା। ରାଉରକେଲା ଏବଂ କୋରାପୁଟରେ ଘନ କୁହୁଡ଼ି ଯୋଗୁ ଯାତାୟାତରେ ବାଧା ଉପୁଜିଥିଲା। ସେହିପରି ଫୁଲବାଣୀ, ଭବାନୀପାଟଣା ଏବଂ ଚାନ୍ଦବାଲିରେ ମଧ୍ୟମ ଧରଣର କୁହୁଡ଼ି ଦୃଶ୍ୟମାନ ହୋଇଥିଲା। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ପାରଦ ତଳମୁହାଁ ହେବାରେ ଲାଗିଛି। ଡିସେମ୍ବର ୫ରେ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ୬ ତାରିଖରେ ୧୩ଡିଗ୍ରୀ, ୭ରେ ୧୧.୯, ୮ରେ ୧୨.୧, ୯ରେ ୧୩.୭, ୧୦ରେ ୧୩ ଏବଂ ୧୧ ତାରିଖରେ ୧୧.୮ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। କଟକରେ ମଧ୍ୟ ତାପମାତ୍ରା ହ୍ରାସ ପାଇଥିବାବେଳେ ୧୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅପରପକ୍ଷେ ଆଗାମୀ ୨ଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, ଭଦ୍ରକ ଏବଂ କଳାହାଣ୍ଡି ଜିଲାରେ ଘନ କୁହୁଡ଼ି ଦେଖାଦେବା ନେଇ ପାଣିପାଗ ବିଭାଗ ୱାର୍ନିଂ ଜାରି କରିଛି। ସେହିପରି ଶୁକ୍ରବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଆଦି ଜିଲାରେ ଶୀତ ଲହରୀ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।




# ସବୁ ଜିଲାରେ ହେବ ସୁଭଦ୍ରା ଶକ୍ତିମେଳା: ଉପମୁଖ୍ୟମନ୍ତ୍ରୀ

## ଚଳିତ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ୧୮୪ ଟଙ୍କା ପ୍ରଦାନ



ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅଧିକାରୀ।

ଭୁବନେଶ୍ୱର,୧୧।୧୨(ସୁଚିସ୍ମିତା ସାହୁ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗର କ୍ଷେତ୍ର ଅଧିକାରୀ ତଥା ଜିଲା ପ୍ରକଳ୍ପ ପରିଚାଳକ (ଡିପିଏମ୍) ଏବଂ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) କାର୍ଯ୍ୟକାରିତା ଉପରେ ଏକ ଆଭାସୀ ସମୀକ୍ଷା ବୈଠକ ଗୁରୁବାର ଲୋକସେବା ଭବନସ୍ଥିତ ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୩୬ତମ କୋଣାର୍କ ମହୋତ୍ସବରେ ପୁରୀ ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳାର ସଫଳତା ପରେ ସମସ୍ତ ଜିଲାରେ ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଆୟୋଜନ କରାଯିବ ଏବଂ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟୋଗୀଙ୍କୁ ସୁଯୋଗ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଯାବତ୍ ଚଳିତ ଆର୍ଥିକ ବର୍ଷରେ ୧.୬୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସଂଯୋଗ ମାଧ୍ୟମରେ ୧୦ ଲକ୍ଷ ୧୮୪ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ତୁଳନାରେ ବ୍ୟାଙ୍କ ଋଣ ସୁଧ ଫେରସ୍ତ ଅଧିକ ସଂଖ୍ୟାରେ ହୋଇଛି। ଏହି ଅବସରରେ କ୍ଷେତ୍ରସ୍ତରୀୟ ଆର୍ଥିକ କାର୍ଯ୍ୟକଳାପ, ବ୍ୟାଙ୍କ ସମ୍ବନ୍ଧୀୟ, ଋଣ ସମ୍ବନ୍ଧୀୟ ଆଦି ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମିଳୁଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟ (ଜି ଟୁ ବି) ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସେମାନଙ୍କ କାର୍ଯ୍ୟ ଓ ଉତ୍ପାଦଗୁଡ଼ିକର ଗୁଣବତ୍ତାକୁ ଧ୍ୟାନ ଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଡିପିଏମ୍ ଏବଂ ଡିପିସିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିପିଏମ୍ ଏବଂ ଡିପିସିମାନେ ଦାୟିତ୍ୱବାନ୍ ଓ ଉତ୍ତରଦାୟୀ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅତିରିକ୍ତ ସଚିବ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଶାନ୍ତି ବଜାୟ ରଖିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

- ମାଲକାନଗିରିରେ ସ୍ଥିତି ସମୀକ୍ଷାକଲେ କନକ ବର୍ଦ୍ଧନ ଓ ଗୋକୁଳାନନ୍ଦ
- ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରମୁଖ ଶାନ୍ତି ବୈଠକରେ ଆଲୋଚନା କରୁଛନ୍ତି।

ମାଲକାନଗିରି, ୧୧।୧୨ (ଦୁର୍ଯ୍ୟୋଧନ ପାତ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୁରୁବାର ମାଲକାନଗିରି ଜିଲା ଗସ୍ତରେ ଆସି ସ୍ଥିତିର ସମୀକ୍ଷା କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ପ୍ରଥମେ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ। ଏମ୍‌ଭି-୨୬ ଗ୍ରାମରେ ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଉପରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି କନୱାର ବିଶାଲ ସିଂ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ଥିଲେ। ବୈଠକରେ ଜିଲା ଆଦିବାସୀ ସଂଘ ଓ ଜିଲା ବଙ୍ଗାଳି ସମାଜ ନେତୃବୃନ୍ଦଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଉଭୟ ପକ୍ଷ ନିଜ ନିଜର ଦାବି ଉପସ୍ଥାପନ କରିଛନ୍ତି। ଉଭୟ ପକ୍ଷଙ୍କ ଦାବି ଶୁଣିବା ପରେ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରାଯିବ ଏବଂ ପରବର୍ତ୍ତୀ ସମୟରେ ଏହା ଉପରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବେ ବୋଲି ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ସୂଚନା ଦେଇଛନ୍ତି। ଜିଲାରେ ପୂର୍ବଭଳି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବାକୁ ସିଂଦେଓ ଆହ୍ୱାନ ଦେଇଛନ୍ତି। ସେହିପରି ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ କଡା ନଜର ରଖିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ। ଏମ୍‌ଭି ୨୬ ଗ୍ରାମରେ କ୍ଷୟକ୍ଷତିର ଆକଳନକରି ତ୍ୱରିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷେ ଧୀରେ ଧୀରେ ଏମ୍‌ଭି-୨୬ ଗ୍ରାମର ସ୍ଥିତି ସୁଧୁରୁଛି। ପ୍ରତ୍ୟେକ ଘରର କ୍ଷତି ହୋଇଥିବା ସମସ୍ତ ସମ୍ପତ୍ତିକୁ ଅତି ଗୁରୁତର ସହ ଆକଳନ କରୁଛି ଜିଲା ପ୍ରଶାସନ। ତଦନୁରୂପେ ଜିଲା ପ୍ରଶାସନ ପକ୍ଷରୁ ଏମ୍‌ଭି-୨୬ ଗ୍ରାମର ଲୋକଙ୍କୁ ରୋଷେଇ ସାମଗ୍ରୀ, ଆବଶ୍ୟକ ପୋଷାକ, ମଗ, ବାଲ୍ଟି ଓ କମ୍ବଳ ଇତ୍ୟାଦି ଜରୁରୀ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ଓଡ଼ିଶା ରେଡ୍‌କ୍ରସ୍ ରାଜ୍ୟ ଶାଖାକୁ ଅବଗତ କରାଯାଇଛି। ଏମ୍‌ଭି-୨୬ ଗ୍ରାମର ସମୁଦାୟ ୨୩୪ଟି ଦୋକାନ ଓ ଗୃହ ନିମନ୍ତେ ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

## ୨୪ ଘଣ୍ଟା ବଢ଼ିଲା ଇଣ୍ଟରନେଟ୍ କଟକଣା

ସୋସିଆଲ ମିଡିଆ ଦ୍ୱାରା ମାଲକାନଗିରି ଜିଲାରେ ହିଂସା ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଗୁରୁବାର ପୁଣି ଇଣ୍ଟରନେଟ୍ ସେବା କଟକଣାକୁ ଆଉ ୨୪ ଘଣ୍ଟା ପାଇଁ ବୃଦ୍ଧି କରିଛନ୍ତି। ୧୨ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। କ୍ରମାଗତ ଚତୁର୍ଥ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ସମୟସୀମା ବୃଦ୍ଧି କରାଯାଇଛି। ୮ ତାରିଖରେ ପ୍ରଥମେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଥିଲା, ପରେ ୯ ତାରିଖରେ ୧୮ ଘଣ୍ଟା ବୃଦ୍ଧି କରାଯାଇଥିଲା। ଏହା ପରେ ପୁଣି ଥରେ ୧୦ ତାରିଖରେ ଏହାକୁ ଆଉ ୨୪ ଘଣ୍ଟା ପାଇଁ ବୃଦ୍ଧି କରାଯାଇଥିଲା। ଗୁରୁବାର ଶେଷ ହେବାକୁ ଥିବା ଏହି କଟକଣାକୁ ସମ୍ବେଦନଶୀଳ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ଆଉ ୨୪ ଘଣ୍ଟା ବୃଦ୍ଧି କରାଯାଇଛି। ଜିଲାରେ ଶାନ୍ତି ବଜାୟ ରଖିବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି। ଇଣ୍ଟରନେଟ୍ କଟକଣାରୁ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ରେଲୱେ ସେବାକୁ ବାଦ୍ ଦିଆଯାଇଛି।

# ‘ସମୟ ଅଛି ଜମି ଫେରାଅ, ନ ହେଲେ ଉଚ୍ଛେଦ ଟଙ୍କା ବି ଆଦାୟ ହେବ’

## ଜବରଦଖଲକାରୀଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ ଚେତାବନୀ

ଭୁବନେଶ୍ୱର, ୧୧।୧୨(ସୁନିତ୍ ମିଶ୍ର)

ପ୍ରଭାବଶାଳୀ ଜମି ଜବରଦଖଲକାରୀମାନଙ୍କୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇଛନ୍ତି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏବେ ସମୟ ଅଛି ଜମି ଫେରାଇଦିଅ। ନ ହେଲେ ଉଚ୍ଛେଦ ପାଇଁ ଯେଉଁ ଟଙ୍କା ଖର୍ଚ୍ଚ ହେବ ତାକୁ ମଧ୍ୟ ଜବରଦଖଲକାରୀଙ୍କଠାରୁ ସରକାର ଆଦାୟ କରିବେ। ଜବରଦଖଲକାରୀଙ୍କଠାରୁ ଉଚ୍ଛେଦ ଖର୍ଚ୍ଚ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇସାରିଛି। ଜବରଦଖଲକାରୀଙ୍କ ଡାଟାବେସ୍ ପ୍ରସ୍ତୁତ ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୩୨୦ ତହସିଲରେ ଶିଳ୍ପ ଜମି, ରାଜସ୍ୱ ବିଭାଗ ଜମି, ଜବରଦଖଲ ଜମି କେତେ ତା’ର ତଥ୍ୟ ସଂଗ୍ରହ ଚାଲିଛି। ଆବଶ୍ୟକତା ପାଇଁ ଭୂମିହୀନ ଗରିବ ଜବରଦଖଲ କରିଥିଲେ ସେମାନଙ୍କୁ ୪ ଡିସିମିଲ ଜମି ସରକାର ଦେବେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

ଗତ ୯ ତାରିଖରେ ବିଜେଡି ସଦସ୍ୟ ସୁବାସିନୀ ଜେନା ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଛନ୍ତି, ରାଜ୍ୟରେ ୨୪୮୮୨୧୦.୫ ହେକ୍ଟର ଅଞ୍ଚଳ ନୋଟିଫାଏଡ୍ ରିଜର୍ଭଡ ଫରେଷ୍ଟ, ୮୫୩୮୪୪.୦୨ ହେକ୍ଟର ଅଞ୍ଚଳ ପ୍ରପୋଜଡ୍ ରିଜର୍ଭଡ ଫରେଷ୍ଟ ଓ ୯୨୫୮୯.୯୬ ହେକ୍ଟର ଅଞ୍ଚଳ ପ୍ରୋଟେକ୍ଟେଡ୍ ଫରେଷ୍ଟ ଓ ୪୭୪୦୦.୫୩ ହେକ୍ଟର ଅଞ୍ଚଳ ଭିଲେଜ ଫରେଷ୍ଟ ଅଛି। ଏଥିମଧ୍ୟରୁ ୨୦୯୬୪.୨୬ ହେକ୍ଟର ଅଞ୍ଚଳର ନୋଟିଫାଏଡ୍ ରିଜର୍ଭଡ ଫରେଷ୍ଟ, ୨୬୦୫୫.୨୬ ହେକ୍ଟର ଅଞ୍ଚଳର ପ୍ରପୋଜଡ୍ ରିଜର୍ଭ ଫରେଷ୍ଟ, ୯୭୬.୯୯ ହେକ୍ଟର ଅଞ୍ଚଳର ପ୍ରୋଟେକ୍ଟେଡ୍ ଫରେଷ୍ଟ ଓ ୧୬୬ ହେକ୍ଟର ଅଞ୍ଚଳ ଭିଲେଜ ଫରେଷ୍ଟ ଜବରଦଖଲରେ ରହିଛି। ଏହିସବୁ ଜଙ୍ଗଲଜମି ଜବରଦଖଲ ମୁକ୍ତ କରିବା ଲାଗି ମୋଟ୍ ୭୫୮୦ ମାମଲା ରୁଜୁ କରାଯାଇଛି। ୧୬୧୭୮.୪୭ ହେକ୍ଟର ଅଞ୍ଚଳ ଜବରଦଖଲ ମୁକ୍ତ କରାଯାଇଛି।

ରାଜ୍ୟରେ କେବଳ ଜଙ୍ଗଲଜମି ଜବରଦଖଲ ଅବସ୍ଥାରେ ନାହିଁ, ନିକଟରେ ଭୁବନେଶ୍ୱରର ଏକାଧିକ ସରକାରୀ କ୍ୱାର୍ଟର୍ସକୁ ମଧ୍ୟ ଜବରଦଖଲକାରୀମାନେ ଅକ୍ତିଆର କରିଥିଲେ। ସରକାରଙ୍କ ପକ୍ଷରୁ ଏକାଧିକ ଥର ଚଢ଼ାଉକରି କେତେକ କ୍ୱାର୍ଟର୍ସ ଜବରଦଖଲମୁକ୍ତ କରାଯାଇଥିଲା। ଆହୁରି ମଧ୍ୟ ଭୁବନେଶ୍ୱରର ଅନେକ ଖାଲି ସରକାରୀ ଜମିକୁ ଜବରଦଖଲ କରି ରଖାଯାଇଛି। ଏହା ଏକ ବଡ ରୋଗ ଭାବେ ରାଜ୍ୟବ୍ୟାପୀ ଉଭା ହୋଇଛି। ଖୋର୍ଦ୍ଧାରେ ଜଗନ୍ନାଥଙ୍କ ବହୁ ଜମି ଏବେ ଜବରଦଖଲକାରୀମାନଙ୍କ ଅକ୍ତିଆରରେ ରହିଥିବା ବିଷୟ ଅନେକ ସମୟରେ ଦୃଷ୍ଟିକୁ ଆସିଛି।




> ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

-ପଠାଣି ସାମନ୍ତଙ୍କ ଜୟନ୍ତୀ

# ଭବିଷ୍ୟତର ଭୟ



ଷ୍ଟିଫେନ୍ ହୋମ୍ସ

ଆମେରିକା ନୂଆ ରାଷ୍ଟ୍ରୀୟ ସୁରକ୍ଷା ରଣନୀତି ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛି। ଗତ ସପ୍ତାହରେ ଆମେରିକାର ହ୍ୱାଇଟ୍ ହାଉସ୍ ଏକ ୩୩ ପୃଷ୍ଠା ବିଶିଷ୍ଟ ଦସ୍ତାବିଜ ପ୍ରକାଶକରି ସେଥିରେ ଟ୍ରମ୍ପ ପ୍ରଶାସନ ଭବିଷ୍ୟତ ଉପରେ ବିଶ୍ୱାସକରେ ନାହିଁ ବୋଲି ସ୍ୱୀକାର କରିଛି । ଏହା ହେଉଛି ନିଆରା ଆନ୍ଦୋଳନର ସ୍ୱାକ୍ଷର, ଯାହା ଜନସାଂଖ୍ୟିକ ତଥା ସାଂସ୍କୃତିକ ପରିବର୍ତ୍ତନକୁ ଅସ୍ତିତ୍ୱଗତ ପ୍ରଳୟ ରୂପେ ଅନୁଭବ କରିଛି।

କୌଣସି ନିର୍ଦ୍ଦିଷ୍ଟ ସମ୍ବଳ, ସମୟସୀମା କିମ୍ବା ପ୍ରକ୍ରିୟା ବିନା ଏନ୍ଏସ୍ଏସ୍ ବ୍ୟାପକ ଲକ୍ଷ୍ୟ ଘୋଷଣା କରିଛି। ଏହା ଦୀର୍ଘ ମିଆଦୀ ଭବିଷ୍ୟତର ସଫଳତାକୁ ଅଣଦେଖା କରିଛି। କିନ୍ତୁ ପ୍ରକୃତରେ ବର୍ତ୍ତମାନକୁ ଛାଡ଼ି ଭବିଷ୍ୟତର କୌଣସି ମାନେ ନାହିଁ। ବିଶ୍ୱ ପରପିଢ଼ି ପାଇଁ ଯୋଜନା କରୁନାହିଁ। ଏହା ଭାଙ୍ଗିରୁଜି ଧ୍ୱଂସ କରିଦେଉଛି ଏବଂ ଅନ୍ୟର ଅଧିକାର ଛଡ଼ାଇନେଉଛି ଓ ଭୂମି ଦଖଲ କରୁଛି। ସମୟ ଓ ସୁଯୋଗ ଉପଯୋଗକରି ଶୀଘ୍ର ହାସଲ କରିବା ମନୋଭାବ ଅତ୍ୟନ୍ତ ସ୍ପଷ୍ଟ। ଏନ୍ଏସ୍ଏସ୍‌ରେ କୁହାଯାଇଛି ଯେ, ଆମର ସବୁ ଏମ୍ବାସି ସେମାନଙ୍କ ଦେଶର ମୁଖ୍ୟ ବିଜ୍‌ନେସ୍ ସୁଯୋଗଗୁଡ଼ିକ, ବିଶେଷକରି ପ୍ରମୁଖ ସରକାରୀ ଚୁକ୍ତିଗୁଡ଼ିକ ବିଷୟରେ ସଚେତନ ରହିବା ଦରକାର। ଏନ୍ଏସ୍ଏସ୍ ମଧ୍ୟ ସୂଚିତ କରିଛି ଯେ, ଆମେରିକା ସରକାରଙ୍କର ପ୍ରତ୍ୟେକ ଅଧିକାରୀ ଏହିସବୁ ଦେଶ ସହ ଆଲୋଚନା କଲାବେଳେ ଆମେରିକା କମ୍ପାନୀଗୁଡ଼ିକ କିଭଳି ପ୍ରତିଯୋଗିତାକରି ସଫଳ ହେବେ ସେଥିପାଇଁ ସାହାଯ୍ୟ କରିବା ସେମାନଙ୍କ ମୁଖ୍ୟ କାମ ବୋଲି ବୁଝିବାକୁ ପଡ଼ିବ। ଦେଖିବାକୁ ଗଲେ କୂଟନୀତି ଔପଚାରିକ ଭାବେ ବିଜ୍‌ନେସ୍ ବିକାଶ କାର୍ଯ୍ୟରେ ପରିଣତ ହୋଇଯାଇଛି।

ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲ (ଏନ୍ଏସ୍‌ସି)କୁ ପଶ୍ଚିମ ଗୋଲାର୍ଦ୍ଧରେ ବିଜ୍‌ନେସ ପ୍ରଗତି ବା ଲାଭ ପାଇଁ ରଣନୀତିକ ସ୍ଥିତି ଓ ସମ୍ବଳଗୁଡ଼ିକୁ ଚିହ୍ନଟ କରିବାକୁ ଦାୟିତ୍ୱ ଦିଆଯାଇଛି। ଫ୍ରାନ୍ସର ଦୈନିକ ଖବରକାଗଜ ଲି ମୋଣ୍ଡେ ଦର୍ଶାଇଛି ଯେ, ଏହା ହେଉଛି ଆର୍ଥିକ ଲୁଟ୍ ବା ଶୋଷଣ। କାଉନ୍‌ସିଲ ଅଫ୍ ଫରେନ୍ ରିଲେସନ୍ ଅନୁଭବ କରିଛି ଯେ, ଏହି ଏନ୍ଏସ୍ଏସ୍‌ରେ ସାଙ୍ଗଠନିକ ନୀତି ଭାବେ ବୃହତ୍ ଶକ୍ତି ମଧ୍ୟରେ ପ୍ରତିଯୋଗିତା ନାହିଁ, ବରଂ ଅର୍ଥନୀତିକୁ ଅନ୍ତିମ ବିକଳ୍ପ ଭାବେ ଉପସ୍ଥାପିତ କରାଯାଇଛି। କାଉନ୍‌ସିଲ ସଦସ୍ୟମାନେ କହନ୍ତି, ଏହି ଦସ୍ତାବିଜ ରଣନୀତି ବଦଳରେ ଅଧିକ ବିବାଦାତ୍ମକ ଏବଂ ଅଣ-ଆମେରିକୀୟମାନେ ଏହାକୁ ବାସ୍ତବରେ ଉଦ୍ଦେଶ୍ୟମୂଳକ ଦସ୍ତାବିଜ ମନେକରି ଅଗ୍ରାହ୍ୟ କରିବା ବୁଦ୍ଧିମାନର କାମ ହେବ। ଏହା ଏକ



ପ୍ରଶାସନକୁ ପ୍ରତିପାଦିତ କରେ, ଯାହା ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥା ଗଢ଼ିବାର ପ୍ରୋଜେକ୍ଟକୁ ସମ୍ପୂର୍ଣ୍ଣ ବାଦ୍ ଦେଇଛି।

ଆମେରିକାର ମିତ୍ର ରାଷ୍ଟ୍ରଗୁଡ଼ିକୁ ଏହା କିଭଳି ଦେଖୁଛି ତାହା ବିଚାର କରାଯାଉ। ୟୁରୋପ ପ୍ରତି ଏନ୍ଏସ୍ଏସ୍ ଉତ୍ତେଜକ ଭାଷା ପ୍ରୟୋଗ କରିଥିବାବେଳେ ରୁଷିଆ ଏବଂ ଅନ୍ୟ ଶତ୍ରୁମାନଙ୍କ ପ୍ରତି ବିଶେଷକରି କୋହଳ ଭାଷା ବ୍ୟବହାର କରିଛି। ଏହା କହିଛି ଯେ, ୟୁରୋପ ପ୍ରବାସନ ଏବଂ ନିୟାମକର କଣ୍ଠରୋଧ ମାଧ୍ୟମରେ 'ସଭ୍ୟତାଗତ ବିଲୋପନ' ଭଳି ବିପଦ ସୃଷ୍ଟି କରୁଛି। ଏହା ଦାବି କରିଛି ଯେ, ୟୁରୋପୀୟମାନେ ସେମାନଙ୍କ ନିଜ ସୁରକ୍ଷାକୁ ପ୍ରଥମ ଦାୟିତ୍ୱ ଭାବେ ଗ୍ରହଣ କରିଛନ୍ତି। ଏହା ମଧ୍ୟ ଘୋଷଣା କରିଛି, ୟୁରୋପୀୟ ସଂଘ ଦେଶଗୁଡ଼ିକରେ ନ୍ୟାଶନାଲିଷ୍ଟ ଓ ପପୁଲିଷ୍ଟ ପାର୍ଟିଗୁଡ଼ିକୁ ସମର୍ଥନକରି ଆମେରିକା ୟୁରୋପର ଏବକାର ରାଜନୈତିକ ଧାରାରେ ବାଧା ସୃଷ୍ଟି କରିବାରେ ଗୁରୁତ୍ୱ ଦେବ।

ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାର ସମ୍ପର୍କରେ ସେମାନଙ୍କୁ କହିବାର ଉଦାର ଅନ୍ତର୍ଜାତୀୟବାଦୀ ଅଭ୍ୟାସକୁ ଅସ୍ୱୀକାର କରିବାକୁ ଟ୍ରମ୍ପ୍ ପ୍ରଶାସନ ଦାବି କରିଛି । କିନ୍ତୁ ଏହା ଲାଟିନ ଆମେରିକୀୟ ଦେଶଗୁଡ଼ିକୁ ସେମାନଙ୍କ ବାଣିଜ୍ୟିକ ଭାଗୀଦାରି ଏବଂ ସୁରକ୍ଷା ବ୍ୟବସ୍ଥା ପସନ୍ଦ କରିବାର ସାର୍ବଭୌମତ୍ୱ ଅଧିକାରକୁ ମନା କରିଛି। ଆମେରିକାର ବୈଦେଶିକ ନୀତି 'ମୋନରୋଏ ଡକ୍ଟରାଇନ' ଭଳି ପୁନଃ ପ୍ରସ୍ତୁତ କରାଯାଇଥିବା 'ଟ୍ରମ୍ପଙ୍କ ଘୋଷଣା' ହେଉଛି ଜଣେ ରାଷ୍ଟ୍ରପତିଙ୍କ ପାଇଁ ଊନବିଂଶ ଶତାବ୍ଦୀର ବୃହତ୍-ଶକ୍ତି ରାଜନୀତି, ଯିଏ କି ଜାତୀୟ ସ୍ୱାର୍ଥ ଓ ବ୍ୟକ୍ତିଗତ ସମୃଦ୍ଧି ମଧ୍ୟରେ ତୁଳନା କରିପାରନ୍ତି ନାହିଁ। କାଟୋ ପ୍ରତିଷ୍ଠାନ 'ସବୁଦିନ ପାଇଁ ଯୁଦ୍ଧ ଲାଗି ରହିବା' ବିଷୟକୁ ଅସ୍ୱୀକାର କରିବାର କଥା ଏବଂ ଆମେରିକା ବିଶ୍ୱସ୍ତରରେ ମଧ୍ୟସ୍ଥ ହୋଇ ରହିବାର ଭିତିରି ଆଗ୍ରହ ମଧ୍ୟରେ ଏକ ବିରୋଧାଭାସ ଚିହ୍ନଟ କରିଛି। 'ଅନ୍ୟମାନଙ୍କ ତୁଳନାରେ ଆମେରିକାର ସ୍ୱାର୍ଥ ପ୍ରଥମ' ହେଉଛି ବାସ୍ତବରେ ଏକ ଆଧିପତ୍ୟ ବିସ୍ତାରକାରୀ କାର୍ଯ୍ୟକ୍ରମ। ଟ୍ରମ୍ପ୍ ପ୍ରଶାସନ ବିନା ଚାପରେ ପ୍ରାଧାନ୍ୟତା ଚାହୁଁଛି। ପ୍ରତିବଦ୍ଧତା ବିନା ସମ୍ମାନ ଏବଂ ସମ୍ପର୍କ ବିନା ଲାଭ ଚାହୁଁଛି। ଏହା ଯଥାର୍ଥରେ ବୈଦେଶିକ ନୀତି ନୁହେଁ। ଏହା ହେଉଛି ଜଣଙ୍କର ସିଦ୍ଧାନ୍ତ, ଯିଏ ପ୍ରତିଶ୍ରୁତିକୁ କେବେ ବି ପାଳନ କରି ନ ଥିଲେ। ଏହା ଆମେରିକୀୟ ନେତୃତ୍ୱର ଦୃଷ୍ଟିକୋଣ ନୁହେଁ, ବରଂ ଏହା ହେଉଛି ଭବିଷ୍ୟତ ପାଇଁ ଏକ ପାରସ୍ପରିକ ଶତ୍ରୁତା।

ଏନ୍ଏସ୍ଏସ୍ ପ୍ରବାସନକୁ ଏକ ନୀତିଗତ ଆହ୍ୱାନ ଭାବେ ନେଇନାହିଁ , ବରଂ ଏହାକୁ ଏକ 'ଆକ୍ରମଣ' ଭାବେ ଚିତ୍ରଣ କରାଯାଇଛି। ଜାତୀୟ ସୁରକ୍ଷାରେ ସୀମା ହେଉଛି ଏକ ପ୍ରମୁଖ ବିଷୟ ବୋଲି ଏଥିରେ ଦର୍ଶାଯାଇଛି। ବାହ୍ୟ ବିପଦ ଓ ଆଭ୍ୟନ୍ତରୀଣ ରାଜନୈତିକ ପ୍ରତିଯୋଗିତା ମଧ୍ୟରେ ପ୍ରଭେଦକୁ ସ୍ପଷ୍ଟ କରିନାହିଁ। ଏହା ବ୍ୟତୀତ ଏହା ପ୍ରବାସୀ ସମୁଦାୟକୁ ଏକ ସୁରକ୍ଷା ସମସ୍ୟା ଭାବେ ଦେଖିଛି। କାହିଁକି ଏକ ପ୍ରଶାସନ ବିପଦରେ ଥିବା ଦୁର୍ବଳ ପ୍ରବାସୀଙ୍କ ପାଇଁ ଆବଶ୍ୟକ ବୈଶ୍ୱିକ ପ୍ରତିବଦ୍ଧତାରୁ ନିଜକୁ ଦୂରେଇ ରଖିବାକୁ ପ୍ରସ୍ତୁତ ହେଉଛି? ୟୁରୋପୀୟ ପ୍ରବାସୀ ନୀତିକୁ ପ୍ରତିରୋଧ କରିବାକୁ ଅତ୍ୟଧିକ ଶକ୍ତି ଖଟାଉଥିବା ପଶ୍ଚିମ ଗୋଲାର୍ଦ୍ଧ ଉପରେ କାହିଁକି ଏକ ରଣନୀତି ଗୁରୁତ୍ୱ ଦେଉଛି? ଏହା କରିବାକୁ ଚାଇନା କିମ୍ବା ରୁଷିଆ ଭୟ ପ୍ରେରିତ କରିନାହିଁ, ବରଂ 'ବିଗତ ଦିନର ଆମେରିକା ଭଳି ଭବିଷ୍ୟତ ଆମେରିକା ହେବ ନାହିଁ ' ଭୟ ଯୋଗୁ ପ୍ରଶାସନ ଏଭଳି କରିଛି। ଭବିଷ୍ୟତର ଦିଶା ପ୍ରସ୍ତୁତ କରିବା ପାଇଁ ଏନ୍ଏସ୍ଏସ୍ ଏକ ଯୋଜନା ନୁହେଁ। ଏହା ଭବିଷ୍ୟତର ଅନିବାର୍ଯ୍ୟତା ପ୍ରତି କ୍ରୋଧର ଏକ ଅଭିବ୍ୟକ୍ତି। ଏହା ଏକ ଲୁଟ୍ ବା ଶୋଷକାରୀ ଅର୍ଥନୀତି। ଯଦି ତୁମେ ସ୍ଥାୟୀ ସମ୍ପର୍କ ଗଢ଼ିବା ଛାଡ଼ିଦେବ, ତେବେ ଯେତେବେଳେ ଯାହା ଚାହିଁବ ଶୋଷଣ କରିପାରିବ। ମେଣ୍ଟର ମୂଲ୍ୟ ଦେଣନେଣରେ ରହିଲେ ତୁମେ ତାହାକୁ ଛାଡ଼ିଦେବ । ଯଦି ଅନ୍ତର୍ଜାତୀୟ ବ୍ୟବସ୍ଥା କୌଣସି ପ୍ରକାରେ ତୁମକୁ ବାଧା ଦେବ ସେତେବେଳେ ତୁମେ ତାହାକୁ ପାଳନ କରିବାକୁ ପାଇଁ ମନା କରିଦେବ।

ଭବିଷ୍ୟତର ଭୟ ମଧ୍ୟ ରୁଷିଆ ପ୍ରତି ଥିବା ଟ୍ରମ୍ପ ପ୍ରଶାସନର କୋହଳ ମନୋଭାବକୁ ଦର୍ଶାଏ। ଟ୍ରମ୍ପଙ୍କ ଜନସାଂଖ୍ୟିକ ବ୍ୟଗ୍ରତା, ଉଦାର ସଂସ୍ଥାଗୁଡ଼ିକ ପ୍ରତି ଶତ୍ରୁତା ଏବଂ ବିଶ୍ୱବାଦୀ ଭବିଷ୍ୟତ ପ୍ରତି ଅସନ୍ତୋଷ ଭଳି ବିଚାର ସହ ଭ୍ଲାଡିମିର ପୁଟିନ୍‌ଙ୍କ ବିଚାର ମିଶିଯାଉଛି। ଟ୍ରମ୍ପ ଯାହା ଚାହୁଁଛନ୍ତି ସେ ମଧ୍ୟ ତାହା ଚାହାନ୍ତି। ଏନ୍ଏସ୍ଏସ୍ ରୁଷିଆକୁ ବଡ଼ ବିପଦ ଭାବେ ଉଲ୍ଲେଖ କରିନାହିଁ। କାରଣ ଟ୍ରମ୍ପ ପ୍ରଶାସନ ଏକ ବିପଦ ଭାବେ ଅନୁଭବ କରିନାହିଁ। ବାସ୍ତବ ବିପଦକୁ ଏହା କେବଳ ଅଣଦେଖା କରି ନାହିଁ, ବରଂ ଯେଉଁ ଲୋକମାନଙ୍କୁ ଟ୍ରମ୍ପ 'ଅଳିଆ' ବୋଲି କହିଛନ୍ତି ସେମାନଙ୍କୁ ବିପଦ ବୋଲି ପୁନଃ ନିର୍ଦ୍ଧାରଣ କରାଯାଇଛି। ଯେଉଁମାନେ ଭବିଷ୍ୟତକୁ ବିପଦ ଭାବେ ଅନୁଭବ କରିଛନ୍ତି ସେମାନେ ଏନ୍ଏସ୍ଏସ୍ ଚିଠା ପ୍ରସ୍ତୁତ କରିଛନ୍ତି।

**ପ୍ରାଧାପକ, ନ୍ୟୁୟର୍କ ୟୁନିଭର୍ସିଟି ସ୍କୁଲ ଅଫ୍ ଲ**

# ନୀରବ ପ୍ରତିକ୍ରିୟା



ଦେବେନ୍ଦ୍ର କର

ପ୍ରତ୍ୟେକ କ୍ରିୟାର ବିପରୀତ ପ୍ରତିକ୍ରିୟା ରହିଛି। ଏଣୁ କଥା କହିଲା ବେଳେ ଭାବିଚିନ୍ତି କହିବା ନିହାତି ଜରୁରୀ। ସବୁ ସମୟରେ ଧ୍ୟାନ ପୂର୍ବକ ପ୍ରତିକ୍ରିୟା ରଖିବା ବଡ଼ ଗୁରୁତ୍ୱପୂର୍ଣ୍ଣ। କାର୍ଯ୍ୟ ହେବ ବା ଘଟିବ ଆଉ ସେଇ ଅନୁରୂପ ଫଳାଫଳ ବି ନିଶ୍ଚିତ। କ୍ରିୟା ଅନୁରୂପ ପ୍ରତିକ୍ରିୟା ସମାନ ଫଳାଫଳ ଦେଇପାରେ, ପୁଣି କେବେ ସମ୍ପୂର୍ଣ୍ଣ ଭିନ୍ନ। ବିଜ୍ଞାନ କୁହେ 'ଏଭ୍ରି ଆକ୍ସନ ଦେଆର ଇଜ୍ ଆନ୍ ଇକୁଆଲ ଆଣ୍ଡ ଅପୋଜିଟ ରିଆକ୍ସନ'। ପ୍ରତ୍ୟେକ ଘଟଣା ବା ପ୍ରତିକ୍ରିୟା ପରେ କେମିତି, କାହିଁକି ଆଉ କିପରି ହେଲା ପ୍ରଶ୍ନ ପରେ ପ୍ରଶ୍ନ ଉଠେ। କାରଣ ନିଆଁ ନ ଥିଲେ ଧୂଆଁ କିପରି ଆସିଲା ଏହା ତ ମନରେ ଆସିବା ସ୍ୱାଭାବିକ। କ୍ରିୟା ପ୍ରତିକ୍ରିୟା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି। କ୍ରିୟାର କି ରୂପ ହେବ ପୂର୍ବାନୁମାନ କରିବା ସମ୍ଭବ ନୁହେଁ, କିନ୍ତୁ କ୍ରିୟାର ପ୍ରତିକ୍ରିୟା ନିଶ୍ଚିତ ହେବ ଏଥିରେ ସନ୍ଦେହ ନାହିଁ। କଳିକଜିଆ ବେଳେ ଅନେକେ ତାସଲ୍ୟକରି କୁହନ୍ତି, ଗୋଟେ ହାତରେ କ'ଣ କେବେ ତାଳି ବାଜିଲାଣି। କ୍ରିୟା ସହ ଯୋଗହୋଇ ରହିଛି ପ୍ରତିକ୍ରିୟା। ଆମେ ମନ ଜିଣିବା ପରି ସ୍ନେହ ଆଦରପୂର୍ଣ୍ଣ କଥାଟି କହିଲେ ଅନ୍ୟ ଜଣେ ନିଶ୍ଚୟ ଆଦର ପୂର୍ଣ୍ଣ ବ୍ୟବହାର ଦେଖାଇବେ। ଅସମୟରେ ଅନ୍ୟକୁ ଆମେ ପ୍ରତିଶ୍ରୁତି ଦେଇ ପାଳନ କରିଥିଲେ କେହି ନିଶ୍ଚୟ ଆମ ବେଳକୁ ଆଗେଇଆସିବେ। ଅନ୍ୟର ଗାଳି କଟୁ ଶବ୍ଦକୁ ସହ୍ୟକରିବା କଷ୍ଟକର ହୋଇଥିଲେ ବି ବେଳେ ବେଳେ ନୀରବତା ଅବଲମ୍ବନ ଜରୁରୀ ହୋଇଥାଏ। ଅନ୍ୟଥା ବିଷମ ପରିସ୍ଥିତିର କାରଣ ସାଜେ। ସମୟ ପରିସ୍ଥିତିରେ ଚୁପ୍ ରହିବା ଏକ ଭଲ ପ୍ରତିକ୍ରିୟା। ବିପକ୍ଷ ମୁହଁରେ ଜବାବ ଦେବାର ନୀରବତା ଗୋଟେ ଉତ୍ତମ ଅସ୍ତ୍ର। ଗୁରୁଜନମାନେ ତ୍ରୁଟି ସୁଧାରକ, ମାର୍ଗଦର୍ଶକ ଓ ଶୁଭ ଚିନ୍ତକ। ପ୍ରତିକ୍ରିୟା ଶୂନ୍ୟରେ ସେମାନଙ୍କ କଥାକୁ ଗ୍ରହଣ କରିନେଲେ ଜୀବନ ପଥ ହୋଇଯାଏ ସରଳ ଆଉ ସୁଗମ।

କ୍ରିୟା ପ୍ରତିକ୍ରିୟା ଅଛି ବୋଲି ତ ଦୁନିଆ ଚାଲିଛି। ସୃଷ୍ଟି ଆରମ୍ଭରୁ ଜଡ଼ ନିର୍ଜୀବ ଆଉ ସଜୀବ ସମସ୍ତେ କ୍ରିୟା ପ୍ରତିକ୍ରିୟା କ୍ରିୟାକଳାପ ସହ ଜଡ଼ିତ ରହି ଆସିଛନ୍ତି। ଆଉ ଏ କଥା ବି ସତ ଯେ ବିନା କ୍ରିୟାରେ ଦୁନିଆ ଅଚଳ କହିଲେ ଚଳେ। ଧ୍ୱନିର ପ୍ରତିଧ୍ୱନି ପରି କ୍ରିୟାର ପ୍ରତିକ୍ରିୟା ଲେଉଟି ଆସେ। ଉଭୟ କ୍ରିୟା ପ୍ରତିକ୍ରିୟାରୁ ପ୍ରାପ୍ତହୁଏ ଫଳାଫଳ। କିନ୍ତୁ ଉଭୟ ମାଧ୍ୟମରେ ଅନେକ ଫରକ ଆଉ ଅନ୍ତର। ଭୂମି ଉପରେ ଆକାଶକୁ ବଲ୍‌ଟି ଫିଙ୍ଗିଲେ ଯେତିକି ବେଗରେ ନ ଯାଏ ତା'ଠାରୁ ଅଧିକ ବେଗରେ ଭୂପୃଷ୍ଠକୁ ଲେଉଟିଥାଏ। ରକେଟ୍‌ଟି ମହାକାଶକୁ ଯେତିକି ବେଗରେ ଯାଏ ସେଭଳି ନିଆଁ ଓ ଧୂଆଁ ପଛକୁ ଫିଙ୍ଗିଥାଏ। ଆଉ ତୁଣ୍ଡରୁ ଯେମିତି ଶବ୍ଦ ନିକ୍ଷେପ ହେବ ସେଇ ଅନୁରୂପ ଶବ୍ଦ ଆମେ ସାମ୍ନା କରିବାକୁ ପ୍ରସ୍ତୁତ ରହିବାକୁ ହେବ। ଅନ୍ୟପଟେ କର୍ମ ଆଉ ଫଳରେ କେବଳ ସମୟର ବ୍ୟବଧାନ। ବାସ୍ତବ ଜୀବନ କୁହେ, କର୍ମ ସିଦ୍ଧାନ୍ତରେ ଜୀବନରଥ ଧାବମାନ। ଯିଏ ଯେଉଁ ଭଳି କର୍ମ କରେ ସେଇ ଫଳ ପାଏ। ଜୀବନ ସୁଖଦୁଃଖ ସମାହାରରେ ଗଢ଼ା। ଦୁଃଖ ନ ଥିଲେ ସୁଖ ଅତି ସାମାନ୍ୟ ମନେହେବ। ରାତି ସହ ଯୋଡ଼ିହୋଇଛି ଦିନ। କେବଳ ଯଦି ଆଲୋକ ରହିବ ଅନ୍ଧକାରର କୌଣସି ଅସ୍ତିତ୍ୱ ରହିବ ନାହିଁ ଆଉ ଉଜ୍ଜ୍ୱଳ ଆଲୋକ ତା' ଚମକ ହରାଇବ। ଏ କଥାରୁ ଗୋଟିଏ କଥା ସ୍ପଷ୍ଟ ଯେ କ୍ରିୟା ପ୍ରତିକ୍ରିୟା ଅଭିନ୍ନ ହୋଇପାରିବେ ନାହିଁ। ବଡ଼ କଥା ହେଲା ଉଭୟଙ୍କ ମଧ୍ୟରେ ସମନ୍ୱୟ ଏବଂ ସନ୍ତୁଳନ ରକ୍ଷା। ତେବେ ଯାଇଁ ସୃଷ୍ଟିର ଭାରସାମ୍ୟ ବଜାୟ ରହିବ।

ଥରେ ଏକ ଲୁହା କାରଖାନାରେ ସାପଟେ ପଶିଗଲା। ସେ କିବା ଜାଣେ ଶକ୍ତ ଲୁହାର ଦମ୍ଭକୁ। ଖୁସି ମନରେ ଏଣେତେଣେ ବୁଲିଲା। ଗୋଟେ ଲୁହା ଟେବୁଲ ଅତିକ୍ରମକରି ଆଗକୁ ଯାଉଯାଉ ଟେବୁଲ ଗୋଡ଼ରେ ଥିବା ଟିକି ଧାରୁଆ ଖଣ୍ଡରେ ଘଷିହୋଇଯିବାରୁ ତା' ଦେହରେ ଖଣ୍ଡିଆ ହୋଇଗଲା। ରାଗରେ ସେ ଟେବୁଲ ଗୋଡ଼ରେ ଗୁଡ଼େଇ ହୋଇ ତାକୁ ମୋଡ଼ିବାକୁ ଚେଷ୍ଟାକଲା ସେଥିରେ ବିଫଳହେବାରୁ ବାରବାର ଚୋଟ ମାରିବାକୁ ଲାଗିଲା। ଶେଷରେ ଚୋଟମାରି ରକ୍ତାକ୍ତ ହେଲା ଆଉ ନିଜ ଜୀବନ ହାରିଲା। ବର୍ତ୍ତମାନ ଏହି କାହାଣୀର ମୂଳ ବିଷୟ ହେଉଛି ଯେ ଭଲ ଜୀବନଯାପନ କରିବାକୁ ବେଳେବେଳେ ଆମେ କିଛି ଜିନିଷ, କିଛି ଲୋକ, କିଛି ଘଟଣା, କିଛି କାର୍ଯ୍ୟ ଏବଂ କିଛି ଜିନିଷକୁ ଅଣଦେଖା କରିବା ଉଚିତ। ମାନସିକ ଶାନ୍ତି ବଜାୟ ରଖିବାକୁ ପାରିପାର୍ଶ୍ୱକୁ ଅବହେଳା କରିବାକୁ ନିଜକୁ ଅଭ୍ୟସ୍ତ କରିବାକୁ ହେବ। ପ୍ରତ୍ୟେକ କାର୍ଯ୍ୟ ପାଇଁ ଆମେ ଏକ ପ୍ରତିକ୍ରିୟା ଦେଖାଇବା ଜରୁରୀ ନୁହେଁ। ଆମର କିଛି ପ୍ରତିକ୍ରିୟା କେବଳ ଆମକୁ କ୍ଷତି ପହଞ୍ଚାଇବ ନାହିଁ ବରଂ ଆମକୁ ଶେଷ ବି କରିପାରେ। ସବୁଠାରୁ ବଡ ଶକ୍ତି ହେଉଛି ଧୈର୍ଯ୍ୟ। କ୍ରିୟା ଶକ୍ତି ହେଲେ ନୀରବତା ସାଧନା। ପ୍ରତିକ୍ରିୟା ଦେବା ପରିବର୍ତ୍ତେ ନୀରବତା ଅବଲମ୍ବନ କରିବା ନିତାନ୍ତ ଜରୁରୀ।

**ମଙ୍ଗଳାବାଗ, ନିୟୋଗୀ କଲୋନି, କଟକ**
**ମୋ: ୯୯୩୭୯୬୩୯୧୦**

## ଏଇ ଭାରତରେ

ସାମଗ୍ରିକ ପ୍ରୟାସ ସଫଳତା ପାଇଁ ବାଟ କଢ଼ାଇନିଏ ବୋଲି ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲା ମୁନ୍‌ସିଆରି ବ୍ଲକର ଶଙ୍ଖଦୁରା ଗାଁର ମହିଳାମାନେ ପ୍ରମାଣ କରିପାରିଛନ୍ତି। ଗ୍ରାମପଞ୍ଚାୟତରେ ସେମାନେ ବନ ପଞ୍ଚାୟତ ଗଢ଼ିଛନ୍ତି ଓ ତା' ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରୁଛନ୍ତି । ସେମାନଙ୍କ ମତରେ ଜଙ୍ଗଲ ରହିଲେ ଆମେ ବଞ୍ଚି ରହିବୁ। ଶଙ୍ଖଦୁରା ଗାଁର ଜଙ୍ଗଲକୁ ସ୍ଥାନୀୟ ସରପଞ୍ଚ ବାସନ୍ତି ରାଓ୍ୱତଙ୍କ ନେତୃତ୍ୱରେ ମହିଳାମାନେ ସୁରକ୍ଷିତ ରଖିଛନ୍ତି। ତାଙ୍କ ସହ ୮ ମହିଳା ବନ ପଞ୍ଚାୟତରେ ରହିଛନ୍ତି। କେବଳ ଶଙ୍ଖଦୁରା ନୁହେଁ, ସର୍ମୋଲି ଜଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମଲିକା ଭିର୍‌ଡି ମଧ୍ୟ ମେସାରିକୁଣ୍ଡର ପୁନରୁଦ୍ଧାର କରିପାରିଛନ୍ତି। ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ସୁରକ୍ଷା ହେବା ଦ୍ୱାରା ଉତ୍ତରାଖଣ୍ଡର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇପାରିଛି। ୧୯୩୧ରେ ଇଂରେଜମାନେ ପ୍ରଣୟନ କରିଥିବା ବନ ପଞ୍ଚାୟତ ନିୟମାବଳୀ ୧୯୭୨ରେ ଏହା ଭାରତୀୟ ଜଙ୍ଗଲ ଆଇନ-୧୯୨୭ ଅଧୀନକୁ ଆସିଥିଲା। ଉତ୍ତରାଖଣ୍ଡରେ ଏବେ ୬,୦୬୯ ବନ ପଞ୍ଚାୟତ ଦ୍ୱାରା ୪,୦୫,୪୨୬ ହେକ୍ଟର ଜଙ୍ଗଲର ସୁରକ୍ଷା ସମ୍ଭବ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୨ ଡିସେମ୍ବର ୧୯୭୬

- ଓଡ଼ିଆ କ୍ଷୁଦ୍ରଗଳ୍ପ 'ଠାକୁର ଘର' ସମେତ ବିଭିନ୍ନ ଭାଷାରେ ଲିଖିତ ମୋଟ ୧୭ଟି ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବାକୁ ମନୋନୀତ।
- କର୍ଣ୍ଣାଟକର ରାଜ୍ୟପାଳ ଶମାଶଙ୍କର ଦୀକ୍ଷିତ ମାଙ୍ଗାଲୋରଠାରେ ଆକାଶବାଣୀର ନୂତନ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 7 | | | 6 | | | |
| | | | | 1 | | | | |
| | | 9 | | | 4 | | 8 | |
| | | | | | | 8 | 1 | |
| | | | | | | | 2 | 3 |
| | 2 | | | | 8 | | | 9 |
| 2 | | | 1 | | | 5 | 9 | |
| 4 | | | | 5 | | | | |
| | | | 9 | 6 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 1 | 7 | 2 | 9 | 4 | 8 | 5 |
| 8 | 2 | 9 | 6 | 5 | 4 | 7 | 1 | 3 |
| 4 | 7 | 5 | 8 | 3 | 1 | 2 | 6 | 9 |
| 1 | 4 | 7 | 9 | 6 | 3 | 5 | 2 | 8 |
| 5 | 6 | 2 | 1 | 7 | 8 | 9 | 3 | 4 |
| 3 | 9 | 8 | 5 | 4 | 2 | 6 | 7 | 1 |
| 9 | 1 | 4 | 2 | 8 | 6 | 3 | 5 | 7 |
| 7 | 8 | 6 | 3 | 9 | 5 | 1 | 4 | 2 |
| 2 | 5 | 3 | 4 | 1 | 7 | 8 | 9 | 6 |

ଗତକାଲିର ଉତ୍ତର

# ଓଡ଼ିଆ ଭାଷାରେ ଲିପ୍ୟନ୍ତରଣ




ଓମ୍ ପ୍ରସାଦ ପଟ୍ଟନାୟକ

ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷା ଓ ଏହାର ବ୍ୟବହାରିକ ସଂଜ୍ଞାରେ ଅନେକ ପରିବର୍ତ୍ତନ ହେଲାଣି। ଦୈନନ୍ଦିନ କଥାବାର୍ତ୍ତା ଓ ବିନିମୟରେ କଥିତ ତଥା ଚଳନ୍ତି ଓଡ଼ିଆ ଭାଷାର ବ୍ୟବହାର ଧୀରେ ଧୀରେ କମି ଆସିଲାଣି। ଏପରି କି ପାରମ୍ପରିକ ଓଡ଼ିଆ ଶବ୍ଦର ବ୍ୟବହାର ହ୍ରାସ ପାଇ ଅନେକ ଇଂଲିଶ ଶବ୍ଦ ଦୈନନ୍ଦିନ ଜୀବନରେ ହେଉଥିବା କଥାବାର୍ତ୍ତା ଓ ଲେଖିବାରେ ବ୍ୟବହାର ହେଉଛି; ଯେପରି କି ଆପ୍ଲିକେଶନ, ସଫ୍ଟୱେର୍, ହାର୍ଡୱେର୍, ମୋବାଇଲ, ଫୋନ, ରେଡିଓ, ସର୍ଚ୍ଚ ଇଞ୍ଜିନ ଇତ୍ୟାଦି ଏହିପରି ଅନେକ ଶବ୍ଦ। ସମ୍ପ୍ରତି ବିଭିନ୍ନ ପିଢ଼ିର ରୁଚି, ଆଗ୍ରହ, ସ୍ପୃହା ଓ ପସନ୍ଦ ମଧ୍ୟ ଭିନ୍ନ ଭିନ୍ନ ରହୁଛି। ଅତି ଦ୍ରୁତଗତିରେ ବୃଦ୍ଧି ପାଉଥିବା ଆଧୁନିକୀକରଣ ଓ ଜଗତୀକରଣ ପ୍ରଭାବରୁ ଇଂଲିଶ ଭାଷାରେ ଯୋଗାଯୋଗକୁ ଅତି ସହଜରେ ଗ୍ରହଣ କରିବା ସହିତ ଏହାକୁ ନିଜ ଦୈନନ୍ଦିନ ଜୀବନରେ ମଧ୍ୟ ବହୁଳ ପରିମାଣରେ ବ୍ୟବହାର କରାଯାଉଛି। ତେଣୁ ଓଡ଼ିଆ ଭାଷାରେ ଆନ୍ତର୍ଜାତିକୀକରଣ ଓ ସ୍ଥାନୀୟକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରାନ୍ସଲେଶନ ତଥା ଅନୁବାଦ, ଟ୍ରାନ୍ସଲିଟରେଶନ ତଥା ଲିପ୍ୟନ୍ତରଣ, ଟ୍ରାନ୍ସକ୍ରିପ୍ସନ ତଥା ପ୍ରତିଲିପୀକରଣ ଭଳି ଉପାୟ ଅନୁକରଣ କରାଯାଉଛି।

ଗୋଟିଏ ଭାଷାରେ ଲେଖାଯାଇଥିବା ପାଠ୍ୟର ମୂଳ ଅର୍ଥକୁ ସଂରକ୍ଷଣ ରଖି ଅନ୍ୟ ଏକ ଭାଷାରେ ଲେଖିବା ପ୍ରକ୍ରିୟାକୁ ଟ୍ରାନ୍ସଲେଶନ ବା ଅନୁବାଦ କୁହାଯାଏ। ମୂଳ ଭାଷାରେ ଏକ ଶବ୍ଦର ଉଚ୍ଚାରଣ ଓ ଧ୍ୱନିକୁ ଯଥା ସମ୍ଭବ ଅକ୍ଷୁଣ୍ଣ ରଖି ଏହାକୁ ଅନ୍ୟ ଏକ ଭାଷାରେ ଲେଖିବାର ପ୍ରକ୍ରିୟାକୁ ଟ୍ରାନ୍ସଲିଟରେଶନ ବା ଲିପ୍ୟନ୍ତରଣ କୁହାଯାଏ। ଟ୍ରାନ୍ସଲିଟରେଶନ ସମସ୍ତ ପିଢ଼ି ପାଇଁ ସହଜରେ ଭାବବିନିମୟ କରିବାର ଏକ ପ୍ରକୃଷ୍ଟ ମାର୍ଗ । ତେବେ ଏହି ପଦ୍ଧତି ଗତାନୁଗତିକ ଭାବରେ ପ୍ରଚଳିତ ହେବାଠାରୁ ହିଁ ଓଡ଼ିଆ ଭାଷାରେ ଇଂଲିଶ ଶବ୍ଦର ଲିପ୍ୟନ୍ତରଣ ଅନେକାଂଶରେ ଭୁଲ୍ ଭାବରେ କରାଯାଉଛି ଏବଂ ଏହାର ପ୍ରଭାବ ଇଂଲିଶ ଶବ୍ଦ ଉଚ୍ଚାରଣ ଉପରେ ମଧ୍ୟ ପଡୁଛି। ଉଚ୍ଚାରଣ ଯଦିଓ ସମସ୍ତଙ୍କର ନିଜସ୍ୱ ଭାଷାଗତ ଦକ୍ଷତା ଉପରେ ନିର୍ଭର କରେ, କିନ୍ତୁ କୌଣସି ଶବ୍ଦର ବନାନ ଠିକ୍ ଭାବରେ ଲେଖିବାର ଆବଶ୍ୟକତା ନିହାତି ଭାବରେ ରହିଛି। ଲିପ୍ୟନ୍ତରଣ ପଦ୍ଧତିରେ ଉଚ୍ଚାରଣ, ଧ୍ୱନି, ବନାନ ଆଦି ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ଆଇପିଏ (ଇଣ୍ଟରନ୍ୟାଶନାଲ ଫୋନେଟିକ୍ ଆଲ୍ଫାବେଟ୍ସ)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଚିହ୍ନ ଆଧାରିତ ଓ ଲାଟିନ ଲିପିରେ ଲିଖିତ ଏକ ଲିଖନ ବିଧି। ଏହାକୁ ବିଶ୍ୱର ସମସ୍ତ କଥିତ ଭାଷାର ଲିଖନ ନିମନ୍ତେ ଅନ୍ତର୍ଜାତୀୟ ଫୋନେଟିକ୍ ଆସୋସିଏଶନ ଦ୍ୱାରା ଏକ ମାନକ ରୂପେ ପ୍ରତିଷ୍ଠା କରାଯାଇଛି।

ଉଦାହରଣ ସ୍ୱରୂପ ଯେମିତି ଓଡ଼ିଆରେ 'ମଣିଷ' ଶବ୍ଦର ବନାନକୁ 'ମଣୀସ' କିମ୍ବା 'ମଣିଶ'ଲେଖିଲେ ଭୁଲ୍ ବୋଲି କୁହାଯିବ, ସେମିତି ଇଂଲିଶରେ 'FEATURE' ଶବ୍ଦକୁ ଆମେ 'ଫିଚର୍' ଲେଖିବା ଭୁଲ୍ ଯଦିଓ ନୁହେଁ, ତେବେ ଯୁକ୍ତିସଙ୍ଗତ ମଧ୍ୟ ନୁହେଁ। 'FEATURE' ଶବ୍ଦଟିକୁ ଯଦି ଆମେ ଟ୍ରାନ୍ସଲିଟରେଟ ବା ଲିପ୍ୟନ୍ତରଣ କରିବା, ତେବେ ଏହା ଆଇପିଏ ଅନୁଯାୟୀ 'ଫୀଚର୍' ଭାବରେ ଲେଖାଯିବା ଉଚିତ। ଏହିପରି ଭାବରେ ଦୈନନ୍ଦିନ ଆମେ ବହୁ ଇଂଲିଶ ଶବ୍ଦକୁ କଥାବାର୍ତ୍ତା ଏବଂ ଲେଖିବାରେ ବ୍ୟବହାର କରୁଛୁ, ଯାହାର ବନାନ ଓ ଉଚ୍ଚାରଣ ମଧ୍ୟରେ ବିସଙ୍ଗତି ରହୁଛି। ସେହିପରି କିଛି ଶବ୍ଦ ଯେପରିକି 'ସ୍କୁଲ', 'ହସ୍ପିଟାଲ', 'ମିଟର', 'ମେଶିନ'ର -ଆଇପିଏ ଅନୁଯାୟୀ ଠିକ୍ ବନାନ ହେଉଛି 'ସ୍କୂଲ', 'ହସ୍ପିଟଲ', 'ମୀଟର୍', 'ମଶୀନ'। ଆମେ ପ୍ରାୟତଃ



ଲେମ୍ୟାନ ମେଥଡ୍‌ରେ 'ହ୍ରସ୍ୱ ଇ କାର', 'ହ୍ରସ୍ୱ ଉ କାର' ଓ 'ସ' ବ୍ୟବହାର କରି ଟ୍ରାନ୍ସଲିଟରେଶନ କରିଦେଉଛୁ। କିନ୍ତୁ ଏପରି ଲେଖିବାର ଧାରା ଠିକ୍ ନୁହେଁ ଓ ଯୁକ୍ତିସଙ୍ଗତ ମଧ୍ୟ ନୁହେଁ।

ସମୟକ୍ରମେ ଓଡ଼ିଆ ଭାଷାରେ ହ୍ରସ୍ୱ ଇ କାର, ଦୀର୍ଘ ଈ କାର, ହ୍ରସ୍ୱ ଉ କାର, ଦୀର୍ଘ ଊ କାର, 'ସ', 'ଶ' ରେ ଉଚ୍ଚାରଣଗତ ପାର୍ଥକ୍ୟ ଅନେକାଂଶରେ ହ୍ରାସ ପାଇଛି। ଉଦାହରଣ ସ୍ୱରୂପ ଆମେ ଓଡ଼ିଆ କହିବା ସମୟରେ କୀଳାକିଳା, କୁଳକୂଳ, ଚୂଡ଼ାଚୁଡ଼ା, ସରଶର ଇତ୍ୟାଦି ସମୋଚ୍ଚାରିତ ଶବ୍ଦକୁ ଏକାଭଳି ଉଚ୍ଚାରଣ କରୁ। ତେବେ ଇଂଲିଶ ଭାଷାର ଶବ୍ଦକୁ ଓଡ଼ିଆରେ କହିବା ସମୟରେ ମଧ୍ୟ ଆମେ ଉପରୋକ୍ତ ନିୟମକୁ ବ୍ୟବହାର କରୁ। କିନ୍ତୁ ଇଂଲିଶରେ ଏଭଳି ଶବ୍ଦଗୁଡ଼ିକ ମଧ୍ୟରେ ଉଚ୍ଚାରଣଗତ ପାର୍ଥକ୍ୟ ରହିଛି, ଯେପରି SIT, SEAT, SHEET ଭଳି ଶବ୍ଦଗୁଡ଼ିକୁ ସେମାନେ ଯଥାକ୍ରମେ ସିଟ୍, ସୀଟ୍, ଶୀଟ୍ ଭାବରେ ଉଚ୍ଚାରଣ କରନ୍ତି। ଆମେ କିନ୍ତୁ ଏ ସମସ୍ତ ଶବ୍ଦକୁ ଟ୍ରାନ୍ସଲିଟରେଟ କରିବା ସମୟରେ 'ସିଟ୍' ହିଁ ଲେଖିଥାଉ ଯାହା କି ଯୁକ୍ତିସଙ୍ଗତ ନୁହେଁ।

ଇଂଲିଶ ଏକ ବିଦେଶୀ ଭାଷା ହେଲେ ହେଁ ସ୍କୁଲ ସମୟରୁ ହିଁ ପିଲାମାନେ କିଭଳି ଭାବରେ ଏଥିରେ ଦକ୍ଷତା ହାସଲ କରିବେ, ସେ ନେଇ ଓଡ଼ିଆ ଅଭିଭାବକମାନେ ଯତ୍ନବାନ୍ ହୋଇପଡୁଛନ୍ତି। ଆଧୁନିକୀକରଣ ଓ ଜଗତୀକରଣ ପ୍ରକ୍ରିୟାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବହୁଳ ପ୍ରଚଳନ ଯୋଗୁ ଆମ ଦୈନନ୍ଦିନ ଜୀବନରେ ଇଂଲିଶ ଶବ୍ଦର ବର୍ଦ୍ଧିତ ପ୍ରୟୋଗ ଫଳରେ ଅତି କମ୍ ସମୟ ମଧ୍ୟରେ ଲକ୍ଷାଧିକ ଇଂଲିଶ ଶବ୍ଦ ଅନାୟାସରେ ଓଡ଼ିଆ ଶବ୍ଦଭଣ୍ଡାରରେ ପ୍ରବେଶ କରିଛି। ଏଭଳି ପରିସ୍ଥିତିରେ ଇଂଲିଶ ଭାଷାରେ ଦକ୍ଷତା ହାସଲ ତଥା ବିଶେଷତଃ ଇଂଲିଶ ଶବ୍ଦଗୁଡ଼ିକର ଠିକ୍ ଲିପ୍ୟନ୍ତରଣ ଓ ଉଚ୍ଚାରଣ ପାଇଁ ସରକାରୀ, ବେସରକାରୀ କିମ୍ବା ଆନୁଷ୍ଠାନିକ ସ୍ତରରେ ପ୍ରୟାସ ଜରୁରୀ । ଓଡ଼ିଆ ବିଦ୍ୟାର୍ଥୀ ତଥା ଚାକିରି ଆଶାୟୀଙ୍କୁ ବହୁରାଷ୍ଟ୍ରୀୟ କାର୍ଯ୍ୟକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ନିଜର ଯୋଗାଯୋଗ ଦକ୍ଷତା ବା କମ୍ୟୁନିକେଶନ ସ୍କିଲକୁ ଶାଣିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ହିନ୍ଦୀ, ଗୁଜରାଟୀ, ମରାଠୀ ସମେତ ଦକ୍ଷିଣ ଭାରତୀୟ ଭାଷାଗୁଡ଼ିକ ଅକ୍ସଫୋର୍ଡ ଇଂଲିଶରୁ ଲିପ୍ୟନ୍ତରଣ ପଦ୍ଧତିକୁ ଏକ ମାନକ ଭାବରେ ବ୍ୟବହାର କରିସାରିଲେଣି। ଓଡ଼ିଆ ଭାଷାରେ ବ୍ରିଟିଶ (ଅତିରିକ୍ତ ଭାବରେ ଭାରତୀୟ ଓ ଆମେରିକୀୟ) ଉଚ୍ଚାରଣ ଅନୁଯାୟୀ ଗୋଟିଏ ଲିପ୍ୟନ୍ତରଣ ଭାଷାକୋଷ ପ୍ରକାଶ କରାଗଲେ ଏବଂ ସ୍କୁଲ ପାଠପଢ଼ାରେ ଫୋନେଟିକ ସଙ୍କେତ ଓ ଉଚ୍ଚାରଣଗତ ଶିକ୍ଷା ଦିଆଗଲେ ଏହି ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରନ୍ତା।

ତେବେ ଆମେ ପାରମ୍ପରିକ ଇଂଲିଶ ବନାନ ଓ ଉଚ୍ଚାରଣକୁ ଏତେ ମାତ୍ରାରେ ଅଗ୍ରାଧିକାର ଦେଇଛୁ ଯେ ଆଧୁନିକ ବା ମଡର୍ନ ଇଂଲିଶ ବନାନ ଓ ଉଚ୍ଚାରଣକୁ ଗ୍ରହଣ କରିବା ପାଇଁ ଆମକୁ ଏକ ପ୍ରକାରର ସଂଘର୍ଷ କରିବାକୁ ପଡ଼ିବ କହିଲେ ଅତ୍ୟୁକ୍ତି ହେବନାହିଁ। ଯେଉଁ ଓଡ଼ିଆମାନେ ଇଂଲିଶ କହିବାରେ ଦକ୍ଷତା ଲାଭ କରିଛନ୍ତି, ନିଶ୍ଚିତ ଭାବରେ ଏହା ପଛରେ ସେମାନଙ୍କର ବ୍ୟକ୍ତିଗତ ପ୍ରଚେଷ୍ଟା ରହିଛି, ତେବେ ଆନୁଷ୍ଠାନିକ ଭାବରେ ନୁହେଁ। ଇଂଲିଶ ଶବ୍ଦକୁ ଓଡ଼ିଆ ଲିପିରେ ଲେଖିବା ସମ୍ବନ୍ଧୀୟ କୌଣସି ଆନୁଷ୍ଠାନିକ ନିର୍ଦ୍ଦେଶାବଳୀ ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ଆଇପିଏକୁ ଅନୁସରଣ କରି ଏହାକୁ ପଢ଼ିବା ଓ ଲେଖିବା ଆରମ୍ଭ କରିପାରିଲେ ଧୀରେଧୀରେ ସେସବୁ ଆମ କଥିତ ଓ ଲିଖିତ ଭାଷାର ଅଙ୍ଗ ହୋଇଯିବ।

**ଅଠରଭାଗ, ପିପିଲି**
**ମୋ: ୯୮୧୮୮୪୭୮୦୬**

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକଙ୍କ ଛାଟ ଏବଂ ପୋଲିସର ଲାଠି

ମହାଶୟ,

ପିଲାଙ୍କୁ ଶିକ୍ଷକମାନେ ବାଡ଼େଇ ତାଗିଦକରି ସୁନ୍ଦର ଓ ମାର୍ଜିତ କରି ଗଢ଼ିଥାନ୍ତି। ୧୬ ବର୍ଷ ବେଳକୁ ପିଲା କଲେଜକୁ ଗଲେ ଶିକ୍ଷକମାନେ ତାକୁ ଗାଳିଦେବାକୁ ସାହସ କରନ୍ତିନାହିଁ କି ତାଙ୍କର ଛାଟ ଛାତ୍ର ଉପରକୁ ଉଠିଯାଏ ନାହିଁ। କେଉଁ ଶିକ୍ଷକ ଯଦି କୌଣସି ପିଲାକୁ ଜୋରକରି ମାଡ଼ ମାରନ୍ତି ଏବଂ ତା'ର କ୍ଷତି ହେଲା, ସେହି ଶିକ୍ଷକଙ୍କ ଉପରେ ଦଣ୍ଡବିଧାନ କରାଯାଏ। କିନ୍ତୁ ସରକାର ଯାହା ନିର୍ଦ୍ଦେଶ ଦେଲେ ତାହା କାର୍ଯ୍ୟକାରୀ ହୋଇଗଲା। ବର୍ତ୍ତମାନ ଦେଖାଯାଉଛି ପୋଲିସଙ୍କୁ ଏତେ କ୍ଷମତା ଦିଆଯାଇଛି ଯେ ସେମାନେ ଦୋଷୀ ହୁଅନ୍ତୁ ବା ନିର୍ଦ୍ଦୋଷ ସମସ୍ତଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି। ଲାଞ୍ଚ ନେଇ ଧରା ହେଉଛନ୍ତି। ସେମାନଙ୍କ ହାତରୁ ତ ଲାଠି ଛଡ଼ାଇ ନିଆଯାଉନାହିଁ। ପୋଲିସ ହାତରେ ଲାଠି ରହିବା ଉଚିତ। କିନ୍ତୁ ସେମାନେ ନିଜର ଚରିତ୍ରରେ ସଂଯମ ରକ୍ଷା କରିବା ନିହାତି ବାଞ୍ଛନୀୟ।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଭାବଇଁ ଚକିତେ କେତେ କାଳ ଏହି ମତି
ଶୂନ୍ୟ ଏ ଘରେ ଜାଳିବି ଏକା ମୋ ବତୀ
ରୂପ-ହୋମାନଳେ ସମିଧ କରିବି ଦେହ
ପୀରତି-ବେଦୀରେ ଜଣାଉଥିବି ମୋ ନିତି ।
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



ରାଉତାଳ ଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ସାଥୀ ପରିବାର ଅନୁଷ୍ଠାନ ସଭାପତି ସିଦ୍ଧାର୍ଥ ପ୍ରଧାନ, ଉପଦେଷ୍ଟା ସୁଶାନ୍ତ କୁମାର ତ୍ରିପାଠୀ ଓ ଗ୍ରାମ ସଭାପତି ନିରଞ୍ଜନ ସାହୁଙ୍କ ସହ ମହିଳାମାନେ।

# ପରିବେଶ ସନ୍ତୁଳନରେ ଜୀବଜନ୍ତୁଙ୍କ ଭୂମିକା ସ୍ୱତନ୍ତ୍ର: ତଥାଗତ

## ରାଉତାଳରେ ଧରିତ୍ରୀ, ସାଥୀ ପରିବାର ଓ ଗ୍ରାମବାସୀଙ୍କ ସହଯୋଗରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ

ଅନୁଗୋଳ,୧୧।୧୨(ଦିବ୍ୟଶାନ୍ତନୁ ନାଥ)

ପରିବେଶ ସନ୍ତୁଳନରେ ଜୀବଜନ୍ତୁଙ୍କ ସ୍ୱତନ୍ତ୍ର ଭୂମିକା ରହିଛି ବୋଲି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ଗୁରୁବାର ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକ ବଡ଼ହିଁସର ପଞ୍ଚାୟତ ଅନ୍ତର୍ଗତ ରାଉତାଳ ଗାଁରେ 'ଧରିତ୍ରୀ', 'ସାଥୀ ପରିବାର' ଓ ଗ୍ରାମବାସୀଙ୍କ ସହଯୋଗରେ 'ଜଙ୍ଗଲ ବନ୍ୟପ୍ରାଣୀ ସଂରକ୍ଷଣ ଓ ଗ୍ରାମୀଣ ପରିବେଶ ସୁରକ୍ଷାରେ ସ୍ଥାନୀୟ ଅଧିବାସୀଙ୍କ ଯୋଗଦାନ' ସଂକ୍ରାନ୍ତୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତଥାଗତ କହିଛନ୍ତି, ବିନା କାରଣରେ କୌଣସି ଜୀବଜନ୍ତୁ ଠାରୁ ଛୋଟ ପୋକଟିଏକୁ ମଧ୍ୟ ନଷ୍ଟ କରିବା ଠିକ୍ ନୁହେଁ। ପ୍ରକୃତିକୁ ମା' ସହ ତୁଳନା କରିବାକୁ ଯାଇ ସେ କହିଛନ୍ତି, ମା' ବାପା ଆମକୁ ଜନ୍ମ ଦେଇ ବଡ଼ କଲେ। ଏବକାର ପିଢ଼ି ସେମାନଙ୍କ ଯତ୍ନ ନେଉନାହାନ୍ତି। କିନ୍ତୁ ମା' ବାପା କେବେହେଲେ ନିଜ ଛୁଆପିଲାଙ୍କ ହାନି ଚାହାନ୍ତି ନାହିଁ। ସେହିପରି ପ୍ରକୃତି ଆମକୁ ନିଜ କୋଳରେ ଜନ୍ମ ଦେଇ ବଢ଼ିବା ପାଇଁ ସବୁ କିଛି ଖଞ୍ଜି ଦେଇଛି। ସେ ଆମର କୌଣସି କ୍ଷତି କରେ ନାହିଁ। ମା' ବାପାଙ୍କ ସେବା କଲେ ଯେଉଁଭଳି ଆମେ ତାଙ୍କର ଆଶୀର୍ବାଦର ପାତ୍ର ହେବା, ସେହିପରି ପ୍ରକୃତି ମା'ର ସେବା ଯତ୍ନ ନେଲେ ସେ ମଧ୍ୟ ଆମର ସାତ ପିଢ଼ିକୁ ଅମ୍ଳାନ ରୂପକ ଆଶୀର୍ବାଦ ପ୍ରଦାନ କରିବ। ପ୍ରକୃତି ମା'କୁ ନଷ୍ଟ କଲେ ତା'ର କ୍ଷତି ହେବ ନାହିଁ, ବରଂ ଆମେ ନଷ୍ଟ ହୋଇଯିବା ବୋଲି ସତପଥୀ କହିଛନ୍ତି। ପରିବେଶ ସୁରକ୍ଷା ପାଇଁ ଏତେ ସଂଖ୍ୟାରେ ସାଧାରଣ ଲୋକ, ବିଶେଷକରି ରାଉତାଳ ଗାଁର ମହିଳାମାନେ ସ୍ୱତଃପ୍ରବୃତ୍ତ କାର୍ଯ୍ୟକ୍ରମରେ ଯୋଗଦେବା ଅତୀବ ପ୍ରଶଂସନୀୟ ବୋଲି ତଥାଗତ କହିଥିଲେ।

କାର୍ଯ୍ୟକ୍ରମରେ ତଥାଗତଙ୍କ ସହିତ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ରାଉତାଳ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ ସେମାନଙ୍କୁ ଗାଁ ଦାଣ୍ଡରେ ପାଛୋଟି ନେଇଥିଲେ। ପରେ ଗ୍ରାମର ଇଷ୍ଟଦେବ ରାଧାମୋହନ ଦେବଙ୍କୁ ଦର୍ଶନ ପୂର୍ବକ ସଭାସ୍ଥଳକୁ ଯାଇଥିଲେ। କଳାପାଟ ପାହାଡ଼ର ପାଦ ଦେଶରେ ଥିବା ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ପୂର୍ବାହ୍ନ ୧୧ଟାରେ ଗ୍ରାମର ମହିଳାମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପରିବେଶ ସୁରକ୍ଷା ନେଇ 'ସାଥୀ ପରିବାର'ର ଉପଦେଷ୍ଟା ସୁଶାନ୍ତ କୁମାର ତ୍ରିପାଠୀ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପରିବେଶ ସୁରକ୍ଷା ଓ ଅତ୍ୟାଧୁନିକ ଯୁଗରେ ଗ୍ରାମାଞ୍ଚଳର ଚାଲିଚଳଣି ଯାହା ବର୍ଷବର୍ଷ ଧରି ପ୍ରକୃତିର ସହଧର୍ମୀ ହୋଇ ରହିଆସିଛି, ତାହାକୁ କିପରି ଗ୍ରହଣ କରିହେବ ତା' ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, 'ଧରିତ୍ରୀ' ଅନେକ ବର୍ଷ ହେବ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି। ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆରମ୍ଭ ହୋଇଥିବା ପ୍ରଥମ ବର୍ଷ କାର୍ଯ୍ୟକ୍ରମରେ ହିଁ 'ସାଥୀ ପରିବାର' ପ୍ରକୃତି ସୁରକ୍ଷା ଦିଗରେ କାର୍ଯ୍ୟ ନେଇ ଧରିତ୍ରୀ ସହ ଯୋଡ଼ି ହୋଇଥିଲା। ବର୍ତ୍ତମାନ ପ୍ରାୟ ଗାଁରେ ପରିବେଶକୁ ନେଇ ସେମାନେ କାର୍ଯ୍ୟ କରୁଛନ୍ତି। ମହିଳାମାନେ ହିଁ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ନେତା କିମ୍ବା କୌଣସି ଯୁବଗୋଷ୍ଠୀ ଏପରି ପରିବେଶଧର୍ମୀ କାର୍ଯ୍ୟ ଆରମ୍ଭ କରିଦିଅନ୍ତି, କିନ୍ତୁ ମହିଳାମାନେ ତାହାକୁ ଆଗେଇ ନେଇଥାନ୍ତି। ଆମେ ବର୍ଷ ବର୍ଷରୁ ଦେଖିଆସୁଛୁ ଆମ ଚଳଣି ଏପରି ଥିଲା ଯେ ଆମେ କଦଳୀପତ୍ରରେ ଖାଉଥିଲେ, ଦାନ୍ତକାଠିରେ ଦାନ୍ତ ଘଷୁଥିଲେ, ଯାହା ପରିବେଶକୁ ନଷ୍ଟ କରୁ ନ ଥିଲା। ସେ ଯେଉଁ ଜୀବନଶୈଳୀ ଥିଲା, ତାହା ପରିବେଶକୁ ବିନାଶ କରୁ ନ ଥିଲା। ବର୍ତ୍ତମାନ ଅତ୍ୟଧିକ ମାତ୍ରାରେ ଅନ୍‌ଲାଇନ ମାଧ୍ୟମରେ ଅର୍ଡର କରି ଜିନିଷ କିଣିବା ବେଳେ ସେଥିରେ ବ୍ୟବହାର ହେଉଥିବା ପଲିଥିନ ଓ ପ୍ଲାଷ୍ଟିକ ପ୍ରକୃତିକୁ ନଷ୍ଟ କରୁଛି ବୋଲି ସେ କହିଥିଲେ। ଉପସ୍ଥିତ ଗ୍ରାମବାସୀଙ୍କୁ ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ଓ ଏହା ଏକ ସ୍ୱର ହୋଇ ଉଠିବା ଦରକାର ବୋଲି ଆଦ୍ୟାଶା କହିଥିଲେ।

ରାଉତାଳ ଗ୍ରାମ ସଭାପତି ନିରଞ୍ଜନ ସାହୁ କହିଥିଲେ, ମଣିଷ ଆଗରୁ ୧୦୦ ବର୍ଷ ବଞ୍ଚୁଥିଲା। ହେଲେ ବର୍ତ୍ତମାନ ତାହା ସମ୍ଭବ ହୋଇପାରୁନାହିଁ। କାହିଁକି ନା ଆମେ ୨ଲକ୍ଷ ଟଙ୍କା ଖର୍ଚ୍ଚ କରି ଗାଡ଼ି ଚଢୁଛନ୍ତି। କିନ୍ତୁ ନିଜ ପେଟକୁ ଭଲ ଗଣ୍ଡେ ଖାଉନାହାନ୍ତି। ବର୍ତ୍ତମାନ ଯୁଆଡ଼େ ଦେଖିଲେ ରସାୟନ କୃଷି ହେଉଛି। ତାହାକୁ ପରିତ୍ୟାଗ କରି ଜୈବିକ କୃଷିକୁ ଆପଣେଇ ନେବା ଉପରେ ସେ ଗୁରୁତ୍ୱ ଦେଇଥିଲେ। 'ସାଥୀ ପରିବାର' ସଭାପତି ସିଦ୍ଧାର୍ଥ ପ୍ରଧାନ 'ଧରିତ୍ରୀ'ର ସମ୍ପାଦକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ପରିବେଶ ସୁରକ୍ଷା ଦିଗରେ ନେଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଧରିତ୍ରୀ ୟୁଥ୍ କନ୍‌କ୍ଲେଭ ୫ ବର୍ଷରେ ପହଞ୍ଚିଛି। ପରିବେଶଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଯୁବପିଢ଼ିମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯାଉଛି ବୋଲି ପ୍ରଧାନ କହିଥିଲେ। ରାଉତାଳ ଗାଁର ରାଧାମାଧବ ଯୁବଗୋଷ୍ଠୀ ଆଗାମୀ ଦିନରେ ପରିବେଶ ପାଇଁ କାର୍ଯ୍ୟ କରି ୟୁଥ୍ କନ୍‌କ୍ଲେଭରେ ଭାଗ ନେବାକୁ ସେ ଉତ୍ସାହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମହିଳାମାନେ ପରିବେଶ ସମ୍ବନ୍ଧୀୟ ଅନୁଭୂତି ବାଣ୍ଟିଥିଲେ।

# ଘରକୁ ପ୍ଲାଷ୍ଟିକ୍ ପୂରାଇ ଦିଅନି: ଆଦ୍ୟାଶା

## ଜରଡ଼ାସ୍ଥିତ ବିଏମ୍ ହାଇସ୍କୁଲ୍‌ରେ 'ଏକକ ପ୍ଲାଷ୍ଟିକ୍ ବ୍ୟବହାର ଜୈବ ବିବିଧତା ପ୍ରତି ବିପଦ' କାର୍ଯ୍ୟକ୍ରମ

ଅନୁଗୋଳ,୧୧।୧୨ (ମାନସ ବିଶ୍ୱାଳ)

ପରିବେଶ ତଥା ଜୈବ ବିବଧତାକୁ ସୁରକ୍ଷିତ ରଖିବାକୁ ହେଲେ ଘରକୁ ପ୍ଲାଷ୍ଟିକ୍ ପୂରାଇ ନ ଦେବାକୁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକ ଜରଡ଼ା ସ୍ଥିତ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ 'ସାଥୀ ପରିବାର' ପକ୍ଷରୁ ଗୁରୁବାର ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ଆଦ୍ୟାଶା ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଉପରେ ଆଲୋକପାତ କରିଥିଲେ। ପ୍ଲାଷ୍ଟିକ ବ୍ୟବହାର ମଣିଷ ଜୀବନ ଓ ସ୍ୱାସ୍ଥ୍ୟ ଉପରେ କିପରି ପ୍ରଭାବ ପକାଉଛି ସେ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବାୟୁମଣ୍ଡଳରେ ମାଇକ୍ରୋ ପ୍ଲାଷ୍ଟିକ ଚାରିଆଡ଼େ ଭର୍ତ୍ତି ହୋଇ ରହିଥିବା ବେଳେ ଆଗାମୀ ଦିନରେ ଏହାର ଭୟାବହ ସ୍ଥିତି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସେ କହିଥିଲେ।

ଏଥିରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ନିୟନ୍ତ୍ରଣ ରଖି ନିଜକୁ ଗଠନ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କେବଳ ଶିକ୍ଷା ଲାଭ କଲେ ଜଣେ ଭଲ ମଣିଷ ହୋଇପାରେନା। ଭଲ ମଣିଷ ହେବା ପାଇଁ ବିଭିନ୍ନ ଜ୍ଞାନ ଅର୍ଜନ ସହ ଅଧ୍ୟୟନର ଆବଶ୍ୟକତା ରହିଛି। ଯେପରିକି ଆଜିର ଦିନରେ ଚାଷ କାମ ଏକ ଛୋଟ କାମ ବୋଲି ମନେ ହୁଏ, କିନ୍ତୁ ପ୍ରକୃତରେ ଚାଷରୁ ଉତ୍ପନ୍ନ ହେଉଥିବା ଖାଦ୍ୟକୁ ମନୁଷ୍ୟ ଗ୍ରହଣ କରି ସୁସ୍ଥ ଜୀବନଯାପନ କରେ। ଏଥିପାଇଁ ଚାଷ ବିଷ ଓ ରାସାୟନିକ ମୁକ୍ତ ହେବାର ଆବଶ୍ୟକତା ରହିଛି। ଏପରିକି ଭାରତବର୍ଷର ସମସ୍ତ ବିଦ୍ୟାଳୟରେ ଚାଷ ପାଇଁ ପ୍ରଶିକ୍ଷଣ ଦେବା ଉପରେ ତଥାଗତ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ 'ସାଥୀ ପରିବାର'ର ଉପଦେଷ୍ଟା ସୁଶାନ୍ତ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଥୀ ପରିବାର ସଭାପତି ସିଦ୍ଧାର୍ଥ ପ୍ରଧାନ, ବିଦ୍ୟାଳୟ ସହକାରୀ ଶିକ୍ଷକ ତରଣୀସେନ ସାହୁ ପରିବେଶ ସୁରକ୍ଷା, ବାୟୁ ପ୍ରଦୂଷଣ ରୋକିବା ଉପରେ ଛାତ୍ର ଅବସ୍ଥାରୁ ସଚେତନ ରହିବା ପାଇଁ ମତବ୍ୟକ୍ତ କରିଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପୂଜାରାଣୀ ସେଠୀ, ଚନ୍ଦନପ୍ରଭା ସାହୁ, ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ସହ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଲକ୍ଷ୍ମୀପ୍ରିୟା ପ୍ରଧାନ, ଲେଖା ଦାସ ଏବଂ ସୁଭଦ୍ରା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।




ଜରଡ଼ାସ୍ଥିତ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପରିବେଶ ସଚେତନତା କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ସାଥୀ ପରିବାର ଅନୁଷ୍ଠାନ ସଭାପତି ସିଦ୍ଧାର୍ଥ ପ୍ରଧାନ, ଉପଦେଷ୍ଟା ସୁଶାନ୍ତ କୁମାର ତ୍ରିପାଠୀ ଓ ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁ ମଞ୍ଚାସୀନ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

# ରାସ୍ତା ପାର୍ଶ୍ୱରେ ପଡ଼ିଛି ସରକାରୀ ଔଷଧ

## ସ୍ୱାସ୍ଥ୍ୟ ବିଭାଗର ତଦନ୍ତ ଆରମ୍ଭ

ବାଲେଶ୍ୱର(ବାଞ୍ଛାନିଧି ଦେ)/ରସାଲପୁର (ଶରତ ସାମଲ), ୧୧।୧୨

ରୋଗୀଙ୍କୁ ଦିଆଗଲାନି। ହେଲେ ରାସ୍ତା ପାର୍ଶ୍ୱରେ ପଡ଼ିଛି ସରକାରୀ ଔଷଧ। ୨୦୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ଅବଧି ଥିବା ମାଲ ମାଲ ସରକାରୀ ଔଷଧ ପ୍ୟାକେଟ୍ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର କିଛି କି.ମି. ଦୂର ତୁଣ୍ଡରା ରାସ୍ତା ପାର୍ଶ୍ୱରେ।

ଶ୍ରୀଜଙ୍ଗ-ରସାଲପୁର ରାସ୍ତାର ତୁଣ୍ଡରା ନିକଟରେ ଅବଧି ସରି ନ ଥିବା ଔଷଧ ମେଡିକାଲରେ ରହିବା ପରିବର୍ତ୍ତେ ରାସ୍ତା ପାର୍ଶ୍ୱ ଅଳିଆଗଦାରେ ପଡ଼ିଛି। ଗୋଟିଏ କି ଦୁଇ ପ୍ୟାକେଟ୍ ନୁହେଁ ଶହେରୁ ଊର୍ଦ୍ଧ୍ୱ ପ୍ୟାକେଟ୍ ଆଇରନ୍ ଓ ଫଲିକ ଏସିଡ୍ ସିରପ୍ ପଡ଼ିଥିବା ଗୁରୁବାର ଦେଖିବାକୁ ମିଳିଥିଲା। ରୋଗୀମାନଙ୍କୁ ମାଗଣାରେ ଦିଆଯିବା ପରିବର୍ତ୍ତେ ସେଗୁଡ଼ିକୁ ରାସ୍ତା ପାର୍ଶ୍ୱ ଫିଙ୍ଗାଯିବା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଔଷଧ ଓ ସିରପ୍‌ରେ 'ଓଡ଼ିଶା ସରକାରଙ୍କ ଯୋଗାଣ, ବିକ୍ରୟ ପାଇଁ ନୁହେଁ' ବୋଲି ଲେଖାଥିବା ଦେଖିବାକୁ ମିଳିଛି। ଔଷଧର ଏକ୍ସପାଏରୀ ଡେଟ୍ ୨୦୨୬ ସେପ୍ଟେମ୍ବର ରହିଛି। ଅବଧି ସରିବାକୁ ଆହୁରି ୯ ମାସରୁ ଅଧିକ ସମୟ ବାକି ଥିବା ବେଳେ କାହିଁକି ଔଷଧ ଫିଙ୍ଗି ଦିଆଗଲା ଏବଂ କେଉଁଠୁ ଏହି ଔଷଧ ଆସିଲା ସେନେଇ ସବୁଠି ଚର୍ଚ୍ଚା ହେଉଛି। ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହୋଇ ରୋଗୀଙ୍କୁ ସରକାରୀ ମେଡିକାଲରେ ମାଗଣା ଔଷଧ ଠିକ୍ ଭାବେ ମିଳୁ ନ ଥିବା ବେଳେ ନିରାଶ ହୋଇ ବାହାରୁ ଔଷଧ କିଣାଯାଉଥିବା ଦେଖିବାକୁ ମିଳୁଛି। ଅଭିଯୋଗ ପାଇ ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ରାମଚନ୍ଦ୍ର କିସ୍କୁ, ବିପିଏମ୍ ସଞ୍ଜୟ ପାତ୍ରଙ୍କ ସମେତ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଏ ସମ୍ପର୍କରେ ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରାଙ୍କୁ ପଚରାଯିବାରୁ ଘଟଣା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ ପାଇଁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି। ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତା ପାର୍ଶ୍ୱରେ ଔଷଧ ଫିଙ୍ଗାଯିବା ଘଟଣାରେ ଯେଉଁ ଅଧିକାରୀ କିମ୍ବା କର୍ମଚାରୀଙ୍କ ସମ୍ପୃକ୍ତି ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଔଷଧ।



ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି।

# ବସ୍ ଧକ୍କାରେ ବାଇକ୍‌ରେ ଯାଉଥିବା ୨ ଛାତ୍ରଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ଏନ୍‌ଏଚ୍‌ରେ ରାସ୍ତାରୋକୋ

ରାୟଗଡ଼ା,୧୧।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ପାଲୁପାଇ ଗ୍ରାମ ନିକଟରେ ଗୁରୁବାର ସକାଳେ ଜାତୀୟ ରାଜପଥ -୩୨୬ରେ ଏକ ଘରୋଇ ବସ୍ କାମଧେନୁ (ନଂ ଓଆର୦୭ଏକ୍ସ୯୬୧୭) ସହ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୨ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବେନ୍ଦ୍ର ଶବର ଓ ବିଷ୍ଣୁ ଶବର। ଉଭୟ କୋଲନରା ବ୍ଲକ୍ ବାଡ଼ିସୋଲା କଲେଜ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ବୋଲି ଜଣାପଡ଼ିଛି। ଗୁଡ଼ାରି ସୌରା ସାହିର ଦେବେନ୍ଦ୍ର ଓ ପେଣ୍ଡିଲି ପଞ୍ଚାୟତ ବଡ଼ଗୁଡା ଗ୍ରାମର ବିଷ୍ଣୁ ଗୁରୁବାର ସକାଳୁ ବାଇକ୍ ଯୋଗେ କଲେଜକୁ ପରୀକ୍ଷା ଦେବାକୁ ଯିବା ସମୟରେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ। ଉଭୟଙ୍କୁ ଉଦ୍ଧାରକରି ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ୨ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରିବା ସହ ଅପରାହ୍ନ ୪ଟାରେ ଦୁର୍ଘଟଣାସ୍ଥଳ ପାଲୁପାଇରେ ରାସ୍ତାରୋକୋ କରିଥିଲେ। ରାସ୍ତା ଅବରୋଧ ଯୋଗୁ ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ପ୍ରଭାବିତ ହୋଇଥିଲା। ଘଟଣାସ୍ଥଳରେ ରାମନାଗୁଡା ବିଡିଓ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତ ୨ ଛାତ୍ରଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ରାମନାଗୁଡ଼ା ଆଇଆଇସି ସୁନୀତା ବେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ରାୟଗଡ଼ା ଜିଲାରେ ଗତ ନଭେମ୍ବର ସୁଦ୍ଧା ୧୩୩ ଜଣ ପୃଥକ୍ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।





ମୃତ ଛାତ୍ର ଦେବେନ୍ଦ୍ର ଶବର ଓ ବିଷ୍ଣୁ ଶବର

# ଡିସେମ୍ବର ୧୭ରେ ଓଟିଇଟି: ଅନ୍‌ଲାଇନରେ ମିଳିଲା ଆଡ୍‌ମିଟ୍ କାର୍ଡ

କଟକ,୧୧।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ୨୦୨୫ ଆସନ୍ତା ଡିସେମ୍ବର ୧୭ରେ ଅନୁଷ୍ଠିତ ହେବ। ଉକ୍ତ ଦିନ ୨ଟି ପର୍ଯ୍ୟାୟରେ ପରୀକ୍ଷା ହେବ। ସକାଳ ୯ଟାରୁ ୧୧.୩୦ ଯାଏ ପେପର-୧ ପରୀକ୍ଷା ଓ ଅପରାହ୍ନ ୨ଟାରୁ ୪.୩୦ ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। ଏଥିନିମନ୍ତେ ଆଡ୍‌ମିଟ୍ କାର୍ଡ ଡିସେମ୍ବର ୧୦ ତାରିଖରୁ ଅନ୍‌ଲାଇନେରେ ଉପଲବ୍ଧ ହୋଇଛି। ବୋର୍ଡ ୱେବସାଇଟ www.bseodisha.ac.inରେ ଆବଶ୍ୟକ ତଥ୍ୟ ପ୍ରଦାନ କରି ପରୀକ୍ଷାର୍ଥୀମାନେ ନିଜ ଆଡ୍‌ମିଟ୍ କାର୍ଡ ଡାଉନଲୋଡ କରିପାରିବେ।

# ଓଡ଼ିଆ ନବବର୍ଷରେ ଖୋଲିବ ସିଏଜି କାର୍ଯ୍ୟାଳୟର ପୂର୍ବାଞ୍ଚଳ ଶାଖା

ଭୁବନେଶ୍ୱର,୧୧।୧୨ (ରବିନାରାୟଣ ଜେନା)

ଓଡ଼ିଆ ନବବର୍ଷ ଅବସରରେ ଏପ୍ରିଲ ୧୫ରେ ଭାରତର ନିୟନ୍ତ୍ରକ ତଥା ମହା ଲେଖା ପରୀକ୍ଷକ(ସିଏଜି)ର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ଖୋଲିବ। ଏସଂକ୍ରାନ୍ତରେ ସିଏଜିଙ୍କ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ପିଆର. ନିର୍ଦ୍ଦେଶକ ସ୍ୱାତୀ ପାଣ୍ଡେ ଦର୍ଶାଇଛନ୍ତି, ଆସନ୍ତା ୨୦୨୬ ଏପ୍ରିଲ ୧୫ରେ ଭୁବନେଶ୍ୱରରେ ଏହି ଶାଖା ଖୋଲିବାକୁ ସିଏଜିଙ୍କ ଅନୁମୋଦନ ରହିଛି; ଯାହା ପୂର୍ବ ଭାରତରେ ତଦାରଖ ବିକେନ୍ଦ୍ରୀକରଣ ଏବଂ ଅଡିଟ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭୂମିକା ଗ୍ରହଣ କରିବ।

ସୂଚନା ଅନୁଯାୟୀ, ପୂର୍ବାଞ୍ଚଳ ମୁଖ୍ୟାଳୟ ଜଣେ ଉପନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଡେପୁଟି ସିଏଜି)/ଅତିରିକ୍ତ ଉପ ନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଅତିରିକ୍ତ ଡେପୁଟି ସିଏଜି) (ପୂର୍ବାଞ୍ଚଳ) ଅଧୀନରେ ଏହା କାର୍ଯ୍ୟ କରିବ। ବର୍ତ୍ତମାନ ଦିଲ୍ଲୀ ସିଏଜି ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ପୂର୍ବାଞ୍ଚଳ ଶାଖାର ସମସ୍ତ କାର୍ଯ୍ୟ ଭୁବନେଶ୍ୱର ପୂର୍ବାଞ୍ଚଳ ଶାଖାରେ ସମ୍ପାଦିତ ହେବ। ନୂତନ ମୁଖ୍ୟାଳୟ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଅଡିଟ କାର୍ଯ୍ୟାଳୟଗୁଡ଼ିକୁ ତଦାରଖ କରିବ; ଯାହା ୪ଟି ରାଜ୍ୟରେ ଅଡିଟ୍ କାର୍ଯ୍ୟକଳାପର ଅଧିକ ସମନ୍ୱୟ ଏବଂ ଉତ୍ତମ ତଦାରଖ କରିବାକୁ ସକ୍ଷମ କରିବ। ଏହି ପଦକ୍ଷେପକୁ ଦାୟିତ୍ୱ ବୃଦ୍ଧି ଏବଂ ସାର୍ବଜନୀନ ଆର୍ଥିକ ପରିଚାଳନାର ଗୁଣବତ୍ତା ଉନ୍ନତ କରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇପାରିବ ବୋଲି ପିଏଜିଙ୍କ ପକ୍ଷରୁ କୁହାଯାଇଛି।

# ଭାଜପାରେ ମିଶିଲେ ବାସୁଦେବପୁରର ବହୁ ବିଜେଡି ନେତା

ଭୁବନେଶ୍ୱର, ୧୧।୧୨(ସୁନିତ୍ ମିଶ୍ର)

ଦେଖିବାକୁ ଗଲେ ପ୍ରାୟ ପ୍ରତ୍ୟେକ ଦିନ ଭଦ୍ରକ ଜିଲାରୁ ବହୁ ବିଜେଡି ନେତା ଦଳ ଛାଡ଼ି ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ଏହାକୁ ନେଇ ଭଦ୍ରକ ଜିଲାରେ ମିଶନ ଲୋଟସ୍ ଆରମ୍ଭ ହୋଇଯାଇଥିବା ଚର୍ଚ୍ଚା ହେବାରେ ଲାଗିଛି। ଭାଜପା ରାଜ୍ୟରେ ଶାସନକୁଆସିବାର ୧୮ ମାସ ଭିତରେ ବିଭିନ୍ନ ଅଞ୍ଚଳର ବିଜେଡି ଓ କଂଗ୍ରେସ ନେତାମାନେ ଆସି ସରକାରୀ ଦଳରେ ସାମିଲ ହେବା ଦ୍ୱାରା ତୃଣମୂଳସ୍ତରରେ ବିରୋଧୀ ଦୁର୍ବଳ ହେଉଥିବା କୁହାଯାଉଛି। ଏହି କ୍ରମରେ ଗୁରୁବାର ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀର ଜଗନ୍ନାଥପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ଜିଲା ସାଧାରଣ ସମ୍ପାଦକ ଭାଗୀରଥି ବଳ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଗୀରଥିଙ୍କ ସମେତ ସେହି ବିଧାନସଭା କ୍ଷେତ୍ରର ଗୋବିନ୍ଦପୁର ପଞ୍ଚାୟତର ସମିତିସଭ୍ୟ ଅର୍ଚ୍ଚନା ଜେନା, ଅସିତ ନାୟକ, ପୂର୍ବତନ ସରପଞ୍ଚ ପୀତବାସ ଖିଲାର, ଆନ୍ଦୋଳା ପଞ୍ଚାୟତର ସରପଞ୍ଚ କାମଦେବ ମଲିକ, ସମିତିସଭ୍ୟ ଶାନ୍ତିବାଳା ନାୟକ, ରଶ୍ମିରଞ୍ଜନ ନାୟକ, ନାଏବ ସରପଞ୍ଚ ସୁଶାନ୍ତ ପରିଡ଼ା, ଜଗନ୍ନାଥପ୍ରସାଦ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ହରେକୃଷ୍ଣ ଦତ୍ତ ପ୍ରମୁଖ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ଯତୀନ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ଭଦ୍ରକ ଜିଲା ସଭାପତି ଭଗବାନ ପଣ୍ଡା, ବାସୁଦେବପୁର ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି ଓ ବାସୁଦେବପୁରର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମନମୋହନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଭାଜପା ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଦେଶର ୨୧ ରାଜ୍ୟରେ ଭାଜପା ଏବଂ ଏନ୍‌ଡିଏର ସରକାର ଅଛି। ଓଡ଼ିଶାବାସୀଙ୍କ ସହଯୋଗରେ ରାଜ୍ୟରେ ଭାଜପା ସରକାରକୁ ୧୭ ମାସ ପୂରଣ କରିଛି। ଓଡ଼ିଶାରେ ଏକାକୀ ସରକାର ଗଠନ କରିବା ଦିନରୁ ସଂକଳ୍ପପତ୍ରରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଅଧିକାଂଶ ଭାଜପା ପୂରଣ କରିସାରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଭାଗୀରଥି କହିଛନ୍ତି, ବାସୁଦେବପୁରର ସ୍ୱାର୍ଥ ଏବଂ ବିକାଶ ପାଇଁ ଭାଜପାରେ ସାମିଲ ହେଲୁ।



# ଡି କକ୍‌ଙ୍କ ବିସ୍ଫୋରକ ବ୍ୟାଟିଂ



ଶଟ୍ ଖେଳୁଛନ୍ତି କ୍ୱିଣ୍ଟନ ଡି କକ୍।

**ମୁଲାନପୁର,୧୧।୧୨**

ଭାରତ ଓ ଦକ୍ଷିଣ ଆଫ୍ରିକା ଗୁରୁବାର ଟି୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦ. ଆଫ୍ରିକା କ୍ୱିଣ୍ଟନ ଡି କକ୍‌ଙ୍କ ବିସ୍ଫୋରକ ୯୦ ରନର ଇନିଂସ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୩ ରନ କରିଛି। ଜବାବରେ ଭାରତ ୬ ଓଭର ଶେଷ ସୁଦ୍ଧା ୩ ଉଇକେଟ କ୍ଷତିରେ ୫୧ ରନ

## ଦ୍ୱିତୀୟ ଟି୨୦

କରିଛି। ମୁଲାନପୁର ଭେନ୍ୟୁ ପାଇଁ ଏହା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇଥିବା ବେଳେ ଭାରତୀୟ ପେସର ଅର୍ଶଦୀପ ସିଂଙ୍କ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ମ୍ୟାଚ୍‌ର ୧୧ତମ ଓଭରରେ ୭ ୱାଇଡ ସହ ମୋଟ ୧୩ ବଲ ପକାଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଆରମ୍ଭରୁ ରିଜା ହେଣ୍ଡ୍ରିକ୍ସ(୮)ଙ୍କ ଉଇକେଟ ହରାଇଥିଲା। ହେଣ୍ଡ୍ରିକ୍ସଙ୍କୁ ବରୁଣ ଚକ୍ରବର୍ତ୍ତୀ କ୍ଲିନ ବୋଲ୍ଡ କରିଥିଲେ। ହେଲେ ସିନିୟର ଓପନର ଡି କକ୍ ଓ ଅଧିନାୟକ ଏଡେନ ମାରକ୍ରମ ଦ୍ୱିତୀୟ ଉଇକେଟରେ ଆଟାକିଂ ବ୍ୟାଟିଂ କରି ପ୍ରାୟ ୭ ଓଭରରେ ୮୩ ରନ ଯୋଡ଼ିଥିଲେ। କ୍ରିଜରେ ସେଟ୍ ହୋଇସାରିଥିବା ମାରକ୍ରମ ୧ ଚୌକା ଓ ୨ ଛକା ସହିତ ବରୁଣଙ୍କ ବଲରେ ଅକ୍ଷର ପଟେଲଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଶତକ ଆଡ଼େ ଅଗ୍ରସର ହେଉଥିବା ଡି କକ୍ ମଧ୍ୟ ବରୁଣଙ୍କ ବଲରେ ଉଇକେଟକିପର ଜିତେଶ ଶର୍ମାଙ୍କ ଦ୍ୱାରା ରନ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୪୬ ବଲରେ ୯୦ ରନ କରିଥିଲେ। ତାଙ୍କ ଇନିଂସରେ ୫ ଚୌକା ଓ ୭ ଛକା ସାମିଲ ଥିଲା। ତାଙ୍କ ପରେ ଡେୱାଲ୍ଡ ବ୍ରେଭିସ ୧ ଲେଖାଏ ଚୌକା ଓ ଛକା ସହିତ ୧୪ ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଡେଭିଡ୍ ମିଲର ୨୦ (୨ ଚୌକା ଓ ୧ ଛକା) ଓ ଡୋନୋଭାନ ଫେରେଇରା ୩୦(୧ ଚୌକା ଓ ୩ ଛକା)ରନ କରି ଅପରାଜିତ ରହିଥିଲେ। ଫଳରେ ଦ. ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୩ ରନ କରିଛି। ଭାରତ ପକ୍ଷରୁ ବରୁଣ ୨ଟି ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୨୧୩/୪ (କ୍ୱିଣ୍ଟନ ଡି କକ୍-୯୦, ଡୋନୋଭାନ ପେରେଇରା-୩୦*, ଏଡେନ ମାରକ୍ରମ-୨୯, ଡେଭିଡ୍ ମିଲର-୨୦*, ବରୁଣ ଚକ୍ରବର୍ତ୍ତୀ-୨/୨୯, ଅକ୍ଷର ପଟେଲ-୩/୨୭)।




# ପାକିସ୍ତାନରେ ଫୁଟବଲ ମ୍ୟାଚ୍ ପରେ ଖେଳାଳିଙ୍କ ମଧ୍ୟରେ ଗଣ୍ଡଗୋଳ

**କରାଚୀ,୧୧।୧୨(ପି.ଟି.)**

ପାକିସ୍ତାନ ଆର୍ମି ଓ ୱାପଡା ଦଳ ମଧ୍ୟରେ ଖେଳାଯାଇଥିବା ନ୍ୟାଶନାଲ ଗେମ୍ସ ଫୁଟବଲ ସେମିଫାଇନାଲ ପରେ ଦୁଇ ଦଳର ଖେଳାଳି ଓ ଅଫିସିଆଲ୍ସ ପରସ୍ପରକୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ଅନେକ ଖେଳାଳି ଓ ଅଫିସିଆଲ୍ସ ଆହତ ହୋଇଛନ୍ତି। ମ୍ୟାଚ୍‌ର ସିଧାପ୍ରସାରଣ କରାଯାଉଥିବାରୁ ଖେଳାଳିଙ୍କ ମଧ୍ୟରେ ମାରପିଟ୍ ଘଟଣାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପାକିସ୍ତାନ ଫୁଟବଲ ଫେଡେରେଶନ ଓ ଦେଶର ଅଲିମ୍ପିକ୍ କମିଟି ପକ୍ଷରୁ ଏହି ଦୁର୍ଭାଗ୍ୟଜନକ ଘଟଣାର ତଦନ୍ତ କରାଯାଉଛି।

ଗୋଟିଏ ଗୋଲ ବ୍ୟବଧାନରେ ମ୍ୟାଚ୍ ଜିତିବା ପରେ ଆର୍ମୀ ଦଳର କିଛି ଖେଳାଳି ୱାପଡା ଦଳର ଡଗଆଉଟ୍ ସମ୍ମୁଖରେ ବିଜୟ ଉତ୍ସବ ପାଳନ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ୱାପଡା ଦଳର ଖେଳାଳିମାନେ ପ୍ରତିପକ୍ଷ ଦଳର ସଦସ୍ୟଙ୍କୁ ଆକ୍ରମଣ କରିଥିଲେ। ପରେ ଏଥିରେ ଅଫିସିଆଲ୍ସ ସାମିଲ ହୋଇଥିଲେ। ଏକ ଭିଡିଓରେ ଦେଖିବାକୁ ମିଳିଥିଲା ଯେ, ୱାପଡା ଦଳର କିଛି ଖେଳାଳି ମ୍ୟାଚ୍ ରେଫରିଙ୍କୁ ଗୋଡ଼େଇ ଗୋଡ଼େଇ ଡ୍ରେସିଂ ରୁମ୍ ପର୍ଯ୍ୟନ୍ତ ଯାଇଥିଲେ। ଏକ ରିପୋର୍ଟ ମୁତାବକ, ମ୍ୟାଚ୍ ରେଫରିଙ୍କୁ ମାଡ଼ ମରାଯାଇଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, December 12/2025 | Page 16 | ₹ 7.00 | BALASORE
୫୨ଶ ଭାଗ ୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 19 | ମୂଲ୍ୟ ₹୭/-

## ୫ ବର୍ଷରେ ସବୁ ଖାଲି ପଦବୀ ପୂରଣ ହେବ: ମୁଖ୍ୟମନ୍ତ୍ରୀ

ଗତ ୧୮ ମାସ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ଦିଆଗଲାଣି। ଆଗାମୀ ୬ ମାସ ମଧ୍ୟରେ ଆଉ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛି। ପାଞ୍ଚ ବର୍ଷରେ ଖାଲିଥିବା ସମସ୍ତ ଦେଢ଼ ଲକ୍ଷ ପଦ ପୂରଣ କରିବା ସହ ଦୁଇ ବର୍ଷ ଭିତରେ ୬୫ ହଜାର ସରକାରୀ ପଦବୀ ପୂରଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତି ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଗୁରୁବାର ଆୟୋଜିତ ତ୍ରୟୋଦଶ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ୩ଟି ବିଭାଗର ୫୯୧ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରୁ କିପରି ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ଏବଂ ରାଜ୍ୟବାସୀ ସୁଶାସନ ପାଇବେ ସେନେଇ ଗୁରୁତ୍ୱାରୋପ କରିଛନ୍ତି। ନବନିଯୁକ୍ତମାନଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ ଚାକିରିକୁ ସବୁବେଳେ ଜନସେବା ଭାବେ ମନେକରନ୍ତୁ। ସରକାରୀ ଚାକିରି ମିଳିଯିବା ପରେ କେବେହେଲେ କାର୍ଯ୍ୟରେ ଅବହେଳା କରନ୍ତୁ ନାହିଁ ଏବଂ ଦୁର୍ନୀତିଠାରୁ ଲକ୍ଷେ କୋଶ ଦୂରରେ ରୁହନ୍ତୁ ବୋଲି ସେ କହିଛନ୍ତି। କାର୍ଯକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ଜଳସେଚନ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।




ଜଣେ ଚୟନାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ।

ଭୁବନେଶ୍ୱର,୧୧।୧୨
(ରବିନାରାୟଣ ଜେନା)

### ■ ୧୮ ମାସରେ ୩୭,୯୧୬ ଜଣଙ୍କୁ ନିଯୁକ୍ତି
### ■ ବିଭିନ୍ନ ଜଳସେଚନ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

ବିକଶିତ ଗାଁ ଓ ବିକଶିତ ଓଡ଼ିଶା ମାଧ୍ୟମରେ ପ୍ରଚଳିତ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ପୌର ସଂସ୍ଥାରେ ସୁସଂଗଠିତ ଯୋଜନା, ସୁଚିନ୍ତିତ ବିକାଶ ଓ ପ୍ରଶାସନିକ କାର୍ଯ୍ୟକଳାପରେ ଯୋଜନା ସହାୟକମାନଙ୍କର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆଗାମୀ ଦିନରେ ଓଡ଼ିଶାରେ ଭିତ୍ତିଭୂମି ନିର୍ମାଣରେ ଏକ ପ୍ରକାର ଆନ୍ଦୋଳନ ହେବାକୁ ଯାଉଛି, କାରଣ ଓଡ଼ିଶାରେ ଆଶାତୀତ ଭାବେ ପୁଞ୍ଜି ବିନିଯୋଗ ପାଇଁ ବଜେଟରେ ପ୍ରାବଧାନ କରାଯାଇଛି। ପୁଞ୍ଜି ବିନିଯୋଗ କ୍ଷେତ୍ରରେ ରାଜ୍ୟ ଜିଡିପି ଅନୁପାତରେ ଓଡ଼ିଶା ଦେଶର ସବୁଠାରୁ ଅଧିକ ଖର୍ଚ୍ଚ କରୁଥିବା ରାଜ୍ୟ। ଏହା ୬.୧ ପ୍ରତିଶତରୁ ଅଧିକ ଏବଂ ସାମଗ୍ରିକ ବଜେଟର ପ୍ରାୟ ୨୨ ପ୍ରତିଶତ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭିତ୍ତିଭୂମି ନିର୍ମାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରି କୃଷକ ମାନଙ୍କର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ଆମର ଲକ୍ଷ୍ୟ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା-୩.୦' ମଧ୍ୟ ଲୋକାର୍ପିତ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୪୮ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିପାରିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ୨୨ଟି ଜିଲାରେ ୧୦୧ଟି ଚେକ୍‌ଡ୍ୟାମ୍ ଲୋକାର୍ପିତ କରାଯାଇଥିଲା। ଏଥିପାଇଁ ୭୦ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାଦ୍ୱାରା ୨୪୧୬ ହେକ୍ଟର ଜମିରେ ଜଳସେଚନ ☞ପୃଷ୍ଠା-୪

## ୧୧ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କଲା ଏନ୍‌ଆଇଏ



### ବାଙ୍କୋ ପଥର ଖଣିରୁ ୪ ହଜାର କିଲୋ ବିସ୍ଫୋରକ ଲୁଟ୍ ମାମଲା

ଭୁବନେଶ୍ୱର,୧୧।୧୨
(ତ୍ରିନାଥ ମହାନ୍ତି)

ରାଉରକେଲା ବାଙ୍କୋ ପଥର ଖଣିରୁ ୪ ହଜାର କିଲୋ ବିସ୍ଫୋରକ ଲୁଟ୍ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ଭୁବନେଶ୍ୱର ସ୍ପେଶାଲ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଲୁଟ୍ ଘଟଣାରେ ସମ୍ପୃକ୍ତ ୧୧ ମାଓବାଦୀଙ୍କ ବିରୋଧରେ ଏନ୍‌ଆଇଏ ଏକ ହଜାର ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଛି। ୧୧ ଅଭିଯୁକ୍ତ ହେଲେ ଜର୍ଜା ମୁଣ୍ଡା ଓରଫ କୁଲୁ ମୁଣ୍ଡା, ଅନ୍‌ମୋଲ ଓରଫ ସୁଶାନ୍ତ ଓରଫ ଲାଲ୍‌ଚନ୍ଦ ହେମ୍ବ୍ରମ, ରମେଶ ଓରଫ ପ୍ରୀତମ ମିଞ୍ଜ୍ ଓରଫ ଅନଲ ଦା, ପିଣ୍ଟୁ ଲୋହରା ଓରଫ ଟିଗର, ଲାଲ୍‌ଜିତ ଓରଫ ଲାଲୁ, ଶିବ ବୋଦ୍ରା ଓରଫ ଶିବୁ, ଅମିତ ଓରଫ ସୁଖଲାଲ ମୁଣ୍ଡା, ରବି ଓରଫ ବୀରେନ ସିଂହ, ରାଜେଶ ଓରଫ ମାନ୍‌ସିଦ, ସୋହନ ଓରଫ ରଙ୍ଗା ପୁନେମ୍ ଏବଂ ଅପ୍ତନ ଓରଫ ଚନ୍ଦ୍ରମୋହନ ହାଁସଦା। ଏହି ୧୧ ଜଣଙ୍କ ବିରୋଧରେ ୟୁଏପିଏ ଆକ୍ଟ, ବିଏନ୍‌ଏସ୍, ଆର୍ମସ୍ ଆକ୍ଟର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ମାଓବାଦୀମାନେ ଆପରାଧିକ ଷଡ଼ଯନ୍ତ୍ର, ପ୍ରସ୍ତୁତି ଓ ହିଂସା ଘଟାଇବା ମାମଲାରେ ଜଡ଼ିତ ଥିବା ତଦନ୍ତବେଳେ ଏନ୍‌ଆଇଏ ପ୍ରମାଣ ପାଇଥିଲା। ସେମାନେ ଲୋକଙ୍କୁ ହତ୍ୟା କରିବା ଏବଂ ଭୟ ଦେଖାଇ ଦାଦାବଟି ☞ପୃଷ୍ଠା-୪



# ଔଷଧ ଦୋକାନରେ ମଦ ବିକ୍ରି

## ଯାଞ୍ଚ ବେଳେ ବିଦେଶୀ ମଦ, ଏକ୍ସପାଏରି ଔଷଧ ଜବତ

ଭଦ୍ରକ,୧୧।୧୨(ସନାତନ ରାଉତ)

ଔଷଧ ଦୋକାନରେ ମଦ ବିକ୍ରି ହେଉଥିବା କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ଏଭଳି ଏକ ଘଟଣା ଭଦ୍ରକ ସହରରେ ଦେଖିବାକୁ ମିଳିଛି। ସହରର ବାଇପାସ୍‌ସ୍ଥିତ ଏକ ଔଷଧ ଦୋକାନରେ ଡ୍ରଗ୍ସ ବିଭାଗ ଓ ପୋଲିସ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଔଷଧ ଲାଇସେନ୍ସ ଯାଞ୍ଚ ବେଳେ ବିଦେଶୀ ମଦ ସହ ଏକ୍ସପାଏରି ଔଷଧ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଭଦ୍ରକର ଡ୍ରଗ୍ସ ଇନ୍ସପେକ୍ଟର ଦୀପକ ଜେନା ବିଭିନ୍ନ ଔଷଧ ଦୋକାନର ଲାଇସେନ୍ସ ନେଇ ଡାଟାବେସ୍ ଚେକ୍ କରିଥିଲେ। ଏଠାରେ ଥିବା ଶ୍ରୀଗଣେଶ ଔଷଧ ଦୋକାନର ଲାଇସେନ୍ସ ଅବଧି ୩ ବର୍ଷ ତଳୁ ସରିଯାଇଥିବା ଜଣାପଡ଼ିଥିଲା। ଗୁରୁବାର ଟାଉନ ପୋଲିସ ସହାୟତାରେ ଡ୍ରଗ୍ସ ବିଭାଗ ଚଢ଼ାଉ ବେଳେ ଶ୍ରୀଗଣେଶ ଔଷଧ ଦୋକାନରୁ ଓଲ୍ଡ ମଙ୍କ୍ ରମ୍, ବାକାର୍ଡି ଲେମନ ଆଦି ଲେବୁଲର ୧୬ଟି ବୋତଲରେ ପ୍ରାୟ ୧୨ ଲିଟର ମଦ ମିଳିଥିଲା। ଏହାସହ ଦୋକାନରୁ ଏକ୍ସପାଏରି ହୋଇଯାଇଥିବା ଔଷଧ ମଧ ବାହାରିଥିଲା। ମଦ ଓ ଏକ୍ସପାଏରି ଔଷଧକୁ ଜବତ କରାଯିବା ସହ ଦୋକାନୀଙ୍କୁ ଥାନାକୁ ନେଇ ପଚରାଉଚରା ଚାଲିଛି। ଏନେଇ ଥାନାରେ ଏକ ମାମଲା (ନଂ. ୭୦୭/୨୫) ରୁଜୁ କରାଯାଇଛି। ଦୋକାନର ସମସ୍ତ କାଗଜପତ୍ର ଯାଞ୍ଚ କରାଯାଉଛି। ସମସ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡ୍ରଗ୍ସ ଇନ୍ସପେକ୍ଟର ଜେନା କହିଛନ୍ତି। ଏନେଇ ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି, ଔଷଧ ଦୋକାନରେ ମଦ ବିକ୍ରି ହେଉଥିବାର ପୂର୍ବରୁ ଅଭିଯୋଗ ହୋଇଥିଲା। ସେଥିପାଇଁ ଡ୍ରଗ୍ସ ବିଭାଗ ସହ ମିଳିତ ଭାବେ ଚଢ଼ାଉ କରାଯାଇଛି। ଉକ୍ତ ଦୋକାନ ମାଲିକଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି। ଆଗକୁ ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି। ତେବେ ଗତ ୩ବର୍ଷ ଧରି ବିନା ଲାଇସେନ୍ସରେ ଭଦ୍ରକ ସହରରେ ଏପରି ଦୋକାନ କେମିତି ଚାଲିଥିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହାବ୍ୟତୀତ ଔଷଧ ଦୋକାନରୁ ଏତେ ପରିମାଣର ମଦ ମିଳିବା ଅବକାରୀ ବିଭାଗ ଓ ପୋଲିସର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଔଷଧ ଦୋକାନରୁ ଜବତ ହୋଇଥିବା ମଦ ବୋତଲ।

# ଜାଲ୍ ରସିଦରେ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ

■ଓଏସଆରଟିସି ବସ୍ ଅର୍ଥ ଆତ୍ମସାତ
■ଚମ୍ପଟ ମାରିଲେ ସୁପରଭାଇଜର

ବାରିପଦା,୧୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଅଧୀନରେ ମୟୂରଭଞ୍ଜ ଜିଲାରେ ଚାଲୁଥିବା ମୋ ବସ୍ ଅର୍ଥ ଆତ୍ମସାତ ଘଟଣା ପଦାକୁ ଆସିଛି। ନକଲି ବ୍ୟାଙ୍କ ରସିଦ ମାଧ୍ୟମରେ ଟଙ୍କା ଜମା ଦର୍ଶାଇ ୧୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଛି। ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅସାଧୁ ଉପାୟ ଅବଲମ୍ବନ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଅବହେଳାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। କେବଳ କାରଣ ଦର୍ଶାଅ ନୋଟିସ ଜାରିକରି ବିଭାଗ ଚୁପ୍ ବସିଥିବାରୁ ଦୋଷୀଙ୍କୁ ଖସାଇଦେବାକୁ ପ୍ରୟାସ ଚାଲିଥିବା ଜିଲାବାସୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଓଏସ୍‌ଆର୍‌ଟିସି ପକ୍ଷରୁ ରାଜ୍ୟରେ ମୋ ବସ୍ ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲାର ୨୬ଟି ବ୍ଲକ୍‌ରେ ୧୦୩ଟି ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରୁଛି। ପରିଚାଳନା ପାଇଁ ଜିଲାରେ ୨୭ଜଣ ସୁପରଭାଇଜର, ଦୁଇ ଜଣ ସହକାରୀ ମ୍ୟାନେଜର ଓ ଜଣେ ଜିଲା ମ୍ୟାନେଜରଙ୍କ ସମେତ ହିସାବ ରକ୍ଷକ ନିୟୋଜିତ ହୋଇଛନ୍ତି। ବିଶୋଇ ବ୍ଲକ୍‌ର ସୁପରଭାଇଜର ଭାବେ ଲଳିତ ବାରିକ ନିଯୁକ୍ତ ରହି ୩ଟି ବସ୍‌ର ଯାତ୍ରୀଙ୍କଠାରୁ ଆଦାୟ ହେଉଥିବା ଅର୍ଥକୁ କଣ୍ଡକ୍ଟରଙ୍କଠାରୁ ସଂଗ୍ରହ କରିଥାନ୍ତି। ଏହି ଅର୍ଥକୁ ସେ ସ୍ଥାନୀୟ ବ୍ୟାଙ୍କରେ ଜମା ଦେଇ ଏହାର ରସିଦ ଅତିରିକ୍ତ ମ୍ୟାନେଜରଙ୍କ ନିକଟକୁ ପଠାଇଥାନ୍ତି। ତେବେ ସୁପରଭାଇଜର ଜଣକ ଚଞ୍ଚକତା ପୂର୍ବକ ବିଶୋଇସ୍ଥିତ ବ୍ୟାଙ୍କରେ ଜମା ନ ରଖି ୯୦କି.ମି. ଦୂର ବଡ଼ସାହି ବ୍ଲକ୍ ଅଧୀନ ପ୍ରତାପପୁରସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଜମା କରିଥିବା ରସିଦ ପ୍ରଦାନ କରିଛନ୍ତି। ସେ ଅଧିକାଂଶ ସମୟରେ ବିଭାଗୀୟ କାର୍ଯ୍ୟାଳୟକୁ ନ ଆସିବା, ଡ୍ୟୁଟିରେ ଯୋଗ ନ ଦେବା ଓ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ନେଇ ଓଏସଆରଟିସି ବିଭାଗ ପକ୍ଷରୁ ଚିଠି ନଂ.୬୮୭/୨୬।୧୧।୨୦୨୫ରେ ନୋଟିସ ଜାରି କରାଯାଇଥିଲା। ୪୮ ଘଣ୍ଟା ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ତାହାକୁ ସେ ବେଖାତିର କରିଥିଲେ। ୧୮ମାସ ଧରି ଯାତ୍ରୀଙ୍କଠାରୁ ଆଦାୟ ଅର୍ଥ ସେ ବ୍ୟାଙ୍କରେ ଜମା କରି ନ ଥିବା ବିଭାଗୀୟ ତଦନ୍ତରୁ ଜଣାପଡ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯ଲକ୍ଷ ୪ହଜାର ୮୯୨ ଏବଂ ୨୦୨୫-୨୬ ବର୍ଷରେ ୮ଲକ୍ଷ ୨୫ହଜାର ୫୫୨ ଟଙ୍କା ମିଶାଇ ମୋଟ ୧୭ଲକ୍ଷ ୩୦ହଜାର ୪୪୦ଟଙ୍କା ଜାଲ ରସିଦ ଓ ନକଲି ବ୍ୟାଙ୍କ ଷ୍ଟାମ୍ପ ବ୍ୟବହାର କରି ଜମା ହୋଇଥିବା ନେଇ ଦର୍ଶାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଏ ସମ୍ପର୍କରେ ମୟୂରଭଞ୍ଜ ଓଏସ୍‌ଆର୍‌ଟିସି ଜିଲା ମ୍ୟାନେଜର ସତ୍ୟଜିତ ବିଷୋୟୀଙ୍କୁ ପଚାରିବାରୁ ଉକ୍ତ ସୁପରଭାଇଜରଙ୍କୁ ନୋଟିସ ଜାରି କରାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ସେ ଉତ୍ତର ନ ରଖିଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ମୁନା, ଶ୍ରୀକାନ୍ତଙ୍କ ସମେତ ୪ଜଣଙ୍କୁ ୨ଦିନିଆ ରିମାଣ୍ଡରେ ନେଲା ସିବିଆଇ

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

■ବିହାରରୁ ଗିରଫ ନୀତିଶଙ୍କ ସହ ହେବ ମୁହାଁମୁହିଁ ଜେରା
■ର୍‌ୟାକେଟ୍‌ରେ ଏକାଧିକ ଏସ୍‌ଏସ୍‌ବି ଯବାନଙ୍କ ସମ୍ପୃକ୍ତି ସନ୍ଦେହ
■ସିବିଆଇ ଆକ୍ଟିଭ୍‌କୁ ନେଇ ପାୱାର କରିଡରରେ ଭୟ
■ବିରଞ୍ଚିଙ୍କ ଘରେ ଚଢାଉବେଳେ ଦସ୍ତାବିଜ୍ ଜବତ

ଭୁବନେଶ୍ୱର,୧୧।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାକୁ ନେଇ ସିବିଆଇ ଜଣଙ୍କ ପରେ ଜଣେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ବୁଧବାର ବିହାରରୁ ଗିରଫ ନୀତିଶ କୁମାରଙ୍କୁ ୨ଦିନିଆ ରିମାଣ୍ଡରେ ନେଇ ସିବିଆଇ ପଚରାଉଚରା କରୁଥିବାବେଳେ ଗୁରୁବାର ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ ୨ଦିନିଆ ରିମାଣ୍ଡରେ ନେଇଛି। ରିମାଣ୍ଡରେ ନେଇ ସମସ୍ତ ଅଭିଯୁକ୍ତଙ୍କୁ ସିବିଆଇ ମୁହାଁମୁହିଁ ଜେରା କରିବାର ଯୋଜନା ରଖିଥିବା କୁହାଯାଉଛି। କୋର୍ଟରୁ ଅନୁମତି ଆଣିବା ପରେ ସିବିଆଇ ଅଧିକାରୀମାନେ ଝାରପଡ଼ା ଜେଲକୁ ଯାଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଥିଲେ। ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, କେତେଜଣ ବଡ଼ ଅଧିକାରୀ ଏହି ସ୍କାମ୍ ପଛରେ ଅଛନ୍ତି, ସେନେଇ ଜେରା ପରେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ସିବିଆଇ ଆଶା ରଖିଛି। ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି ଯେ, ଏହି ମାମଲାରେ ଏକାଧିକ ଯବାନଙ୍କ ଲିଙ୍କ୍ ରହିଛି। ସେମାନଙ୍କ ମାଧ୍ୟମରେ ପିଲା ଯୋଗାଡ଼ କରାଯାଉଥିଲା। ପିଲା ଯୋଗାଡ଼ କଲେ ସେମାନଙ୍କୁ ୩୦ପ୍ରତିଶତ ଅର୍ଥ ମିଳୁଥିଲା। ତେଣୁ ସିବିଆଇ ସ୍କାନରରେ ୧୦ରୁ ୧୫ ଜଣ ଯବାନ ରହିଛନ୍ତି। ଏବେ ସିବିଆଇ ଆଉ ଜଣେ ଯବାନଙ୍କ ଲିଙ୍କ୍ ରହିଥିବା ଜାଣିବା ପରେ ପଚରାଉଚରା କରି ସିବିଆଇ ଛାଡ଼ି ଦେଇଥିବା ସୂଚନା ମିଳିଛି। ତାଙ୍କ ବିରୋଧରେ ସିବିଆଇ ଅଧିକ ପ୍ରମାଣ ଯୋଗାଡ଼ରେ ଲାଗିଛି। ପୂର୍ବରୁ ଏହି ମାମଲାରେ ଏସ୍‌ଏସ୍‌ବି ଯବାନ ବିଶ୍ୱରଞ୍ଜନ ବେହେରା ଏବଂ ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ ଯବାନ ଅର୍ଜୁନ ନାଏକଙ୍କୁ ସିବିଆଇ ଗିରଫ କରିଛି। ବିଶ୍ୱରଞ୍ଜନଙ୍କ ଭଳି ଅର୍ଜୁନ ମଧ ଆଗରୁ ନବୀନ ନିବାସରେ ଡ୍ୟୁଟି କରୁଥିବା ସିବିଆଇ ଜାଣିବାକୁ ପାଇଛି। ତେଣୁ ଯବାନ ଏବଂ ମୁନା ସମେତ ଏକାଧିକ ବ୍ୟକ୍ତି ଗିରଫ ହେବା ପରେ ଏବେ ପାୱାର କରିଡରରେ ଭୟ ଖେଳିଯାଇଛି।

ଅନ୍ୟପଟରେ ସିବିଆଇ ବିରଞ୍ଚି କୁମାର ନାୟକଙ୍କ ବାଲେଶ୍ୱରରେ ଥିବା ଘରେ ଗୁରୁବାର ସକାଳେ ଚଢାଉ କରିଛି। ଚଢାଉରେ ଏକାଧିକ ଦସ୍ତାବିଜ୍ ଜବତ କରାଯାଇଛି। ୨ଦିନର ଜେରା ପରେ ଅର୍ଜୁନ ନାଏକଙ୍କ ସହ ନିମାଇଁ ଚରଣ ସାହୁଙ୍କୁ ଗିରଫ କରାଯାଇଛି। ଏହି ଦୁଇ ଜଣ ପୂର୍ବରୁ ଗିରଫ ହୋଇଥିବା ବିରଞ୍ଚିଙ୍କ ସହଯୋଗୀ ଥିଲେ। ତେବେ ଅର୍ଜୁନଙ୍କ ଗିରଫଦାରି ପରେ ପାୱାର କରିଡରରେ ରହି କେମିତି ସ୍କାମ୍ ହେଉଥିଲା ତାହା ସାମ୍ନାକୁ ଆସିଛି। ଶଙ୍କରଙ୍କ ସିଣ୍ଡିକେଟରେ ଅର୍ଜୁନ ଓ ବିଶ୍ୱରଞ୍ଜନଙ୍କ ଭଳି ପୋଲିସ କର୍ମଚାରୀ ମଧ ସାମିଲ ଥିବା ଆଲୋଚନା ହେଉଛି। ସେପଟେ ସିବିଆଇ କାର୍ଯ୍ୟାଳୟରେ ବିରଞ୍ଚିଙ୍କ ସହ ଏକାଧିକ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମୁହାଁମୁହିଁ ଜେରା କରାଯାଇଛି। ପୂରା ନେଟୱର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ଦଲାଲ ମୁନା ମହାନ୍ତିଙ୍କ ଚେର ବିହାର ଯାଏ ଲମ୍ବିଥିବା ପ୍ରମାଣ ମିଳିଛି। ଯେଉଁଥିପାଇଁ ସିବିଆଇର ଏକ ଟେକ୍ନିକାଲ ଟିମ୍ ବିହାରରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ଲାଗିପଡ଼ିଥିଲେ।

# ନାବାଳକଙ୍କ ହାତରେ ବନ୍ଧୁକ ବେପାର

■ଡିଲ୍ ବେଳେ ମାଡ଼ିବସିଲା ଏସ୍‌ଟିଏଫ୍
■ଜଣେ ନାବାଳକ ସହ ୨ ଧରାପଡ଼ିଲେ
■୬ ବନ୍ଧୁକ, ୭ ଗୁଳି ଜବତ



ଭୁବନେଶ୍ୱର,୧୧।୧୨(ତ୍ରିନାଥ ମହାନ୍ତି)

ବିହାର, ମୁଙ୍ଗେରରୁ ରାଜଧାନୀ ଭୁବନେଶ୍ୱର ଏବଂ ଗଞ୍ଜାମକୁ ଆସୁଛି ମାଲ ମାଲ ବନ୍ଧୁକ। ମାଷ୍ଟରମାଇଣ୍ଡ ବିହାରରେ ବସି ଓଡ଼ିଶାକୁ ବନ୍ଧୁକ ଚୋରା ଚାଲାଣ କରୁଛନ୍ତି। ପୋଲିସ ଆଖିରେ ଧୂଳି ଦେବା ପାଇଁ ସେମାନେ ନାବାଳକଙ୍କୁ ବନ୍ଧୁକ ଚାଲାଣର ଅସ୍ତ୍ର ଭାବେ ବାଛି ନେଇଛନ୍ତି। ଗୁରୁବାର ବଡ଼ଗଡ଼ ଥାନା ବାଙ୍କୁଆଳ ବାଲିଯାତ୍ରା ପଡ଼ିଆରେ ବନ୍ଧୁକ ଡିଲ୍ ସମୟରେ ଏସ୍‌ଟିଏଫ୍ ଚଢ଼ାଉ କରି ୨ଜଣଙ୍କୁ ମାଡ଼ି ବସିଥିଲା। ଧରାପଡ଼ିଥିବା ଦୁଇ ଜଣଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ବିହାର ମୁଙ୍ଗେର ଜିଲାର ପିଣ୍ଟୁ କୁମାର। ସେମାନଙ୍କ ନିକଟରୁ ୬ଟି ବନ୍ଧୁକ ଏବଂ ୭ ଗୁଳି ଜବତ କରାଯାଇଛି। ଏହି ସବୁ ବନ୍ଧୁକ ବିହାରରୁ ଆସିଥିବା ଜଣାପଡ଼ିଛି। ପିଣ୍ଟୁ କୁମାରଙ୍କୁ ଏସ୍‌ଟିଏଫ୍ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକଙ୍କୁ ସୁଧାରଗୃହକୁ ପଠାଇ ଦିଆଯାଇଛି। ଦୁଇ ଜଣ ଏହି ବନ୍ଧୁକ ବିହାରରୁ ଆଣି ୩୦ ହଜାରରୁ ୪୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ କେବଳ ଚାଲାଣକାରୀ। ବିହାରରେ ମାଷ୍ଟରମାଇଣ୍ଡ ବସିଥିବାବେଳେ ସେ ଏହି ସ୍ଲିପରସେଲ ମାଧ୍ୟମରେ ଚୋରା ବନ୍ଧୁକ କାରବାର କରୁଛନ୍ତି।

ମିଳିଥିବା ସୂଚନା ଅନୁସାରେ, ପୂର୍ବରୁ ମାଷ୍ଟରମାଇଣ୍ଡ ଡିଲ୍ କରି ଟଙ୍କା ଅଗ୍ରିମ ନେବା ପରେ ପିଣ୍ଟୁ ଏବଂ ନାବାଳକ ଜଣଙ୍କ ବିହାର ଯାଇ ଟ୍ରେନ୍‌ରେ ଗୁରୁବାର ଭୁବନେଶ୍ୱର ଫେରିଥିଲେ। ଦିନ ୧୨ଟା ସମୟରେ ଦୁଇ ଜଣ ବାଙ୍କୁଆଳ ବାଲିଯାତ୍ରା ପଡ଼ିଆରେ ବନ୍ଧୁକ ଦେବାକୁ ଆସିଥିଲେ। ସେଠାରେ ଦୁଇ ଜଣ ଏକ ବ୍ୟାଗ୍ ଧରି ଛିଡ଼ା ହୋଇଥିବାବେଳେ ଖବରପାଇ ଏସ୍‌ଟିଏଫ ଅଧିକାରୀମାନେ ତୁରନ୍ତ ସେଠାରେ ଚଢାଉ କରିଥିଲେ। ସେମାନଙ୍କୁ ଯାଞ୍ଚ କରିବା ପରେ ବନ୍ଧୁକ ମିଳିଥିଲା। ପୋଲିସର ଚାଲାଣକାରୀଙ୍କ ଉପରେ ସନ୍ଦେହ ନ ହେବା ପାଇଁ ସେମାନେ ନାବାଳକଙ୍କୁ ସାମିଲ କରୁଛନ୍ତି। ନାବାଳକ ବ୍ୟାଗ୍‌ରେ ବନ୍ଧୁକ ନେଇ ଗଲେ ତାଙ୍କ ଉପରେ ପୋଲିସର ସନ୍ଦେହ ହୋଇ ନ ଥାଏ। ଆଉ ସେମାନେ ସହଜରେ ବନ୍ଧୁକ ଚାଲାଣ କରିଥାନ୍ତି। ଗୋଟିଏ ବନ୍ଧୁକ ବିକ୍ରି ହେଲେ ଏହି ନାବାଳକ ୧୦ହଜାର ଟଙ୍କା ପାଉଥିଲେ। ଏହି ର୍‌ୟାକେଟ ପଛରେ କେଉଁମାନେ ଅଛନ୍ତି? ବିହାରର ମାଷ୍ଟରମାଇଣ୍ଡ କିଏ। ଜାଣିବା ପାଇଁ ପୋଲିସ ପିଣ୍ଟୁ କୁମାରଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଏସ୍‌ଟିଏଫ୍‌ର ଅତିରିକ୍ତ ଏସ୍‌ପି ସଞ୍ଜୀବ ଶତପଥୀ କହିଛନ୍ତି।

## Business

# ରାଜଭାଷା କାର୍ଯ୍ୟାନ୍ୱୟନକୁ ପୂର୍ବତଟ ରେଳପଥର ଗୁରୁତ୍ୱ



ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ୫୬ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଗୁରୁବାର ଭୁବନେଶ୍ୱରସ୍ଥିତ ରେଳ ସଦନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ମଜଭୁତ କରିବା ଏବଂ ଭାରତ ସରକାରଙ୍କ ସରକାରୀ ଭାଷା ନୀତିର ଦୃଢ ଭାବରେ ପାଳନ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥର ନିରନ୍ତର ପ୍ରତିବଦ୍ଧତାକୁ ଏହି ବୈଠକରେ ଦର୍ଶାଯାଇଛି । ଏହି ଅବସରରେ, ଆବଶ୍ୟକ କୋଡ ବୋର୍ଡ ସହିତ ସାଇନେଜଗୁଡିକର ମାନକ ତାଲିକା ସମ୍ବଳିତ ଏକ ବିଶେଷ ପୁସ୍ତିକା ଉନ୍ମୋଚନ କରାଯାଇଛି। ବୈଠକରେ ପ୍ରଧାନ ମୁଖ୍ୟ ବିଦ୍ୟୁତ୍ ଇଞ୍ଜିନିୟର ଆଲୋକ ସହାୟ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ପିଏମ୍‌କେଏସ୍‌ୱାଇ ମେଗା ଫୁଡ୍ ପାର୍କ ଯୋଜନା

## ଓଡ଼ିଶାରେ ୭୪୩୦ରୁ ଅଧିକ ରୋଜଗାର ସୃଷ୍ଟି

ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ କିଷାନ ସମ୍ପଦା ଯୋଜନା (ପିଏମ୍‌କେଏସ୍‌ୱାଇ) ଅଧୀନରେ ମେଗା ଫୁଡ୍ ପାର୍କ ଯୋଜନା (ଏମ୍‌ଏଫ୍‌ପିଏସ୍) ମାଧ୍ୟମରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ମଜଭୁତ କରିବା ସହ ଲକ୍ଷାଧିକ ରୋଜଗାର ସୃଷ୍ଟି ହୋଇଛି। ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ମନ୍ତ୍ରଣାଳୟଙ୍କ ଦ୍ୱାରା ୨୦୦୮ରୁ ୨୦୨୧ ପର୍ଯ୍ୟନ୍ତ ଚାଲୁ ରହିଥିବା ଏହି ଯୋଜନା ଅଧୀନରେ ପୂର୍ବରୁ ୪୧ଟି ମେଗା ଫୁଡ୍ ପାର୍କକୁ ଅନୁମୋଦନ ଦିଆଯାଇଛି। ୨୦୨୧ରୁ ଏହି ଯୋଜନା ବନ୍ଦ ହୋଇଛି ମାତ୍ର ପୂର୍ବ ପ୍ରତିଶ୍ରୁତି ମୁତାବକ ଏହି ଯୋଜନାର କାର୍ଯ୍ୟକାରିତା, ମାଲିକାନା ଓ ପରିଚାଳନା ବିଶେଷ ଉଦ୍ଦେଶ୍ୟ କମ୍ପାନୀ(ଏସ୍‌ପିଭି) କିମ୍ବା କାର୍ଯ୍ୟକାରୀ ସଂସ୍ଥା (ଆଇଏ) ଉପରେ ନିର୍ଭର କରିଛି। ଅନୁମୋଦନ ପରେ ୩୦ ମାସ ମଧ୍ୟରେ ପ୍ରୋଜେକ୍ଟ ପୂର୍ଣ୍ଣ ହେବାର ନିର୍ଦ୍ଦେଶ ରହିଛି।

ଓଡ଼ିଶାରେ ଏହି ଯୋଜନା ଅଧୀନରେ ଦୁଇଟି ମେଗା ଫୁଡ୍‌ପାର୍କକୁ ଅନୁମୋଦନ ଦିଆଯାଇଛି। ଯାହା ରାଜ୍ୟର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ନୂତନ ଉତ୍ଥାନ ଦେଇଛି ଏବଂ ହଜାରେ ରୋଜଗାର ସୃଷ୍ଟି କରିଛି। ରାୟଗଡ଼ା ଜିଲାରେ ଅବସ୍ଥିତ ଏମ୍‌ଆଇଟିଏସ୍ ମେଗା ଫୁଡ୍ ପାର୍କ ଲିମିଟେଡ୍‌ର ପ୍ରୋଜେକ୍ଟ ମୋଟ ଖର୍ଚ୍ଚ ୮୭.୮୮ କୋଟି ଟଙ୍କା, ଅନୁମୋଦିତ ଅନୁଦାନ ୪୫.୯୪ କୋଟି ଟଙ୍କା, ଘରୋଇ ନିବେଶ ୪୧.୯୪ କୋଟି ଟଙ୍କା ଏବଂ ମୁକ୍ତ ଅନୁଦାନ ୪୪.୯୫ କୋଟି ଟଙ୍କା। ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି ଏବଂ ୭୬୧ ଜଣଙ୍କୁ ରୋଜଗାର ପ୍ରଦାନ କରିଛି। ଅନ୍ୟପକ୍ଷରେ, ଖୋର୍ଦ୍ଧା ଜିଲାରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପେଣ୍ଟ କର୍ପୋରେଶନ (ଆଇଡିସିଓ) ଦ୍ୱାରା ଚାଲୁ ମେଗା ଫୁଡ୍ ପାର୍କର ମୋଟ ଖର୍ଚ୍ଚ ୧୨୧.୯୫ କୋଟି ଟଙ୍କା, ଅନୁମୋଦିତ ଅନୁଦାନ ୫୦ କୋଟି ଟଙ୍କା, ଘରୋଇ ନିବେଶ ୭୧.୯୫ କୋଟି ଟଙ୍କା ଏବଂ ମୁକ୍ତ ଅନୁଦାନ ୩୭.୮୦ କୋଟି ଟଙ୍କା ରହିଛି। ଏହା ଏବେ କାର୍ଯ୍ୟକାରିତା ଅଧୀନରେ ରହିଛି ଏବଂ ୭୪୩୦ ଜଣଙ୍କୁ ରୋଜଗାର ସୃଷ୍ଟି କରିବାର ଆଶା ରହିଛି। ଏହି ପାର୍କଗୁଡ଼ିକ ଓଡ଼ିଶାର କୃଷି ଉତ୍ପାଦନକୁ ମୂଲ୍ୟବର୍ଦ୍ଧନ କରି କୃଷକମାନଙ୍କର ଆୟ ବଢ଼ାଇବା ସହ ରାଜ୍ୟର ଅର୍ଥନୀତିକୁ ଶକ୍ତିଶାଳୀ କରିବେ। ଏହି ଯୋଜନା ଅଧୀନରେ ଦେଶବ୍ୟାପୀ ୪୧ଟି ପାର୍କରେ ମୋଟ ୧୭,୦୦୦ରୁ ଅଧିକ ରୋଜଗାର ସୃଷ୍ଟି ହୋଇଛି। ଏହି ସୂଚନା ଗୁରୁବାର ଲୋକସଭାରେ ଲିଖିତ ଉତ୍ତରରେ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ରାଜ୍ୟମନ୍ତ୍ରୀ ରବନୀତ ସିଂହଙ୍କ ଦ୍ୱାରା ଦିଆଯାଇଛି।

# ପିଏନ୍‌ବି ପକ୍ଷରୁ ଏଗ୍ରିକଲ୍ଚର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ପକ୍ଷରୁ ସମ୍ବଲପୁର ସର୍କଲ ଅଧୀନ କୁଲୁଣ୍ଡି ଶାଖାରେ ଏକ ଏଗ୍ରିକଲ୍ଚର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, କୃଷକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପ୍ରାୟ ୪୦୦ରୁ ଅଂଶଗ୍ରହଣକାରୀ ଏଥିରେ ଯୋଗଦେଇଥିଲେ। ସର୍କଲ ମୁଖ୍ୟ ଅଜିତ କୁମାର ମେହେର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶାଖା ମୁଖ୍ୟ ଭବାନୀ ଶଙ୍କର ନେଟୀ, ସ୍ନିଗ୍ଧା ସୁମନ ବେଉରା, ସ୍ୱାଗତିକା ବିଶ୍ୱାଳ, କୃଷି ଅଧିକାରୀ ସ୍ୱାଗତ ପ୍ରଧାନ ଏବଂ ମୌସୁମୀ ପଟେଲ ପ୍ରମୁଖ ସର୍କଲ ମୁଖ୍ୟ ଅଜିତ କୁମାର ମେହେର ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଶାଖା ମୁଖ୍ୟ ଭବାନୀ ଶଙ୍କର ନେଟୀ, ସ୍ନିଗ୍ଧା ସୁମନ ବେଉରା, ସ୍ୱାଗତିକା ବିଶ୍ୱାଳ, କୃଷି ଅଧିକାରୀ ସ୍ୱାଗତ ପ୍ରଧାନ ଏବଂ ମୌସୁମୀ ପଟେଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆର୍ଥିକ ଅନ୍ତର୍ଭୁକ୍ତି, ଗ୍ରାମୀଣ ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ତରଫରୁ ରଖାଯାଇଥିବା ବିଭିନ୍ନ କୃଷି ଯୋଜନା ଉପରେ ଅଧିକାରୀମାନେ ଆଲୋକପାତ କରିଥିଲେ।

# 'ପ୍ୟାକ୍ ରିଭ୍ୟୁ ସିଷ୍ଟମ' ଗ୍ରହଣ କରିବାକୁ ଦ୍ରାବିଡ୍‌ଙ୍କ ଆହ୍ୱାନ

ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ଭାରତର ପ୍ରମୁଖ ଖାଦ୍ୟ ତୈଳ ବ୍ରାଣ୍ଡ ଫ୍ରିଡମ ସନ୍‌ଫ୍ଲାୱାର ଅଏଲ ରାହୁଲ ଦ୍ରାବିଡ୍‌ଙ୍କ ସହ ମିଶି ଗ୍ରାହକମାନଙ୍କୁ ସଶକ୍ତ କରିବା ପାଇଁ ଏକ ବିସ୍ତୃତ ସାମାଜିକ ସଚେତନତା ଅଭିଯାନ ଆରମ୍ଭ କରିଛି। ଗ୍ରାହକ କିଣିଥିବା ପ୍ରତ୍ୟେକ ୧ ଲିଟର ପାଉଚରେ ୯୧୦ ଗ୍ରାମ ଖାଦ୍ୟ ତୈଳ ରହିଛି କି ନାହିଁ ଯାଞ୍ଚ କରିବାକୁ ଏହି ଅଭିଯାନ ମାଧ୍ୟମରେ ସଚେତନ କରାଯାଉଛି। ଗ୍ରାହକମାନଙ୍କୁ ଖାଦ୍ୟ ତୈଳର ପ୍ରତ୍ୟେକ ପାଉଚ ବାଛିବା ସମୟରେ 'ପ୍ୟାକ୍ ରିଭ୍ୟୁ ସିଷ୍ଟମ (ପିଆର୍‌ଏସ୍)' ଗ୍ରହଣ କରିବାକୁ ଗୁରୁତ୍ୱ ଦେଇଛି। ରାହୁଲ ଦ୍ରାବିଡ୍ କହିଛନ୍ତି, ଗ୍ରାହକମାନଙ୍କୁ ଶିକ୍ଷିତ ଏବଂ ସଶକ୍ତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବାସ୍ତବରେ 'ପ୍ୟାକ୍‌ରେ ନୁହେଁ, ଖାଦ୍ୟରେ ତେଲ କମ୍ ହେବା ଉଚିତ' ବୋଲି ସେ କହିଛନ୍ତି। ଏହି ଅବସରରେ ଜେମିନି ଏଡିବଲସ୍ ଏବଂ ଫ୍ୟାଟ୍ସ ଇଣ୍ଡିଆ ଲିମିଟେଡ୍‌ର ବରିଷ୍ଠ ଉପାଧ୍ୟକ୍ଷ (ବିକ୍ରୟ ଏବଂ ମାର୍କେଟିଂ) ପି .ଚନ୍ଦ୍ର ଶେଖର ରେଡ୍ଡି କହିଛନ୍ତି, ଗ୍ରାହକମାନେ ଯେତିକି ଟଙ୍କା ଦେଉଛନ୍ତି ସେତିକି ଟଙ୍କାର ଉତ୍ପାଦ ପାଇବାକୁ ହକ୍‌ଦାର। ଗ୍ରାହକମାନେ ତେଲର ପରିମାର ଯାଞ୍ଚ କରି ଫ୍ରିଡମ ଉପରେ ବିଶ୍ୱାସ ରଖିପାରିବେ। ଏହିପରି ସରଳ ଅଭ୍ୟାସ ବଜାରରେ ସଚ୍ଚୋଟତାକୁ ଉତ୍ସାହିତ କରେ ଏବଂ ଗ୍ରାହକ ଏବଂ ବ୍ରାଣ୍ଡ ମଧ୍ୟରେ ବିଶ୍ୱାସକୁ ମଜଭୁତ କରେ। ଫ୍ରିଡମ ହେଲ୍‌ଦି ରନ୍ଧନ ତୈଳର ମାର୍କେଟିଂ ମୁଖ୍ୟ ଚେତନ ପିମ୍ପଲଖୁଟେ କହିଛନ୍ତି, ଆମେ ସର୍ବଦା ବିଶ୍ୱାସ କରିଆସିଛୁ ଯେ ଜଣେ ଅବଗତ ଗ୍ରାହକ ଜଣେ ସୁରକ୍ଷିତ ଗ୍ରାହକ। ଆମେ ପ୍ୟାକ୍ ସମୀକ୍ଷା ସିଷ୍ଟମର ଧାରଣାକୁ ପ୍ରବର୍ତ୍ତନ କରି ଏବଂ ବ୍ୟାପକ ଡିଜିଟାଲ ମିଡିଆ ପାରମ୍ପରିକ ମିଡିଆ ବିଜ୍ଞାପନ ମାଧ୍ୟମରେ ଉପଭୋକ୍ତାଙ୍କ ପାଖରେ ପହଞ୍ଚି ଖୁସି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବରେ, ଭାରତର ପ୍ରତ୍ୟେକ ପରିବାର ପ୍ରତ୍ୟେକ ପ୍ୟାକ୍‌ରେ ତେଲର ପରିମାଣ ଯାଞ୍ଚ କରିବା ଏବଂ ଅସାଧୁ ବ୍ୟବସାୟୀଙ୍କଠାରୁ ପ୍ରତାରିତ ହେବାରୁ ନିଜକୁ ସୁରକ୍ଷିତ ରଖିବାକୁ ସଚେତନ କରିବା ଆମର ଉଦ୍ଦେଶ୍ୟ।




# ଡିସେମ୍ବର ୧୩ରେ ଟିପିସିଓଡିଏଲ୍‌ର ଲୋକ ଅଦାଲତ

ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଡିସେମ୍ବର ୧୩ରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଓ ସମାଧାନ ଶିବିର ଅନୁଷ୍ଠିତ ହେବ। ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ଢାଞ୍ଚା ଅନୁଯାୟୀ ଏହି ଶିବିର ଆୟୋଜିତ ହେଉଛି। ଏଠାରେ ନିୟୋଜିତ ସ୍ୱତନ୍ତ୍ର ଟିମ୍ ଉପଭୋକ୍ତାମାନଙ୍କୁ ସେମାନଙ୍କର ବକେୟା ଏନ୍‌ଫୋର୍ସମେଣ୍ଟ ମାମଲାଗୁଡ଼ିକର ସମାଧାନ ଏବଂ ବିଦ୍ୟୁତ୍ ବ୍ୟବହାରକୁ ନିୟମିତ କରିବାରେ ସହାୟତା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିପାଇଁ ଯୋଗ୍ୟତା, ଆବଶ୍ୟକ କାଗଜପତ୍ର ଏବଂ ଜିଲାୱାରି ବ୍ୟବସ୍ଥା ସମ୍ପର୍କିତ ସୂଚନା କମ୍ପାନୀର ସମସ୍ତ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି।

# ଡାଲମିଆ ଭାରତ ପକ୍ଷରୁ 'ସେବା ଦିବସ'

ରାଜଗାଙ୍ଗପୁର,୧୧।୧୨(ଅଶୋକ ପାଣି)

ଡାଲମିଆ ଭାରତ ଗ୍ରୁପ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଜୟଦୟାଲ ଡାଲମିଆଙ୍କ ୧୨୧ତମ ଜନ୍ମବାର୍ଷିକୀ ପାଳନ କରାଯାଇଛି। ଏ ଅବସରରେ ସମଗ୍ର ଭାରତରେ ତାହାର ବ୍ୟବସାୟ ପରିଚାଳନା ଅଞ୍ଚଳରେ 'ସେବା ଦିବସ' ପାଳନ କରାଯାଇଛି। ଗ୍ରୁପ୍‌ର ଉତ୍ପାଦନକାରୀ ୟୁନିଟ୍, ଆଞ୍ଚଳିକ କାର୍ଯ୍ୟାଳୟ, କର୍ପୋରେଟ କାର୍ଯ୍ୟାଳୟ ସମେତ ଭାରତର ୨୫ଟି ସ୍ଥାନରେ ଡିସେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଚଳିତ ବର୍ଷ ଏହି ଉତ୍ସବ ପାଳନ ଦୀର୍ଘସ୍ଥାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ଥିଲା। କର୍ମଚାରୀ, ସହଭାଗୀ ଏବଂ ଜନସାଧାରଣ ସାମୂହିକ କାର୍ଯ୍ୟକ୍ରମ ଜରିଆରେ ଚାରା ରୋପଣ ଏବଂ ସଫେଇ ଅଭିଯାନ, ପୁନଃ ଚକ୍ରଣ ପ୍ରୟାସ ସମ୍ପର୍କିତ ସଚେତନତା ହାତକୁ ନେଇଥିଲେ। ଏଥିସହ ସେମାନେ 'ଅନ୍ନଦାନ'ର ଅଂଶ ଭାବରେ ଅନାଥାଶ୍ରମ ଓ ଜରାଶ୍ରମଗୁଡ଼ିକୁ ଗସ୍ତ କରିବା ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଭିତ୍ତିଭୂମି ଓ ପୁନଃ ବିକାଶମୂଳକ କାର୍ଯ୍ୟ କରିଥିଲେ। ମୂଲ୍ୟଭିତ୍ତିକ ଭାବ ବିନିମୟ ଏବଂ ଗୋଷ୍ଠୀ ନିୟୋଜନକାରୀ 'ପଥପ୍ରାନ୍ତ ନାଟକ' ଆଦି ପରିବେଷଣ କରାଯାଇଥିଲା। ଏହି ଅବସରରେ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁରରେ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିଲା,୨୦୦୦ରୁ ଅଧିକ ଜନସାଧାରଣ ଉପକୃତ ହୋଇଥିଲେ। କମ୍ପାନୀ ୧୧୦୬ ଚାରାରୋପଣ କରିଥିଲା ଏବଂ ସୋଲାର ଆଣ୍ଡ ଇଲେକ୍ଟ୍ରିକାଲ ଲାବ୍ ଉଦ୍‌ଘାଟନ କରିଥିଲା। ଏଥିସହ ସିଲେଇ ମେଶିନ ଏବଂ ଯକ୍ଷ୍ମା ରୋଗୀଙ୍କ ପାଇଁ ପୋଷଣ କିଟ୍ ବଣ୍ଟନ କରାଯାଇଥିଲା। ୨୩ଜଣ ଗ୍ରାମ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରିଥିଲା ଓ ପ୍ରତ୍ୟେକଙ୍କୁ ୨ହଜାର ଟଙ୍କା ଏବଂ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୨୫୦୦ ଜନସାଧାରଣ ଏହି କାର୍ଯ୍ୟକ୍ରମଗୁଡିକରେ ଅଂଶଗ୍ରହଣ କରିଥିଲେ। ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଚେତନ ଶ୍ରୀବାସ୍ତବ କହିଥିଲେ, ଡାଲମିଆ ଭାରତରେ ସେବା ଦିବସ କେବଳ ଆମର ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ଏଥିରେ ଦକ୍ଷତା ବିକାଶ ଏବଂ ଗୋଷ୍ଠୀଗତ ପ୍ରଭାବରେ ଉତ୍କର୍ଷ ହାସଲ କରିଥିବା ୧୦ ଜଣ ଦୀକ୍ଷା ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମ ପରିବର୍ତ୍ତନ ଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ଅର୍ଥପୂର୍ଣ୍ଣ ଗ୍ରାମାଞ୍ଚଳ ରୂପାନ୍ତରଣକୁ ଆଗେଇ ନେଇଥିବା ୧୬ଜଣ ବ୍ୟକ୍ତିବିଶେଷଙ୍କୁ ଏବଂ ଉତ୍ସର୍ଗୀକୃତ କାର୍ଯ୍ୟ, ନିରନ୍ତର ପ୍ରଦର୍ଶନ ନିମନ୍ତେ କର୍ମଚାରୀଙ୍କୁ ସତତ କର୍ମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।



# ସାଂସ୍କୃତିକ ମହୋତ୍ସବର ନୂଆ ଠିକଣା ଚରମ୍ପା ଓଏସ୍‌ଆର୍‌ଟିସି ପଡ଼ିଆ

ଭଦ୍ରକ,୧୧।୧୨(ସନାତନ ରାଉତ)

ଭଦ୍ରକ ଜିଲା ମହୋତ୍ସବ, ସମସ୍ତ ଜିଲାସ୍ତରୀୟ କାର୍ଯ୍ୟକ୍ରମର ଏବେ ନୂଆ ଠିକଣା ହେବ ଚରମ୍ପା ଓଏସ୍‌ଆର୍‌ଟିସି (ଓଡ଼ିଶା ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ) ପଡ଼ିଆ। ପୂର୍ବରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ଭଦ୍ରକ ନେହେରୁ ଷ୍ଟାଡିୟମ୍ କ୍ରୀଡ଼ା ବିଭାଗ ଅଧୀନକୁ ଯିବା ପରେ ସେଠାରେ କୌଣସି ଅନ୍ୟ କାର୍ଯ୍ୟକ୍ରମ ହେବା ନେଇ ଏବେ ପ୍ରତିବନ୍ଧକ ଲାଗିଛି। ଏବେଠୁ ପ୍ରଶାସନିକ ସ୍ତରରେ ବାଣିଜ୍ୟ ମେଳାଠାରୁ ଆରମ୍ଭ କରି ବିଭିନ୍ନ ପ୍ରଦର୍ଶନୀ ଏହି ପଡ଼ିଆରେ ଆୟୋଜନ ହେବ।

ନିକଟରେ ଏହି ପଡ଼ିଆ ପରିସରରୁ ପ୍ରାୟ ସାଢ଼େ ୩ ଏକର ଜାଗାରୁ ଜବରଦଖଲ ହଟାଇଛି ପ୍ରଶାସନ। ପ୍ରାୟ ୬୦ରୁ ଅଧିକ ଦୋକାନ ଉଚ୍ଛେଦ କରାଯାଇଛି। ପଡ଼ିଆ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ପାଇଁ ୭୦ ଲକ୍ଷର ଟେଣ୍ଡର ମଧ୍ୟ ହୋଇଛି। ପଡ଼ିଆର ଉନ୍ନତି ପରେ ଏଠାରେ ସମସ୍ତ ସରକାରୀ କାର୍ଯ୍ୟକ୍ରମ କରାଯିବ। ଓଡ଼ିଶା ରାଜ୍ୟ ପରିବହନ ନିଗମ ଅଧୀନରେ ଏହି ଜମି ନିଗମ ମାଲିକାନାରେ ରହିବ କିନ୍ତୁ ପରିଚାଳନା ଭାର ଜିଲା ପ୍ରଶାସନ ନେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନରେ ଏହି ପଡ଼ିଆ ପରିଚାଳନା ଭାର ରହିବା ନେଇ ଓଏସ୍‌ଆର୍‌ଟିସି ସହ ଆଲୋଚନା ଚାଲିଥିବା ଜଣାପଡ଼ିଛି। ଜାତୀୟ ରାଜପଥ ପାର୍ଶ୍ୱକୁ ଏହି ପଡ଼ିଆ ଲାଗି ରହିଥିବାବେଳେ ରାଜପଥ ପାର୍ଶ୍ୱରେ କିଛି ସ୍ଥାୟୀ ଷ୍ଟଲ୍ ନିର୍ମାଣ କରାଯାଇ କେତେଜଣ ବ୍ୟବସାୟୀଙ୍କୁ ଥଇଥାନ କରାଯିବାର ଯୋଜନା ରହିଛି। ଏଥିରୁ ଯେଉଁ ରାଜସ୍ୱ ଆଦାୟ ହେବ, ତାହା ଆର୍‌ଏମ୍‌ସି ଜରିଆରେ ନିଗମରେ ପୈଠ କରାଯିବାକୁ ଚୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତବର୍ଷ ଜିଲା ମହୋତ୍ସବ 'ଭଦ୍ରାୟଣୀ'


ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

## ପ୍ରଥମଥର ଆୟୋଜନ ହେବ ଜିଲା ମହୋତ୍ସବ 'ଭଦ୍ରାୟଣୀ'

ଏହି ପଡ଼ିଆରେ କରାଯିବାକୁ ନିଷ୍ପତ୍ତି ହୋଇଥିବା ଜିଲାପାଳ ଦିଲୀପ ରାଉତରାଏ ସୂଚନା ଦେଇଛନ୍ତି। ଦୁଇଦିନ ତଳେ ଜିଲାପାଳ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ସମେତ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଆସି ଏହି ପଡ଼ିଆକୁ ବୁଲି ଦେଖିଛନ୍ତି। ପଡ଼ିଆର ନିର୍ମାଣ ଓ ମରାମତି କାର୍ଯ୍ୟ ଏକ ଘରୋଇ ଏଜେନ୍ସିକୁ ଦିଆଯାଇଛି। ଭଦ୍ରକ ସହରରେ ମେଳା ମହୋତ୍ସବ, ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମ ହେବା ନେଇ ସ୍ଥାନର ଅଭାବ ଲାଗି ରହିଥିଲା। ଜିଲା ପ୍ରଶାସନ ଏବେ ଏହି ପଡ଼ିଆକୁ ଆବିଷ୍କାର କରିବା ପରେ ସମସ୍ତ କାର୍ଯ୍ୟକ୍ରମର ଠିକଣା ଏହି ପଡ଼ିଆ ହେବ।

# ଉନ୍ନତ ସେବା ଯୋଗାଇବାକୁ ଅଧିକାରୀଙ୍କୁ ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀ।


ଭଦ୍ରକ,୧୧।୧୨(ସନାତନ ରାଉତ)

ଭଦ୍ରକ ଜିଲା ସଂସ୍କୃତି ଭବନରେ ଗୁରୁବାର ଜିଲାର ବିଭିନ୍ନ ବିଭାଗ ଅଧିକାରୀଙ୍କୁ ନେଇ ବିଭିନ୍ନ ବିଭାଗର ଉନ୍ନୟନ ବିଷୟରେ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଯୋଜନାରେ ସମସ୍ତ ସରକାରୀ କାର୍ଯ୍ୟର ସମନ୍ୱୟ କରି ଭଲ ଶାସନ ଓ ଉନ୍ନତ ସେବା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟଅତିଥି ଜିଲାପାଳ ଦିଲୀପ ରାଉତରାଏ କହିବା ସହ ଗ୍ରାମାଞ୍ଚଳ, ସହରାଞ୍ଚଳରେ ଉତ୍ତମ ସେବା ଯୋଗାଇ ଦେବାକୁ ଆହ୍ୱାନ ଦେଇଛନ୍ତି। ଦରିଦ୍ର ପରିବାରଙ୍କ ଆର୍ଥିକ ସାମର୍ଥ୍ୟ ବୃଦ୍ଧି, ମୌଳିକ ସେବାର ସୁବିଧା ପହଞ୍ଚାଇବା, ନିଯୁକ୍ତି ସୃଷ୍ଟି ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ପଞ୍ଚାୟତସ୍ତରୀୟ ଅଧିକାରୀ ଓ ଜିଲାସ୍ତରୀୟ ନୋଡାଲ ଅଫିସରମାନେ ଉପସ୍ଥିତ ରହି ଭଦ୍ରକକୁ ଏକ ଦୃଷ୍ଟାନ୍ତ ଜିଲା ହିସାବରେ ପରିଣତ କରିବା ପାଇଁ ସଂକଳ୍ପ ନେଇଥିଲେ।

# ବିଦ୍ୟାଳୟର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

ବାସୁଦେବପୁର,୧୧।୧୨
(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ସୁଗୋ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣ ଓ ମୁଖ୍ୟ ଫାଟକ ନିର୍ମାଣ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଆଲୁମ୍‌ନି କମିଟି ସଭାପତି ବସନ୍ତ କୁମାର ନାୟକ, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ବାରିକ, ସମିତିସଭ୍ୟ କୈଳାସ ଚନ୍ଦ୍ର ଜେନା, ସାମାଜିକ କର୍ମୀ ବିଜୟ ଘଡ଼େଇ, ଜଳଧର ମଣ୍ଡଳ, ନିରଞ୍ଜନ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଉନ୍ନତୀକରଣ ଓ ଭିତ୍ତିଭୂମିର ବିକାଶ ପାଇଁ ବିଧାୟକଙ୍କ ପାଣ୍ଠିରୁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିଦ୍ୟାଳୟର ଉନ୍ନତୀକରଣ ଲାଗି ପୂର୍ବତନ ଏମ୍‌ପି ଓ ବିଧାୟକ ସହାୟତା ପ୍ରଦାନ କରିବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ପ୍ରଧାନଶିକ୍ଷକ ମନୋଜ କୁମାର ଅଗସ୍ତି ମଞ୍ଚ ପରିଚାଳନା କରିଥିଲେ।


ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଉପସ୍ଥିତ ଅତିଥି।

# 'ଆସ ସ୍କୁଲ ଯିବା' ସଚେତନତା ଅଭିଯାନ


ସିଆର୍‌ସିସି ଓ ଶିକ୍ଷକମାନେ ଡ୍ରପ୍‌ଆଉଟ ପିଲାଙ୍କ ଘରକୁ ଯାଇ ବିଦ୍ୟାଳୟ ଯିବାକୁ ବୁଝାଉଛନ୍ତି।

ବନ୍ତ,୧୧।୧୨(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ୍‌ର କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରବାର କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' ସଚେତନତା ଅଭିଯାନ ଓ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିମଳ କୁମାର ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ପ୍ରଦୀପ କୁମାର ପଲେଇ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟରେ ନାମ ଲେଖାଇ ନ ଥିବା ଏବଂ ଅଧାରୁ ପାଠପଢ଼ା ଛାଡ଼ିଥିବା ୫ରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟିର ସଭ୍ୟାସଭ୍ୟ, ମୋ ସ୍କୁଲ ଅଭିଯାନ କମିଟିର ସଭାପତିଙ୍କ ସମେତ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ପରେ ଆପ୍ତିରା ୟୁଜିଏମ୍‌ଇ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଡ୍ରପ୍‌ଆଉଟ ପିଲାଙ୍କ ଘରକୁ ଯାଇ ବିଦ୍ୟାଳୟ ଯିବାକୁ ପ୍ରବର୍ତ୍ତାଇଥିଲେ।

# କବିତା ପାଠୋତ୍ସବ ଓ ଆଲୋଚନାଚକ୍ର

ଭଦ୍ରକ,୧୧।୧୨
(ରବିନାରାୟଣ ଖିଲାର)


ଭଦ୍ରକର ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ସନ୍ଧ୍ୟାରେ ଖବରଦାତା ଓ ବୁଦ୍ଧିଜୀବୀଙ୍କ ଦ୍ୱାରା କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାର ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କର, କବି ନିର୍ମଳ କୁମାର ବେହୁରିଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ବାଦପତ୍ର ଜଗତରେ ଭଦ୍ରକର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ, ଶିକ୍ଷକ ନେତା ପ୍ରଭାକର ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ ଓ ପ୍ରତିଷ୍ଠାତା ନୃସିଂହ ଚରଣ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

ଡା. ସାରଥୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ କବି ବିଜୟ ବହଳି ଓ ସମ୍ମାନିତ ଅତିଥି ଭାବେ କଳା ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ। କବୟିତ୍ରୀ ସଂଯୁକ୍ତା ଯାଦବ, ଡ. ଜାନକୀ ପାଢ଼ୀ, ମନୋରମା ରାୟ, ଚଇତାଳି ଖିଲାର, ସଂଯୁକ୍ତା ବଳ ପ୍ରମୁଖ ସଂଯୋଜନା କରିଥିଲେ। ଏହି ଅବସରରେ କବି ବେହୁରିଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଜେନା, କଳା ନିର୍ଦ୍ଦେଶକ ନିରଞ୍ଜନ ନାୟକ, ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡା ଏବଂ ଓଡ଼ିଶା ସଙ୍ଗୀତ ଏକାଡେମୀ ପକ୍ଷରୁ ପୁରସ୍କୃତ କଳା ନିର୍ଦ୍ଦେଶକ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ମଣ୍ଡଳ, ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି, ମିନତି ବାରିକ ଓ ଡା. ଅନିଲ କୁମାର ଦାଶ ସଙ୍ଗୀତ ପରିବେଷଣ କରିଥିଲେ।

# ଭାଜପାରେ ମିଶିଲେ ଜିଲା ବିଜେଡି ସାଧାରଣ ସମ୍ପାଦକ

ବାସୁଦେବପୁର,୧୧।୧୨
(କାଳିପଦ ରାୟ)

ଭଦ୍ରକ ଜିଲା ବିଜେଡି ସାଧାରଣ ସମ୍ପାଦକ ଭାଗୀରଥି ବଳ ଗୁରୁବାର ଅପରାହ୍ନରେ ଶତାଧିକ ସମର୍ଥକଙ୍କ ସହ ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଭାଜପାରେ ଯୋଗ ଦେଇଛନ୍ତି। ସେ ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାବେ କାର୍ଯ୍ୟ କରିଥିବା ବେଳେ ବିଜେଡିର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟରେ ଦାୟିତ୍ୱ ତୁଲାଇଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଗତ ୫ ତାରିଖରେ ବିଜେଡିରୁ ଇସ୍ତଫା ଦେଇଥିଲେ। ଆନ୍ଦୋଳା ପଞ୍ଚାୟତ ସରପଞ୍ଚ କାମଦେବ ମଳିକ, ବାସୁଦେବପୁର ପୌରପାଳିକା ୧ ନଂ. ୱାର୍ଡ ପାରିଷଦ ସୁଚିସ୍ମିତା ଗିରି ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି।




# 'ମିଳିତ ଉଦ୍ୟମରେ ସୁଦୃଢ଼ ହେବ ସଙ୍ଗଠନ'


କଂଗ୍ରେସର ଜିଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ବ୍ଲକ୍ କଂଗ୍ରେସର ସାଙ୍ଗଠନିକ ବୈଠକ


ତିହିଡ଼ି,୧୧।୧୨(ସଞ୍ଜିତ ବଳ)

ତିହିଡ଼ିରେ ବ୍ଲକ୍ କଂଗ୍ରେସର ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ସରୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ନଳିନୀକାନ୍ତ ମହାନ୍ତି ଯୋଗଦେଇ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଦଳୀୟ ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଥିବା ମତଭେଦକୁ ଦୂରେଇ ଦଳୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନରେ ସଫଳତା ପାଇବାକୁ ଏବେଠୁ ମିଳିତ ଉଦ୍ୟମ କଲେ ସଙ୍ଗଠନ ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ। ଯୁବନେତା ବିପିନ ବିହାରୀ ପତି, ସୁଦର୍ଶନ ସ୍ୱାଇଁ, ଦିବ୍ୟସିଂ ବଳ, ବସନ୍ତ କୁମାର ନାୟକ, ଅଭୟ ମଳିକ, ମୀନକେତନ ସେନାପତି, ନରହରି ନାୟକ, ପୀତାମ୍ବର ସେଠୀ, ସୁରେନ୍ଦ୍ର କୁମାର ସାହୁ, ବେଣୁଧର ଦାସ, ସୁଧାଂଶୁ ଶେଖର ମାହୁନ୍ତ, ସୁରେଶ ମହାପାତ୍ର, ତ୍ରିଲୋଚନ ଗୌତମ, ସୌମ୍ୟଗୋପାଳ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚନ୍ଦ୍ରକାନ୍ତ ବାରିକ, ଗୋରାବାବୁ ସାହା, ମାଧବାନନ୍ଦ ନାୟକ, ଶିବଚରଣ ନାୟକ, ବିକ୍ରମ ଜେନା, ସନ୍ନ୍ୟାସୀ ବାରିକ, ଭାସ୍କର ନାଥ, ଦୀପକ ଦାସ, ରମାକାନ୍ତ ମଳିକ, କୈଳାସ ମାଝୀ, ସଞ୍ଜୟ ବାରିକ, ନବଘନ ସାହୁ, ସୁରେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ସଭାପତି ମହାନ୍ତିଙ୍କୁ ଦଳୀୟ ନେତା ଓ କର୍ମୀମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ସାମାଜିକ କର୍ମୀଙ୍କ ସ୍ମୃତିସଭା

ଭଦ୍ରକ,୧୧।୧୨
(ରବିନାରାୟଣ ଖିଲାର)

ଭଦ୍ରକ ସହରର ବଙ୍କସାହି ନିବାସୀ ଦିବଂଗତ ସାମାଜିକ କର୍ମୀ ଲାଲା ପ୍ରତାପ କେଶରୀ ରାୟଙ୍କ ଦ୍ୱାଦଶାହ ଅବସରରେ ଗୁରୁବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାରାଣୀ ମହାପାତ୍ର, କବୟିତ୍ରୀ ସୁମିତ୍ରା ପାଣି, ଭାଜପା ନେତା ଅମ୍ବିକା ଦାସ, ତପନ ବାରିକ, ବିକାଶ ପାଢ଼ୀ, ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି, ରଞ୍ଜନ ସ୍ୱାଇଁ, ଖବରଦାତା ରବିନାରାୟଣ ସାହୁ, ପ୍ରଦୀପ ରାୟ, ସ୍ୱର୍ଗତ ରାୟଙ୍କ ଝିଅ ଜୟଶ୍ରୀ ରାୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ରାୟ ଭଦ୍ରକ ଏନ୍‌ସିସିରେ ଚାକିରି କରିଥିଲେ। ସେ ଜଣେ ଅମାୟିକ, ସ୍ପଷ୍ଟବାଦୀ ଓ ସଚ୍ଚୋଟ ବ୍ୟକ୍ତି ଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସ୍ୱର୍ଗତ ରାୟଙ୍କ ପୁଅ ଲାଲା ଶିବପ୍ରସାଦ ରାୟ ଓ ଝିଅ ମିନି ରାୟ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।






## ୨୩ରୁ ମା' ତାରିଣୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବଞ୍ଚୋ,(ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ତରତରା ଖେଳପଡ଼ିଆରେ ଡିସେମ୍ବର ୨୩ରୁ ୨୬ତମ ମା' ତାରିଣୀ କପ୍ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଆୟୋଜକ ସୁବ୍ରତ କୁମାର ସାମଲ ସୂଚନା ଦେଇଛନ୍ତି। ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଷ୍ଠିତ ଟିମ୍ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟରେ ଖେଳାଳି ଓ ଦର୍ଶକଙ୍କ ନିମନ୍ତେ ବ୍ୟବସ୍ଥା କରାଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

**କେନ୍ଦୁଝର**

# ମହିଳାଙ୍କୁ ସୁରକ୍ଷା ଦେବ ପ୍ରୋଜେକ୍ଟ ରାଖୀ

■କେନ୍ଦୁଝର ପୋଲିସର ଅଭିନବ ପ୍ରୟାସ

■ନାଗରିକଙ୍କ ସୁରକ୍ଷା ନେଇ ୪ ଡିଜିଟାଲ ପ୍ଲାଟ୍‌ଫର୍ମ ଜାରି

କେନ୍ଦୁଝର,୧୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ପକ୍ଷରୁ ନାଗରିକଙ୍କ ସୁରକ୍ଷା ନିମନ୍ତେ ଅଭିନବ ପ୍ରୟାସ କରାଯାଇଛି। ନାଗରିକଙ୍କୁ ସୁବିଧାରେ ଆଇନସେବା ଓ ପୋଲିସ ସହ ସୁସମ୍ପର୍କ ଗଠନ ଉଦ୍ଦେଶ୍ୟରେ ଅନୁସନ୍ଧାନ ପୋର୍ଟାଲ, ଇ- ବିଟ୍ ଓ ଇ-ଡ୍ୟୁଟି ନାମକ ଡିଜିଟାଲ ପ୍ଲାଟ୍‌ଫର୍ମ ଜାରି କରାଯାଇଛି। ବିଶେଷକରି ମହିଳାଙ୍କ ସୁରକ୍ଷାକୁ ନଜରରେ ରଖି ପ୍ରୋଜେକ୍ଟ ରାଖୀ ଆରମ୍ଭ ହୋଇଛି। ଜିଲାସ୍ତରୀୟ ସାଇବର ସୁରକ୍ଷା ସଚେତନତା ଓ ପ୍ରୋଜେକ୍ଟ ସୁରକ୍ଷା କାର୍ଯ୍ୟକ୍ରମରେ ଏସ୍‌ପି ନୀତିନ କୁଶଲକର ୪ ଡିଜିଟାଲ ପ୍ଲାଟ୍‌ଫର୍ମ ସମ୍ପର୍କରେ ସୂଚନା ଦେଇଥିଲେ।

ସୂଚନା ଅନୁଯାୟୀ, ମହିଳାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଜିଲା ପୋଲିସ ପକ୍ଷରୁ ପ୍ରୋଜେକ୍ଟ ରାଖୀର ଶୁଭାରମ୍ଭ ହୋଇଛି। ଏହି ହ୍ୱାଟ୍ସଆପ୍ ସେବା ବିଏନ୍‌ଏସ୍ ଧାରା ୧୭୩ ଅନୁଯାୟୀ କାର୍ଯ୍ୟକାରୀ ହୋଇଛି। ସେବାର ଲାଭ ଉଠାଇବାକୁ ବିଭିନ୍ନ ସ୍କୁଲ, କଲେଜ, ପବ୍ଲିକ ସ୍ଥାନ, ପାର୍କ ଆଦି ସ୍ଥାନରେ ଏକ କ୍ୟୁଆର୍ କୋଡ୍ ମରାଯିବ। କ୍ୟୁଆର୍ କୋଡ୍‌କୁ ସ୍କାନକରି ହାଏ ମେସେଜ ଦେଲେ ମହିଳାମାନେ ସୁବିଧାରେ ପୋଲିସ ସହାୟତା ପାଇପାରିବେ। ଓଡ଼ିଆ ଓ ଇଂଲିଶ ଭାଷାରେ ଏହା ଉପଲବ୍ଧ ହୋଇଥିବାବେଳେ ଗୋପନୀୟତାକୁ ଗୁରୁତ୍ୱ ଦିଆଯାଇଛି। ମହିଳାଙ୍କ ବିରୋଧରେ କୌଣସି ଅପରାଧିକ ଅଭିଯୋଗର ତୁରନ୍ତ ରିପୋର୍ଟ କରିବାକୁ କୁହାଯାଇଛି। ଅଭିଯୋଗକାରୀ ବା ପୀଡ଼ିତାଙ୍କ ନାମ ସର୍ବଦା ଗୋପନୀୟ ରହିବ। ଚାଟ୍ ଜରିଆରେ ମହିଳାମାନେ ଗୁପ୍ତ ଅଭିଯୋଗ, ଫଟୋ, ଭିଡିଓ ଜଣାଇପାରିବେ। ଏଥିସହ ପାଖ ପୋଲିସ ଷ୍ଟେସନ, ଥାନା ଅଧିକାରୀଙ୍କ ଫୋନ ନମ୍ବର ପାଇ ପାରିବେ। ସେହିପରି ଏଫ୍‌ଆଇଆରର ସ୍ଥିତି ଜାଣିପାରିବେ। ଏକ ଆପତ୍‌କାଳୀନ ବଟନ ସୁବିଧା ରହିଛି, ଯେଉଁଠିକୁ ଦବାଇଲେ ତୁରନ୍ତ ପୋଲିସ ସହାୟତା ମିଳିପାରିବ। ମହିଳା ସୁବିଧାରେ କିପରି ପୋଲିସ ସହାୟତା ନେଇପାରିବେ ତାହା ଏହି ପ୍ରୋଜେକ୍ଟର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏସ୍‌ପି କହିଛନ୍ତି।

ସେହିପରି ନାଗରିକଙ୍କ ସୁରକ୍ଷା ପାଇଁ ଇ-ବିଟ୍ କାର୍ଯ୍ୟକ୍ରମରେ ପାଟ୍ରୋଲିଂ, ନାଇଟ୍ ରାଉଣ୍ଡ, ବରିଷ୍ଠ ନାଗରିକ ସମୀକ୍ଷା ଓ ହାବିଚୁଆଲ ଅଫେଣ୍ଡର ମନିଟରିଂର ଡିଜିଟାଲିଜେଶନ ମାଧ୍ୟମରେ ନଜର ରଖାଯିବ। ଇ-ଡ୍ୟୁଟି ବା ସେବା ଡ୍ୟୁଟି ଜରିଆରେ ଲୋକମାନେ କିପରି ଭଲ ନ୍ୟାୟ ସଙ୍ଗତ ସେବା ପାଇପାରିବେ ସେ ନେଇ ସୁନିଶ୍ଚିତ କରାଯିବ। ଅନୁସନ୍ଧାନ ପୋର୍ଟାଲ ଜରିଆରେ ନାଗରିକମାନେ ଅନ୍‌ଲାଇନରେ ଏଫ୍‌ଆଇଆର୍ ଓ ତଦନ୍ତର ଅବଗତି ଦେଖିପାରିବେ। ଏହାଦ୍ୱାରା ପୋଲିସ ଷ୍ଟେସନ ଯିବାକୁ ପଡ଼ିବ ନାହିଁ। ପୋଲିସ ବିଭାଗର ସ୍ୱଚ୍ଛ, ସୁଗମ ଓ ପ୍ରତିକ୍ରିୟାଶୀଳ ପ୍ରତିବଦ୍ଧତାକୁ ଶକ୍ତିଶାଳୀ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟ କେନ୍ଦ୍ର ଗେଟ୍ ସମ୍ମୁଖରୁ ସଫାହେଲା ଅଳିଆ




ଢେଙ୍କିକୋଟ,୧୧।୧୨(ନୀଳମଣି ମଣ୍ଡଳ)

**ଧରିତ୍ରୀ ପ୍ରଭାବ**

କେନ୍ଦୁଝର ଜିଲା ଆଦିବାସୀ ଅଧୁଷିତ ଢେଙ୍କିକୋଟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର(ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର)କୁ ଗତ ସୋମବାର ଏକ ବ୍ଲକ୍‌ସ୍ତରୀୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଥିଲା। ସେ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଫାଟକର ୨ କଡ଼ରେ କୁଢ଼ କୁଢ଼ ଅଳିଆ ଗଦା ହୋଇଥିବା ଦେଖିବାକୁ ମିଳିଥିଲା। ପରେ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଭିତରକୁ ଡାକ୍ତରଖାନା କର୍ମଚାରୀ ପାଛୋଟି ନେଇଥିଲେ। ନୂତନ କୋଠା ଚାରି ପାଖରେ କୁଢ଼ କୁଢ଼ ଆବର୍ଜନା ଭରି ରହିଥିବାରୁ ଟିମକୁ ବୁଲିବାକୁ ଦେଇ ନ ଥିଲେ। ଅଳିଆ ଜମା ହୋଇଥିବା ସମ୍ପର୍କିତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଅଳିଆ ସଫା କରାଯାଇଥିବା ଦେଖାଯାଛି।

ପ୍ରକାଶ ଯେ, କେନ୍ଦୁଝର ଜିଲା ଡିଏମ୍‌ଏଫ୍ ଫଣ୍ଡ ତରଫରୁ ଜିଲାପାଳଙ୍କ ଦ୍ୱାରା ନିଯୁକ୍ତ ଡାକ୍ତର ଖବର ସମ୍ପର୍କରେ ଜାଣିବା ପରେ ଗୁରୁବାର ମୁଖ୍ୟ ଫାଟକ ୨ ପାର୍ଶ୍ୱରେ ଥିବା ଅଳିଆ ସଫା କରାଇଛି। ଏଥିସହ ନୂତନ କୋଠା ଚାରି ପାଖରେ ଅଳିଆ ଆବର୍ଜନା ଭରି ରହିଥିବାକୁ ପୋଡ଼ି ଦିଆଯାଇଥିବା ଦେଖିବାକୁ ମିଳିଛି। ସମ୍ମୁଖରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ୨ଟି ହୋଡିଂକୁ ଆବର୍ଜନା ଛେକି ଦେଇଥିବା ବେଳେ ଅଧା ଆବର୍ଜନା ଦେଖାଯାଉଛି। ଅନ୍ୟପେକ୍ଷ କୌଣସି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜିଲାପାଳ କେବେ ପରିଦର୍ଶନରେ ଯାଉ ନ ଥିବାରୁ ଡାକ୍ତରଖାନାଗୁଡ଼ିକର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏଣୁ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଅନ୍‌ଲାଇନ୍ ଠକେଇ ଅଭିଯୋଗରେ ଜଣେ ଗିରଫ



ଯୋଡ଼ା,୧୧।୧୨(ମାନସ ମହାନ୍ତି)

ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ବେଆଇନ ଅର୍ଥ କାରବାର ଅଭିଯୋଗରେ ଯୋଡ଼ା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦେବଗଡ଼ ଜିଲାର ଚନ୍ଦ୍ର କାନ୍ତ ସାମଲ। ଅନ୍‌ଲାଇନ ଠକେଇରେ ବ୍ୟବହୃତ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିଛି। ଖବରଦାତା ସମ୍ମିଳନୀରେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ଯୋଡା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଆର୍ଥିକ ଠକେଇ ଓ ସାଇବର ଅପରାଧ ଅର୍ଥ କାରବାର କରୁଥିଲେ। ଏ ନେଇ ଗୃହ ମନ୍ତ୍ରଣାଳୟ ପକ୍ଷରୁ ପୋଲିସକୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ପୋଲିସ ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ କରିବା ପରେ ଅଭିଯୁକ୍ତ କୌଣସି କାର୍ଯ୍ୟ ନ କରି ଅନ୍‌ଲାଇନ ମାଧ୍ୟମରେ ଅନେକ ଲକ୍ଷ ଟଙ୍କା କାରବାର କରି ଆସୁଥିବା ଜାଣିଥିଲା। ଅଭିଯୁକ୍ତଙ୍କ ବୟାନ ଅନୁଯାୟୀ, କମିଶନ ଆଧାରରେ ଜଣେ ମଧ୍ୟସ୍ଥି ତାଙ୍କ ଆକାଉଣ୍ଟ ବ୍ୟବହାର କରୁଥିଲେ। ମାତ୍ର ଉକ୍ତ ମଧ୍ୟସ୍ଥିଙ୍କ ପରିଚୟ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି। ଅଭିଯୁକ୍ତଙ୍କଠାରୁ ପୋଲିସ ୫ଟି ବିଭିନ୍ନ ବ୍ୟାଙ୍କର ଏଟିଏମ, ୨ଟି ଚେକ୍ ବୁକ୍, ଗୋଟିଏ ପାସ୍ ବୁକ୍ ଓ ସେ ବ୍ୟବହାର କରିଥିବା ମୋବାଇଲକୁ ଜବତ କରିଛି। ଯୋଡ଼ା ଥାନାରେ ଏକ ମାମଲା(ନଂ.୩୮୬/୨୦୨୫) ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ କହିଛି।

## ପୋଲିସ ପକ୍ଷରୁ ସାଇବର ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅଧିକାରୀମାନେ।

କେନ୍ଦୁଝର,୧୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଅଡିଟୋରିୟମରେ କେନ୍ଦୁଝର ପୋଲିସ ପକ୍ଷରୁ ସାଇବର ସେଫ୍ଟି କ୍ୟାମ୍ପେନ ଓଡ଼ିଶା-୨୦୨୫ ଆୟୋଜିତ ହୋଇଯାଇଛି। ସମାରୋହରେ ଯୁବଗୋଷ୍ଠୀ, ସ୍ୱୟଂସହାୟକ ଗୋଷ୍ଠୀ, ଛାତ୍ରୀଛାତ୍ର, ସାଧାରଣ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳ ସଦସ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଭାବେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସମ୍ମାନିତ ଅତିଥିଭାବେ ଜିଲାପାଳ ବିଶାଳ ସିଂ, ଅନ୍ୟତମ ଅତିଥିଭାବେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଧନ୍‌ରାଜ ଏଚ୍‌ଡି, କେନ୍ଦୁଝର ପୌର ଅଧକ୍ଷା ନିକୁ ସାହୁ, ଓଲିଉଡ଼ ଅଭିନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଯୋଗଦେଇ ସାଇବର ସଚେତନତା ସମ୍ପର୍କରେ ମତ ରଖିଥିଲେ। କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ସଭାପତିତ୍ୱ କରି ବିଭିନ୍ନ ସଚେତନଧର୍ମୀ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରିଥିଲେ। ଏଥିସହ ରାଜ୍ୟରେ ପ୍ରଥମ ଥର ପାଇଁ ଅନୁସନ୍ଧାନ ପୋର୍ଟାଲ, ଇ-ଡ୍ୟୁଟି ପରିଚାଳନା, ଇ-ବିଟ୍ ଓ ପ୍ରୋଜେକ୍ଟ ରାଖୀର ଶୁଭ ଉନ୍ମୋଚନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାଷୀ ମାଧ୍ୟମରେ ସମବେତ ଗୋଷ୍ଠୀଙ୍କୁ ସାଇବର ସଚେତନତା ସମ୍ପର୍କରେ ଶପଥ ପାଠ କରାଇଥିଲେ। ଆୟୋଜିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଖଣି ଅଞ୍ଚଳ ବୁଲିଲେ ଜର୍ମାନୀ, ଜାପାନର ବିଶେଷଜ୍ଞ ଦଳ

ଯୋଡ଼ା,୧୧।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲାର ଯୋଡ଼ା ଖଣି ମଣ୍ଡଳରେ ବିଦେଶରୁ ଆସିଥିବା ଖଣି ବିଶେଷଜ୍ଞ ଗୁରୁବାର ବୁଲି ଦେଖିଛନ୍ତି। ଖଣି ବିଶେଷଜ୍ଞ ବିଭିନ୍ନ ଖଣି ବୁଲି ଦେଖିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସୂଚନା ଅନୁଯାୟୀ, ଏକ ଘରୋଇ ଖଣି ଓ ଶିଳ୍ପ କମ୍ପାନୀର ଅତିଥି ଭବନରେ ଜର୍ମାନୀ ଓ ଜାପାନରୁ ଆସିଥିବା ବିଶେଷଜ୍ଞ ଦଳ ରହିଥିଲେ। ଚଳିତ ମାସ ୫ ରୁ ୯ ତାରିଖ ମଧ୍ୟରେ ଏହି ବିଦେଶୀ ବିଶେଷଜ୍ଞମାନେ ଅବସ୍ଥାନ କରିଥିଲେ। ସୋଜଚି କିୟୋକାୱା, ମୋଟମୁରା କେଣ୍ଟୋ, କୁରୀ ହାରାଆରୁ, ଯୋହାନା କାଠାରିନ, ଓସ୍କାର ଶ୍ରାମ, ଜହନାଓ ଫେବିଆନ, ଇବର୍ଟ କାଥାରିନ ପ୍ରମୁଖ ଆସିଥିବା ସୂଚନା ମିଳିଛି। ଏହି ବିଶେଷଜ୍ଞ ଦଳ ଯୋଡ଼ା ଖଣି ମଣ୍ଡଳର ଏକ ବୃହତ ଖଣିକୁ ଯାଇ ଖଣି ପଦ୍ଧତି, ଖଣିଜ ଉତ୍ତୋଳନର ଜ୍ଞାନ କୌଶଳର ବିଶ୍ଳେଷଣ କରିଥିଲେ। ବୃହତ ଖଣି ଗୁଡ଼ିକରେ ହେଉଥିବା ସଷ୍ଟେନେବୁଲ ଖଣି ପଦ୍ଧତି ଉପରେ ବିଶେଷଜ୍ଞ ଦଳ ଦେଖିଥିଲେ ବୋଲି ସୂଚନା ରହିଛି।

## ସ୍ଥିତି ପରଖିଲେ ପ୍ରଶାସନିକ ଅଧିକାରୀ

**ଆଜି ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ପାଇଁ ଗ୍ରାମସଭା**

ପାଟଣା,୧୧।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଜମୁନାପୋଷି ଓ ଚେମେଣା ଆରଆଇ ସର୍କଲର ୧୨ଟି ମୌଜାରେ ପ୍ରସ୍ତାବିତ୍ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ପ୍ରଥମ ଗ୍ରାମସଭା ଅନୁଷ୍ଠିତ ହେବ। ପାଟଣା ବ୍ଲକ୍ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶିରେ ପୂର୍ବାହ୍ନ ୧୦ଟା ୩୦ରେ ଅନୁଷ୍ଠିତ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଛି। ଏ ନେଇ ଗୁରୁବାର ପ୍ରଶାସନିକ ଅଧିକାରୀମାନେ ଗ୍ରାମସଭା ସ୍ଥାନ ଓ ଅଞ୍ଚଳ ବୁଲ ସ୍ଥିତି ପରଖିଛନ୍ତି।

ସୂଚନା ଅନୁଯାୟୀ, ମୋଟ ୨୯ ଏକର ୬୧୦ ଡିସିମିଲ ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଉପରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯିବ। ଗ୍ରାମସଭାରେ ପାଟଣା ବ୍ଲକ୍‌ର ଅଧିକାରୀ ଉପସ୍ଥିତ ରହିବା ପାଇଁ ପାଟଣା ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଭୃଙ୍ଗରାଜପଶିଠାରେ ଜୋନ ଅଫିସର ରଣଜିତ ଦାଶ, ପାଟଣା ବିଡିଓ ମାନସ ଦଣ୍ଡପାଟ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା, ଚମ୍ପୁଆ ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁ, ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତୀରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗ୍ରାମସଭାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୃତୟନ କରାଯାଇଛି।

**ସରକାରୀ ମେଡିସିନ ଘରୋଇ ଡାକ୍ତରଖାନାରେ ମିଳିବା ଘଟଣା**

## ରିପୋର୍ଟ ଦେଲେନି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

କେନ୍ଦୁଝର,୧୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଏକ ଘରୋଇ ହସ୍ପିଟାଲରୁ ସରକାରୀ ମେଡିସିନ ଜବତ ହୋଇଛି। ଘଟଣାରେ କେନ୍ଦୁଝର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଜବତ ଔଷଧ ବିଷୟରେ ରିପୋର୍ଟ ପ୍ରଦାନ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନୋଟିସ୍ ଜାରି କରିଥିଲା। ମାତ୍ର ଗତ ୧୦ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଉଲ୍ଲେଖ ଥିବା ବେଳେ ଅଦ୍ୟାବଧି ରିପୋର୍ଟ ପ୍ରଦାନ ହୋଇ ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, କେନ୍ଦୁଝରର ଡ୍ରଗ୍ ଇନ୍ସପେକ୍ଟର ଅମିତ ପ୍ରୀତମ ବେହେରା ଗତ ୨୬ ତାରିଖରେ ଘରୋଇ ହସ୍ପିଟାଲରୁ ଓଏସ୍‌ଏମ୍‌ସି ସିଲ୍ ଏବଂ 'ଓଡ଼ିଶା ସରକାରୀ ଯୋଗାଣ-ବିକ୍ରୟ ପାଇଁ ନୁହେଁ' ଲେବଲ ଥିବା ୨୩୯ ନମ୍ବର ଏରିଥ୍ରୋପୋଏଟିନ ଇଞ୍ଜେକ୍ସନ ଆଇପି (୪000 ଆଇୟୁ) ଜବତ କରିଥିଲେ। ଏହି ଔଷଧ ମୂଳତଃ ୧୦ ସେପ୍ଟେମ୍ବର ୨୦୨୫ ତାରିଖ ସଂଖ୍ୟା ୧୦୩୧୨୫୦୯୦୦୧୫୭ ମାଧ୍ୟମରେ କେନ୍ଦୁଝରର ଜିଲା ମୁଖ୍ୟ ଡାକ୍ତରଖନାକୁ ଯୋଗାଣ କରାଯାଇଥିଲା। ସରକାରୀ ମେଡିସନର ଅପବ୍ୟବହାର ହୋଇଥିବା ଡ୍ରଗ୍ସ ଇନ୍ସପେକ୍ଟର ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ଆଧାରରେ କେନ୍ଦୁଝର ପୋଲିସ ରବିବାର ହସ୍ପିଟାଲ ମାଲିକ ଏବଂ ପରିଚାଳକଙ୍କୁ ଗିରଫ କରିଛି। ତଦନ୍ତ ସମୟରେ ପୋଲିସ ବିଏନ୍‌ଏସ୍ ଧାରା ୯୪ ଅନୁଯାୟୀ ଜିଲା ମୁଖ୍ୟ ଡାକ୍ତରଖନାର ସିଡିଏମ୍‌ଓଙ୍କୁ ନୋଟିସ୍ ଜାରି କରି ଆବଶ୍ୟକ ସୂଚନା ମାଗିଛି। ଚଳିତ ମାସର ୧୦ ତାରିଖ ସୁଦ୍ଧା ସୂଚନା ଯୋଗାଇବାକୁ କହିଥିଲା। ମାତ୍ର ସମୟ ବିତିଯାଇଥିଲେ ମଧ୍ୟ ସିଡିଏମଓ ଆବଶ୍ୟକୀୟ ସୂଚନା ପ୍ରଦାନ କରିନାହାନ୍ତି। ସିଡିଏମଓ କେନ୍ଦୁଝର ଡା. ବିବି ମିଶ୍ର କହିଛନ୍ତି, ଯେହେତୁ ଉକ୍ତ ଔଷଧ ବିଭିନ୍ନ ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଣ୍ଟନ କରାଯାଇଥିଲା। ସେମାନଙ୍କୁ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସବୁ ରିପୋର୍ଟ ପାଇବା ପରେ ପୋଲିସକୁ ପ୍ରଦାନ କରାଯିବ ବୋଲି କହିଥିଲେ।


## 'ବିଜ୍ଞାନ ପ୍ରଦର୍ଶନୀ ଶିଶୁଙ୍କ ଚିନ୍ତାଧାରା ବୃଦ୍ଧି କରେ'


କେନ୍ଦୁଝର,୧୧।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫-୨୬ ସ୍ଥାନୀୟ ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥିଭାବରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ମୁଖ୍ୟ ବକ୍ତାଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷା କଲ୍ୟାଣୀ ମାଝୀ ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ଶିଶୁଙ୍କଠାରେ ନୂତନ ବୈଜ୍ଞାନିକ ଚିନ୍ତାଧାରାର ଅଭ୍ୟୁଦୟ ଘଟିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ, ପାଟଣା ମଣ୍ଡଳ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଯୋଗଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ବିଜ୍ଞାନ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିବା ବେଳେ ସଦର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ କପିଳ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସମ୍ମାନିତ ଅତିଥିଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରତିଭା ପୁଷ୍ଟି ଯୋଗଦେଇ କୃତୀ ବୈଜ୍ଞାନିକଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଭୋପାଳଠାରେ ଅନୁଷ୍ଠିତ ୨୦୨୪-୨୫ ଶିକ୍ଷା ବର୍ଷର ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗଦେଇଥିବା ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୁନି ବୈଜ୍ଞାନିକ ଦେବସ୍ମିତା ରାଉତ ଓ ମାର୍ଗଦର୍ଶୀ ବିଜ୍ଞାନ ଶିକ୍ଷକ ବିଜୟ ମିଶ୍ରଙ୍କୁ ଜିଲା ତରଫରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୧।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣିଠାରୁ ଏକ ଚୋରା ଖଣିଜ ବୋଝେଇ ଟ୍ରକ୍‌କୁ ପୋଲିସ ଜବତ କରିଛି। ଟ୍ରକ୍‌ରେ ବୋଝେଇ ଖଣିଜର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି । ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ଟ୍ରକ୍( ନଂ. ଓଡି ୦୪ ପି ୯୩୪୩)ଯୋଗେ ବାଂଶପାଣି ଓଏମ୍‌ସି କୋଚା ନିକଟ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଲୁହାପଥର ଚାଲାଣ ହେଉଥିଲା। ବାଂଶପାଣି ରାସ୍ତାରେ ପୋଲିସ ଟ୍ରକ୍ ଯାଞ୍ଚ କରିବା ବେଳେ ଟ୍ରକ୍ ଡ୍ରାଇଭର ଟ୍ରକ୍ ଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ପ୍ରାୟ ୩୫ ମେଟ୍ରିକ ଟନ୍ ଲୁହାପଥର ଜବତ କରିଥିଲା। ଯୋଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଆରମ୍ଭ ହୋଇଥିବା ଯୋଡ଼ା ଆଇଆଇସି ପ୍ରଶାନ୍ତ ସାମଲ ସୂଚନା ଦେଇଛନ୍ତି।






ପ୍ରଥମ ପୃଷ୍ଠାରୁ...

## ୫ ବର୍ଷରେ ସବୁ ଖାଲି ...

ସୁବିଧା ମିଳିବ। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା ୩.୦ରେ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲାରେ ୨୦୧ଟି ଚେକ୍‌ଡ୍ୟାମ୍ ପାଇଁ ଭିତ୍ତିପ୍ରସ୍ତର ମଧ ରଖାଯାଇଛି। ପ୍ରାୟ ୧୬୦ କୋଟି ଟଙ୍କା ବିନିଯୋଗରେ ଏହା ନିର୍ମାଣ କରାଯିବ ଏବଂ ଏହାଦ୍ୱାରା ୫୩୨୫ ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବ। ୧୨୫ କୋଟି ଟଙ୍କା ବିନିଯୋଗରେ ମୟୂରଭଞ୍ଜ ଓ ଗଜପତି ଜିଲାରେ ଦୁଇଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଉଦ୍ଘାଟନ କରାଯାଇଛି। ଏହାଦ୍ୱାରା ୪ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବା ସହିତ ପ୍ରାୟ ୧୦ ହଜାର ଚାଷୀ ଉପକୃତ ହେବେ। ଏହା ସହିତ ଆନନ୍ଦପୁର ବ୍ୟାରେଜର ଶାଳନ୍ଦୀ ବାମପାର୍ଶ୍ୱ କେନାଲ, ଅନୁଗୋଳର ଅଙ୍ଗପଡ଼ାଠାରେ ୩୩ କୋଟି ଟଙ୍କା ବିନିଯୋଗରେ ଏକ ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉଦ୍ଘାଟିତ ହୋଇଥିବା ଜଳସେଚନ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୧୬,୨୫୭ ହେକ୍ଟର ଚାଷଜମିରେ ଜଳସେଚନର ସୁବିଧା ସହିତ ୬୪ ହଜାର ଚାଷୀଭାଇ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ରଖାଯାଇଥିବା ପ୍ରକଳ୍ପ ଦ୍ୱାରା ୧, ୫୫,୩୬୦ ହେକ୍ଟର ଜମିରେ ଜଳସେଚନ ସୁବିଧାର ବିକାଶ ହେବ ଏବଂ ପ୍ରାୟ ୬୩ ହଜାର କୃଷକ ଉପକୃତ ହେବେ। ସମୁଦାୟ ପ୍ରାୟ ୧ ଲକ୍ଷ ୨୭ ହଜାର କୃଷକ ଉପକୃତ ହେବେ। ଏହି ଅବସରରେ ଜଳ ସମ୍ପଦ ବିଭାଗର ୩୩୨, ପୂର୍ତ୍ତ ବିଭାଗର ୧୯୨, ଗୃହ ଓ ନଗର ଉନ୍ନୟନ ବିଭାଗର ୧୪୨ ଜଣ ସହାୟକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ୫ ଜଣ ଅର୍ଥ ଓ ହିସାବ ଅଧିକାରୀ ଏବଂ ୧୫ ଜଣ ଯୋଜନା ସହାୟକଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା। ସମୁଦାୟ ୫୯୧ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ଉନ୍ନତି ପାଇଁ ନିଯୁକ୍ତି ଆବଶ୍ୟକ ଏବଂ ଏହି କଥାକୁ ମୁଖ୍ୟମନ୍ତ୍ରୀ ହୃଦୟଙ୍ଗମ କରି ତ୍ୱରିତ ଗତିରେ ଆଜି ଅନେକ ଖାଲି ପଦବୀ ପୂରଣ କରୁଛନ୍ତି। ସେବ୍ୟକ୍ତି, ପେଶାଦାରିତା ଓ ନିଷ୍ଠାର ସହ ଆଜିଠାରୁ ଭବିଷ୍ୟତ ପାଇଁ ମାନସିକତା ନେଇ କାର୍ଯ୍ୟ କରିବାକୁ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନବ ନିଯୁକ୍ତମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତଭାଷଣ ଦେଇଥିବା ବେଳେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ୧୧ ଅଭିଯୁକ୍ତଙ୍କ ବିରୋଧରେ ...

ମାଗିବା ନେଇ ଏନ୍‌ଆଇଏ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ରାଉରକେଲାର ଏକ ପଥର ଖଣିରୁ ବିସ୍ଫୋରକ ନେବା ଆଣିବାବେଳେ ସିପିଆଇ ମାଓବାଦୀ ଟେରର୍ ଅର୍ଗାନାଇଜେସନ ସଦସ୍ୟମାନେ ଏହାକୁ ଲୁଟ୍ କରିଥିବା ଏନ୍‌ଆଇଏ ଉଲ୍ଲେଖ କରିଛନ୍ତି। ବାଙ୍କୋ ପଥର ଖଣିରୁ ୨ଟକିଲାର ମୋଟ ୨୦୦ ପ୍ୟାକେଟ ବିସ୍ଫୋରକ ଲୁଟ୍ ହୋଇଥିଲା। ୨୦୨୫ ମେ' ୨୭ରେ ବିସ୍ଫୋରକଗୁଡ଼ିକୁ ଇମ୍ପା ବିସ୍ଫୋରକ ଷ୍ଟେସନରୁ ବାଙ୍କୋ ପଥର ଖଣିକୁ ନିଆଯାଉଥିଲା। ସେତେବେଳେ ୧୦ରୁ ୧୫ଜଣ ଶସ୍ତ୍ରଧାରୀ ମାଓବାଦୀ ବିସ୍ଫୋରକ ବୋଝେଇ ଗାଡ଼ି ସହ ଚାଳକଙ୍କୁ ଜବରଦସ୍ତି ଅପହରଣ କରି ନେଇଥିଲେ। ଏହି ଘଟଣାରେ ପୋଲିସ ଓ ବିଏସ୍ଏଫ୍ ଯବାନଙ୍କ ଦ୍ୱାରା ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଜୁନ୍ ମାସରେ ଏନ୍‌ଆଇଏ ଏହି ମାମଲାକୁ ସ୍ଥାନୀୟ ପୋଲିସଠାରୁ ନେଇଥିଲା। ଏତେ ପରିମାଣର ବିସ୍ଫୋରକ ଲୁଟିବା ପଛରେ ସରକାରୀ ଅଧିକାରୀଙ୍କୁ ଚାପ ପକାଇବା, ବିଶେଷକରି ପୋଲିସ ଓ ସୁରକ୍ଷା ବାହିନୀମାନଙ୍କ ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟ ରଖି ମାଓବାଦୀଙ୍କ ଦ୍ୱାରା ଲୁଟ କରାଯାଇଥିଲା। ଏହା ଦେଶର ସୁରକ୍ଷା ଓ ସ୍ଥିରତାକୁ ଅସ୍ଥିର କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ଥିଲା ବୋଲି ଏନ୍‌ଆଇଏ ପକ୍ଷରୁ କୁହାଯାଇଥିବା ବେଳେ ମାମଲାର ତଦନ୍ତ ଜାରି ରହିଥିବା ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

## କଂଗ୍ରେସ ନେତୃତ୍ୱକୁ ଚ୍ୟାଲେଞ୍ଜ ପ୍ରସଙ୍ଗ
# ମୋକିମ୍‌ଙ୍କୁ ଘେରିଲେ ସୁର, ଜୟଦେବ

ଭୁବନେଶ୍ୱର,୧୧।୧୨ (ଦକ୍ଷିଣାୟନ ଜେନା) ରାଜ୍ୟ ତଥା ସର୍ବଭାରତୀୟସ୍ତରରେ କଂଗ୍ରେସର ନେତୃତ୍ୱକୁ ନେଇ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ପ୍ରଶ୍ନ ଉଠାଇବା ପରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ଏବଂ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ମୋକିମଙ୍କୁ ଘେରିଛନ୍ତି। ସୁରେଶ ରାଉତରାୟ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, କଂଗ୍ରେସରୁ ଟିକେଟ ପାଇ ବିଧାୟକ ହୋଇଥିବାରୁ ଲୋକେ ତୁମକୁ ଚିହ୍ନିଛନ୍ତି। ଆମେ ଦଳପାଇଁ ୧୮ ଘଣ୍ଟା ଖଟୁଛୁ, ତୁମେ ଦଳରେ ରହୁନାହଁ ବୋଲି କଂଗ୍ରେସକୁ ଶସ୍ତା କରୁଛ। ସେ କହିଛନ୍ତି, ମୋକିମବାବୁ କଂଗ୍ରେସ ନେତୃତ୍ୱକୁ ନେଇ ଯେଉଁ ପ୍ରଶ୍ନ ଉଠାଉଛନ୍ତି, ଏହାଦ୍ୱାରା ନିଜ ଝିଅର କ୍ୟାରିୟରକୁ ନଷ୍ଟ କରିବାକୁ ଯାଉଛନ୍ତି। ଦଳ ବିରୋଧରେ ଏଭଳି କହିବା ଆଦୌ ଉଚିତ ନୁହେଁ। ସୁର କହିଛନ୍ତି, ମୋକିମ ଯଦି ଏଆଇସିସିକୁ ଚିଠି ଲେଖିବାର ଥିଲା ତାହା କାହିଁକି ଗଣମାଧ୍ୟମକୁ ଦେଲେ। ସେହିପରି ଜୟଦେବ ଜେନା କହିଛନ୍ତି, ମୋକିମଙ୍କ ଏପରି କାର୍ଯ୍ୟକୁ ମୁଁ ନାପସନ୍ଦ କରୁଛି। ଏଆଇସିସି ସଭାପତିଙ୍କ ବୟସକୁ ନେଇ ପ୍ରଶ୍ନ କରିବା ଏବଂ ରାହୁଲଙ୍କୁ ଦେଖାକରିପାରିଲେନି ବୋଲି ଚିଠି ଲେଖି ଗଣମାଧ୍ୟମ ସମ୍ମୁଖରେ ରଖିବାର କୌଣସି ଯଥାର୍ଥତା ନ ଥିଲା। ରାହୁଲ ସାରା ଦେଶ କଥା ବୁଝୁଛନ୍ତି, ମୁଁ ଲେଖିଥିବା ଚିଠିରେ ଉତ୍ତର ମଧ୍ୟ ପାଇଛି। ସେଣୁ ଏହାକୁ ଏକ ପ୍ରସଙ୍ଗ କରିବା ଆଦୌ ଉଚିତ ନୁହେଁ। ଏସ୍କ୍ରାନରେ ମୋକିମ କହିଛନ୍ତି, ଦଳକୁ ସୁଦୃଢ଼ କରିବାପାଇଁ ଯାହା ଉଚିତ ମନେକଲି ତାହା ଲେଖି ଜଣାଇଛି। ଏହାକୁ ନେଇ ରାଜନୀତି ହେବା କଥା ନୁହେଁ।



## OFFICE OF THE PANCHAYAT SAMITI, RANGEILUNDA

Ph.: 0680-2119380(O), Fax No.: 0680-2119380(F)
Email ID: ori-rengaliguda@nic.in

L. No. 7152 VIII-87/25 Dtd.: 10.12.25

**Corrigendum of e-tender Call Notice No. 2/2025-26 published vide Letter No. 6715, Dtd.26.11.2025**

No. i-420: e-Tender Call Notice No. 2/2025-26 of Panchayat Samiti, Rangeilunda vide Letter No. 6715, Dtd.26.11.2025 due to some technical error, the date line of e-tender has been modified for the online bidding last date of e-Tender paper submission to the read as 01.01.2026 at 17.00 P.M. instead of 22.12.2025 and the opening of tender paper is 03.01.2026 at 11.00 A.M. instead of 24.12.2025 at 3.00 P.M.

Sd./- Block Developement Officer, Rangeilunda
OIPR-19424/11/0010/2526

## OFFICE OF THE SUPERINTENDENT DHARANIDHAR MEDICAL COLLEGE & HOSPITAL, KEONHAR - 758001

Email: supdtgmckeonjhar@gmail.com
Order No. 5304/DDMCH, Keonjhar Date: 9.12.2025

**CORRIGENDUM TO THE TENDER NOTICE**

No. E-584: Some corrigendum have been made to tender call notice No. 4909 dated 13.11.2025 of the office of the undersigned. The serial No. 08 rules/guidelines for last date of submission of tender for stationary items of 08.12.2025 is hereby changed and the time extended upto 30.12.2025 at 5.00 P.M. The tender will be opened on 31.12.2025 at 12.00 Noon. Other terms condition of the tender call notice are remain unaltered. The details are available in the website www.gmchkeonjhar.odisha.gov.in and kendujhar.nic.in.

Sd./- Superintendent
Dharanidhar Medical College & Hospital, Keonjhar
OIPR-10205/11/0020/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

No.O-1730

e-PROCUREMENT NOTICE NO.Tender Online 13 JJPT of 2025-26

| | | |
|---|---|---|
| 1. Name of the Work | | Building Works |
| 2. Total No. of Work | | 02 Nos. Building Works |
| 3. Estimated Cost (Approx.) | | Rs.84.00 Lakhs |
| 4. Period of Completion | | 270 Days |
| 5. Class of Contractors | | "B" Class |

Other details as follows:

| | |
|---|---|
| a) Procurement Officer | Superintending Engineer, Rural Works Division, Jajpur |
| b) Availability of tender online & submission of bid | 12.12.2025 at 11.00 AM to 22.12.2025 upto 5.00 PM |
| c) Last date & time of seeking of tender clarification | 20.12.2025 upto 5.00 PM |
| d) Opening of Technical Bid | 23.12.2025 at 11.30 A.M. |

Further details can be seen from the Govt. website www.tendersodisha.gov.in

Note: If situation arises the transparent lottery will be held on 30.12.2025, At 11.30 AM.

Sd./- Superintending Engineer
Rural Works Division, Jajpur
OIPR-25047/11/0057/2526

## OFFICE OF THE MUNICIPAL COUNCIL, BELPAHAR

No.C-1727
M - 06645-356292
Fax - 06645-250236
Email : municipalitybelpahar@gmail.com

**"e" PROCUREMENT NOTICE**
BID REFERENCE NO. EO/BPHM/MS/01/25-26
BID IDENTIFICATION NO. 2025_ORULB_122817
Tender Call Notice No. 3258 Dt.08.12.2025

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Providing Manpower Services to Belpahar Municipality for Operation and Maintenance of Smart Park during 2025-26 |
| No of Works | : | 01 No. |
| Value of work | : | Rs.12,91,506.00 |
| Period of Completion | : | 12 Calendar Months |
| Date & Time of availability of the bid documents in the portal | : | From dt.09.12.2025 at 10.00 A.M. to dt.18.12.2025 up to 5.00 P.M. |
| Bids received online shall be opened on | : | 11.00 A.M. onwards on dt.19.12.2025 |
| Name & address of the officer inviting EOI | : | Executive Officer, Belpahar Municipality |

Further the details can be seen from the procurement portal : www.tendersorissa.gov.in. If any addendum/corrigendum/cancellation of tender shall be published in the above website only.

Sd./- Executive Officer
Belpahar Municipality
OIPR-13050/11/0024/2526

## OFFICE OF THE ROURKELA MUNICIPAL CORPORATION

UDIT NAGAR, ROURKELA, ODISHA - 769012
E-mail Id : rourkelamunicipality@gmail.com
No. 14126 Date : 06.12.2025

**AUCTION SALE NOTICE FOR PARKING LOTS IN TRAFFIC GATE PARKING AREA & SENSORY PARK UNDER ROURKELA MUNICIPAL CORPORATION**

No.C-1721 : Sealed Quotations are invited from the intending Authorized Firms / Agencies for Auction of parking space near traffic Gate, Rourkela. The agencies must have valid GST registration certificate and PAN Card. The agency should quote the rate as per the below mentioned format in the letterhead and submit the sealed Tender super scribed on cover as **"Auction Sale Notice for Parking Lots in Traffic gate parking Area & Sensory Park under Rourkela Municipal Corporation"** and reach to the undersigned on or before 22.12.2025 up to 01.00 PM through Regd. Post/ Speed Post/ Courier/ or by hand. The Tender will be opened on the same day at 04.30 PM in presence of the Bidders or their authorized representatives who wish to attend. Authority will not be responsible for any delay in receipt of Tender and the same will not be accepted. The undersigned reserves the right to reject / cancel any or all the Quotations at any time without assigning any reason thereof. The Tender Paper may be downloaded from RMC website: rmc.nic.in.

Sd./- Commissioner
Rourkela Municipal Corporation
OIPR-13131/11/0183/2526

## GOVERNMENT OF ODISHA Office of the Superintending Engineer Bhanjanagar (R&B) Division, Bhanjanagar

(Phone/Fax) (06821) 241133 / E-mail : eernbbngr@yahoo.in)
No.B-812 Ltr. No. //881//Dtd.05.12.2025

**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-19/2025-26

| | | |
|---|---|---|
| 1. No. of work | : | Building Works |
| 2. No. of works | : | 2 Nos. Building Work |
| 3. No. of Covers | : | Double Cover |
| 4. Estimated cost | : | Rs.61.98 to 66.66 lakhs |
| 5. Period of Completion | : | Six Calendar Months |
| 6. Date of time of availability of bid document in the portal | : | From 12.00 Noon of dated 12.12.2025 to 5.00 P.M. of dated 22.12.2025 |
| 7. Last date/time for receipt of bids in the portal | : | Up to 5.00 P.M. of dated 22.12.2025 |
| 8. Date of opening of bid documents | : | At 11.00 A.M. of dated 23.12.2025 |
| 9. Class of contractor | : | "B" Class Contractor |
| 10. Name and address of Officer inviting bid | : | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer
Bhanjanagar (R&B) Division
OIPR-34015/11/0034/2526

## ROURKELA SMART CITY LIMITED, Rourkela

2nd & 3rd Floor, ICCC Building, Rourakela One, Pan-posh-769004, Email: rourkelascl@gmail.com
BID ID : RSCL/1774/2025 DATE : 09.12.2025

**NOTICE INVITING TENDER NATIONAL COMPETITIVE BIDDING**

No.C-1758 : The Chief Executive Officer, RSCL, invites bids from eligible contractors for the following project:

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Development of Surface Parking in front of Nexa Showroom on percentage basis | 56.73 Lakhs. |

The Tender Fees of Rs.11,800/-to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in from 12.12.2025 to 29.12.2025(upto 13:00 Hrs. IST). Pre- Bid Meeting will be held on 19.12.2025 at 12.30 P.M. in the Conference Hall of RSCL. For queries, intending bidder may contact Er.Amarjeet Behera, RSCL Vide Phone No.84559144951, Email Id:rourkelascl@gmail.com.

Sd./- Chief Executive Officer
Rourkela Smart City Limited
OIPR-13080/11/0047/2526

## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,ରାଉରକେଲା (କେ.ପ.) ବନଖଣ୍ଡ
## OFFICE OF THE DIVISIONAL FOREST OFFICER, ROURKELA (KL) DIVISION

(Phone No.0661-2950169// E-mail: dfokl1973@gmail.com)
Order No.217/ Date. 09.12.2025

No.MM-362: **INVITATION FOR BIDS (IFB)**
E-Procurement Bid Identification No.03 RKL-KL-F.E.&C.C/2025-26, Dtd.09.12.2025

| | | | |
|---|---|---|---|
| 1. | Name of work | :- | Construction of Range Office-cum-Residence at Bonai (KL) Range under Rourkela K.L. Division, District-Sundargarh |
| 2. | No. of Works | :- | 01 Nos. |
| 3. | No. of Covers | :- | Double Cover |
| 4. | **Estimated Cost (Excluding GST)** | :- | **Rs.54,51,350.00** |
| 5. | Period of Completion | :- | 03 Calendar Months |
| 6. | Date & Time of availability of bid documents in portal | :- | From **10.00 A.M.** of Date **12.12.2025** to **05.00 P.M.** of Date **26.12.2025** |
| 7. | Last date/time for receipt of bids in the portal | :- | Upto **5.00 P.M.** of Date **26.12.2025** |
| 8. | Date of Opening of bid documents | :- | At **11.30 A.M.** of Date **29.12.2025** |
| 9. | Class of Contractor | :- | **'B'** Class Contractor |
| 10. | Name and address of Officer Inviting Bid | :- | Divisional Forest Officer, Rourkela K.L. Division, Panposh |

Further, details can be seen from the e-Procurement portal **www.tenderodisha.gov.in.** The Addendum/ Corrigendum if any will be hosted in the website only

Sd./- Divisional Forest Officer
Rourkela K.L. Division
OIPR-08072/11/0005/2526

## GOVERNMENT OF ODISHA AGRICULTURE DEPARTMENT
## OFFICE OF THE EXECUTIVE ENGINEER (AGRIL.), DHENKANAL DIVISION, DHENKANAL

No. 1215 Date; 08.12.2025

**INVITATION FOR BIDS (IFB)**
**e-Procurement Notice**

**Bid Identification Number/Tender Call Notice No. E E (A) D/D-04 of 2025-26**

No. L-129: The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximaterly from 5.00 lakhs to 7.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documetns can be downloaded from **www.tendersorissa.gov.in** from 12.12.2025 at 10.00 hours to 18.12.2025 at 05.00 P.M. The bid will be opened on 19.12.2025 at 03.30 P.M. in the O/o. Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from **www.tendersorissa.gov.in**.
Email ID: **eeagri.dhenkanal@gmail.com**

Sd./- Executive Engineer (Agril.)
Dhenkanal Division, Dhenkanal
OIPR-01446/11/0012/2526

## Government of Odisha "e" procurement Notice

Bid Identification No. TENDER ONLINE SBPR-16 OF 2025-26
e-mail ID : rw_sambalpur@yahoo.co.in, Phone No. 0663-2401850
No.O-1740 No.5737 dated. 08.12.2025

| | | |
|---|---|---|
| 1. Name of the work | : | Road Works as per DTCN available in the website www.tendersodisha.gov.in |
| 2. Total No. of Work | : | 01 (One) No. |
| 3. Estimated Cost | : | Varies from Rs.6.72 lakhs |
| 4. Period of Completion | : | 01 (One) Calendar months |
| 5. Period and time of availability of bid document in the portal for bidding | : | 12.12.2025 at 11.00 A.M. to 19.12.2025 up to 5.00 P.M. |
| 6. Date and time of opening of Tender | : | 20.12.2025 at 11.00 A.M. |
| 7. Name and address of the officer inviting bid | : | S.E.R.W. Divn. Sambalpur |

(1) Other details can be seen from detailed notice inviting tenders, available in website www.tendersodisha.gov.in
(2) Corrigendum if any shall only be published in the website : www.tenderodisha.gov.in

Sd./- Superintending Engineer
Rural Works Division, Sambalpur
OIPR-25076/11/0042/2526

## ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
## OFFICE OF THE NOTIFIED AREA COUNCIL, PADAMPUR

Dist.: Bargarh (Odisha), PIN - 768036
Notice No. 3449 Date: 09.12.2025

**QUOTATION CALL NOTICE**

No. C-1751: The sealed quotations are invited from interested and eligible contractors/suppliers for the work under NAC, Padampur for Construction of Iron Vending Zone, Demolition of Existing Vending Zone and Re-installation of Old Vending Zone within the NAC Jurisdiction.

**Terms & Conditions:**
1. The quotationer must submit copies of contract licence, GST Registration, PAN.
2. The quoted rate should be inclusive of all taxes, labour, materials and transportation, fabrication, demolition and re-installation charges.
3. Work shall be executed as per the specifications and as directed by the Engineers of NAC, Padampur.
4. Safe demolition and disposal of debris shall be the responsibility of the contractor.
5. Sealed quotations must reach the office of the undersigned on or before 19.12.2025 through Registered/Speed Post.
6. NAC, Padampur reserves the right to accept or reject any or all quotations without assigning any reason thereof.

| Sl. No. | Item | Rate (Exluding) GST | Rate |
|---|---|---|---|
| 1 | New Vending Zone | Square Feet | |
| 2 | Desmentaling Old Vending Zone | Square Feet | |
| 3 | Re-installation Old Vending Zone | Square Feet | |

For details you may visit **WWW.NACPADAMPUR.IN**.
OIPR-13118/11/0049/2526 Sd./- Executive Officer, NAC, Padampur

## idco ODISHA NEW OPPORTUNITIES
## ODISHA INDUSTRIAL INFRASTRUCTURE DEVELOPMENT CORPORATION

No.CAD-2645
(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, INDIA
+91-0674-2542448, 2540820 (PABX), e-mail: cgmmsme@idco.in, Web:www.idco.in

No:IDCO/MSME/A-9819/01/2023-25/35015 Date:06.12.2025

**ADVERTISEMENT**
**INDUSTRIAL PLOTS WITH BASIC INFRASTRUCTURE AVAILABLE FOR ALLOTMENT TO MSME UNITS**

| Sl. No. | Name of the Indl. Estates/ MSME Parks and districts | Allotable land (in acres) |
|---|---|---|
| 1 | RUIN, Sundergarh | Ac. 43.18 |
| 2 | Panchapada, Jharsuguda | Ac.36.13 |
| 3 | Kurlupada (Kesinga), Kalahandi | Ac.31.70 |

Prospective MSME entrepreneurs with Udyam registration certificate/EIN may apply online in "GO-SWIFT" portal in consultation with District Industries Centre concerned. Land details alongwith layout map of the above Indl. Estates/MSME Parks are available in the respective Division offices of IDCO as well as Head Office, IDCO at Bhubaneswar.

**For details contact:**

| Sl. No. | Contact Person | E-mail address | Telephone/ Mobile No. |
|---|---|---|---|
| 1 | Divisional Head, IDCO, Rourkela Division | dhrourkela@idco.in | 0661-2400320 7978456201 |
| 2 | Divisional Head, IDCO, Sambalpur Division | dhsambalpur@idco.in | 0663-2405111 7205802452 |
| 3 | Divisional Head, IDCO, Bolangir Division | dhbolangir@idco.in | 06652-232405 9439191221 |

For availability of land please visit: Web: **www.gis.investodisha.gov.in**
OIPR-14003/11/0259/2526 Sd./- Chief General Manager (MSME)

## ବ୍ୟାସନଗର ପୌରପାଳିକା, ବ୍ୟାସନଗର
## OFFICE OF THE VYASANAGAR MUNICIPALITY VYASANAGAR, JAJPUR

Email_Id : vyasanagarmunicipality@gmail.com
Letter No.3880//Date : 09.12.2025

**Quotation call notice**

**No.C-1746** : The EO,Vyasanagar Municipality, Jajpur Road invites Sealed quotation from the interested registered firm/agency for Annual repair & maintenance of Battery-Operated Vehicle. The individual agency may submit the price of spare parts as including service charges, detail in Annexure-A. This will be received by the undersigned up to 12.00 P.M. on dt.22/12/2025 and will be opened at 4.00 P.M. at office conference hall on the same day. The EMD of Rs.5000 and the cost of bid document Rs.500/-(non refundable) in shape of Bank Draft of any Scheduled Bank drawn at Jajpur Road branch favoring the Executive Officer, Vyasanagar Municipality. If the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to cancel all quotation without assigning any reason thereof.

**Terms and Condition : -**
1. The contract would normally be for a period of one year, extendable by another one year at a time based upon mutual agreement or satisfactory manner.
2. The contractor will supply the original parts as per the approved rates of AMC submitted by the agency.
3. No advance payment will be made the approved contract or shall submit his bill (in duplicate) on completion of repairs.
4. Copies of valid GST registration Certificate and PAN card should also accompany the technical Bid.
5. The Municipality shall not be responsible for any financial loss.

Sd./- Executive Officer
Vyasanagar Municipality
OIPR-13092/11/0014/2526

## ଓଡ଼ିଶା ସରକାର
## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
## OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE

AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6635/DATE 04.12.2025

**2nd CORRIGENDUM**
**TENDER FOR THE WORK**

**No.C-1762:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Soro Town".**
In continuation to this office Bid-Identification No.SEPHBLS-28 of 2025-26 dt 12.11.2025. The following amendments have been made to **Critical Dates.**

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

**All other terms and conditions un-altered.**

Sd./- Superintending Engineer
P.H. Division, Balasore
OIPR-13053/11/0043/2526

## WATER AND LAND MANAGEMENT INSTITUTE

(A Premier Training Institute of DOWR, Govt. of Odisha) Pratapnagari, Telengapentha, Cuttack, Odisha, Pin - 754001
Website: walmi.odisha.gov.in, E-mail: walmi@odisha.gov.in

**QUOTATION CALL NOTICE NO. 06/ 2025-26**

**No.A-1100** : Sealed Tenders are invited from the qualified agencies/ firms relating to printing of (a) Pani Panchayat Samachar and (b) Safal Katha under Information, Education and Communication (IEC) plan of Department of Water Resources, Government of Odisha. The details of tender will be available at the website walmi.odisha.gov.in. from 12.12.2025 1.00 P.M to 22.12.2025 5.00 P.M. The bidders are to download the tender documents and bid formats from the website and send the filled in formats along with all relevant documents as per the tender enquiry for applying the assignment as mentioned above. The cost of tender document is to be remitted in the form of Bank Draft/ Demand Draft payable to the Deputy Director, WALMI at Bhubaneswar or Cuttack. The firms/ agencies are to send their bids to Deputy Director, WALMI with EMD and Tender fee on or before 22.12.2025 by 5.00 P.M which is the last date of receipt of application. The rate quoted should be inclusive of all costs of materials, labour, taxes, transportation, loading & unloading, bundling to appropriate size & stacking in designated place in WALMI. The time and date of opening of the Technical Proposal is 23.12.2025 at 3.30 P.M in the Office chamber of Deputy Director, WALMI in the presence of the quotationer or their authorized representatives. The application received after the due date and time due to any reason shall not be entertained. The authority reserves the right to modify/ cancel the quotation without assigning any reason thereof. Contact No-8658644865

OIPR-32228/11/0003/2526 Sd./- Deputy Director, WALMI

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.O-1656
Phone-0674-2540742, Email : se_ccrw@yahoo.co.in
No.5360/Date.29.11.2025

**"e" Procurement Notice for Road Works**
**T.C.N No. Tender-Online-C.C-43 of 2025**

| | | | |
|---|---|---|---|
| 1. | Name of the Work | : | Road works under MMSY-Disaster Resilient Road (DRR) |
| 2. | Total No. of Packages | : | 6 Nos. of Road Works under MMSY-Disaster Resilient Road (DRR) for the year 2025-26 |
| 3. | Estimated Cost of the Package | : | Varies from Rs.416.67 lakhs to Rs.708.33 lakhs |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crores up to Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crores up to Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |
| | i) Officer inviting tender | : | Chief Construction Engineer, Central Rural Works Circle, Bhubaneswar |
| | ii) Availability of Tender | : | Dt.12.12.2025 from 11.00 hours to Dt.29.12.2025 up to 5.00 P.M. |
| | iii) Date of opening of Technical Bid | : | Dt.30.12.2025 at 11.00 A.M. |
| | iv) Date of opening of Financial Bid | : | To be intimated later on |

Further details can be seen from the website www.tendersodisha.gov.in

Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0038/2526

## OHPC OFFICE OF THE SR.GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

ISO 9001-14001 18001 Certified
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com/sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-38/2025-26, DATED 08.12.2025**

**No.CAD-2638:** Sealed tenders are invited in two parts i.e. (i) Techno Commercial bid (ii) Price bid in separate sealed envelopes from the registered travel agencies/vehicle owners/service providers for providing services as mentioned below.

| Description of Materials/ Services | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for patrolling of the local Police Officer, Outpost of Mukhiguda for 04 Years | 7,080/- (inclusive of GST) | 01% of quoted price | From 12.12.2025 to 23.12.2025 upto 13.00 Hrs. | 23.12.2025 (upto 13.30 Hrs.) | 23.12.2025 at 16.30 Hrs |

For details of the tender documents, terms and conditions please visit our website www.ohpcltd.com
OIPR-04008/11/0050/2526 Sd./- C&P Head, UIHEP, Mukhiguda

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

Near Bana Durga Temple, Sankara, Sundargarh, Dist. : Sundargarh, PIN-770020, Email - serw_sundargarh@yahoo.com
Office Order No.3947//Date. 09.12.2025

**1st Corrigendum**

**No.O-1756** : The date of availability of tender online/date of seeking clarification/date of opening of tender for all the works invited under NIT Letter No : 3754 dtd 28.11.2025 vide Bid Identification No. : Online - RWCCESNG-24 of 2025-26 are hereby modified as follows :

| Procurement Officer | Bid Identification No. | Availability of Tender on-line for bidding | Availability of Tender On-line for bidding upto | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 24 of 2025-26 | 23.12.2025 11:00 A.M. | 12.01.2026 5:00 P.M. | 09.01.2026 5:00 P.M. | 13.01.2026 11:00 A.M. | Will be intimated separately |

All other terms and Conditions are remained Unchanged.

Sd./- Chief Construction Engineer
Rural Works Circle, Sundargarh
OIPR-25133/11/0089/2526

## GOVERNMENT OF ODISHA PANCHAYAT RAJ AND DRINKING WATER DEPARTMENT PANCHAYAT SAMITI, BARPALI

No.i-417
**e-Procurement Notice No.BDO/01/2025-26**
e-mail address: ori-barpali@nic.in

1. Type/Nature of Work: Civil Work/ Building Works. 2. Total No. of Works: 02 (Two) Nos., 3. Approx. value of works: Rs.12.03 Lakhs and 12.32 Lakhs. 4. Period of Completion: 06 (Six) Calendar Months. 5. Classification of bidders: 'D' & 'C' Class Contractor only.

**Other details as follows:**

| Procurement Officer | e-Procurement Notice No. | Availability & Submission of bids in online: From | Availability & Submission of bids in online: To | Date & time of opening of tender |
|---|---|---|---|---|
| 1 | 2 | 3 | 4 | 5 |
| Block Development Officer, Barpali, Dist: Bargarh, Odisha | BDO/01/2025-26 | 11.12.2025 from 10.00 AM | 23.12.2025 upto 5.00 PM | 24.12.2025 at 11.00 AM |

N.B.: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/Cancellation to the above notice will be published in the Govt. website www.tendersodisha.gov.in.

OIPR-19334/11/0001/2526 Sd./- Block Development Officer, Barpali, Dist-Bargarh, Odisha

## OHPC ODISHA HYDRO POWER CORPORATION LIMITED
## OFFICE OF THE SENIOR GENERAL MANAGER (ELECTRICAL),BHEP

At/POST: BALIMELA, DIST: MALKANGIRI (ODISHA) PIN: 764 051
Phones: 06861-232581(O)/ 232641 (R) Fax:06861-232541, E mail: unit.head_balimela@yahoo.com/bhep.balimela@gmail.com

**TENDER CALL NOTICE**
**NOTICE INVITING TENDER No.BHEP/48/2025-26, Dated 08.12.2025**

**No.CAD-2634:** The Sealed tenders are invited in **Single part bid basis (i.e. Techno-commercial bid) & in percentage wise** basis from the Electrical Contractors/ Firms/Agencies having experience in the execution of any electrical works under State/ Central Govt./PSU of Govt. of India/PSU of Govt. of Odisha & having **valid Electrical Contractor License** & fulfilling the eligibility criteria as per the tender specification for the work as mentioned below.

| Sl. No. | Name of the Work | E.M.D. (Refunded) | Cost of bid documents in Rs. |
|---|---|---|---|
| 1 | Dismantling of unused conductors and uprooted of joist poles from colony area of BHEP, Balimela | 1% of the Quoted Value exclusive of GST | Rs.4,000.00+ (GST @ 18%) Rs.720.00= Rs.4,720.00 |

Availability of bid document : From 10.00 Hrs. of 11.12.2025 to 12.00 Hrs. of 22.12.2025
Last date & time of submission of bid: Upto 12.00 Hrs. of 22.12.2025
The date & time of opening of the bid: 12.30 Hrs onwards of 22.12.2025
For details of the tender documents, terms & conditions, please visit our website www.ohpcltd.com

OIPR-04019/11/0125/2526 Sd./- C & P Head, BHEP, Balimela

# ଚମକିଲେ ଶୁଭଲକ୍ଷ୍ମୀ

## ବିସିସିଆଇ ୧୯ବର୍ଷରୁ କମ୍ ଦଳରେ ସାମିଲ

ନୀଳଗିରି, ୧୧।୧୨(ପ୍ରଶାନ୍ତ ବିଶ୍ୱାଳ): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ର ଡାକରା ପାଇ ଆସନ୍ତା ଅଭ୍ୟାସ ମ୍ୟାଚ୍ ଖେଳିବାକୁ କେରଳ ଯାଇଛନ୍ତି ନୀଳଗିରି ବ୍ଲକ ଝିଆଡ଼ିମାଳ ଗ୍ରାମର ଆଦିବାସୀ ଝିଅ ଶୁଭଲକ୍ଷ୍ମୀ ସିଂ। ବଣମାଳିର ସୁଗନ୍ଧ ମହକିଛି। ପ୍ରାଥମିକ ଶିକ୍ଷକ ଭାବେ କାର୍ଯ୍ୟରତ ବାବୁଲା ସିଂଙ୍କ ଏକମାତ୍ର



ଝିଅର କ୍ରିକେଟ ପ୍ରତି ଦୁର୍ବଳତା ଦେଖି ବାପା ଝିଅର ସ୍ୱପ୍ନକୁ ପୂରଣ କରିବା ପାଇଁ ଘର ସନ୍ନିକଟସ୍ଥ ମାଟିଗୁଡ଼ି ପଡ଼ିଆରେ ଅଭ୍ୟାସ ପାଇଁ ନିଜକୁ ସାମିଲ କରିବା ସହିତ ଝିଅକୁ ଉତ୍ସାହିତ କରିଥିଲେ। ଧୀରେଧୀରେ ସେ ଜିଲାସ୍ତରରେ ଖେଳିବାର ସୁଯୋଗ ପାଇଥିଲେ। ପରେ ଓସିଏ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ଶ୍ରେଷ୍ଠ ପ୍ରତିପାଦନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ ବିସିସିଆଇ ଡାକରା ପାଇ ଗତ ୯ତାରିଖ କେରଳ ଯାଇଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଏହି ଅଭ୍ୟାସ ମ୍ୟାଚ୍‌ରେ ପ୍ରଥମ ୩ଟି ମ୍ୟାଚ୍ ପାଇଁ ଶୁଭଲକ୍ଷ୍ମୀ ମନୋନୀତ ହୋଇଥିବା ବେଳେ ପ୍ରଥମ ମ୍ୟାଚ୍ ଆସନ୍ତା ୧୩ତାରିଖ ଗୁଜୁରାଟ, ୨ୟ ମ୍ୟାଚ୍ ଆସାମ ଏବଂ ତୃତୀୟ ମ୍ୟାଚ୍ ରାଜସ୍ଥାନ ସହିତ ଖେଳିବାର ସମ୍ଭାବନା ରହିଛି। ତେବେ ଚୟନକର୍ତ୍ତା ଏବଂ କୋଚ୍ ଶୁଭଲକ୍ଷ୍ମୀଙ୍କ ଦକ୍ଷତାକୁ ଦେଖି ତା'ର ଠିକ୍ ବ୍ୟାଟିଂ କ୍ରମ ନିର୍ଦ୍ଧାରଣ କଲେ ସେ ତାର ଉପଯୁକ୍ତ ପ୍ରଦର୍ଶନ ଦେଖାଇପାରନ୍ତା। ତେଣୁ ଏଥିପ୍ରତି ବିସିସିଆଇ ଦୃଷ୍ଟିଦେବାକୁ ନୀଳଗିରି ଅଞ୍ଚଳର କ୍ରୀଡ଼ାପ୍ରେମୀ ଦାବି କରିଛନ୍ତି।

# ପରିଚୟ ଯୁଗଯୁଗକୁ ଅମର କରି ରଖେ

ସିମୁଳିଆ, ୧୧।୧୨(ସନ୍ତୋଷ ନାୟକ) ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ବିଶିଷ୍ଟ କଳାକାର, ନାଟ୍ୟକାର, ଲେଖକ ଓ ବାଦ୍ୟକାର ନବକିଶୋର ନାୟକଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ସ୍ମୃତିଚାରଣ ସଭା ଓ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ପଦ୍ମଲୋଚନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ କରୁଣାକର ସାହୁ, କଳାକାର ନବକିଶୋର ସ୍ମୃତିଚାରଣ କରିବା ସହିତ ତାଙ୍କ ଦ୍ୱାରା ରଚିତ ବିଭିନ୍ନ ନାଟକ ରଚନା ସମ୍ପର୍କରେ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପ୍ରସାଦ ସାମଲ, ଅଧ୍ୟାପକ ରମାକାନ୍ତ ନାଥ, ଆଇନ ସଚେତକ ନୀଳାମ୍ବର ମିଶ୍ର ପ୍ରମୁଖ ନବକିଶୋର ଜଣେ ଭଲ ମଣିଷ ବୋଲି ସୂଚନା ଦେଇଥିଲେ। ବୈକୁଣ୍ଠ ନାଥ ପାଳ ପରିଚୟ ଯୁଗଯୁଗକୁ ଅମର କରି ରଖେ ବୋଲି କହିଥିଲେ। ନବକିଶୋରଙ୍କ ପରିଭାଇ ସମ୍ପର୍କକୁ ମିଳୁବୋଲି ତାଙ୍କ ସାନଭାଇ ମହେଶ୍ୱର ନାଥ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା 'ନନ୍ଦିତ ନବକିଶୋର' ଉନ୍ମୋଚିତ ହୋଇଥିଲା। ନିତ୍ୟାନନ୍ଦ ପାଣିଗ୍ରାହୀ ବେଦପାଠ, ଶିକ୍ଷକ ବୈତାରୀ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ।



ଅତିଥିମାନଙ୍କ ଦ୍ୱାରା ସ୍ମରଣିକା 'ନନ୍ଦିତ ନବକିଶୋର' ଉନ୍ମୋଚିତ।

# ଫର୍ମ ଫିଲ୍ଅପ୍ ପାଇଁ କ୍ୟୁଆର୍ କୋଡ୍‌ରେ ମାଗିଲେ ଟଙ୍କା

## ସାଇବର ଅପରାଧୀଙ୍କ ନୂଆ ତରିକା

ବାଲେଶ୍ୱର, ୧୧।୧୨(ବାଞ୍ଛାନିଧି ଦେ) 'ହେଲୋ, ମୁଁ ଫକୀରମୋହନ ଜୁନିୟର କଲେଜ ପ୍ରିନ୍ସିପାଲ କହୁଛି। ଆପଣଙ୍କ ପିଲାର ବାର୍ଷିକ ପରୀକ୍ଷା ପାଇଁ ଫର୍ମପୂରଣର ଆଜି ଅନ୍ତିମ ତାରିଖ। ପିଲା ଫର୍ମପୂରଣ ଏ ଯାଏଁ କରିନି। ଆପଣ ଫର୍ମପୂରଣ ବାବଦ ୩୨ଶହ ଟଙ୍କା ମୁଁ ଦେଉଥିବା କ୍ୟୁଆର୍ କୋଡ୍‌ରେ ପନ୍ଦର ମିନିଟରେ ପଠାନ୍ତୁ।' ଏମିତି ୪୦ଜଣ ଅଭିଭାବକଙ୍କୁ ବୁଧବାର ଅପରାହ୍ନରେ କେହି ସାଇବର ଠକ ଫୋନ୍ କଲ ଓ ମେସେଜ ପଠାଇ ଟଙ୍କା ଲୁଟ୍ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ନିଜ ପୁଅ ଝିଅଙ୍କୁ ଫୋନ କରି ଅଭିଭାବକମାନେ ପଚାରିବାରୁ ପିଲାମାନେ ତୁରନ୍ତ ପ୍ରିନ୍ସିପାଲଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ସରକାରୀ କଲେଜରେ ଫର୍ମ ପୂରଣ ବେଳେ କାଉଣ୍ଟରରେ ଟଙ୍କା ଦାଖଲ ଓ ରସିଦ ଦେବା ବ୍ୟବସ୍ଥା ଅଛି ବୋଲି କହିଥିଲେ। ଫୋନ୍‌ରେ କେହି କଲେଜ ପକ୍ଷରୁ ଟଙ୍କା ମାଗୁ ନ ଥିବା ସେ ସ୍ପଷ୍ଟ କରିଥିଲେ। ତେବେ ଟଙ୍କା ଲୁଟ୍ ପାଇଁ ସାଇବର ଅପରାଧୀ ନୂଆ ନୂଆ ତରିକା ଆପଣାଉଥିବାବେଳେ ଜନସାଧାରଣ ମଧ୍ୟ ସେ ଦିଗରେ ସଚେତନ ଅଛନ୍ତି। ଏ ସମ୍ପର୍କରେ ଗୁରୁବାର ଛାତ୍ରମାନଙ୍କ ସହ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ବାଲେଶ୍ୱର ସାଇବର ଅପରାଧ ନିୟନ୍ତ୍ରଣ ଓ ଅର୍ଥନୈତିକ ଅପରାଧ ଥାନାରେ ଲିଖିତ ଏତଲା ଦେଇଛନ୍ତି। କଲେଜ ନାମ ନେଇ ସାଇବର ଅପରାଧ କରିବାକୁ ପ୍ରୟାସ କରୁଥିବା ସାଇବର ଠକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ଏତଲା ଦେବାକୁ ଆସିଥିବା ଅଧ୍ୟକ୍ଷ ଓ ଛାତ୍ରମାନେ।

# ସୁଗୋ ୟୁକୋ ବ୍ୟାଙ୍କରୁ ଡକାୟତି ଉଦ୍ୟମ

ଜଳେଶ୍ୱର, ୧୧।୧୨(ନବୀନ ସାହୁ)

ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଧୀନ ସୁଗୋ ୟୁକୋ ବ୍ୟାଙ୍କ ଶାଖାରୁ ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ ହୋଇଛି। ୪ ଜଣ ଦୁର୍ବୃତ୍ତ ବ୍ୟାଙ୍କର ଏକ ଝରକା କାଟୁଥିବା ସମୟରେ ବ୍ୟାଙ୍କକୁ ଭଡ଼ା ଦେଇଥିବା ଘରର ମାଲିକ ବ୍ୟାଙ୍କ ନିକଟରୁ କିଛି ଶବ୍ଦ ଶୁଣି ଦୌଡ଼ି ଆସିଥିଲେ। ତେବେ ଘର ମାଲିକଙ୍କ ଚୋର ଚୋର ପାଟି ଶୁଣି ୪ ଜଣ ଦୁର୍ବୃତ୍ତ ସେଠାରୁ ଦୌଡ଼ି ପଳାଇଥିଲେ। ପୋଲିସ ଦୁର୍ବୃତ୍ତମାନେ ଝରକା ପାଖରେ ଛାଡ଼ି ଦେଇଥିବା ୪ଟି ଶାବଳ ଓ କିଛି ଦୂରରେ ପଡ଼ିଥିବା ଏକ କଟର ମେସିନ୍‌କୁ ଜବତ କରିଛି। ଗୁରୁବାର ବ୍ୟାଙ୍କ ମ୍ୟାନେଜର ଜୟଦେବ ପଟ୍ଟନାୟକ ବ୍ୟାଙ୍କରେ ପହଞ୍ଚି ଘଟଣା ସମ୍ପର୍କରେ ଘର ମାଲିକଙ୍କଠାରୁ ଜାଣିବା ପରେ ଏ ସମ୍ପର୍କରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଓ ନାମ୍ପୋ ଫାଣ୍ଡି ଅଧିକାରୀ କରନ ମାରାଣ୍ଡି ବ୍ୟାଙ୍କକୁ ଯାଇ ତଦନ୍ତ କରିଛନ୍ତି। ଏନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ. ୫୯୪/୨୫) ରୁଜୁ ହୋଇଛି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା, ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ବାହାନଗା, ୧୧।୧୨(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଖନ୍ତାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ପ୍ରକୃତିକୁ ଅନୁସନ୍ଧାନ କରି କରି ଯିଏ ଚାଲିଛି ସିଏ ବିଜ୍ଞାନ ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଖଟୁଆ ଯୋଗଦେଇ ବିଜ୍ଞାନ ଶିକ୍ଷକମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସମ୍ମାନିତ ବକ୍ତା ଭାବେ ବାଲେଶ୍ୱରଠାରେ ଥିବା ଡିଫେନ୍ସ ରିସର୍ଚ୍ଚ ଏବଂ ଡେଭଲପ୍‌ମେଣ୍ଟ ଅର୍ଗାନାଇଜେଶନ (ଡିଆରଡିଓ) ଅବସରପ୍ରାପ୍ତ ବୈଜ୍ଞାନିକ ପ୍ରିୟନାଥ ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖନ୍ତାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ ମାଲଦାସ, ଏବିଇଓ ରୋହିଆ ଟୁଡୁ, ଏବିଇଓ ପଦ୍ମଲୋଚନ ଦାସ, ସିଆରସିସି ପ୍ରଭଞ୍ଜନ ବେହେରାଙ୍କ ସମେତ ବ୍ଲକ ବିଜ୍ଞାନ ସଂଯୋଜକ ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳା ଓ ରାଷ୍ଟ୍ରୀୟ ଆବିଷ୍କାର ବାଲ୍ ବୈଜ୍ଞାନିକ ପ୍ରଦର୍ଶନ ମେଳା ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଏଥିରେ ୯୮ଟି ବିଦ୍ୟାଳୟରୁ ୧୨୭ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବାଲ୍ ବିଜ୍ଞାନମେଳାରୁ ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା।

# ଖଞ୍ଜାମାହାଲ ପଥର ଖାଦାନରେ ଚଢ଼ାଉ

ସୋର, ୧୧।୧୨(ଜନ୍ମେଜୟ ମିଶ୍ର): ସୋର ତହସିଲ ଅଧୀନ ଖଞ୍ଜାମାହାଲ ପଥର ଖାଦାନରେ ତହସିଲ ଓ ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇ ଜବତ କରାଯାଇଥିବା ପଥରକୁ ୯ ଲକ୍ଷରେ ନିଲାମ କରାଯାଇଛି। ଗତ କିଛିଦିନ ତଳେ ବାଲେଶ୍ୱର ଜିଲାପାଳ ଖାଦନ ଗସ୍ତରେ ଆସି ଏଠାରେ ଏକ ପୋଲିସ କ୍ୟାମ୍ପ ଲଗାଇଥିଲେ। ମାତ୍ର ପଥର ଚୋରି ଚାଲୁ ରହୁଥିବାର ଅଭିଯୋଗ ହେବାରୁ ଗୁରବାର ଅପରାହ୍ନରେ ସୋର ତହସିଲଦାର ଦୈତାରି ମଲ୍ଲିକ, ଖଣି ଅଧିକାରୀ ଜଗନ୍ନାଥ ଦାସ, ସମ୍ପିତ କୁମାର ମଣି, ବନାଧିକାରୀ ପଥର ଖାଦାନରେ ପହଞ୍ଚିବନାଞ୍ଚଳରୁ ୧୫ଶହ କ୍ୟୁବିମିଟର ପଥର ଜବତ କରି ୯ ଲକ୍ଷ ୧୭ ହଜାର ଟଙ୍କାର ନିଲାମ କରିଥିବା ଜଣାପଡିଛି।

# ଅସୁସ୍ଥ ହାତୀକୁ ଛାଡ଼ି ଚାଲିଗଲେ ଝାଡ଼ଖଣ୍ଡୀ ହାତୀପଲ: ଜଗି ରହିଛି ଦନ୍ତା

ନୀଳଗିରି, ୧୧।୧୨(ପ୍ରଶାନ୍ତ ବିଶ୍ୱାଳ): ଗୋଟିଏ ଅସୁସ୍ଥ ଛୁଆ ହାତୀକୁ ଛାଡ଼ି ଚାଲିଗଲେ ଝାଡ଼ଖଣ୍ଡୀ ହାତୀପଲ। ଜଗିରହିଛି ଗୋଟିଏ ଦନ୍ତା। ଅସୁସ୍ଥ ହାତୀର ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି।

ଚଳିତବର୍ଷ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ୨୭ ଟିକିଆ ହାତୀ ପଲ ବୁଧବାର ଭୋର ସମୟରେ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ଜଙ୍ଗଲ ସଂଲଗ୍ନ ଥିବା ଚାଷଜମିରେ ପାଚିଲା ଧାନକୁ ଯେତିକି ଖାଇଥିଲେ, ତା'ଠୁ ଅଧିକ ଦଳିମକଚି ନଷ୍ଟ କରିଥିଲେ। ପରେ ଗୁରୁବାର ଭୋର ସମୟରେ ଗୋଟିଏ ଅସୁସ୍ଥ ହାତୀକୁ ଛାଡ଼ି ହାତୀପଲ ଦଳ ଦଳ ହୋଇ ନୀଳଗିରି ରେଞ୍ଜ ସୀମା ପାରି ହୋଇ ମୟୂରଭଞ୍ଜ ଅଞ୍ଚଳକୁ ଫେରିଯାଇଥିଲା ବେଳେ ଜଗିରହିଛି ଗୋଟିଏ ଦନ୍ତା ହାତୀ। ନୀଳଗିରି ବନବିଭାଗ ଏହି ଛୁଆ ହାତୀର ମୁହଁ ଫୁଲିବା ସହ ପାଟି ଭିତରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପାଟିରୁ ରକ୍ତସ୍ରାବ ହେଉଥିବା ନଜରକୁ ଆସିଥିଲା। ପରେ ଏହି ଘଟଣା ଜିଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଜଣାଯାଇଥିଲା। ବନଖଣ୍ଡ ଅଧିକାରୀ ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜର ମନୱର ଖାଁ ଓ ପଶୁ ଚିକିତ୍ସକ ଅଭିଲାସ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ତାର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ପ୍ରାଥମିକ ତଦନ୍ତରୁ ହାତୀର ବୟସ ୫ରୁ ୬ବର୍ଷ ହେବ ଏବଂ ହାତୀର ପାଟି ଭିତରେ କୌଣସି ପ୍ରକାର ଗଭୀର କ୍ଷତ ସୃଷ୍ଟି ହୋଇଛି। ଫଳରେ ଛୁଆ ମାଈ ହାତୀଟି ଅତି ଦୁର୍ବଳ ହୋଇପଡ଼ିଛି। ଅସୁସ୍ଥ ହାତୀକୁ ନୀଳଗିରି ବନବିଭାଗ ଜଗିରହିଥିବା ଜଣାପଡ଼ିଛି। ହାତୀଟି ଗୋଟିଏ ସ୍ଥାନରେ ସ୍ଥିର ହେଲେ ଡାକ୍ତରୀ ଦଳ ନିଶ୍ଚେତକ ଚିକିତ୍ସା ଦେବାର ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଆସିଥିବା ହାତୀ ପଲ ପ୍ରାୟ ୩୦ କି.ମି. ଦୂରରେ ରହିଥିବା ବେଳେ ଗୋଟିଏ ଦନ୍ତା କିଛି ଦୂରରେ ଜଗିରହିଥିବା ଦେଖିବାକୁ ମିଳିଛି। ହାତୀଛୁଆଟି ଗୋଠଛଡ଼ା ହୋଇ ବୁଲୁଥିବା ବେଳେ ଲୋକମାନେ ଘଉଡାଉଥିବାରୁ ହିଂସ୍ର ହୋଇଉଠିଛି। ବିଲରେ ବନ୍ଧା ଯାଇଥିବା ବାଛୁରୀ ଛୁଆକୁ ପାଦରେ ଦଳି ଦେଇଛି।




## कार्यपालक अभियंता का कार्यालय
## लघु सिंचाई प्रमंडल, दुमका।
### शुद्धि-पत्र

इस कार्यालय के द्वारा प्रकाशित ई-निविदा संख्या – WRD/MID/DUMKA/B.D./S.L.I.-01/2025-26 एवं पी० आर० नं० – 367886 Minor Irrigation (25-26)*D के Last Date/Time for downloading of bidding documents and Submission of Tender on Portal की तिथि – 21/12/2025 के स्थान पर दिनांक – 22/12/2025 तक पढ़ा जाय। Technical Bid Opening Date की तिथि – 22/12/2025 के स्थान पर दिनांक – 23/12/2025 पढ़ा जाय। निविदा की बाकी सभी शर्तें यथावत रहेंगी।

ह०/-
कार्यपालक अभियंता,
लघु सिंचाई प्रमंडल, दुमका।

PR 368303 Irrigation(25-26)D

## ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹26,38,626/- ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍/ପ୍ରେକ୍ଷାଳୟ ପାଇଁ ଆକୋଷ୍ଟିକ୍ ଫଲ୍ସ ସିଲିଂ ପ୍ରସ୍ତୁତ କରିବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 40 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 26, 2025 ଅପରାହ୍ଣ 02:00 ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

## ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

### ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹47,30,418/- ଟଙ୍କା ଆନୁମାନିକ ମୂଲ୍ୟ ରେ **ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର ସ୍ଥିତ ଏହାର ଷ୍ଟାଫ୍ କ୍ୱାର୍ଟର୍ସ ରେ ପାଇପଲାଇନ କାର୍ଯ୍ୟ (ମୁଖ୍ୟ ପାଇପଲାଇନ/ପ୍ଲମ୍ବିଂ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 60 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 24, 2025 ଅପରାହ୍ଣ 02:00 ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

## ଭାରତ ସରକାର
ଅର୍ଥ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ
ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟ
କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
ହୋଟେଲ ସମ୍ରାଟ, ଚାଣକ୍ୟପୁରୀ, ନୂଆଦିଲ୍ଲୀ
ଇମେଲ୍: cis.dgsystems@gov.in ୱେବ୍‌ସାଇଟ୍: www.cbic.gov.in

ଟେଣ୍ଡର ଆଇଡି: ୨୦୨୫_ଡିଆର୍‌ଇଭି_୮୮୯୨୫୮ ତାରିଖ:

### ବିଜ୍ଞପ୍ତି

**ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସି (ଆଇଏ) ଚୟନ ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ)**

ଭାରତର ରାଷ୍ଟ୍ରପତି, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ ଅଧୀନସ୍ଥ ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟ ଜରିଆରେ ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସିର ଚୟନ ପାଇଁ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରୁଛନ୍ତି। ଆଗ୍ରହୀ ବିଡରମାନେ ସିପିପିପି ପୋର୍ଟାଲରେ ତା୧୦।୧୨।୨୦୨୫ରିଖରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ଆଇଡି ୨୦୨୫_ଡିଆର୍‌ଇଭି_୮୮୯୨୫୮ ଅନୁଯାୟୀ ଆବଶ୍ୟକୀୟ ସମ୍ପୂର୍ଣ୍ଣ ସୂଚନା ସହ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ସେମାନଙ୍କର ଦରଖାସ୍ତ ଦାଖଲ କରିପାରନ୍ତି। ବିଡ୍ ଦାଖଲର ଶେଷ ତାରିଖ ହେଉଛି ତା୨୧।୦୧।୨୦୨୬ରିଖ ୧୭.୦୦ ଘଟିକା (ଆଇଏସ୍‌ଟି) ସୁଦ୍ଧା। ସବିଶେଷ ବିଜ୍ଞପ୍ତି ଏବଂ ଅଂଶଗ୍ରହଣ ପାଇଁ ଦୟାକରି ଇ-ଟେଣ୍ଡର ୱେବ୍‌ସାଇଟ୍: https://eprocure.gov.in/eprocure/app ପରିଦର୍ଶନ କରନ୍ତୁ।
ସମସ୍ତ ପ୍ରଶ୍ନ cis.dgsystems@gov.inକୁ ଇମେଲ୍ କରାଯାଇପାରିବ।

CBC 15502/11/0045/2526

## GANGADHAR MEHER UNIVERSITY
AMRUTA VIHAR, SAMBALPUR (ODISHA)- 768004

No.5429/GMU Date 11.12.2025

### WALK-IN INTERVIEW FOR ENGAGEMENT OF TEACHERS (CONTRACTUAL BASIS)

A Walk-in-Interview is scheduled to be held on dt.19.12.2025 for engagement of eligible candidates as teachers purely on contractual basis for ITEP as per NCTE guideline. For details candidates may visit "www.gmuniversity.ac.in"

Sd./- Registrar

## କିଡ୍‌ସ ହସ୍ପିଟାଲ, ଢୁମୁଢୁମା, ଭୁବନେଶ୍ୱର – ୭୫୧୦୧୯, ଓଡ଼ିଶା

### ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଛି ଯେ, ମେଡ଼ିକାଲ ରେକର୍ଡ ନିୟମ ଅନୁସାରେ, କିଡ୍‌ସ ହସ୍ପିଟାଲ, ଢୁମୁଢୁମା, ଭୁବନେଶ୍ୱର – ୭୫୧୦୧୯, ଓଡ଼ିଶା ଗତ ୧୫।୧୧।୨୦୦୮ ମସିହାଠାରୁ ୩୧।୧୨।୨୦୧୫ ମଧ୍ୟରେ ଚିକିତ୍ସିତ ହୋଇଥିବା ରୋଗୀ (ଉଭୟ ବହିର୍ବିଭାଗ ଓ ଅନ୍ତର୍ବିଭାଗ)ମାନଙ୍କର ଚିକିତ୍ସା ସମ୍ପର୍କିତ ଫାଇଲ ଆସନ୍ତା ତା୨୦।୧୨।୨୫ରିଖ ଦିନ ନଷ୍ଟ କରାଯିବ। ତେଣୁ ଏହି ସମୟ ମଧ୍ୟରେ ଚିକିତ୍ସିତ ହୋଇଥିବା ରୋଗୀ, ରୋଗୀ ସମ୍ପର୍କିତ, ବ୍ୟକ୍ତି ବିଶେଷ, ପ୍ରାଧିକାରୀ ଅନୁଷ୍ଠାନ ଉପରୋକ୍ତ ରୋଗୀ ଫାଇଲ ସମ୍ବନ୍ଧରେ କିଛି ଆପତ୍ତି ଅଭିଯୋଗ, ଅନୁସନ୍ଧାନ ଥାଏ ତାହାହେଲେ ସେମାନେ କିଡ୍‌ସ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିପାରିବେ ଓ ଧାର୍ଯ୍ୟ ତାରିଖ ଅର୍ଥାତ୍ ୧୯।୧୨।୨୦୨୫ ପରେ ଉପରୋକ୍ତ ଫାଇଲ ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ।

କର୍ତ୍ତୃପକ୍ଷ
କିଡ୍‌ସ ହସ୍ପିଟାଲ, ଢୁମୁଢୁମା, ଭୁବନେଶ୍ୱର
ଯୋଗାଯୋଗ:
୯୨୩୮୦୨୩୮୦୦, ୯୨୩୮୦୨୩୮୩୦, Email: mrd@kidshospital.in

## वरीय पुलिस अधीक्षक का कार्यालय
## पूर्वी सिंहभूम, जमशेदपुर

### लापता: आवश्यक सूचना



गुमशुदा महिला बीना नायक, उम्र–करीब 30 वर्ष

उपरोक्त प्रसंग एवं विषय के संबंध में सूचित करना है कि आवेदक जीतवाहन नायक के द्वारा अपनी पत्नी **बीना नायक, उम्र–करीब 30 वर्ष की गुमशुदगी** के संबंध में संबंधित थाना श्यामसुन्दरपुर में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा बीना नायक, उम्र–करीब 30 वर्ष, पति–जीतवाहन नायक, पता–ग्राम–डाकुई, थाना–श्यामसुन्दरपुर, जिला–पूर्वी सिंहभूम, जमशेदपुर** जो दिनांक–01.12.2025 को सुबह करीब 10 बजे घर से बिना बताये निकली है अभी तक वापस नहीं लौटी है। आवेदक एवं इनके रिश्तेदारों के द्वारा काफी खोजबीन किया गया लेकिन कुछ पता नहीं चल सका है। **गुमशुदा महिला का हुलिया निम्न प्रकार है :–उम्र–करीब 30 वर्ष, कद–लगभग 05 फीट, रंग–गोरी, बाल–लम्बा काला, पहनावा–छींटदार लाल साड़ी, ब्लाउज लाल रंग, पैर में हवाई चप्पल, भाषा–बंगला एवं हिन्दी।**

अतः अनुरोध है कि **गुमशुदा महिला बीना नायक, उम्र–करीब 30 वर्ष** को खोजबीन/पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
अनुमण्डल पुलिस पदा0, घाटशिला : 9431706485
थाना प्रभारी, श्यामसुन्दरपुर : 9431706521

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 368329 Police(25-26).D



POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ପତ୍ର ସଂଖ୍ୟା: 935 ତାରିଖ: 11.12.2025

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁମାନଙ୍କୁ ଉଦ୍ଧାର କରାଯାଇ ଯଥାକ୍ରମେ St. Catherine's House, Raikia ଓ ସୁଭଦ୍ରା ମହତାବ ସେବା ସଦନ, ଜି. ଉଦୟଗିରିଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି। ଏହି ଶିଶୁମାନଙ୍କର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦)ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କନ୍ଧମାଳ, ମିଶନଶକ୍ତି ଭବନ, ଡି.ଆର୍.ଡି.ଏ. ଛକ, ଫୁଲବାଣୀ – ୭୬୨୦୦୧, ଫୋନ ନଂ. ୦୬୮୪୨–୨୫୪୪୫୩, ମୋ ନଂ. ୯୪୩୭୪୨୩୪୨୭କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ନିମ୍ନଲିଖିତ ଶିଶୁମାନଙ୍କ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଧାରା ୩୮ ଅନୁଯାୟୀ ଥଇଥାନ କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | ଉଦ୍ଧାର ହୋଇଥିବା ସ୍ଥାନ ଓ ତାରିଖ | ଫଟୋ |
|---|---|---|---|---|---|
| ୧ | ତାପସ | ପୁଅ | ୨ବର୍ଷ ଓ ୧୧ମାସ | ଗ୍ରାମ: ପାଙ୍ଗାନାକୁ, ପୋଷ୍ଟ: ଗୁମାମାହା, ଥାନା: ରାଇକିଆ, ଜିଲ୍ଲା: କନ୍ଧମାଳ, ତା: ୧୭।୦୧।୨୦୨୩ |  |
| ୨ | ଲକ୍ଷ୍ମୀ ମୁର୍ମୁ | ଝିଅ | ୧୨ ବର୍ଷ ଓ ୧୧ମାସ | ସାଲିଆସାହି ଭୁବନେଶ୍ୱର, ଓଡ଼ିଶା ତା: ୧୪।୧୧।୨୦୨୧ |  |

ସ୍ୱା./– ଜିଲ୍ଲାପାଳ, କନ୍ଧମାଳ

## इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪
ଇ-ମେଲ: zocuttack@indianbank.co.in

### ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବାସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବ୍‌ସାଇଟ୍ : https://www.ebkray.in/baanknet.com**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବକେୟା ପରିମାଣ /ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଜେଲ୍ ରୋଡ ଭଦ୍ରକ ଶାଖା/** **ଋଣଗ୍ରହୀତା: ସେକ୍ ସବିର,** ପିତା: ୰ ସେକ୍ ସଫିରୁଦ୍ଦିନ /ସହ-ଋଣଗ୍ରହୀତା: ସେକ୍ ସଫିରୁଦ୍ଦିନ / **ଗ୍ୟାରେଣ୍ଟିଦାତା: ଭୁଟୁ ଅଲ୍ଲୀ,** ପିତା: ମିର ଅବଦୁଲ ରସିଦ, ସମସ୍ତଙ୍କ ଠିକଣା- ସା: ଅପର୍ତ୍ତିବିନ୍ଧା (ମିର ସାହି), ପୋ/ଥାନା: ଭଦ୍ରକ, ଭଦ୍ରକ-୭୫୬୧୦୦ | ସେକ୍ ସବିରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୪୩, ଖାତା ନଂ.: ୭୯୧/୬୩୧, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: ଅପର୍ତ୍ତିବିନ୍ଧା, ଥାନା ନଂ.: ୯୧, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ବିକ୍ରୟ ଦଲିଲ ଅନୁଯାୟୀ ଉତ୍ତର: ଟେରା ପଣ୍ଡା, ଦକ୍ଷିଣ: ଟେରା ପଣ୍ଡା, ପୂର୍ବ: ମସଜିଦ୍ ଏବଂ ମିର ରମଜାନ, ପଶ୍ଚିମ: ମିର ଆବାସ / **ସମ୍ପତ୍ତି ଆଇଡି: IDIB30138005919S** | ୦୬.୦୬.୨୦୨୪ / ୩୧.୦୮.୨୦୨୪ / ୧୫.୦୯.୨୦୨୫ ସୁଦ୍ଧା ଟ.୧୯,୦୦,୬୧୬/- ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଜୁର୍ଯ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଗଠନ୍ମାତକ (ଭୌତିକ) | ଟ.୩୭,୮୩,୬୦୦/- / ଟ.୩,୭୮,୩୬୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ: ୨୭.୧୨.୨୦୨୫ (ଶନିବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୬.୧୨.୨୦୨୫ରିଖ ରାତ୍ର ୧୧.୫୫ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ) ଅର୍ଥାତ ପୋର୍ଟାଲରେ ଦର୍ଶିତ ନିଲାମ ତାରିଖ ଓ ସମୟ ପୂର୍ବରୁ

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୭.୧୨.୨୦୨୫ରିଖ ଠାରୁ ତା.୨୪.୧୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: **https://www.ebkray.in/baanknet.com** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ **୧୫ଦିନିଆ** ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶୃତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତିନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ, ତାରିଖ: ୧୧.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ


# ୧,୧୯,୦୬୦ ହେକ୍ଟର ଜମିରେ ହେବ ରବିଚାଷ

## ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ

ବାରିପଦା,୧୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଗାମୀ ରବି ଋତୁ ପାଇଁ ଜିଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କଲୋ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଲୋକନାଥ ମିଶ୍ର ବୈଠକର ଆଭିମୁଖ୍ୟ ଏବଂ ପୂର୍ବବର୍ଷ ଓ ଚଳିତ ବର୍ଷର ଖରିଫ ଓ ରବି ଋତୁ ଫସଲର ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଖରିଫ-୨୦୨୫-୨୬ ସମୟରେ ୨,୯୨,୮୬୦ ହେକ୍ଟର ଚାଷ ଜମିରେ ଧାନ ଏବଂ ୧,୧୩,୭୬୦ ହେକ୍ଟର ଅଣଧାନ ଫସଲ ଅଧୀନରେ ସମୁଦାୟ ୪,୦୬,୬୨୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ କରାଯାଇଥିଲା। ସେହିପରି ୨୦୨୫-୨୬ ରବି ଋତୁରେ ଜିଲାରେ ଚଳିତ ବର୍ଷ ୧,୧୯,୦୬୦ ହେକ୍ଟର ଚାଷ ଜମିରେ ଧାନ ଓ ଅଣ ଧାନ ଚାଷ କରାଯିବା ନେଇ ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟ ଜିଲା କୃଷି ଅଧିକାରୀ ଉଲ୍ଲେଖ କରିଥିଲେ। ସେଥିରୁ ଜଳସେଚିତ ୧୦୦୭୨୪ ହେକ୍ଟର ଓ ୧୮୩୩୬ ହେକ୍ଟର ଅଣ ଜଳସେଚିତ ଜମିରେ ଏହି ଚାଷ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଡାଲି ଏବଂ ତୈଳ ବୀଜ ଉତ୍ପାଦନ ଉପରେ ଧ୍ୟାନ ଦେବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ। କମ୍ପୋଷ୍ଟ, ବାୟୋ-ସାର ଏବଂ ଅନ୍ୟାନ୍ୟ ଜୈବ ଇନପୁଟ ବ୍ୟବହାର କରି ଜୈବିକ ଚାଷ ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ ଏବଂ ଉଚ୍ଚ ଉତ୍ପାଦନ ସ୍ତର ବଜାୟ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସେହିଭଳି ଉଦ୍ୟାନ କୃଷି ପାଇଁ ମହିଳା ଏବଂ ଶିଶୁବିକାଶ ବିଭାଗ ସହ ମିଳିତ ଭାବରେ ଏହି ଉଦ୍ୟାନ କୃଷି ବିଭିନ୍ନ ପରିବା ଯଥା ବାଇଗଣ, ଲଙ୍କା, ଟମାଟୋ, କଖାରୁ, କାକୁଡ଼ି, ଲାଉ ଇତ୍ୟାଦି ଚାଷ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୩୭ତମ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ଯୋଜନା କାର୍ଯ୍ୟକ୍ରମ ଉପରେ ଉପସ୍ଥାପିତ କାର୍ଯ୍ୟ ଖସଡ଼ା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ୨୦୨୫-୨୬ ବର୍ଷର ରବି ଫସଲ କାର୍ଯ୍ୟକ୍ରମରେ ଚାଷୀମାନଙ୍କ କୃଷି ଭିତ୍ତିକ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଯୋଜନା ଅଟକଳ ଅନୁମୋଦନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। କୃଷି ପ୍ରଯୁକ୍ତିବିଦ୍ୟା ଏଜେନ୍ସି ଦ୍ୱାରା ମାଣ୍ଡିଆ କ୍ରୟ କମିଟିର ବୈଠକ ମଧ୍ୟ ହୋଇଥିଲା। ଯେଉଁଥିରେ କୃଷି ବିଭାଗ ଉପନିର୍ଦ୍ଦେଶିକା ମଧୁସ୍ମିତା ଜେନା ଆଗାମୀ ରବି ଋତୁ ପାଇଁ ହେବାକୁଥିବା ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ପୂର୍ବ ବର୍ଷ ୧୮ହଜାର ୬୭୫ କୁଇଣ୍ଟାଲ ମାଣ୍ଡିଆ କ୍ରୟ ହୋଇଥିବା ବେଳେ ଚଳିତ ବର୍ଷ ପାଇଁ ୧୯ ହଜାର କୁଇଣ୍ଟାଲ କ୍ରୟ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ସହ ଜଳସେଚନ, ଜମିରେ ଆଦ୍ରତା ଓ ଭୂତଳ ଜଳର ପରିମାଣ, ବିହନ, ସାର ଆଦିର ଯୋଗାଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରମଣୀ ରଞ୍ଜନ ବିଶ୍ୱାଳ, କୃଷିବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ, ଦୀପକ କୁମାର ମହାନ୍ତି, ନାବାର୍ଡର ଡିଡିଏମ ସ୍ୱାରକ ମହାନ୍ତି, ଜିଲାର କୃଷି ଅଧିକାରୀମାନେ, ବିଭିନ୍ନ ବିଭାଗୀୟ ଅଧିକାରୀ,ବିଭିନ୍ନ ଏଜେନସି, ବ୍ୟାଙ୍କର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏଡିଏ ଅର୍ଚ୍ଚନା ବଳ, ରମ୍ୟ ରଞ୍ଜନ ମହାନ୍ତ ପରିଚାଳନା କରିଥିଲେ।



ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

# ଶିମିଳିପାଳରୁ ୫ ଶିକାରୀ ଗିରଫ



ଗିରଫ ଶିକାରୀ ଓ ଜବତ ସାମଗ୍ରୀ।

ବାରିପଦା,୧୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଜାତୀୟ ଉଦ୍ୟାନରୁ ୫ ଶିକାରୀ ଧରା ପଡ଼ିଛନ୍ତି। ଗିରଫ ଶିକାରୀମାନେ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ ଜେଓମ ଜଡ଼ିଦର ଗ୍ରାମର ବାରସିଂ ହୋ, ଚରଣ ହୋ, ଛଲେ ହୋ, ସାଗର ହୋ ଏବଂ ସୁକ୍ରୀ ହୋ। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୨ଟି ଗୁଳି, ଗୋଟିଏ ବନ୍ଧୁକର ନଳି, ୨ଟି ଟର୍ଚ୍ଚ ଲାଇଟ, ୭ଟି ଫାଶ, ୫୩୫ ଗ୍ରାମ ଶୁଖିଲା ମାଂସ, ଗୋଟିଏ ପଲିଥିନ ଶୀଟ୍, ୧ଟି କ୍ୟାରି ବ୍ୟାଗ୍ ଓ ୧୪ଟି ସାଇକେଲ ଜବତ କରାଯାଇଛି। ସୂଚନାଯୋଗ୍ୟ, ଶିକାରୀମାନେ ମାରଣାସ୍ତ୍ର ଧରି ଶିମିଳିପାଳ ଦକ୍ଷିଣ ବନଖଣ୍ଡ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରବେଶ କରି ବନ୍ୟଜନ୍ତୁ ଶିକାର କରିଥିଲେ। ଏଥିଲାଗି କ୍ୟାମେରାରୁ ଫଟୋ ମିଳିବା ପରେ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗର ଅଧିକାରୀମାନେ ଶିକାରୀମାନଙ୍କୁ ଚିହ୍ନଟ କରିଥିଲେ । ଜେନାବିଲ ରେଞ୍ଜର ଓ ତାଙ୍କ ଟିମ୍‌କୁ ତୁରନ୍ତ ଖୁଣ୍ଟା ଥାନା ଅଞ୍ଚଳର ଜଡ଼ିଦର ଗ୍ରାମରେ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ହାତୀ ଆକ୍ରମଣରେ ଯୁବକ ମୃତ

### କରଞ୍ଜିଆ ବନଖଣ୍ଡରେ ୫୧ ହାତୀଙ୍କ ଉତ୍ପାତ

ଠାକୁରମୁଣ୍ଡା,୧୧।୧୨(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ୍ ଅଧୀନ ଘାଗରବେଡ଼ା ସେକ୍ସନର ଜବାସାହିରେ ହାତୀ ଘଉଡ଼ାଇବା ବେଳେ ଗୁରୁବାର ଜଣେ ଯୁବକଙ୍କ ପ୍ରାଣହାନୀ ଘଟିଛି। ହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ପାଦରେ ଦଳି ଦେଇଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ହେଲେ ଝାଡ଼ଖଣ୍ଡ ମଝିଗାଁ ଅଞ୍ଚଳର ରାଜୁ ପୂର୍ତ୍ତି । ସୂଚନାଯୋଗ୍ୟ, କରଞ୍ଜିଆ ବନଖଣ୍ଡର କରଞ୍ଜିଆ, ଦୁଧିଆଣି, ଠାକୁରମୁଣ୍ଡା ଓ ସାତକୋଶିଆ ବନାଞ୍ଚଳରେ ୫୫ଟି ଶିମିଳିପାଳ ଓ ଝାଡ଼ଖଣ୍ଡୀ ହାତୀ ବିକ୍ଷିପ୍ତ ଭାବେ ରହି ବ୍ୟାପକ ଉତ୍ପାତ କରୁଛନ୍ତି। ଗୁରୁବାର କରଞ୍ଜିଆ ବନଖଣ୍ଡର ଘାଗରବେଡ଼ା ସେକ୍ସନରେ ୨୪ଟି ହାତୀ ଥିବାବେଳେ ଦୁଧିଆଣି ରେଞ୍ଜରେ ୮ଟି, ଟଙ୍ଗାବିଲାରେ ୮ଟି, ତାଟୋରେ ଗୋଟିଏ, ଦରି ଅଞ୍ଚଳରେ ୫ଟି, ଠାକୁରମୁଣ୍ଡା ବନାଞ୍ଚଳ ଠାକୁରମୁଣ୍ଡା ସଂରକ୍ଷିତ ଜଙ୍ଗଲରେ ଶିମିଳିପାଳର ଗୋଟିଏ ଦନ୍ତା ଓ ସାତକଶିଆରେ ୪ଟି ହାତୀ ରହି ବ୍ୟାପକ ଉତ୍ପାତ କରୁଥିବା ଦେଖିବାକୁ ମିଳିଛି। ହାତୀ ଭୟରେ ପ୍ରାୟ ୧୦୦ ଟି ଗ୍ରାମର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ହାତୀ ପଲ ବ୍ୟାପକ ଧାନ ଫସଲ ମଧ୍ୟ ନଷ୍ଟ କରିଥିବା ଜଣାପଡ଼ିଛି।

## ୩ ଡିଗ୍ରୀରେ ପାରଦ

# ଥରୁଛି ଶିମିଳିପାଳ

ବାରିପଦା,୧୧।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଶୀତୁଆ ପବନ ସାଙ୍ଗକୁ ଶୀତର ଲହରୀ ବୃଦ୍ଧି ପାଉଛି। ଶିମିଳିପାଳରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି। ଫଳରେ ବନ୍ୟଜନ୍ତୁଙ୍କ ଉପରେ ଏହାର ପ୍ରଭାବ ପଡିବା ଆଶଙ୍କା ସୃଷ୍ଟି ହୋଇଛି। ଶୀତର ପ୍ରକୋପରେ ତାପମାତ୍ରା ହ୍ରାସପାଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜିଲାରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ଦିନକୁ ଦିନ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସମଗ୍ର ଜିଲାରେ ଶୀତର ପ୍ରଭାବ ପାଇଁ ଦିନରାତି ଲୋକେ ଶୀତବସ୍ତ୍ର ଘୋଡାଇ ହେଶଇ ରହୁଛନ୍ତି। ଜିଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୧ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଗୁରୁବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପର ବାରହାକାମୁଡ଼ା ରେଞ୍ଜରେ ୩ଡିଗ୍ରୀ, ଚହଲା ରେଞ୍ଜରେ ୫ଡିଗ୍ରୀ, ରାମତୀର୍ଥରେ ୧୨ଡିଗ୍ରୀ, ଗୁଡୁଗୁଡ଼ିଆରେ ୭ଡିଗ୍ରୀ, କିଆଝରୀରେ ୧୩ଡିଗ୍ରୀ ଓ ସାତକୋଶିଆରେ ୧୨ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ମାସକ ମଧ୍ୟରେ ୩ଥର ସର୍ବନିମ୍ନ ତାପମାତ୍ରା ୩ଡିଗ୍ରୀ ରହିଥିବାରୁ ଏହାର ପ୍ରଭାବରେ ଜିଲାରେ ତାପମାତ୍ରା ହ୍ରାସ ପାଇଛି।

# ଶିଶୁ ସେବିକା ପଦବୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ବୈଶିଙ୍ଗା,୧୧।୧୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପୋଖରୀସାହି ସରକାରୀ ବିଦ୍ୟାଳୟରେ ଶିଶୁ ସେବିକା ପଦବୀରେ ମନମୁଖୀ ନିଯୁକ୍ତିକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଅନୁଯାୟୀ, ଗଡଦେଉଳିଆ ପଞ୍ଚାୟତର ପୋଖରୀସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞାପନ ଦେଖି ୧୬ ଜଣ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିଲେ। ମାତ୍ର ଏହି ପଦବୀ ପାଇଁ ଲିଖିତ କିମ୍ବା ମୌଖିକ ପରୀକ୍ଷା କରା ନ ଯାଇ ହଠାତ୍ ଆବେଦନକାରୀମାନଙ୍କୁ ଏହି ପଦବୀରେ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିବା ସୂଚନା ଦିଆଯାଇଥିଲା। ଫଳରେ ବିଦ୍ୟାଳୟ ନିକଟରେ ଆବେଦନକାରୀଙ୍କ ସହ ଅଞ୍ଚଳବାସୀ ପହଞ୍ଚି ପାଟିତୁଣ୍ଡ କରିଥିଲେ। ବେତନଟୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ପହଞ୍ଚି ପ୍ରତିବାଦ କରିବା ସହ ନିୟମ ଅନୁଯାୟୀ ନିଯୁକ୍ତି କରିବାକୁ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କୁମାର କରଙ୍କୁ ପଚାରିବାରୁ ଏହା ସମ୍ପୂର୍ଣ୍ଣ ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଦାୟିତ୍ୱ ଏବଂ ପରିଚାଳନା କମିଟିର ସୁପାରିଶ ଭିତ୍ତିରେ ନିଯୁକ୍ତି ଦିଆଯାଇଛି। ଏଥିରେ କୌଣସି ଅନିୟମିତତା ହୋଇନଥିବା ସେ ପ୍ରକାଶ କରିଛନ୍ତି।

# ୧୩ରେ ଲୋକ ଅଦାଲତ

ମୋରଡ଼ା,୧୧।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ାସ୍ଥିତ ବିଦ୍ୟୁତ୍ ସବଡିଭିଜନ(ଏସଡିଓ) କାର୍ଯ୍ୟାଳୟରେ ଚଳିତ ମାସ ୧୩ ତାରିଖରେ ଲୋକ ଅଦାଲତ ଅନୁଷ୍ଠିତ ହେବ। ଉକ୍ତ ଲୋକ ଅଦାଲତ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। ମୋରଡା ଏସଡିଓ ନାରାୟଣ ବେହେରା, କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବାଲେଶ୍ୱର ଡିଭିଜନର ସ୍ୱତନ୍ତ୍ର ଅଧିକାରୀ ରଣଜିତ କୁମାର ସାହୁ, ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିବେ। ବିଦ୍ୟୁତ୍ ଚୋରି ବାବଦରେ ଯେଉଁ ଗ୍ରାହକମାନଙ୍କୁ ଜୋରିମାନା କରାଯାଇଥିବ କେବଳ ଉକ୍ତ ଗ୍ରାହକ ମାନଙ୍କର ଏକକାଳୀନ ସମାଧାନ ଉକ୍ତ ଲୋକ ଅଦାଲତରେ କରାଯିବ ବୋଲି ସୂଚନା ମିଳିଛି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୈଶିଙ୍ଗା,୧୧।୧୨
(ରତନ ଦାଶ)

ବୈଶିଙ୍ଗା ଥାନା ଅନ୍ତର୍ଗତ ହେମପୁରସ୍ଥିତ କୈଳାସଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା -୨୦୨୫ କ୍ରୀଡା ଶିକ୍ଷକ ସଞ୍ଜୀବନ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷାବିତ ସଞ୍ଜୟ କୁମାର ମିଶ୍ର। ସିନିୟର, ଜୁନିୟର ଏବଂ ସବ-ଜୁନିୟର ବିଭାଗରେ ସର୍ବମୋଟ ୩୦ଟି ଖେଳ ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି କ୍ରୀଡା ଉତ୍ସବକୁ ସଫଳ କରିବାରେ ତୁଷାରକାନ୍ତ ପାତ୍ର, ଚନ୍ଦନ କୁମାର ଦାସ, ଜୟଶ୍ରୀ ପାଢ଼ୀ, ପ୍ରଭାତୀ ପ୍ରଧାନ, ରାଜନନ୍ଦିନୀ ପାତ୍ର, ସବିତା ବାରିକ, ପ୍ରଜ୍ଞା ପାରମିତା ମଲ୍ଲିକ, ସଂଗୀତା ନାୟକ, କୌଶଲ୍ୟା ଭୂୟାଁ, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।


ଭାରତ ସରକାର
ଅର୍ଥ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ
ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟ
କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
ହୋଟେଲ ସମ୍ରାଟ, ଚାଣକ୍ୟପୁରୀ, ନୂଆଦିଲ୍ଲୀ
ଇମେଲ୍: cis.dgsystems@gov.in ୱେବ୍‌ସାଇଟ୍: www.cbic.gov.in

ଟେଣ୍ଡର ଆଇଡି: ୨୦୨୫_ଡିଆର୍‌ଇଭି_୮୮୯୨୫୮ ତାରିଖ:

ବିଜ୍ଞପ୍ତି

ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସି (ଆଇଏ) ଚୟନ ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ)

ଭାରତର ରାଷ୍ଟ୍ରପତି, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ ଅଧୀନସ୍ଥ ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟ ଜରିଆରେ ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସିର ଚୟନ ପାଇଁ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରୁଛନ୍ତି । ଆଗ୍ରହୀ ବିଡରମାନେ ସିପିପିପି ପୋର୍ଟାଲରେ ତା୧୦।୧୨।୨୦୨୫ରିଖରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ଆଇଡି ୨୦୨୫_ଡିଆର୍‌ଇଭି_୮୮୯୨୫୮ ଅନୁଯାୟୀ ଆବଶ୍ୟକୀୟ ସମ୍ପୂର୍ଣ୍ଣ ସୂଚନା ସହ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ସେମାନଙ୍କର ଦରଖାସ୍ତ ଦାଖଲ କରିପାରନ୍ତି । ବିଡ୍ ଦାଖଲର ଶେଷ ତାରିଖ ହେଉଛି ତା୨୧।୦୧।୨୦୨୬ରିଖ ୧୭.୦୦ ଘଟିକା (ଆଇଏସ୍‌ଟି) ସୁଦ୍ଧା । ସବିଶେଷ ବିଜ୍ଞପ୍ତି ଏବଂ ଅଂଶଗ୍ରହଣ ପାଇଁ ଦୟାକରି ଇ-ଟେଣ୍ଡର ୱେବ୍‌ସାଇଟ୍: https://eprocure.gov.in/eprocure/app ପରିଦର୍ଶନ କରନ୍ତୁ ।
ସମସ୍ତ ପ୍ରଶ୍ନ cis.dgsystems@gov.inକୁ ଇମେଲ୍ କରାଯାଇପାରିବ ।
CBC 15502/11/0045/2526



GANGADHAR MEHER UNIVERSITY
AMRUTA VIHAR, SAMBALPUR (ODISHA)- 768004
No.5429/GMU Date 11.12.2025
WALK-IN INTERVIEW FOR ENGAGEMENT OF TEACHERS [CONTRACTUAL BASIS]
A Walk-in-Interview is scheduled to be held on dt.19.12.2025 for engagement of eligible candidates as teachers purely on contractual basis for ITEP as per NCTE guideline. For details candidates may visit "www.gmuniversity.ac.in"
Sd./- Registrar



କିଡ୍‌ସ ହସ୍ପିଟାଲ, ଡୁମୁଡୁମା, ଭୁବନେଶ୍ୱର – ୭୫୧୦୧୯, ଓଡ଼ିଶା
ସର୍ବସାଧାରଣ ବିଜ୍ଞପ୍ତି
ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଛି ଯେ, ମେଡ଼ିକାଲ ରେକର୍ଡ ନିୟମ ଅନୁସାରେ, କିଡ୍‌ସ ହସ୍ପିଟାଲ, ଡୁମୁଡୁମା, ଭୁବନେଶ୍ୱର – ୭୫୧୦୧୯, ଓଡ଼ିଶା ଗତ ୧୫।୧୧।୨୦୦୮ ମସିହାଠାରୁ ୩୧।୦୧୨।୨୦୧୫ ମଧ୍ୟରେ ଚିକିତ୍ସିତ ହୋଇଥିବା ରୋଗୀ (ଉଭୟ ବହିର୍ବିଭାଗ ଓ ଅନ୍ତର୍ବିଭାଗ)ମାନଙ୍କର ଚିକିତ୍ସା ସମ୍ପର୍କିତ ଫାଇଲ ଆସନ୍ତା ତା୨୦।୧୨।୨୫ରିଖ ଦିନ ନଷ୍ଟ କରାଯିବ। ତେଣୁ ଏହି ସମୟ ମଧ୍ୟରେ ଚିକିତ୍ସିତ ହୋଇଥିବା ରୋଗୀ, ରୋଗୀ ସମ୍ପର୍କିତ, ବ୍ୟକ୍ତି ବିଶେଷ, ପ୍ରାଧିକାରୀ ଅନୁଷ୍ଠାନ ଉପରୋକ୍ତ ରୋଗୀ ଫାଇଲ ସମ୍ବନ୍ଧରେ କିଛି ଆପତ୍ତି ଅଭିଯୋଗ, ଅନୁସନ୍ଧାନ ଥାଏ ତାହାହେଲେ ସେମାନେ କିଡ୍‌ସ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିପାରିବେ ଓ ଧାର୍ଯ୍ୟ ତାରିଖ ଅର୍ଥାତ୍ ୧୯।୧୨।୨୦୨୫ ପରେ ଉପରୋକ୍ତ ଫାଇଲ ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ।
କର୍ତ୍ତୃପକ୍ଷ
କିଡ୍‌ସ ହସ୍ପିଟାଲ, ଡୁମୁଡୁମା, ଭୁବନେଶ୍ୱର
ଯୋଗାଯୋଗ:
୯୨୩୮୦୨୩୮୦୦, ୯୨୩୮୦୨୩୮୩୦, Email: mrd@kidshospital.in



वरीय पुलिस अधीक्षक का कार्यालय
पूर्वी सिंहभूम, जमशेदपुर

लापता: आवश्यक सूचना



गुमशुदा महिला बीना नायक, उम्र–करीब 30 वर्ष

उपरोक्त प्रसंग एवं विषय के संबंध में सूचित करना है कि आवेदक जीतवाहन नायक के द्वारा अपनी पत्नी **बीना नायक, उम्र–करीब 30 वर्ष की गुमशुदगी** के संबंध में संबंधित थाना श्यामसुन्दरपुर में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा बीना नायक, उम्र–करीब 30 वर्ष, पति–जीतवाहन नायक, पता–ग्राम–डाकुई, थाना–श्यामसुन्दरपुर, जिला–पूर्वी सिंहभूम, जमशेदपुर** जो दिनांक–01.12.2025 को सुबह करीब 10 बजे घर से बिना बताये निकली है अभी तक वापस नहीं लौटी है। आवेदक एवं इनके रिश्तेदारों के द्वारा काफी खोजबीन किया गया लेकिन कुछ पता नहीं चल सका है। **गुमशुदा महिला का हुलिया निम्न प्रकार है :–उम्र–करीब 30 वर्ष, कद–लगभग 05 फीट, रंग–गोरी, बाल–लम्बा काला, पहनावा–छींटदार लाल साड़ी, ब्लाउज लाल रंग, पैर में हवाई चप्पल, भाषा–बंगला एवं हिन्दी ।**

अतः अनुरोध है कि **गुमशुदा महिला बीना नायक, उम्र–करीब 30 वर्ष** को खोजबीन/पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
अनुमण्डल पुलिस पदा0, घाटशिला : 9431706485
थाना प्रभारी, श्यामसुन्दरपुर : 9431706521


वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 368329 Police(25-26).D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
ପତ୍ର ସଂଖ୍ୟା: 935 ତାରିଖ: 11.12.2025
ବିଜ୍ଞପ୍ତି
ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁମାନଙ୍କୁ ଉଦ୍ଧାର କରାଯାଇ ଯଥାକ୍ରମେ St. Catherine's House, Raikia ଓ ସୁଭଦ୍ରା ମହତାବ ସେବା ସଦନ, ଜି. ଉଦୟଗିରିଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି। ଏହି ଶିଶୁମାନଙ୍କର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦)ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କନ୍ଧମାଳ, ମିଶନଶକ୍ତି ଭବନ, ଡି.ଆର୍.ଡି.ଏ. ଛକ, ଫୁଲବାଣୀ – ୭୬୨୦୦୧, ଫୋନ ନଂ. ୦୬୮୪୨-୨୫୪୪୫୩, ମୋ ନଂ. ୯୪୩୭୪୨୩୪୨୭କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ନିମ୍ନଲିଖିତ ଶିଶୁମାନଙ୍କ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଧାରା ୩୮ ଅନୁଯାୟୀ ଥଇଥାନ କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | ଉଦ୍ଧାର ହୋଇଥିବା ସ୍ଥାନ ଓ ତାରିଖ | ଫଟୋ |
|---|---|---|---|---|---|
| ୧ | ତାପସ | ପୁଅ | ୨ବର୍ଷ ଓ ୧୧ମାସ | ଗ୍ରାମ: ପାଙ୍ଗାନାକୁ, ପୋଷ୍ଟ: ଗୁମାମାହା, ଥାନା: ରାଇକିଆ, ଜିଲ୍ଲା: କନ୍ଧମାଳ, ତା: ୧୭।୦୧।୨୦୨୩ |  |
| ୨ | ଲକ୍ଷ୍ମୀ ମୁର୍ମୁ | ଝିଅ | ୧୨ ବର୍ଷ ଓ ୧୧ମାସ | ସାଲିଆସାହି ଭୁବନେଶ୍ୱର, ଓଡ଼ିଶା ତା: ୧୪।୧୧।୨୦୨୧ |  |

ସ୍ୱା./– ଜିଲ୍ଲାପାଳ, କନ୍ଧମାଳ



कार्यपालक अभियंता का कार्यालय
लघु सिंचाई प्रमंडल, दुमका।
शुद्धि–पत्र
इस कार्यालय के द्वारा प्रकाशित ई–निविदा संख्या – WRD/MID/DUMKA/B.D./S.L.I.-01/2025-26 एवं पी० आर० नं० – 367886 Minor Irrigation (25-26)*D के Last Date/Time for downloading of bidding documents and Submission of Tender on Portal की तिथि – 21/12/2025 के स्थान पर दिनांक – 22/12/2025 तक पढ़ा जाय। Technical Bid Opening Date की तिथि – 22/12/2025 के स्थान पर दिनांक – 23/12/2025 पढ़ा जाय। निविदा की बाकी सभी शर्तें यथावत रहेंगी।
ह०/–
कार्यपालक अभियंता,
लघु सिंचाई प्रमंडल, दुमका।
PR 368303 Irrigation(25-26)D



ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹26,38,626/- ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍/ପ୍ରେକ୍ଷାଳୟ ପାଇଁ ଆକୋଷ୍ଟିକ୍ ଫଲ୍ସ ସିଲିଂ ପ୍ରସ୍ତୁତ କରିବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 40 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 26, 2025 ଅପରାହ୍ନ 02:00 ଟା** ଅଟେ ।
ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹47,30,418/- ଟଙ୍କା ଆନୁମାନିକ ମୂଲ୍ୟ ରେ **ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର ସ୍ଥିତ ଏହାର ଷ୍ଟାଫ୍ କ୍ୱାର୍ଟର୍ସ ରେ ପାଇପଲାଇନ କାର୍ଯ୍ୟ (ମୁଖ୍ୟ ପାଇପଲାଇନ/ପ୍ଲମ୍ବିଂ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 60 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 24, 2025 ଅପରାହ୍ନ 02:00 ଟା** ଅଟେ ।
ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



इंडियन बैंक Indian Bank
इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ,
ପୋ.: ମର୍କତ ନଗର, କଟକ - ୭୫୩୦୧୪
ଇ-ମେଲ: zocuttack@indianbank.co.in
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
{ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ** ଥିବାସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ : **https://www.ebkray.in/baanknet.com**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବକେୟା ପରିମାଣ /ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଜେଲ୍ ରୋଡ ଭଦ୍ରକ ଶାଖା/** **ଋଣଗ୍ରହୀତା: ସେକ୍ ସବିର,** ପିତା: ଵ ସେକ୍ ସଫିରୁଦ୍ଦିନ /**ସହ-ଋଣଗ୍ରହୀତା: ସେକ୍ ସଫିରୁଦ୍ଦିନ** / **ଗ୍ୟାରେଣ୍ଟିଦାତା: ଭୁଟୁ ଅଲ୍ଲୀ,** ପିତା: ମିର ଅବଦୁଲ ରସିଦ, ସମସ୍ତଙ୍କ ଠିକଣା- ସା: ଅପର୍ତ୍ତିବିନ୍ଧା (ମିର ସାହି), ପୋ/ଥାନା: ଭଦ୍ରକ, ଭଦ୍ରକ-୭୫୬୧୦୦ | ସେକ୍ ସବିରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୪୩, ଖାତା ନଂ.: ୭୯୧/୬୩୧, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: ଅପର୍ତ୍ତିବିନ୍ଧା, ଥାନା ନଂ.: ୯୧, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ବିକ୍ରୟ ଦଲିଲ ଅନୁଯାୟୀ ଉତ୍ତର: ଟେରା ପଣ୍ଡା, ଦକ୍ଷିଣ: ଟେରା ପଣ୍ଡା, ପୂର୍ବ: ମସଜିଦ୍ ଏବଂ ମିର ରମଜାନ, ପଶ୍ଚିମ: ମିର ଆବାସ / **ସମ୍ପତ୍ତି ଆଇଡି: IDIB30138005919S** | ୦୬.୦୬.୨୦୨୪ / ୩୧.୦୮.୨୦୨୪ / ୧୫.୦୯.୨୦୨୫ ସୁଦ୍ଧା ଟ.୧୯,୦୦,୬୧୬/- ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଜୁର୍ଯ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଗଠନ୍ମାତକ (ଭୌତିକ) | ଟ.୩୭,୮୩,୬୦୦/- / ଟ.୩,୭୮,୩୬୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ: ୨୭.୧୨.୨୦୨୫ (ଶନିବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୬.୧୨.୨୦୨୫ରିଖ ରାତ୍ର ୧୧.୫୫ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ) ଅର୍ଥାତ ପୋର୍ଟାଲରେ ଦର୍ଶିତ ନିଲାମ ତାରିଖ ଓ ସମୟ ପୂର୍ବରୁ

ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୭.୧୨.୨୦୨୫ରିଖ ଠାରୁ ତା.୨୪.୧୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: **https://www.ebkray.in/baanknet.com** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ **୧୫ଦିନିଆ** ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତିନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ, ତାରିଖ: ୧୧.୧୨.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧାନମଣ୍ଡି ଖୋଲିବା, କଟ୍‌ନୀଛଟ୍‌ନୀ ଉପରେ ଗୁରୁତ୍ୱ

## ୫ ବିଭାଗକୁ ନେଇ ଜିଲା ପରିଷଦ ସମୀକ୍ଷା ବୈଠକ

**ବାଲେଶ୍ୱର, ୧୧।୧୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରି ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ଉଦ୍ୟାନ କୃଷି ଅଧିକାରୀ ପ୍ରଦୀପ କୁମାର ବଳ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସମବାୟ ଉପନିବନ୍ଧକ ସରୋଜିନୀ ନାୟକ, ଜିଲା ମତ୍ସ୍ୟ ଅଧିକାରୀ ରେଶ୍ମା ପଟ୍ଟନାୟକ, ସିଡିଭିଓ ରବି ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସରକାର ଦେଇଥିବା ଲକ୍ଷ୍ୟ ଧାର୍ଯ୍ୟ ଉପରେ ଉଲ୍ଲେଖ କରିଥିଲେ। ଉଦ୍ୟାନ କୃଷି ବିଭାଗ ପକ୍ଷରୁ



ସମୀକ୍ଷା ବୈଠକରେ ଜିଲା ପରିଷଦ ସଭାପତି ଓ ଅଧିକାରୀଗଣ।

ନୂତନ କିସମର ବିଭିନ୍ନ ଫଳ ଉତ୍ପାଦନ ପାଇଁ ନୀଳଗିରି ଓ ସିମୁଳିଆ ବ୍ଲକରେ ଯୁବ କୃଷକମାନଙ୍କୁ ପ୍ରୋତ୍ସାହିତ କରିଥିବା ଉପନିର୍ଦ୍ଦେଶକ ସୂଚନା ଦେଇଥିଲେ। ଭୋଗରାଇ ଓ ବାଲିଆପାଳରେ ପାନଚାଷ, ସମନ୍ୱିତ ଉଦ୍ୟାନ କୃଷି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କେଉଁ ବ୍ଲକ ପାଇଁ କି ପ୍ରକାର ଯୋଜନା ଓ ଏଥିପାଇଁ କେତେ ଅର୍ଥ ବ୍ୟବସ୍ଥା କରାଯାଇଛି, ସେ ସମ୍ପର୍କରେ ଅଧିକାରୀ ତଥ୍ୟ ଉପସ୍ଥାପନ କରି ନ ପାରିବାରୁ ଜିଲା ପରିଷଦ ସଭାପତି ବିରକ୍ତିଭାବ ପ୍ରକାଶ କରିବା ସହ ବ୍ଲକ ଚେୟାରମ୍ୟାନ ଓ ଜିଲା ପରିଷଦ ସଭ୍ୟଙ୍କୁ ତୁରନ୍ତ ତଥ୍ୟ ଦେବାକୁ ତାଗିଦ୍ କରିଥିଲେ।

ସେହିପରି ସମବାୟ ବିଭାଗର ଧାନ କିଣା ପ୍ରସଙ୍ଗ ଉପରେ ସରଗରମ ଆଲୋଚନା ହୋଇଥିଲା। ତୁରନ୍ତ ଧାନ ମଣ୍ଡି ଖୋଲିବା, ରବି ଋତୁ ଭଳି ଧାନକିଣା ବେଳେ ହୋଇଥିବା ଅବ୍ୟବସ୍ଥାର ପୁନରାବୃତ୍ତି ନ କରିବା, ଟୋକନ ପାଇଥିବା ଚାଷୀଙ୍କ ଧାନରେ କଟ୍‌ନୀ ଛଟ୍‌ନୀରେ ହେଉଥିବା ସମସ୍ୟା, ମିଲରଙ୍କ ତରଫରୁ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ ଜିଲା ପରିଷଦ ସଭ୍ୟମାନେ ଆଲୋଚନା କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ, ସାମୁଦ୍ରିକ ମତ୍ସ୍ୟ ଅଧିକାରୀ, ପ୍ରାଣୀ ସମ୍ପଦ ଅଧିକାରୀ ମଧ୍ୟ ନିଜ ନିଜ ବିଭାଗରେ ଚାଷୀମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ପ୍ରଣୀତ ବହୁବିଧ ଯୋଜନା ରିହାତି ବ୍ୟବସ୍ଥା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷା ଅନୁସୂୟା ନାୟକ ଧନ୍ୟବାଦ ଦେଇଥିଲେ।

# ବାଣିଜ୍ୟ ବିଭାଗ ପକ୍ଷରୁ ପ୍ରାଧ୍ୟାପକଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା



ବିଦାୟୀ ପ୍ରାଧ୍ୟାପକ ଯୁଗଳ କିଶୋର ଗାହାଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଖଇରା, ୧୧।୧୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲାର ଅନ୍ୟତମ ଖ୍ୟାତିସମ୍ପନ୍ନ ଖଇରା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଯୁଗଳ କିଶୋର ଗାହାଣଙ୍କୁ ବୁଧବାର ବାଣିଜ୍ୟ ବିଭାଗ ତରଫରୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ପାଢୀ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଭାସ କୁମାର ମହାପାତ୍ର ଓ ମୁରଲୀଧର ବିଶ୍ୱାଳ, ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ବାଣିଜ୍ୟ ବିଭାଗୀୟ ମୁଖ୍ୟ ପ୍ରଶାନ୍ତ କୁମାର ମହନ୍ତ, ନିରାକାର ନାୟକ, ଗଣେଶ ପ୍ରସାଦ ପଣ୍ଡା, ସିମୁଳିଆ କଲେଜ ଅଧ୍ୟାପକ ବନମାଳୀ ବେହେରା ପ୍ରମୁଖ ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ ବିଦାୟୀ ପ୍ରାଧ୍ୟାପକ ଜଣେ ଛାତ୍ରବତ୍ସଳ ଏବଂ ନିଜର ସନ୍ତାନ ଭଳି ଛାତ୍ରୀଛାତ୍ରଙ୍କୁ ଭଲ ପାଉଥିଲେ। ତାଙ୍କ ସମୟରେ ଖଇରା କଲେଜର ବାଣିଜ୍ୟ ବିଭାଗ ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଶେଷରେ ବିଭାଗ ତରଫରୁ ବିଦାୟୀ ଅଧ୍ୟାପକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଖଇରା ମହାବିଦ୍ୟାଳୟର ବର୍ତ୍ତମାନର ବିଭାଗୀୟ ମୁଖ୍ୟ ଉମେଶ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା, ଅଧ୍ୟାପିକା ଆଲିସା ମହାନ୍ତି ମାନପତ୍ର ପାଠ, ଅଧ୍ୟାପକ ଈଶ୍ୱର ପ୍ରସାଦ ରାଉଳ ଅତିଥି ପରିଚୟ ଓ ଅଧ୍ୟାପକ ସମରଜିତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜ ସୁଧାର ଓ ନ୍ୟାୟର ସ୍ୱର ସାହିତ୍ୟ

- ଏଫ୍‌ଏମ୍‌ୟୁରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ
- ପରିବେଷଣ ହେଲା ନାଟକ 'ଲାଇଟ୍ସ ଅଫ୍ ହ୍ୟୁମାନିଟି'

**ବାଲେଶ୍ୱର, ୧୧।୧୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବୁଧବାର ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଛି। ସମାଜ ବିଜ୍ଞାନ ବିଭାଗ ଅଧ୍ୟକ୍ଷ ପ୍ରଫେସର ପବିତ୍ରମୋହନ ନାୟକ ଅତିଥି ପରିଚୟ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କର ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ହେଉଛି ସୁସ୍ଥ ମାନବାଧିକାର ଅଭ୍ୟାସର





କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅତିଥିଗଣ।

ଭିତ୍ତିସ୍ତମ୍ଭ। ସମତାମୂଳକ ଚିନ୍ତାଧାରା ଥିବା ସମାଜ ମାନବାଧିକାରକୁ ସ୍ଥାପିତ କରିବା ଓ ସୁରକ୍ଷା କରିବାର ପ୍ରକୃତ ପ୍ରେରଣାଶକ୍ତି ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଜଗଦାନନ୍ଦ ଯୋଗଦେଇ ସାହିତ୍ୟ ସର୍ବଦା ସମାଜ ସୁଧାର ଓ ନ୍ୟାୟର ସ୍ୱର ହୋଇଆସିଛି। ସହାନୁଭୂତିମୂଳକ ଶାସନକୁ ଆଲୋକପାତ କରି ଯୁବପିଢିର ଭୂମିକା ଓ ଭାରତୀୟ ସମ୍ବିଧାନ ପଠନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟ ଜ୍ୟେଷ୍ଠ ଅଧିବକ୍ତା ପ୍ରଭୁ ପ୍ରସନ୍ନ ବେହେରା ଯୋଗଦେଇ ମାନବାଧିକାରର ଏକାଧିକ ମାନଦଣ୍ଡ ସମ୍ପର୍କରେ ଅବଗତ କରାଇ ବିବିଧ ଚର୍ଚ୍ଚା କରିଥିଲେ। ସମାଜ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର 'ଲାଇଟ୍ସ ଅଫ୍ ହ୍ୟୁମାନିଟି' ନାମକ ଏକ ସଚେତନତାମୂଳକ ନାଟକ ପରିବେଷଣ କରିଥିଲେ। ସହାୟକ ଅଧ୍ୟାପକ ଶଶାଙ୍କ ସେଖର ଗଡ଼ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସହାୟକ ଅଧ୍ୟାପିକା ପ୍ରିୟମ୍ବଦା ପଲେଇ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ଉଠାଇଲେ ବିଧାୟିକା ସୁବାସିନୀ

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୧।୧୨**

## ବିଧାନସଭା ଶୀତକାଳୀନ ଅଧିବେଶନ



ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନରେ ବସ୍ତା ବିଧାୟିକା ସୁବାସିନୀ ଜେନା ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ଉଠାଇଛନ୍ତି। ଗତ ନଭେମ୍ବର ୨୭ରୁ ଆରମ୍ଭ ହୋଇଥିବା ଅଧିବେଶନର ୧୮ଟି କାର୍ଯ୍ୟଦିବସ ପୂର୍ବରୁ ଏହା ବନ୍ଦ ହୋଇଯାଇଛି। ଫଳରେ ଚାଲିଥିବା ୧୧ଟି ଦିବସରେ ବିଧାୟିକା ଜେନା ୮୫ଟି ପ୍ରଶ୍ନ ଗୃହରେ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ଆନ୍ତଃ ରାଜ୍ୟ ଗମନାଗମନର ସୁବିଧା ପାଇଁ ବାଲିଆପାଳ ବ୍ଲକ ଜାମକୁଣ୍ଡା ପନ୍ତେଇଠାରେ ସୁବର୍ଣ୍ଣରେଖା ନଦୀ ଉପରେ ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଥିବା ପୋଲ ନିର୍ମାଣ, ସୁବର୍ଣ୍ଣରେଖା ନଦୀକୂଳରେ ଥିବା କୁମ୍ଭାରୀ ପଞ୍ଚାୟତ ନୂଆସାହିଠାରୁ ଆରମ୍ଭ ହୋଇ କଙ୍କଡ଼ାପାଳ ପର୍ଯ୍ୟନ୍ତ ଦୁର୍ବଳ ନଦୀବନ୍ଧର ପଥର ପ୍ୟାଚିଂ, ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଡ୍ରପଆଉଟ ହାର, ରାଜ୍ୟର ପ୍ରାଥମିକ ଶିକ୍ଷକମାନଙ୍କର ଦୁଇଟି ଦାବି ଓ ଆଦର୍ଶ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସରକାରୀ ଶିକ୍ଷକ ଭାବେ ମାନ୍ୟତା ପ୍ରଦାନ, କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରସଙ୍ଗ ଉଠାଇଥିଲେ। ଏହି ପ୍ରକଳ୍ପ ୨୦୨୩ ଡିସେମ୍ବର ୮ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ରହିଥିବା ବେଳେ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନି କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ବସ୍ତା ଓ ବାଲିଆପାଳ ଅଞ୍ଚଳର ପ୍ରସଙ୍ଗ ଭିତ୍ତିକ ଅତିରିକ୍ତ ୧୪୪ଟି ପ୍ରଶ୍ନ ବିଧାନସଭା ପକ୍ଷରୁ ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ସମସ୍ତ ପ୍ରଶ୍ନ ଉପସ୍ଥାପନ ହୋଇପାରିଲା ନାହିଁ ବୋଲି ସେ କହିଛନ୍ତି।


# Classified Everyday 0674-2580101, 9692975378



**REAL ESTATE**

**SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

**GENERAL**

**WELDING WORKS, ANYBODY WANTS ANY WELDING, WORKS LIKE SHUTTER, GODOWN, GRILLS, DOORS & WINDOWS. PL CALL 7809525452.** D-225





All types of physiotherapy with massage, Contact number 9556924059/ 7656969134. D-2766

Now Matrimonial ads. only on Wednesday & Sunday Book 1 Get 1 FREE

**LOST**

The following documents of Gurumaharaj Engicon Pvt. Ltd. has been lost of Kesura Mouza- 79, Tahashil Bhubaneswar, Plot No.- 1043: Regd. saledeed No.- 4935, ROR of khata No.- 461 & 514/903, Plot No.- 1023: Regd. saledeed No.- 10922, ROR of Khata No.- 507, 514/910 & 514/3354, Plot No.- 1075: Regd. saledeed No.- 11171, ROR of Khata No.- 245, 514/906 & 514/3355, Plot No.- 1049: Regd. saledeed No.- 10918, ROR of Khata No-101, 514/911 & 514/3351, Plot No.- 1024: Regd. saledeed No.- 10917, ROR of Khata No.- 331, 514/907 & 514/3350, Plot No.- 1041: Regd. saledeed No.- 10915, ROR of Khata No.- 64, 514/913 & 514/3349, If anyone found kindly contact Plot No.- 698, GEPL House, Behera sahi, Nayapalli, BBSR-751012, Odisha, Mob: 8093014523. D-76949

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Executive Magistrate, Hatadihi, Kendujhar, Dated- 03.12.2025, I, Girija Sankar Dora, At- Kapundi, P.O./Via- Hatadihi, P.S.- Nandipada, Dist.- Kendujhar, PIN- 758083, State- Odisha declare that I have changed the name of my daughter from Sai Rudranshi Dora to Urbi Dora. Henceforth, she shall be known as Urbi Dora for all purposes.
Girija Sankar Dora D-2801

By virtue of an affidavit sworn before the Executive Magistrate, Sambalpur, No. 710, Dtd.- 14.11.25, I, DIPTI NANDA, W/o.- Umakanta Nanda, R/o. At- Balunkeswar Lane, Nandapada, Sadar, Sambalpur, Odisha, PIN- 768001 declare that I have changed my name from SUNANDA PANDA to DIPTI NANDA. Henceforth, I shall be known as DIPTI NANDA for all purposes.
DIPTI NANDA D-2802

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

By virtue of an affidavit sworn before The Notary Public, Bhubaneswar dated 11.12.2025, I, K.Jagnyadatta, Address At- Kakbhata, Near to Jagannath Mandir, P.O.- Lanjigarh Road, P.S.- Narala, Dist.- Kalahandi, Odisha- 766110 declare that I have changed my name from K.Jagnyadatta to Kumar Jagnyadatta. Henceforth, I shall be known as Kumar Jagnyadatta for all purposes.
Kumar Jagnyadatta. D-2803

25th ଶୁଭ ବିବାହ ବାର୍ଷିକୀ



**Bishnupriya & Akshaya**

12.12.2000
12.12.2025

ପରସ୍ପରକୁ ପ୍ରେମ କରିବାର ଆନନ୍ଦ ଚିରସ୍ଥାୟୀ ହେଉ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LEGAL NOTICE**

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.-୩ (ଶ୍ରୀ ପ୍ରବୀର କୁମାର ନାୟକ), ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୬୧୯/୨୦୨୪

ସାବିତ୍ରୀ ପାଇକରାୟ ଏବଂ ଅନ୍ୟମାନେ .....ବାଦୀ

ବନାମ

ଦିରିବ ଓରଫ ଦିରଜ ଭୋଇ ଏବଂ ଅନ୍ୟମାନେ ..ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ.-୫, ନିୟମ-୨୦ ଉପନିୟମ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା-

ପ୍ରତିବାଦୀ ନଂ.୧- ଦିରିବ ଓରଫ ଦିରଜ ଭୋଇ, ପିତା- ୰ଲକ୍ଷ୍ମଣ ଭୋଇ, ଠିକଣା- ଗ୍ରାମ/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୨୯।

ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.-୧ଙ୍କ ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ଦୈନିକ ଖବରକାଗଜ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ସଂଶୋଧନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.- ୩ ରେ ଦାଖଲ କରିଛନ୍ତି । ପ୍ରତିବାଦୀ ନଂ.୧ ଦିରିବ ଓରଫ ଦିରଜ ଭୋଇଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ପ୍ରତିବାଦୀ ନଂ.-୧ ମୃତ ହେତୁ ଉକ୍ତ ନୋଟିସ ଫେରସ୍ତ ଆସିଅଛି ।

ଜମିଜମାର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା ନଂ-୪୪, ମୌଜା- ଅନ୍ଧାରୁଆ

ସାବକ: ଖାତା ନମ୍ବର- ୭୨୨, ପ୍ଲଟ୍ ନମ୍ବର- ୨୩୦୫, କିସମ- ବାଜେଫସଲ ତିନି, ରକବା- ଏ୦.୦୬୫ଡି. ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୭୭୬, ପ୍ଲଟ୍ ନମ୍ବର- ୩୧୦୪, କିସମ- ତଇଲା, ରକବା- ଏ୦.୦୪୭ଡି. ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୭୭୬, ପ୍ଲଟ୍ ନମ୍ବର- ୩୧୦୩, କିସମ- ତଇଲା, ରକବା- ଏ୦.୦୧୮ଡି. ସ୍ୱତ୍ୱ- ସ୍ଥିତିବାନ୍।


ଯେହେତୁ ପ୍ରତିବାଦୀ ନଂ-୧ ମୃତ, ତେଣୁ ଅତ୍ର ସମ୍ବାଦପତ୍ର ଦ୍ୱାରା ନୋଟିସ ଜାରି ହେଲା ଯେ ତାଙ୍କର ଉତ୍ତରାଧିକାରୀ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଆସନ୍ତା ତା.୩୦.୧୨.୨୫ରିଖ ୩.୩୦ ସମୟରେ କୋର୍ଟ ନଂ-୩ ରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ସ୍ଥାନ- ଭୁବନେଶ୍ୱର | ମାନ୍ୟବର ଅତିରିକ୍ତ ରିଭିଜନ
ତାରିଖ- ୦୪।୧୨।୨୦୨୫ | ସ୍ୱା/- କୋର୍ଟଙ୍କ ଆଦେଶକ୍ରମେ
ଧ-୨୮୦୦

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



**ଶ୍ରୀବତ୍ସ ମହାପାତ୍ର (କକେଇ)**
ରଥ ରୋଡ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୪।୦୭।୧୯୪୬
ତିରୋଧାନ: ୧।୧୨।୨୦୨୫

ଆପଣଙ୍କ ଇହଲୀଳା ସମ୍ବରଣ କରିବାର ଏଗାର ଦିନ ପରେ ମଧ୍ୟ, ଆମେ ଆପଣଙ୍କୁ ଭୁଲିପାରୁନୁ। ଆପଣଙ୍କ ତ୍ୟାଗ, ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ପରୋପକାର ଆମମାନଙ୍କ ପାଇଁ ପ୍ରେରଣା ଏବଂ ଚିରସ୍ମରଣୀୟ ହୋଇରହିବ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ଲିଙ୍ଗରାଜ ଓ ମା' ଗୌରୀଙ୍କ ନିକଟରେ ପ୍ରାର୍ଥନା।

ପୁଅ, ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାର ବର୍ଗ

**ଧରିତ୍ରୀ DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q19972384S@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅନ୍ତର୍ଜାତୀୟ ମାନବାଧିକାର ଦିବସ

ରାଇରଙ୍ଗପୁର,୧୧।୧୨ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ପରିସରରେ ବୁଧବାର ରାଇରଙ୍ଗପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ରାଇରଙ୍ଗପୁର ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ ଡ. ଭି. ସୁଜାତାଙ୍କ ଅଧ୍ୟତାରେ ଆୟୋଜିତ ବୈଠକରେ ରାଇରଙ୍ଗପୁର ସିନିୟର୍ ସିଭିଲ ଜଜ ଆଲୋକ ପଣ୍ଡା ଏବଂ ଜେଏମଏଫସି ମାଜିଷ୍ଟ୍ରେଟ ଚେତନା ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ଇନ୍ସପେକ୍ଟର ଜ୍ୟୋତି ପ୍ରକାଶ ସ୍ୱାଇଁ ଏବଂ ଓକିଲ ସଂଘ ଅଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ତାଙ୍କ ଭାଷଣ ପ୍ରସଙ୍ଗରେ ବିଭିନ୍ନ ଆଇନ ଏବଂ ଦଣ୍ଡ ବିଧାନ ଉପରେ ଜନ ସଚେତନତା ସକାଶେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଏବଂ ଶିକ୍ଷକମାନେ ଯୋଗ ଦେଇଥିଲେ। ରାଇରଙ୍ଗପୁର ସିଭିଲ କୋର୍ଟର ବିଭିନ୍ନ ପଦାଧିକାରୀ କର୍ମଚାରୀ ଏବଂ ଟାଉନ ଥାନା ପଦାଧିକାରୀ ପୋଲିସ କର୍ମଚାରୀ ସହାୟତା କରିଥିଲେ।

# ମେଗାଷ୍ଟାରଙ୍କୁ ନେଇ ଦୁଲୁକିବ ମଞ୍ଚ

## ୧୪ରୁ ଧୂମୁସା ମହୋତ୍ସବ

ଉଦଳା,୧୧।୧୨ (ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡର ଗର୍ବ ଗୌରବ ଧୂମୁସା ମହୋତ୍ସବ – ୨୦୨୫ ଚଳିତ ମାସ ୧୪ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏନେଇ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଉଦଳା ହାଇସ୍କୁଲ ପଡିଆ ନିକଟସ୍ଥ ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ସଂଲଗ୍ନ ଧୂମୁସା ମଞ୍ଚ ଓ ମହୋତ୍ସବ ପଡିଆରେ ପ୍ରଦର୍ଶନୀ ମଣ୍ଡପ, ମୀନାବଜାର, ମେଳା ଆୟୋଜନ ନେଇ ପ୍ରସ୍ତୁତି ଚୂଡାନ୍ତ ରୂପ ନେବାକୁ ଯାଉଛି। ମହୋତ୍ସବର ଶୁଭ ଉଦ୍‌ଘାଟନ ଉପଲକ୍ଷେ ଉଦଳା ଗୌଡୀୟ ମଠଠାରୁ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ବିଭିନ୍ନ ପାରମ୍ପରିକ ବାଦ୍ୟ ଝଙ୍କାର ସହ ଆକର୍ଷଣୀୟ କାର୍ଣ୍ଣିଭାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦଘାଟନୀ ସନ୍ଧ୍ୟାରେ ମହୋତ୍ସବ କମିଟି ତରଫରୁ ମେଲୋଡି କୁଇନ ଅସୀମା ପଣ୍ଡାଙ୍କ ମେଲୋଡି ଓ ବିଭିନ୍ନ ମହାବିଦ୍ୟାଳୟ ଦ୍ୱାରା ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨ୟ ସନ୍ଧ୍ୟାରେ ଉଦଳା ଏନଏସି ଆନୁକୁଲ୍ୟରେ ଚଳଚ୍ଚିତ୍ର ତାରକା ଅସିତ ପତିଙ୍କ ସହିତ କୋଲକାତାର ତରଙ୍ଗିଣୀ ସାଂସ୍କୃତିକ ଦଳର କାର୍ଯ୍ୟକ୍ରମ ଓ ମିସ ଉଦଳା ଫେଶନ ଶୋ' ଅନୁଷ୍ଠିତ ହେବ। ୩ୟ ସନ୍ଧ୍ୟାରେ ଖୁଣ୍ଟା ପଞ୍ଚାୟତ ସମିତିର ଆୟୋଜନରେ ଚଳଚ୍ଚିତ୍ର ତାରକା ସ୍ୱରାଜ ବାରିକ ଏବଂ ମନିଷାଙ୍କ କାର୍ଯ୍ୟକ୍ରମ ସାଙ୍ଗକୁ ସ୍ୱର ଓଡ଼ିଶା କଳିଙ୍ଗ ଷ୍ଟାର କଣ୍ଠଶିଳ୍ପୀ ତାପସ ବିଦ୍ଧାଣୀ ଓ ଲିପିଙ୍କ ମେଲୋଡି ଏବଂ ପ୍ରଥମ ଥର ପାଇଁ ଧୂମୁସା ମଞ୍ଚରେ କଣ୍ଠଶିଳ୍ପୀ ପୋରାୟନି ସୋରେନ ଓ ଗୋପୀଙ୍କ ଦ୍ୱାରା ସାନ୍ତାଳୀ ସଙ୍ଗୀତ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ୪ର୍ଥ ସନ୍ଧ୍ୟାରେ ଆୟୋଜକ ଗୋପବନ୍ଧୁନଗର ପଞ୍ଚାୟତ ସମିତି ଦ୍ୱାରା ମଞ୍ଚରେ ପରିବେଷିତ ହେବ ଧାରାବାହିକ ଭାଗ୍ୟରେଖାର ଅଭିନେତ୍ରୀ ସ୍ମୃତିରେଖା ଏବଂ ମାୟା ମମତାର ପଲ୍ଲବୀ, ହାସ୍ୟ ଅଭିନେତା ନାଲି ଆମ୍ବ, ସାଇ ଇଭେଣ୍ଟ, ମେଲୋଡି, ଓଲିଉଡ ପ୍ରଚ୍ଛଦପଟ୍ଟ ଗାୟକ ରାଜେଶ ଦାସ ଓ ଗାୟିକା ଅଞ୍ଜଳି ଦତ୍ତଙ୍କ କାର୍ଯ୍ୟକ୍ରମ। ଉଦଳା ପଞ୍ଚାୟତ ସମିତି ଦ୍ୱାରା ୫ମ ସନ୍ଧ୍ୟାରେ ଆରଏ ଏଣ୍ଟରଟେନମେଣ୍ଟ କୋଲକାତା ଓ ମିଷ୍ଟର ଉଦଳା ବଡି ବିଲଡିଂ ଚାମ୍ପିୟନସିପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୬ଷ୍ଠ ସନ୍ଧ୍ୟାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ସୁପରଷ୍ଟାର ହାସ୍ୟ ଅଭିନେତା ପପୁ ପମ ପମ୍‌ଙ୍କ ଦମଦାର କମେଡି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ୭ମ ସନ୍ଧ୍ୟାର ଆୟୋଜକ ଭାବେ କପ୍ତିପଦା ବ୍ଲକ ଦ୍ୱାରା ପ୍ରଖ୍ୟାତ ସମ୍ବଲପୁରୀ ଗାୟକ ମନ୍ଟୁ ଛୁରିଆଙ୍କ ମେଲୋଡି କାର୍ଯ୍ୟକ୍ରମରେ ମଞ୍ଚ ଓ ଦର୍ଶମାନଙ୍କୁ ବିମୁଗ୍ଧ କରାଇବାର ଆୟୋଜନ କରାଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟି ତରଫରୁ ବିଷ୍ଣୁମୋହନ କବିଙ୍କ ମେଲୋଡି ସହିତ ଚଳଚ୍ଚିତ୍ର ତାରକା ଏଲିନାଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ଆୟୋଜନ କରାଯାଇଛି। ମନ୍ତ୍ରୀ, ବିଧାୟକ, ଅନ୍ୟାନ୍ୟ ଜନ ପ୍ରତିନିଧି, ପ୍ରଶାସନିକ ଉଚ୍ଚ ପଦାଧିକାରୀମାନଙ୍କୁ ଏହି ମହୋତ୍ସବରେ ଅତିଥି ଭାବେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି। ପୂର୍ବ ବର୍ଷମାନଙ୍କ ପରି ସ୍ମରଣିକା ଧୂମୁସାର ଉନ୍ମୋଚନ ଓ ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।

# ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କମ୍ବଳ ବଣ୍ଟନ

କେନ୍ଦୁଝର,୧୧।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ନମ୍ବିରାର ମା' ଜଗତ ଜନନୀ ସେବାଟ୍ରଷ୍ଟ ପକ୍ଷରୁ ଶୀତ ପ୍ରକୋପରୁ ରକ୍ଷା ନିମନ୍ତେ ଗରିବ ଏବଂ ଅସହାୟ ଲୋକଙ୍କୁ ମାଗଣାରେ ଶୀତବସ୍ତ୍ର ପ୍ରଦାନ କରାଯାଉଛି। ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ପକ୍ଷରୁ ଜିଲାର ବିଭିନ୍ନ ପ୍ରାନ୍ତରେ ଗରିବ, ଅସହାୟ ଗରିବ ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଇଛି। ୨ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟ ଶେଷ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ବୁଧବାର କେନ୍ଦୁଝରଗଡ଼ ପୌରପାଳିକାର ୧ ନମ୍ବର ୱାର୍ଡ ଅନ୍ତର୍ଗତ ସୁଲେଇଖମାର, ପୋଡ଼ାଉଆସ, ସମାଧିସାହି, ଖିଡ଼କିଦ୍ୱାରା ସାହିରେ ଆଦିବାସୀ ଓ ଗରିବ ଶ୍ରେଣୀର ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଇଛି। କେନ୍ଦୁଝରରେ ଦିନକୁ ଦିନ ଶୀତ ପ୍ରକୋପ ବଢୁଥିବାବେଳେ ଗରିବ, ଖଟିଖିଆ ବ୍ୟକ୍ତିମାନେ କମ୍ବଳ ପାଇ ଶୀତରୁ କିଛି ମାତ୍ରାରେ ରକ୍ଷା ପାଇବେ ବୋଲି ଟ୍ରଷ୍ଟର ସଦସ୍ୟ ତଥା ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜିବ କୁମାର ବେହେରା ସୂଚନା ଦେଇଛନ୍ତି।

# ପୂର୍ବତନ ଜିଲା ପରିଷଦ ସଦସ୍ୟଙ୍କ ପରଲୋକ

ବଡ଼ଭଳା/ଛେନାପଦି,୧୧।୧୨
(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡା)



କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକର ପୂର୍ବତନ ଜିଲା ପରିଷଦ ସଦସ୍ୟ, ହାଟଡ଼ିହୀ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଓ ପୂର୍ବତନ ସରପଞ୍ଚ ସନାତନ ବେହେରା (୬୭)ଙ୍କ ଗୁରୁବାର ପରଲୋକ ହୋଇଛି। ମୃତ୍ୟୁ ଖବର ପାଇ ଆନନ୍ଦପୁର ପୂର୍ବତନ ବିଧାୟକ ମାୟାଧର ଜେନା, ହାଟଡ଼ିହୀ ସରପଞ୍ଚ ଚିନ୍ମୟ ନାୟକ, ସମିତିସଭ୍ୟ କୈଳାଶ ରାଉତ, ଭାଜପା ନେତା ଶମ୍ଭୁନାଥ ରାଉତ, ସାମାଜିକକର୍ମୀ ସୁରେନ୍ଦ୍ର ଜେନା, ଉପେନ୍ଦ୍ର ସେନାପତି, ଭିକାରୀ ଚରଣ ରାଉତ ଅଣା ଗ୍ରାମସ୍ଥିତ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ମରଶରୀର ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗ ଦ୍ୱାରାକୁ ନିଆଯାଇଥିଲା।

# ରାସ୍ତା ମରାମତି କଲେ ଯୁବକ



ପାଟଣା,୧୧।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଅନ୍ତର୍ଗତ ଗୁଲୁଦିପଶି ଗ୍ରାମ ଝାଟିପଡ଼ା ସାହିର ଯୁବକମାନେ ଗୁରୁବାର ନିଜସ୍ୱ ଶ୍ରମଦାନ କରି ଗ୍ରାମରାସ୍ତା ମରାମତି କରିଛନ୍ତି। ସ୍କୁଲଠାରୁ ଝାଟିପଡ଼ା ସାହିକୁ ସଂଯୋଗ କରୁଥିବା ମାଟି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଯୁବକମାନେ ଖାଲଖମାରେ ମୋରମ ଓ ମାଟି ପକାଇ ସମତୁଲ କରିଛନ୍ତି। ସୂଚନା ଅନୁଯାୟୀ, ବର୍ଷା ପାଣିରେ ରାସ୍ତା ଧୋଇ ହୋଇ ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଥିଲା। ଫଳରେ ରାସ୍ତାରେ ଗମନାଗମନ ସମ୍ଭବ ହେଉ ନ ଥିଲା। ସାହିର ଯୁବ ଗୋଷ୍ଠୀ ମିଳିତ ହୋଇ ଗୁରୁବାର ପୂର୍ବାହ୍ନ ୧୦ଟାରୁ ଖାଲଖମାରେ ମୋରମ ଓ ମାଟି ପକାଇ ରାସ୍ତାକୁ ସମତୁଲ କରିଥିଲେ। କାମରେ ଗ୍ରାମର ଯୁବକ ବଳରାମ ବାରିକ, ସନ୍ତୋଷ ସେଠୀ, ସଙ୍ଖାଳି ବାରିକ, ଟୁଣ୍ଟୁ ନାଏକ, ଭୁବନା ଦେହୁରୀ, ଶ୍ରୀକାନ୍ତ ରାଉତ, ପୂର୍ଣ୍ଣ ରାଉତ, ମଦନ ବାରିକ, ଯୁଗଳ କିଶୋର ବାରିକ, ପଦ୍ମନାଭ ନାଏକ ପ୍ରମୁଖ ମିଶି ରାସ୍ତାକୁ ସମତୁଲ କରିଥିଲେ। ଗାଁ ଯୁବକଙ୍କ ଏତାଦୃଶ ଉଦ୍ୟମକୁ ଗାଁ ମୁରବୀ ପ୍ରଶଂସା କରିଛନ୍ତି।

## ସର୍ବଭାରତୀୟ ଟି - ୨୦କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିବସ

# ଭୁବନେଶ୍ୱର, ରାଉରକେଲା ବିଜୟୀ

ବାରିପଦା,୧୧।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଅତିଥିମାନଙ୍କ ସହ ଖେଳାଳିମାନେ।

ବାରିପଦାର ପ୍ରଫୁଲ୍ଲନଗରସ୍ଥିତ ଲେଟକଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି – ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିନର ୧ମ ମ୍ୟାଚରେ ଟିସିସି ଭୁବନେଶ୍ୱର ୫ ଉଇକେଟରେ ବାରିପଦାର ଡିଆରକେ ଟିମକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଡିଆରକେ ୨୦ ଓଭରରେ ୮ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିବ୍ୟରଞ୍ଜନ ଦାସ ୪୪, ଅଭିଜ୍ଞାନ ମହାନ୍ତି ୨୮, ଜୟ କୁମାର ୨୨ ଓ ଉପେନ୍ଦ୍ର ନାୟକ ୨୧ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିହ୍ନା ୩ଟି ଓ ରାମଚନ୍ଦ୍ର ବେହେରା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭୁବନେଶ୍ୱର ୧୭.୪ ଓଭରରେ ୫ ଉଇକେଟ ହରାଇ ୧୫୯ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୬୦, ବିନୟ ପାଇକରାୟ ୩୫ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମାନସ ଧଳ ୨ଟି ଉଇକେଟ ଅକ୍ତିଆର କରିଥିଲେ। ରାମଚନ୍ଦ୍ର ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରାକେଶ ସିଂହ ଓ କ୍ରୀଡା ସଂଗଠକ ତଥା ସିନେ ପ୍ରଯୋଜକ ସଞ୍ଜୀବ ଦ୍ୱିବେଦୀ ଏହି ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପ ସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ। ୨ୟ ମ୍ୟାଚରେ ରାଉରକେଲା ୪ ଉଇକେଟରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟର୍ସ ୧୯ ଓଭରରେ ୭ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସୁନକରା ନିଖିଲ ୪୭, ସୁରେନ୍ଦ୍ର ୩୪, ବେଣ୍ଡାଲାମ ସତଭିକ ୩୧ ଓ ଜି. ଲିକିଥ ୨୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଗୌତମ ସୁନା ୪ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ରାଉରକେଲା ୧୭. ୩ ଓଭରରେ ୬ ଉଇକେଟ ହରାଇ ୧୯୧ ରନ ବିଜୟ ଲକ୍ଷ ହାସଲ କରିଥିଲା। ଦଳ ପକ୍ଷରୁ ବିଭାସ ସାଓ ୫୧, ଏମ. ପାଣ୍ଡେ ୪୭ ଓ ଅମନ ଯାଦବ ୩୫ ରନ କରିଥିବା ବେଳେ ବିପକ୍ଷ ଦଳର ଗିରି ପ୍ରସାଦ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଗୌତମ ସୁନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ସାମାଜିକ କର୍ମୀ ଦୀପା ରାଉତରାୟ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବା ବେଳେ ସୌରଜିତ ସାହୁ ସ୍କୋରିଂରେ ସହାୟତା କରିଥିଲେ। ସୁରେଶ ସାଣ୍ଡିଲ, ବୁବୁ ସିହ୍ନା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ୧ମ ମ୍ୟାଚ କୋଲକାତାର ଏଲ ଆର ଏସ ଟିମ ଓ ବିଶାଖାପାଟନମର ଇଷ୍ଟ କୋଷ୍ଟ ରେଲୱେ ମଧ୍ୟରେ ଏବଂ ୨ୟ ମ୍ୟାଚ ସମ୍ବଲପୁରର ଏମଏମସିସି ଟିମ ଓ ଖଡ଼ଗପୁରର ସେର୍ସା ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ଫ୍ଲାଟ୍ 6,75,000ରେ ବିକ୍ରିହେବ। 9776974912. D-14

GENERAL

WELDING WORKS, ANYBODY WANTS ANY WELDING, WORKS LIKE SHUTTER, GODOWN, GRILLS, DOORS & WINDOWS. PL CALL 7809525452. D-225





All types of physiotherapy with massage, Contact number 9556924059/ 7656969134. D-2766

Now Matrimonial ads. only on Wednesday & Sunday Book 1 Get 1 FREE

LOST

The following documents of Gurumaharaj Engicon Pvt. Ltd. has been lost of Kesura Mouza- 79, Tahashil Bhubaneswar, Plot No.- 1043: Regd. saledeed No.- 4935, ROR of khata No.- 461 & 514/903, Plot No.- 1023: Regd. saledeed No.- 10922, ROR of Khata No.- 507, 514/910 & 514/3354, Plot No.- 1075: Regd. saledeed No.- 11171, ROR of Khata No.- 245, 514/906 & 514/3355, Plot No.- 1049: Regd. saledeed No.- 10918, ROR of Khata No-101, 514/911 & 514/3351, Plot No.- 1024: Regd. saledeed No.- 10917, ROR of Khata No.- 331, 514/907 & 514/3350, Plot No.- 1041: Regd. saledeed No.- 10915, ROR of Khata No.- 64, 514/913 & 514/3349, If anyone found kindly contact Plot No.- 698, GEPL House, Behera sahi, Nayapalli, BBSR-751012, Odisha, Mob: 8093014523. D-76949

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit sworn before the Executive Magistrate, Hatadihi, Kendujhar, Dated- 03.12.2025, I, Girija Sankar Dora, At- Kapundi, P.O./Via- Hatadihi, P.S.- Nandipada, Dist.- Kendujhar, PIN- 758083, State- Odisha declare that I have changed the name of my daughter from Sai Rudranshi Dora to Urbi Dora. Henceforth, she shall be known as Urbi Dora for all purposes.
Girija Sankar Dora
D-2801

By virtue of an affidavit sworn before the Executive Magistrate, Sambalpur, No. 710, Dtd.- 14.11.25, I, DIPTI NANDA, W/o.- Umakanta Nanda, R/o. At- Balunkeswar Lane, Nandapada, Sadar, Sambalpur, Odisha, PIN- 768001 declare that I have changed my name from SUNANDA PANDA to DIPTI NANDA. Henceforth, I shall be known as DIPTI NANDA for all purposes.
DIPTI NANDA
D-2802

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

By virtue of an affidavit sworn before The Notary Public, Bhubaneswar dated 11.12.2025, I, K.Jagnyadatta, Address At- Kakbhata, Near to Jagannath Mandir, P. O.- Lanjigarh Road, P.S.- Narala, Dist.- Kalahandi, Odisha- 766110 declare that I have changed my name from K.Jagnyadatta to Kumar Jagnyadatta. Henceforth, I shall be known as Kumar Jagnyadatta for all purposes.
Kumar Jagnyadatta.
D-2803





ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.–୩ (ଶ୍ରୀ ପ୍ରବୀର କୁମାର ନାୟକ), ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନଂ.– ୬୧୯/୨୦୨୪

ସାବିତ୍ରୀ ପାଇକରାୟ ଏବଂ ଅନ୍ୟମାନେ .....ବାଦୀ

ବନାମ

ଦିରିବ ଓରଫ ଦିରଜ ଭୋଇ ଏବଂ ଅନ୍ୟମାନେ ..ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ.–୫, ନିୟମ–୨୦ ଉପନିୟମ୧(ଏ) ଦେଓ୍ୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା–

ପ୍ରତିବାଦୀ ନଂ.୧– ଦିରିବ ଓରଫ ଦିରଜ ଭୋଇ, ପିତା– ୰ଲକ୍ଷ୍ମଣ ଭୋଇ, ଠିକଣା– ଗ୍ରାମ/ପୋଷ୍ଟ– ଅନ୍ଧାରୁଆ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା, ପିନ୍–୭୫୧୦୨୯।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.–୧ଙ୍କ ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ଦୈନିକ ଖବରକାଗଜ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ସଂଶୋଧନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.– ୩ ରେ ଦାଖଲ କରିଛନ୍ତି । ପ୍ରତିବାଦୀ ନଂ.୧ ଦିରିବ ଓରଫ ଦିରଜ ଭୋଇଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ପ୍ରତିବାଦୀ ନଂ.–୧ ମୃତ ହେତୁ ଉକ୍ତ ନୋଟିସ ଫେରସ୍ତ ଆସିଅଛି ।

ଜମିଜମାର ବିବରଣୀ

ଜିଲ୍ଲା– ଖୋର୍ଦ୍ଧା, ତହସିଲ–ଭୁବନେଶ୍ୱର, ଥାନା– ଚନ୍ଦକା ନଂ–୪୪, ମୌଜା– ଅନ୍ଧାରୁଆ

ସାବକ: ଖାତା ନମ୍ବର– ୭୨୨, ପ୍ଲଟ୍ ନମ୍ବର– ୨୩୦୫, କିସମ– ବାଜେଫସଲ ତିନି, ରକବା– ଏ୦.୦୬୫ଡି. ସ୍ୱତ୍ୱ– ସ୍ଥିତିବାନ୍, ହାଲ୍: ଖାତା ନମ୍ବର– ୭୭୬, ପ୍ଲଟ୍ ନମ୍ବର– ୩୧୦୪, କିସମ– ତଇଲା, ରକବା– ଏ୦.୦୪୭ଡି. ସ୍ୱତ୍ୱ– ସ୍ଥିତିବାନ୍, ଖାତା ନମ୍ବର– ୭୭୬, ପ୍ଲଟ୍ ନମ୍ବର– ୩୧୦୩, କିସମ– ତଇଲା, ରକବା– ଏ୦.୦୧୮ଡି. ସ୍ୱତ୍ୱ– ସ୍ଥିତିବାନ୍।

ଯେହେତୁ ପ୍ରତିବାଦୀ ନଂ–୧ ମୃତ, ତେଣୁ ଅତ୍ର ସମ୍ବାଦପତ୍ର ଦ୍ୱାରା ନୋଟିସ ଜାରି ହେଲା ଯେ ତାଙ୍କର ଉତ୍ତରାଧିକାରୀ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଆସନ୍ତା ତା.୩୦.୧୨.୨୫ରିଖ ୩.୩୦ ସମୟରେ କୋର୍ଟ ନଂ–୩ ରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ସ୍ଥାନ– ଭୁବନେଶ୍ୱର | ମାନ୍ୟବର ଅତିରିକ୍ତ ରିଭିଜନ
ତାରିଖ– ୦୪।୧୨।୨୦୨୫ | ସ୍ୱା/– କୋର୍ଟଙ୍କ ଆଦେଶକ୍ରମେ
ଧ–୨୮୦୦

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



ଶ୍ରୀବତ୍ସ ମହାପାତ୍ର (କକେଇ)
ରଥ ରୋଡ଼, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୪।୦୭।୧୯୪୬
ତିରୋଧାନ: ୧।୧୨।୨୦୨୫

ଆପଣଙ୍କ ଇହଲୀଳା ସମ୍ବରଣ କରିବାର ଏଗାର ଦିନ ପରେ ମଧ୍ୟ, ଆମେ ଆପଣଙ୍କୁ ଭୁଲିପାରୁନୁ। ଆପଣଙ୍କ ତ୍ୟାଗ, ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ପରୋପକାର ଆମମାନଙ୍କ ପାଇଁ ପ୍ରେରଣା ଏବଂ ଚିରସ୍ମରଣୀୟ ହୋଇରହିବ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ଲିଙ୍ଗରାଜ ଓ ମା' ଗୌରୀଙ୍କ ନିକଟରେ ପ୍ରାର୍ଥନା।

ପୁଅ, ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାର ବର୍ଗ


ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ ।

**କଲମ୍ବୋରେ ଅନୁଷ୍ଠିତ ସର୍ବପ୍ରଥମ ମହିଳା ଟି୨୦ ବିଶ୍ୱକପରେ ଭାରତୀୟ ଦଳ ପିନ୍ଧିଥିଲା ବିଜୟ ମୁକୁଟ। ଭାରତର ଏହି ସ୍ମରଣୀୟ ବିଜୟରେ ସାମିଲଥିଲେ ଓଡ଼ିଶାର ୪ କନ୍ୟାରତ୍ନ। ଜାତୀୟ ଦଳର ସ୍ୱର୍ଣ୍ଣିମ ସଫଳତାରେ ଅଂଶୀଦାର ହୋଇ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟକୁ ନୂଆ ଦିଶା ଦେଖାଇଥିବା ଏହି ୪ ଖେଳାଳି ହେଲେ ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନା ରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି। ସାହସ, ଦୃଢ଼ତା ଓ ସଶକ୍ତୀକରଣର ଉଦାହରଣ ଭାବେ ଉଭାହୋଇଥିବା ଏହି ୪ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**


ପାର୍ବତୀ ମାର୍ଣ୍ଡି
ଯମୁନା ରାଣୀ ଟୁଡୁ
ବାସନ୍ତୀ ହାଁସଦା
ଫୁଲ ସୋରେନ

# ଦିଶା ଦେଖାଇଲେ ଦୃଷ୍ଟିବାଧିତ କନ୍ୟା

ନଭେମ୍ବର ୨୨, ୨୦୨୫ରେ ଶ୍ରୀଲଙ୍କାର କଲମ୍ବୋରୁ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ପାଇଁ ଆସିଥିଲା ବହୁତ ବଡ଼ ଖବର। ସେଠାରେ ଅନୁଷ୍ଠିତ ସର୍ବପ୍ରଥମ ମହିଳା ଟି୨୦ ବିଶ୍ୱକପରେ ଭାରତୀୟ ଦଳ ପିନ୍ଧିଥିଲା ବିଜୟ ମୁକୁଟ। ଫାଇନାଲରେ ଭାରତ ୭ ଉଇକେଟରେ ନେପାଳକୁ ପରାସ୍ତ କରିବା ପରେ ଆରମ୍ଭ ହୋଇଥିଲା ଜାତୀୟ ଦଳର ବିଜୟ ଉତ୍ସବ। ଭାରତର ଏହି ସ୍ମରଣୀୟ ବିଜୟରେ ସାମିଲଥିଲେ ଓଡ଼ିଶାର ୪ କନ୍ୟାରତ୍ନ। ଜାତୀୟ ଦଳର ସ୍ୱର୍ଣ୍ଣିମ ସଫଳତାରେ ଅଂଶୀଦାର ହୋଇ ରାଜ୍ୟକୁ ଗର୍ବିତ କରିବା ସହ ଦୃଷ୍ଟିବାଧିତ କ୍ରିକେଟକୁ ନୂଆ ଦିଶା ଦେଖାଇଥିବା ଏହି ୪ ଖେଳାଳି ହେଲେ ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନା ରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି। ଓଡ଼ିଶାର ସମସ୍ତ ଖେଳାଳି ପୂରା ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଫାଇନାଲରେ ଫୁଲ ସୋରେନ (ବି୩) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇ ନିଜ କ୍ୟାରିୟରକୁ ଗୋଟିଏ ପାଦ ଆଗକୁ ବଢ଼ାଇଥିଲେ। ଭାରତ ଚାମ୍ପିୟନ ହେବାପରେ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖେଳାଳିଙ୍କ ଉପରେ ପୁରସ୍କାର ବର୍ଷା କରାଯାଉଛି। ସେବେଠାରୁ ସମ୍ବର୍ଦ୍ଧନା ଏବଂ ସମ୍ମାନ ଉତ୍ସବ ଲାଗିରହିଛି। କେହି ଭିନ୍ନକ୍ଷମ କିମ୍ବା ଅକ୍ଷମ ନୁହନ୍ତି। ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ ବୋଲି ଏହି ଖେଳାଳିମାନେ ପ୍ରମାଣିତ କରିଛନ୍ତି। ସାହସ, ଦୃଢ଼ତା ଓ ସଶକ୍ତୀକରଣର ଏକ ପ୍ରେରଣାଦାୟକ ଉଦାହରଣ ଭାବେ ଏମାନେ ଉଭା ହୋଇଛନ୍ତି।

## ଫୁଲ ସୋରେନ

ଓଡ଼ିଶାର ଅନ୍ୟତମ ପ୍ରତିଭାସମ୍ପନ୍ନ ଏବଂ ସର୍ବାଧିକ ଚର୍ଚ୍ଚିତ ଦୃଷ୍ଟିବାଧିତ ମହିଳା କ୍ରିକେଟର ହେଲେ ଫୁଲ ସୋରେନ। ତାଙ୍କ ଘର ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ସାଲବଣି ଗ୍ରାମରେ। ତାଙ୍କ ବାପାଙ୍କ ନାମ ସୁନା ସୋରେନ ଓ ମା' ସ୍ୱର୍ଗତା ଡେଗେ ସୋରେନ। ଫୁଲ ଓଡ଼ିଶା ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଦଳର ଅଧିନାୟିକା। ସେ ଜଣେ ଅଲ୍‌ରାଉଣ୍ଡର। ସେ ୨୦୨୩ଠାରୁ ଭାରତ ପାଇଁ ଖେଳୁଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ୨୦୨୩ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେ ଦଳର ଉପଅଧିନାୟିକା ଥିଲେ। ଫୁଲ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ବ୍ୟାଟର ଓ ଫାଷ୍ଟ ବୋଲର। ଓଡ଼ିଶାର ସାନ୍ତାଳ ଆଦିବାସୀ ସମ୍ପ୍ରଦାୟରୁ ଆସିଥିବା ଫୁଲ ମାତ୍ର ୧୮ ବର୍ଷରୁ ନିଜପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ। ସେ ଜନ୍ମବେଳେ ଦୃଷ୍ଟିବାଧିତ ନ ଥିଲେ। ୫ ବର୍ଷର ହୋଇଥିବାବେଳେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ଆବଶ୍ୟକ ଚିକିତ୍ସା ଅଭାବରୁ କ୍ରମେ ଦୃଷ୍ଟିଶକ୍ତି ହରାଇଥିଲେ। ଦୃଷ୍ଟିଶକ୍ତି ସହ ଛୋଟ ବେଳରୁ ମା'ଙ୍କୁ ହରାଇଥିବା ଫୁଲ ବାପାଙ୍କଦ୍ୱାରା ପ୍ରତିପାଳିତ ହୋଇଥିଲେ। ବାପା ଜଣେ କୃଷକ ହୋଇଥିଲେ ହେଁ ଫୁଲଙ୍କୁ ଆଗକୁ ବଢ଼ିବାରେ ତାଙ୍କର କୌଣସି ଦ୍ୱିଧା ନ ଥିଲା। ଫୁଲ ଏବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

ଫୁଲଙ୍କ କ୍ରିକେଟ ପ୍ରତିଭା ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନର ଚୟନ କମିଟି ନଜରକୁ ଆସିଥିଲା। ଫୁଲ ମଧ୍ୟ କଠିନ ପରିଶ୍ରମ କରିଥିଲେ। ସେ ଅନେକ ଜିଲାସ୍ତରୀୟ ଟୁର୍ଣ୍ଣାମେଣ୍ଟ ଖେଳିବା ପରେ ୨୦୧୯ରୁ ଏପର୍ଯ୍ୟନ୍ତ ୫ ବର୍ଷ ଧରି ଜାତୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ଫୁଲଙ୍କ ନେତୃତ୍ୱରେ ଓଡ଼ିଶା ୨୦୨୩ ଓ ୨୦୨୪ରେ ଅନୁଷ୍ଠିତ ଜାତୀୟ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଛି। ଦୁଇବର୍ଷ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳି ଆସୁଥିବା ଫୁଲ ନେପାଳ ବିପକ୍ଷ ଦ୍ୱିପାକ୍ଷିକ ଟି୨୦ ସିରିଜ, ୨୦୨୩ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସ ଆଦି ଖେଳି ନିଜ ଦକ୍ଷତା ଦେଖାଇଛନ୍ତି। ଇଂଲଣ୍ଡର ବର୍ମିଂହାମରେ ଅନୁଷ୍ଠିତ ୱାର୍ଲ୍ଡ ଗେମ୍ସରେ ସେ ଭାରତୀୟ ଦଳର ଉପ ଅଧିନାୟିକା ଥିଲେ ଏବଂ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିଲା। କ୍ରିକେଟ ବ୍ୟତୀତ ଜଣେ ଭଲ ଶିକ୍ଷକ ହେବାକୁ ଫୁଲ ରୁଚି ରଖନ୍ତି। ଏଥିପାଇଁ ସେ ପଢ଼ା ପ୍ରତି ମଧ୍ୟ ଖୁବ୍ ସିରିୟସ୍। ନିଜର ସଫଳତା ଲାଗି ଫୁଲ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ରାଜ୍ୟ ଆସୋସିଏଶନ, ତାଙ୍କ ମେଣ୍ଟର ଅନ୍ତର୍ଜାତୀୟ କ୍ରିକେଟର ଜାଫର ଇକ୍‌ବାଲ, କୋଚ୍ ଦେବାଶିଷ ଜେନା ଓ ସୁଖରାମ ମାଝିଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ଓଡ଼ିଶାର ଏକ ଛୋଟ ଗାଁରୁ ଆସି ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠା କରି ଫୁଲ ଅନ୍ୟ ଖେଳାଳିଙ୍କ ଲାଗି ଉଦାହରଣ ସାଜିଛନ୍ତି।

## ପାର୍ବତୀ ମାର୍ଣ୍ଡି

ପାର୍ବତୀଙ୍କ ଘର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାଲିମୁଣ୍ଡୁଳି ଗାଁରେ। ତାଙ୍କ ମା'ଙ୍କ ନାମ ଶୋଭା ଓ ବାପାଙ୍କ ନାମ ଥୁମ୍ପୁ ମାର୍ଣ୍ଡି। ସେ ସ୍କୁଲ ଫର୍ ଦି ବ୍ଲାଇଣ୍ଡ ରାଣୀପାଟନା ବାଲେଶ୍ୱରରେ ଦଶମ ଶ୍ରେଣୀରେ ପଢୁଛନ୍ତି। ମାତ୍ର ୧୬ ବର୍ଷ ବୟସରେ ସେ ଉତ୍ସାହ ଏବଂ ଦୃଢ଼ସଂକଳ୍ପର ଉଦାହରଣ ଭାବେ ଉଭା ହୋଇଛନ୍ତି। ପାର୍ବତୀ ମଧ୍ୟ ଜନ୍ମ ବେଳରୁ ଦୃଷ୍ଟିବାଧିତ ନ ଥିଲେ। ୫ ବର୍ଷର ହୋଇଥିବା ବେଳେ ଏକ ଦୁଃଖଦ ଦୁର୍ଘଟଣାରେ ତାଙ୍କ ଡାହାଣ ଆଖି ଚାଲିଯାଇଥିଲା। ପରେ ତାଙ୍କ ବାମ ଆଖି ମଧ୍ୟ ଆଂଶିକ ପ୍ରଭାବିତ ହୋଇଥିଲା। ହଠାତ୍ ଦୃଷ୍ଟିଶକ୍ତ ପ୍ରଭାବିତ ହେବାଜନିତ ଦୁଃସମୟରେ ତାଙ୍କ ପରିବାର ଭାଙ୍ଗି ପଡ଼ିଥିଲେ। ମାତ୍ର ପାର୍ବତୀ ହାତଟେକି ଦେଇ ନ ଥିଲେ। ପରିବାରର ସହାୟତାରେ ଉତ୍ସାହର ସହ ପାଠ ପଢ଼ାରେ ମନ ଦେଇଥିଲେ। ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନର ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମରେ ସେ ଚୟନକର୍ତ୍ତାଙ୍କ ନଜରକୁ ଆସିଥିଲେ। ବାଲେଶ୍ୱରରେ ଅନୁଷ୍ଠିତ ୫ ଦିନ ଟ୍ରେନିଂ କ୍ୟାମ୍ପରେ ତାଙ୍କ ଉତ୍ସାହ ଦେଖି ଚୟନକର୍ତ୍ତା ପ୍ରଭାବିତ ହୋଇଥିଲେ। ୨୦୨୨ରେ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଦଳରେ ସେ ପ୍ରଥମେ ସାମିଲ ହୋଇଥିଲେ। ସେ ଜଣେ ଅଲ୍‌ରାଉଣ୍ଡର ଭାବେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଧୀରେ ଧୀରେ ସେ ଉଇକେଟ୍‌କିପର-ବ୍ୟାଟର ଭାବେ ନିଜକୁ ଗଢ଼ିତୋଳିଥିଲେ। ସେ ଜଣେ ବ୍ୟାଟର, ଯିଏକି ଇନିଂସ୍ ଓପନ୍ କରିବା ସହ ମଧ୍ୟକ୍ରମ ଏବଂ ଫିନିଶର ଭାବେ ମଧ୍ୟ ଖେଳିପାରନ୍ତି। ସେ ଅତ୍ୟଧିକ ଚାପ ପରିସ୍ଥିତିରେ ମଧ୍ୟ ଭଲ ବ୍ୟାଟିଂ କରିଥାନ୍ତି। ନିକଟରେ ଅନୁଷ୍ଠିତ ଚୟନ ଶିବିରରେ ସେ ନିଜର ବ୍ୟାଟିଂ ଓ କିପିଂ ଦକ୍ଷତା ବଳରେ ଚୟନ କମିଟିର ଧ୍ୟାନ ଆକର୍ଷଣ କରିଥିଲେ। ଜୋନାଲ କ୍ରିକେଟ ପରେ ସେ ଭାରତୀୟ ଦଳରେ ସାମିଲ ହେବାର ସୁଯୋଗ ପାଇଥିଲେ। ଏବେ ବିଶ୍ୱକପ ଜିତି ସେ ନିଜ କ୍ୟାରିୟରକୁ ଏକ ଭିନ୍ନ ସୋପାନକୁ ନେଇ ଯାଇଛନ୍ତି। ଉଭୟ ଖେଳ ଏବଂ ପାଠପଢ଼ାରେ ଆଗକୁ ଯିବାକୁ ଚାହୁଁଛନ୍ତି ପାର୍ବତୀ। ଭବିଷ୍ୟତରେ ଜଣେ ଶିକ୍ଷକ ହେବା ସହ ଅଧିକରୁ ଅଧିକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ତାଙ୍କର ଲକ୍ଷ୍ୟ। ଭାରତୀୟ ଦଳର ଅନ୍ୟତମ କନିଷ୍ଠ ଏବଂ ପ୍ରତିଭା ସମ୍ପନ୍ନ କ୍ରିକେଟର ବିବେଚିତ ହେଉଥିବା ପାର୍ବତୀ ଆଗାମୀ ଦିନରେ ଦୃଷ୍ଟିବାଧିତ କ୍ରିକେଟକୁ କ୍ୟାରିୟର କରିବାକୁ ଚାହୁଁଥିବା ଖେଳାଳିଙ୍କଲାଗି ରୋଲ୍ ମଡେଲ୍।

## ବାସନ୍ତୀ ହାଁସଦା

ବାସନ୍ତୀଙ୍କ ଘର ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ସାସାକୁଲ୍‌ଗି ଗାଁରେ। ତାଙ୍କ ବାପା ଚାକୁ ହାଁସଦା ଓ ମା' ଯମୁନା ହାଁସଦା ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ବାସନ୍ତୀ ଜନ୍ମବେଳୁ ଦୃଷ୍ଟିବାଧିତ ନ ଥିଲେ। ପିଲାବେଳେ ସାଙ୍ଗଙ୍କ ସହ ଖେଳିବାବେଳେ ଆଖିରେ ଆଘାତ ପାଇଥିଲେ। ସଚେତନତାର ଅଭାବ ଏବଂ ଆର୍ଥିକ ଅନଟନ ଯୋଗୁ ତାଙ୍କ ପରିବାର ଉପଯୁକ୍ତ ଚିକିତ୍ସା କରାଇ ନ ପାରିବାରୁ ବାସନ୍ତୀ କ୍ରମେ ଦୃଷ୍ଟିଶକ୍ତି ହରାଇଥିଲେ। ୨୦୧୭ରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ବାସନ୍ତୀ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ୨୦୧୮ରୁ ରାଜ୍ୟ ପକ୍ଷରୁ ସେ ପ୍ରତିନିଧିତ୍ୱ କରି ଆସିଛନ୍ତି ଏବଂ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଅଲ୍‌ରାଉଣ୍ଡରଭାବେ ବେଶ୍ ପରିଚିତ। ସେ ମୁଖ୍ୟତଃ ନିଜର ବ୍ୟାଟିଂ ଓ ଫିଲ୍ଡିଂ ଦକ୍ଷତା ପାଇଁ ପରିଚିତ। ଓଡ଼ିଶା ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳର ଉପଅଧିନାୟିକା ଥିବା ବାସନ୍ତୀ ୨୦୨୩ଠାରୁ ଭାରତ ପାଇଁ ଖେଳିଆସୁଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସ ୨୦୨୩ରେ ସ୍ୱର୍ଣ୍ଣ ଜିତିଥିଲା। ଓଡ଼ିଶା ପକ୍ଷରୁ ସେ ୫ଟି ଜାତୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିଛନ୍ତି। ଏଥିରେ ଓଡ଼ିଶା ୩ଟିରେ ଚାମ୍ପିୟନ ହୋଇଛି। ଅନେକ ଟୁର୍ଣ୍ଣାମେଣ୍ଟରେ ସେ ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଛନ୍ତି। ୨୦୨୫ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତକୁ ଚାମ୍ପିୟନ କରାଇବାରେ ସେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ସେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ମା' ବାପାଙ୍କ ସମର୍ଥନ ଯୋଗୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି ବୋଲି ବାସନ୍ତୀ ପ୍ରକାଶ କରିଛନ୍ତି। ତାଙ୍କ ମା' ଓ ବାପାଙ୍କୁ ମୋଟିଭେଟ କରିପାରି ଥିବାରୁ ସେ ଜାଫର ଇକ୍‌ବାଲଙ୍କୁ ଏବଂ ସହଯୋଗର ହାତ ବଢ଼ାଇଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। କୋଚ୍ ଦେବାଶିଷ ଜେନା ଓ ସୁଖରାମ ମାଝିଙ୍କୁ ମଧ୍ୟ ଅନେକ ଶ୍ରେୟ ଦେଇଛନ୍ତି ଏହି ଦୃଷ୍ଟିବାଧିତା କ୍ରିକେଟର।

## ଯମୁନାରାଣୀ ଟୁଡୁ

ଓଡ଼ିଶାର ମୟୂରଭଞ୍ଜ ଜିଲା ଅନ୍ତର୍ଗତ ଭଦାସୁର ଗ୍ରାମର ଦୃଷ୍ଟିବାଧିତା କ୍ରିକେଟର ହେଲେ ଯମୁନା ରାଣୀ ଟୁଡୁ। ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିଲେ ହେଁ ପ୍ରମାଣ କରିଛନ୍ତି ଯେ, ଦୃଷ୍ଟିହୀନତାରେ ମଧ୍ୟ ଦୃଢ଼ତା ଏବଂ ସମର୍ପଣ ପଥକୁ ଆଲୋକିତ କରାଯାଇପାରେ। ଯମୁନାଙ୍କ ମାତାପିତା ମଙ୍ଗଳୀ ଟୁଡୁ ଓ ମଦନ ଟୁଡୁ କୃଷକ ହୋଇଥିଲେ ହେଁ ଆରମ୍ଭରୁ ତାଙ୍କୁ ସମର୍ଥନ କରିଆସିଛନ୍ତି। ସେମାନଙ୍କର ପ୍ରୋତ୍ସାହନ ଓ ବିଶ୍ୱାସ ଯମୁନାଙ୍କୁ ସୀମାବାହାରେ ସ୍ୱପ୍ନ ଦେଖିବାରେ ସାହାଯ୍ୟ କରିଛି। ଆଜି ସେ କେବଳ ଭାରତର ପ୍ରତିନିଧିତ୍ୱ କରୁଥିବା ଜଣେ ପ୍ରସିଦ୍ଧ ଦୃଷ୍ଟିହୀନ କ୍ରିକେଟର ନୁହନ୍ତି, ବରଂ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଜଣେ ଜୁନିୟର ଆସିଷ୍ଟାଣ୍ଟ ମଧ୍ୟ। ଏହା ତାଙ୍କ ସ୍ଥିରତା ଓ କଠିନ ପରିଶ୍ରମକୁ ପ୍ରତିଫଳିତ କରେ। ଯମୁନା ତାଙ୍କର ପ୍ରାରମ୍ଭିକ ଶିକ୍ଷା ଏକ ସାଧାରଣ ବିଦ୍ୟାଳୟରେ ଆରମ୍ଭ କରିଥିଲେ। ମାତ୍ର ତାଙ୍କର ଦୃଷ୍ଟିଶକ୍ତି କ୍ରମେ ହ୍ରାସ ପାଇବାରେ ଲାଗିବାରୁ ସେ ଏକ ଦୃଷ୍ଟିହୀନ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇଥିଲେ, ଯେଉଁଠାରେ ସେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ପରେ ସେ ଭଦ୍ରକ ଦୃଷ୍ଟିହୀନ ସ୍କୁଲରେ ତାଙ୍କ ଏକାଦଶ ଓ ଦ୍ୱାଦଶ ପାଠ୍ୟକ୍ରମ ଶେଷ କରିଥିଲେ। ବର୍ତ୍ତମାନ ସେ ରମାଦେବୀ ମହାବିଦ୍ୟାଳୟରେ ସ୍ନାତକ ଶିକ୍ଷା କରୁଛନ୍ତି। ଦୃଷ୍ଟିହୀନ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ତାଙ୍କ ଶାରୀରିକ ତାଲିମ ଶିକ୍ଷକ (ପିଇଟି) ତାଙ୍କୁ କ୍ରିକେଟ ଦୁନିଆ ସହ ପରିଚୟ କରାଇଥିଲେ, ଯାହା ତାଙ୍କ ଜୀବନର ଏକ ମୋଡ଼ ଥିଲା। କୌତୂହଳୀ ଓ ପ୍ରେରଣାପ୍ରାପ୍ତ ଯମୁନା ଯେତେବେଳେ ବ୍ୟାଟ୍ ଧରିଥିଲେ ସେ ଜାଣି ନ ଥିଲେ ଯେ, ଏହା ଦିନେ ତାଙ୍କୁ ଜାତୀୟ ମଞ୍ଚକୁ ନେଇଯିବ। ୨୦୧୮ରେ ଯମୁନା ଭୁବନେଶ୍ୱରରେ ତାଙ୍କର ପ୍ରଥମ ରାଜ୍ୟସ୍ତରୀୟ ମ୍ୟାଚ ଖେଳିଥିଲେ। ତାଙ୍କ ପ୍ରତିଭା ଓଡ଼ିଶା ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ମୁଖ୍ୟ ଜାଫର ଇକ୍‌ବାଲଙ୍କ ନଜରକୁ ଆସିଥିଲା। ସେ ଯମୁନାଙ୍କ ମେଣ୍ଟର ଓ ଗାଇଡ୍ ପାଲଟି ଯାଇଥିଲେ। ଉତ୍ତମ ପ୍ରଦର୍ଶନ କରି ସେ ଜାତୀୟ ଦଳରେ ସ୍ଥାନ ପାଇବାରେ ସକ୍ଷମ ହୋଇଥିଲେ। ଏହି ମାଇଲଖୁଣ୍ଟ ଯମୁନାଙ୍କ ସ୍ୱପ୍ନକୁ ସାକାର କରିଥିଲା। ଯମୁନା ଜଣେ ଦୃଷ୍ଟିବାଧିତା ହୋଇଥିବାରୁ ବିଶ୍ୱ ପରିସର ତାଙ୍କ ପାଇଁ ସୀମିତ ବୋଲି ଯେଉଁମାନେ ମନେ କରୁଥିଲେ ତାହାକୁ ସେ ଭୁଲ୍ ବୋଲି ପ୍ରମାଣିତ କରି ଦେଖାଇଛନ୍ତି। ଯମୁନା ତାଙ୍କ କ୍ରିକେଟ କ୍ୟାରିୟରରେ ଅନେକ ସଫଳତା ହାସଲ କରିଛନ୍ତି। ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରି ସେ ମର୍ଯ୍ୟାଦାଜନକ ନାଗେଶ୍ୱର ଟ୍ରଫି ଟୁର୍ଣ୍ଣାମେଣ୍ଟ ଜିତିଛନ୍ତି।


କଲମ୍ବୋରେ ଅନୁଷ୍ଠିତ ଫାଇନାଲରେ ନେପାଳକୁ ହରାଇବାପରେ ଜାତୀୟ ପତାକା ସହ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଦଳ।

ପ୍ରସ୍ତୁତି: ବିଜୟ ରଣା
ତପନ କୁମାର ସ୍ୱାଇଁ

---

# ଏମ୍‌ଏମ୍‌ଏ ପ୍ରତିଭା କୌସ୍ତୁଭ

**ଉଭୟ ବଡିବିଲ୍ଡିଂ ମିକ୍ସଡ ମାର୍ଶାଲ ଆର୍ଟରେ ସଫଳତା ଅର୍ଜନ କରି ଆଗକୁ ବଢ଼ିବାକୁ ଚାହୁଁଛନ୍ତି ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍ କୌସ୍ତୁଭ ମହାନ୍ତି। ଏକାବେଳକେ ଯଦିଓ ଏହି ଦୁଇଟି କ୍ରୀଡ଼ାରେ ସଫଳତା ହାସଲ ସହଜ ନୁହେଁ ତେବେ ଆଗାମୀ ଦିନରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ତାଙ୍କର ଲକ୍ଷ୍ୟ...**


କୋଚ୍ ରୁଦ୍ର ପ୍ରସାଦ କରଙ୍କ ସହ କୌସ୍ତୁଭ

ମିକ୍ସଡ ମାର୍ଶାଲ ଆର୍ଟ (ଏମ୍‌ଏମ୍‌ଏ) ପରି ଏକ କଷ୍ଟସାଧ୍ୟ କ୍ରୀଡ଼ାକୁ କ୍ୟାରିୟର କରି ଆଗକୁ ବଢ଼ିବାକୁ ଚାହୁଁଥିବା କ୍ରୀଡ଼ାବିତ୍ ହେଉଛନ୍ତି କୌସ୍ତୁଭ ମହାନ୍ତି। ୨୦୦୩ ଡିସେମ୍ବର ୨୯ରେ ଲକ୍ଷ୍ମୀସାଗରସ୍ଥିତ ଚିନ୍ତାମଣିଶ୍ୱରରେ ଜନ୍ମିତ କୌସ୍ତୁଭଙ୍କ ମା' ଗାୟତ୍ରୀ ମହାନ୍ତି ଜଣେ ଗୃହିଣୀ ଏବଂ ବାପା ତୁଷାରକାନ୍ତି ମହାନ୍ତି ହେଉଛନ୍ତି ହୋମିଓପାଥି ଡାକ୍ତର। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ମେକାନିକାଲ ବ୍ରାଞ୍ଚରେ ବି-ଟେକ୍ କରୁଥିବା କୌସ୍ତୁଭ ପିଲାଦିନେ ଟିଭିରେ କାର୍ଟୁନ ଓ ମିକ୍ସଡ ମାର୍ଶାଲ ଆର୍ଟ ଦେଖି ଖେଳପ୍ରତି ଆକୃଷ୍ଟ ହୋଇଥିଲେ। ବଡିବିଲ୍ଡିଂରେ ମଧ୍ୟ ରୁଚି ରଖିଥିବା ଏହି ପ୍ରତିଭାବାନ୍ କ୍ରୀଡ଼ାବିତ୍ ଇତିମଧ୍ୟରେ ଗତ ନଭେମ୍ବରରେ ଗୋଆରେ ଅନୁଷ୍ଠିତ ଆଇସିଏନ୍ (ଆଇ କମ୍ପିଟ୍ ନ୍ୟାଶନାଲ) ପ୍ରତିଯୋଗିତାରେ ୬ଷ୍ଠ ସ୍ଥାନରେ ରହି ଅଭିଜ୍ଞତା ଆହରଣ କରିଛନ୍ତି। ଆଗାମୀ ଦିନରେ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ଲକ୍ଷ୍ୟ। ଆଇସିଏନ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ରୁଦ୍ର ପ୍ରସାଦ କର ହେଉଛନ୍ତି ତାଙ୍କ କୋଚ୍ ଓ ଆଦର୍ଶ।

୨୦୧୮ରୁ କିକ୍‌ବକ୍ସିଂ ଓ ଜୁ-ଜିତ୍ସୁରେ କ୍ୟାରିୟର କରି ଏକାଧିକ ସଫଳତା ଲାଭ କରିଥିବା କୌସ୍ତୁଭ ରେସ୍‌ଲିଂରେ ମଧ୍ୟ ଆଗ୍ରହ ରଖିଛନ୍ତି। କିକ୍ ବକ୍ସିଂରେ ସେ ୨୦୨୪ରେ ରୌପ୍ୟ ଏବଂ ୨୦୨୫ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୨୪ରେ ଜୟପୁରରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ କ୍ୟାରିୟରକୁ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ୨୦୨୩ରେ ସେ ରାଜ୍ୟ ଜୁ-ଜିତ୍ସୁରେ ଭାଗନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହି ବର୍ଷ ସେ ଜାତୀୟ ପ୍ରତିଯୋଗିତାରେ ମଧ୍ୟ ଭାଗନେଇ ଅଭିଜ୍ଞତା ଆହରଣ କରିଥିଲେ। କୌସ୍ତୁଭଙ୍କ ମତରେ ନିଜ ଦକ୍ଷତା ଉପରେ ଭରସା ରଖିବା ସହିତ ଉପଯୁକ୍ତ କଳାକୌଶଳ ଶିଖିଲେ କେଜ୍ ମଧ୍ୟରେ ମିକ୍ସଡ ମାର୍ଶାଲ ଆର୍ଟ ଲଢ଼େଇରେ ଜଣେ ନିଶ୍ଚିତ ସଫଳତା ପାଇପାରିବ। ସେଥିପାଇଁ ସେ ଅଧିକ ଜ୍ଞାନ ଆହରଣ କରୁଛନ୍ତି ଏବଂ ଭବିଷ୍ୟତରେ ଏଥିରେ ଜଣେ ସଫଳ ପ୍ରତିଯୋଗୀଭାବେ ଉଭା ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଫେବୃଆରୀରେ ମୁମ୍ବାଇରେ ଅନୁଷ୍ଠିତ ମିକ୍ସଡ ମାର୍ଶାଲ ଆର୍ଟରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି।

ବଡିବିଲ୍ଡିଂ ହେଉ କି ମିକ୍ସଡ ମାର୍ଶାଲ ଆର୍ଟରେ ମୁଁ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଚାହେଁ। ଏକା ସହିତ ତ ୨ଟି ଯାକ କରିବା ସମ୍ଭବ ନୁହେଁ। ତେଣୁ ମୁଁ ଗୋଟିଏ ପରେ ଗୋଟିଏରେ ଆଗକୁ ବଢ଼ିବାକୁ ଚାହୁଁଛି। ୨୦୨୬ରେ ଗୋଆରେ ହେବାକୁ ଯାଉଥିବା ଆଇସିଏନ୍ ପ୍ରତିଯୋଗିତାରେ ମୁଁ ସ୍ୱର୍ଣ୍ଣ ପଦକ ଜିତିବାକୁ ଲକ୍ଷ୍ୟ ରଖିଛି। ୨୦୨୫ ଏମ୍‌ଏମ୍‌ଏ ଅବସରରେ ମୁଁ ଆଘାତପ୍ରାପ୍ତ ହୋଇଥିବାରୁ ବ୍ରେକ୍ ନେଇଛି। ତେଣୁ ୨୦୨୭ରେ ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟରେ ରହିବି। ଓଡ଼ିଶାରୁ ଖେଳାଳିମାନେ ଯାଇ ଅଧିକରୁ ଅଧିକ ସଂଖ୍ୟାରେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରନ୍ତୁ ବୋଲି ମୋର ଇଚ୍ଛା। ମୁଁ ମଧ୍ୟ କିପରି ଅଧିକ ପ୍ରତିଯୋଗିତାରେ ଉଚ୍ଚସ୍ତରରେ ଭାଗ ନେଇପାରିବି ତା' ଉପରେ ଫୋକସ୍ କରୁଛି। ଉଭୟ ପାଠ ଓ ଖେଳରେ ମୁଁ ସିରିୟସ୍ ଅଛି। ତେଣୁ ଉଭୟରେ ଦକ୍ଷ ହେବା ମୋର ଅଭିଳାଷ ରହିଛି ବୋଲି କୌସ୍ତୁଭ ପ୍ରକାଶ କରିଛନ୍ତି।

---

## ମେମୋରେବଲ

ଲୋ ସ୍କୋରିଙ୍ଗରେ ଦକ୍ଷିଣ ଆଫ୍ରିକାକୁ
ଟିମ ଚଟାଇଲା ଧୂଳି
ମାରକ୍ରମ ମୁଣ୍ଡ କାମ କଲାନାହି
ଗୋଟି ଗୋଟି ଖାଇ ବଲି
ସେନା ତାର ଗଲେ ଟଳି
ଦି ହଜାର ପନ୍ଦର ମସିହା ଡିଫିଟ
ପ୍ରତିଶୋଧ ନେଲା ଜଲି।

ହାର୍ଦ୍ଦିକ ମାଡ଼ରେ କମ୍ପୁଥିଲେ ଫ୍ୟାନ୍
କମ୍ପୁଥିଲା ବାରବାଟୀ
ଗୁଳି ଭଳି ଛକା ଚଉକାରେ ଚୁପ୍
ଦକ୍ଷିଣ ଆଫ୍ରିକା ପାଟି
ଚାରି ଛକା ପିଟି ଏଠି
ଟି ଟୋଣ୍ଟିରେ ଶହେ ଛକା ମାରିବାରେ
ହାର୍ଦ୍ଦିକ ଚତୁର୍ଥ ପାର୍ଟି।



ଏଲିଟ ବୋଲରଙ୍କ କ୍ଲବରେ ବୁମରା
ସାମିଲ ହୋଇଛି ସେତ
କଟକର ଟି ଟୋଣ୍ଟି ମ୍ୟାଚ ପାଇଁ
ଏ ସବୁ ହୋଇଛି ସତ
ଶେଷ ବାରବାଟୀ ଯାତ
ମେମୋରେବଲ ଟିମ ଇଣ୍ଡିଆ ୱିନ୍
କଙ୍ଗ୍ରାଚୁଲେଶନ ମିତ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୨/୨୦୨୫ Bhubaneswar, Friday, December 12/ 2025

# ଉନ୍ନତି ମହିଳା, ମାନେପଲ୍ଲୀ ପୁରୁଷ କ୍ୱାର୍ଟରରେ



ପ୍ରତିଯୋଗିତାର ୩ୟ ଦିବସରେ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ। (ଫଟୋ ରାଜକିଶୋର ମହାନ୍ତି)।

**ଭୁବନେଶ୍ୱର, ୧୧।୧୨ (ବିଜୟ ରଣା)**

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ୨୦୨୫ର ସମସ୍ତ ବିଭାଗର ମୋଟ ୩୯ ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଅଛି। ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ଏ ଅବସରରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, କଟକ ସଦର ବିଧାୟକ ପ୍ରକାଶ ସେଠୀ, କ୍ରୀଡା ନିର୍ଦ୍ଦେଶକ ଡ଼. ବିଜୟ ଯେଦୁଲ୍ଲା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, କଟକ ମହାନଗର ନିଗମର କମିଶନର କିରଣ ଦୀପ

**ଓଡିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ**

କୌର ସହଟା ପ୍ରମୁଖ ଅତିଥି ଭାବେ ଉପସ୍ଥିତଥିଲେ। ତୃତୀୟ ଦିନ ରେ ଖେଳାଯାଇ ଥିବା ମହିଳାଓ ପୁରୁଷ ସିଙ୍ଗଲ୍ସ ବିଭାଗରେ ପ୍ରାୟତଃ ସିଡେଡ୍ ଖେଳାଳି ମାନେ ଉତ୍ତମ ଖେଳ ପ୍ରଦର୍ଶନ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ବିଭାଗର ପ୍ରି-କ୍ୱାର୍ଟର ରାଉଣ୍ଡରେ ଟପ୍‌ସିଡ୍ ଭାରତୀୟ ଖେଳାଳି ଉନ୍ନତି ହୁଡା ଥାଇଲାଣ୍ଡ ଖେଳାଳି ଟୀଦାପ୍ରନ କ୍ଲିବାଇସୁନଙ୍କୁ ୨୧-୭, ୨୧-୧୪ରେ ପରାଜିତ କରି କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ମହିଳା କ୍ୱାର୍ଟର ଫାଇନାଲରେ ରେ ପହଞ୍ଚି ଥିବା ଅନ୍ୟ ଖେଳାଳିମାନେ ହେଲେ ତୃତୀୟ ସିଡ ତନଭୀ ଶର୍ମା, ପଞ୍ଚମ ସିଡ୍ ଅନୁପମା ଉପାଧ୍ୟାୟ ଓ ୬ଷ୍ଠ ସିଡ ଅନମୋଲ ଖର୍ବ । ସେହିପରି ପୁରୁଷ ବିଭାଗ ସିଙ୍ଗଲ୍ସରେ ଟପ ସିଡ ଥରୁନ ମାନେପଲ୍ଲୀ ନିଜ ଦେଶ ଖେଳାଳି ଗୋବିନ୍ଦ କ୍ରିଷ୍ଣାଙ୍କୁ ୨୧-୧୬,୧୨-୨୧ ଓ ୨୧-୧୧ରେ ଏକ ସଂଘର୍ଷପୂର୍ଣ୍ଣ ବିଜୟ ସହ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ଅନ୍ୟ ଖେଳାଳିମାନେ ହେଲେ ଗତ ସିଜନ୍‌ର ସିଙ୍ଗଲ୍ସ ଚାମ୍ପିୟନ ତଥା ଅଷ୍ଟମ ସିଡ୍ ସତୀଶ କୁମାର, ଦ୍ୱିତୀୟ ସିଡ୍ କିରଣ ଜର୍ଜଏବଂ ସପ୍ତମ ସିଡ୍ ଶଙ୍କର ସୁବ୍ରମଣିଅନ।

ଅନ୍ୟପକ୍ଷରେ ମହିଳା ଡବଲ୍ସ ବିଭାଗ୍‌ରେ ଅନୁଷ୍ଠିତ ପ୍ରି-କ୍ୱାର୍ଟର ରାଉଣ୍ଡ ମ୍ୟାଚରେ ଟପ୍ ସିଡ୍ ବୁଲଗେରିଆ ଯୋଡ଼ି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନୀ ଷ୍ଟୋଭା ଇଣ୍ଡୋନେସିଆ ଯୋଡି ଭେଲିଶା କ୍ରିଷ୍ଟିନା ଓ ଅଗ୍ନିଆ ଶ୍ରୀରହୟୁ ଙ୍କୁ ୨୧-୧୯, ୨୧-୧୩ ପଏଣ୍ଟ ରେ ପରାସ୍ତ କରି କ୍ୱାର୍ଟରଫାଇନାଲ ରେ ପହଞ୍ଚିଛନ୍ତି। ସେହିପରି ମହିଳା ଡବଲ୍ସ କାର୍ଟର ରେ ପହଞ୍ଚିଥିବା ଅନ୍ୟ ଯୋଡ଼ିମାନେ ହେଲେ ଭାରତୀୟ ଯୋଡ଼ି ଅଶ୍ୱିନୀ ଭଟ୍ଟ ଓ ସାଥି ଶିଖା ଗୌତମ, ୬ଷ୍ଠ ସିଡ କବିପ୍ରିୟା ସେଲଵମ ଓ ସାଥି ସିମରନ ସିଂଘି ଏବଂ ଅଷ୍ଟମ ସିଡ୍ ଇଣ୍ଡୋନେସିଆ ଯୋଡି ଶିତି ସରହ ଆଜହାର ଏବଂ ଦିତ୍ୟା ରାମଧାନୀ। ଭାରତୀୟ ବ୍ୟାଡମିଣ୍ଟନ ସଙ୍ଘ, ଓଡ଼ିଶା ସରକାର ଏବଂ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ମିଳିତ ସହଯୋଗରେ ଚାଲିଥିବା ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲର ସମସ୍ତ ମ୍ୟାଚ ଗୁରୁବାର ଖେଳାଯିବ।

## ମହିଳା କ୍ରିକେଟରଙ୍କ ଘରୋଇ ବେତନ ସମୀକ୍ଷା କରିବ ବିସିସିଆଇ

**ମୁମ୍ବାଇ, ୧୧।୧୨:** ଆସନ୍ତା ୨୨ ତାରିଖରେ ହେବାକୁ ଥିବା ବିସିସିଆଇ କାର୍ଯ୍ୟକାରୀ ପରିଷଦ ବୈଠକରେ ମହିଳା କ୍ରିକେଟରଙ୍କ ଘରୋଇ ବେତନ ସମୀକ୍ଷା କରାଯିବ। ମିଳିଥିବା ସୂଚନା ମୁତାବକ, ବିସିସିଆଇ ଘରୋଇ କ୍ରିକେଟରେ ମହିଳା କ୍ରିକେଟରଙ୍କ ମ୍ୟାଚ୍ ଫି' ସଂଶୋଧନ କରିବାକୁ ଯୋଜନା କରୁଛି। ମହିଳା ଦଳ ଦିନିକିଆ ବିଶ୍ୱକପ୍ ବିଜୟ ପରେ ବିସିସିଆଇ ମହିଳାଙ୍କ ବେତନ ସମ୍ପର୍କରେ ଆଲୋଚନା କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଏହି ବୈଠକ ଭର୍ଚୁଆଲ ମୋଡ଼ରେ ହେବ। ଅନ୍ତର୍ଜାତୀୟ କ୍ରିକେଟରେ ପୁରୁଷ ଓ ମହିଳା କ୍ରିକେଟରଙ୍କ ଦରମା ମଧ୍ୟରେ କୌଣସି ପାର୍ଥକ୍ୟ ନ ଥିଲା ବେଳେ ଘରୋଇ କ୍ରିକେଟରେ ପାର୍ଥକ୍ୟ ରହିଛି। ଆଉ ଏକ ଏଜେଣ୍ଡା ହେଉଛି ପୁରୁଷ ଦଳର କେନ୍ଦ୍ରୀୟ ଚୁକ୍ତି। ଟି୨୦ ଓ ଟେଷ୍ଟ ଫର୍ମାଟରୁ ଅବସର ନେଇ ସାରିଥିବାରୁ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ କେଉଁ ଗ୍ରେଡ୍‌ରେ ରଖାଯିବ, ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏଥିସହିତ ବିସିସିଆଇ ଅମ୍ପାୟରଙ୍କ ଦରମା ବୃଦ୍ଧି କରିପାରେ।

# ଜାତୀୟ ସ୍ତରୀୟ ଫୁଟବଲରେ ଭାଗନେବ ଓଡ଼ିଶା ଦୃଷ୍ଟିବାଧିତ ଫୁଟବଲ ଦଳ



ଓଡ଼ିଶା ଦୃଷ୍ଟିବାଧିତ ମହିଳା ଫୁଟବଲ୍ ଦଳ।

**ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)**

ଚଳିତ ମାସ ୧୩ରୁ ୧୮ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନଠାରେ ହେବାକୁଥିବା ଜାତୀୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦୃଷ୍ଟିବାଧିତ ଫୁଟବଲ ଦଳ (ଉଭୟ ମହିଳା ଓ ପୁରୁଷ) ଭାଗନେବ। ଏଥିପାଇଁ ଓଡ଼ିଶା ଦଳ ଗୁରୁବାର ଡେରାଡୁନ ଯାତ୍ରା କରିଛି ବୋଲି ସାମାଜିକ ଅନୁଷ୍ଠାନ ବ୍ଲୁସ୍ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ପ୍ରକାଶ କରିଛନ୍ତି। ଗତ ନଭେମ୍ବର ୨୬ରୁ ଜଟଣୀର ଆଇଆଇସି (ଇଣ୍ଟିଗ୍ରେଟେଡ୍ ଇନ୍‌ଫ୍ରାଷ୍ଟ୍ରକ୍ଟର କମ୍ପାନୀ) କ୍ୟାମ୍ପରେ ଚାଲିଥିବା ଦୃଷ୍ଟିବାଧିତ ଫୁଟବଲ ଦଳର ତାଲିମ ଏବଂ ଚୟନ ଶିବିର ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆଇଆଇସି ସୁପରିଟେଣ୍ଡେଣ୍ଟ ତ୍ରିନାଥ ପାଢ଼ୀ, ବ୍ଲୁସ୍ଆଇର କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଯୋଗଦେଇ ଖେଳାଳିଙ୍କ ମନୋବଳ ବଢ଼ାଇଥିଲେ। ଓଡ଼ିଶା ପୁରୁଷ ଦଳରେ ଆଶିଷ ସାହୁ (ଅଧିନାୟକ), ଆଲୋକ ଦୀପ, ଦୀପକ ସିଂ, ସିଦ୍ଧୁ ଦାସ, କାହ୍ନା ସିଂ, ପଙ୍କଜ ମଙ୍ଗଳ, ଶେଖର ପ୍ରଧାନ, ଆକାଶ ପଡିୟାମୀ, ଜଗା ପଡିୟାମୀ, ଶରତ ସିଂ, ସାଇଶିବ ଏବଂ ମହିଳା ଦଳରେ ପଦ୍ମିନୀ ଟୁଡୁ (ଅଧିନାୟିକା), ସୁମିତ୍ରା ସିଂ, ସରସ୍ୱତୀ ମୁର୍ମୁ, ପ୍ରିୟଙ୍କା ଦାସ, ପ୍ରିୟଙ୍କା ସ୍ୱାଇଁ ଓ ପୁଷ୍ପାଞ୍ଜଳି ଭୋଇ ସାମିଲ ଅଛନ୍ତି।

# ଇଣ୍ଡିଆନ ଓମେନ୍ସ ଲିଗ୍ ୨୦ରୁ

**ନୂଆଦିଲ୍ଲୀ, ୧୧।୧୨ (ପି.ଟି.)**

ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ୨୦୨୫-୨୬ ଡିସେମ୍ବର ୨୦ରୁ କୋଲକାତାସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଆରମ୍ଭ ହେବ। ପ୍ରଥମ ମ୍ୟାଚ ସେଥୁ ଏଫ୍‌ସି ଓ କିକ୍‌ଷ୍ଟାର୍ଟ ଏଫ୍‌ସି ମଧ୍ୟରେ ଖେଳାଯିବ। ଆଇଡବ୍ଲ୍ୟୁଏଲ୍ ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୦ରୁ ୨୦୨୬ ଜାନୁଆରୀ ୯ ପର୍ଯ୍ୟନ୍ତ ଖେଳାଯିବ। ଏହି ସମୟ ମଧ୍ୟରେ ୮ଟି ଦଳ ୨୮ଟି ମ୍ୟାଚ ଖେଳିବେ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ସୂଚନା ଦିଆଯାଇଛି। ଲିଗ୍ ପାଇଁ କୋଲକାତାସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ ବ୍ୟତୀତ କଲ୍ୟାଣୀସ୍ଥିତ ମ୍ୟୁନିସିପାଲ ଷ୍ଟାଡିୟମକୁ ଅନ୍ୟତମ ଭେନ୍ୟୁ ଭାବେ ମନୋନୀତ କରାଯାଇଛି। ଆଇଡବ୍ଲ୍ୟୁଏଲ୍‌ର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଏପ୍ରିଲ ୨୦ରୁ ମେ୧୦ ପର୍ଯ୍ୟନ୍ତ ଖେଳାଯିବ, ଯାହା ଫଳରେ ଖେଳାଳିମାନେ ସିନିୟର ଓ ୨୦ ବର୍ଷରୁ କମ୍ ମହିଳା ଜାତୀୟ ଦଳ ପାଇଁ ଉପଲବ୍ଧ ହୋଇପାରିବେ। ଆଇଡବ୍ଲ୍ୟୁଏଲ୍‌ର ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ଜାତୀୟ ଦଳଗୁଡ଼ିକ ସେମାନଙ୍କ ମହାଦେଶୀୟ ଅଭିଯାନ ପୂର୍ବରୁ ପ୍ରସ୍ତୁତି ପାଇଁ ଯଥେଷ୍ଟ ସମୟ ପାଇବେ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପ୍ରକାଶ କରିଛି।

# ଯୁବି, ହରମନଙ୍କ ଷ୍ଟାଣ୍ଡ ଉଦ୍‌ଘାଟିତ

**ମୁଲାନପୁର, ୧୧।୧୨**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍ ପୂର୍ବରୁ ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ(ଯୁବି) ଓ ମହିଳା ବିଶ୍ୱକପ୍ ଚାମ୍ପିୟନ ଦଳର ଅଧିନାୟିକା ହରମନପ୍ରୀତଙ୍କ ନାମରେ ଷ୍ଟାଣ୍ଡ ଉନ୍ମୋଚିତ କରାଯାଇଛି। ଦୁଇ ଖେଳାଳିଙ୍କ ସହ ସେମାନଙ୍କ ସମ୍ପର୍କୀୟ ଓ ବନ୍ଧୁଗଣଙ୍କ ଉପସ୍ଥିତିରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମନ୍ ଏହାକୁ ଉନ୍ମୋଚିତ କରିଥିଲେ। ଏହି ଅବସରରେ ଯୁବି ଭାରତୀୟ ଦଳର ଖେଳାଳି ଓ ମୁଖ୍ୟ କୋଚ୍ ତଥା ତାଙ୍କ ସାଥି ଖେଳାଳି ଗୌତମ ଗମ୍ଭୀରଙ୍କ ସହ ଆଲୋଚନା କରିଥିଲେ। ଏହି ଗ୍ରାଉଣ୍ଡରେ ଯୁବି ଦୀର୍ଘ ଦିନର ସାଥି ହରଭଜନ ସିଂଙ୍କ ନାମରେ ଏକ ପାଭିଲିଅନ ରହିଛି।


ଷ୍ଟାଣ୍ଡ ଉଦ୍‌ଘାଟନ ପରେ ଭାରତୀୟ ଖେଳାଳିଙ୍କ ସହ ଯୁବି।

# ରୂପା ବେୟରଙ୍କୁ କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନ

**ନୂଆଦିଲ୍ଲୀ, ୧୧।୧୨ (ପି.ଟି.)**

ଏସିଆନ ବ୍ରୋଞ୍ଜ ପଦକ ବିଜେତା ରୂପା ବେୟର ଭାରତର ପ୍ରଥମ ଟାଏକୋଣ୍ଡୋ ଖେଳାଳି ଭାବେ ସଦ୍ୟ ପ୍ରକାଶିତ ବିଶ୍ୱ ର୍‍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନ ଅଧିକାର କରିଛନ୍ତି। ଅରୁଣାଚଳ ପ୍ରଦେଶର ଏହି ୨୪ ବର୍ଷୀୟା ପୁମ୍‌ସେ ପ୍ରତିଯୋଗୀ ନଭେମ୍ବର ୨୯ରୁ ୩୦ ଅଷ୍ଟ୍ରିଆର ଇନ୍ସବ୍ରକ୍‌ଠାରେ ଅନୁଷ୍ଠିତ ୱାର୍ଲ୍ଡ ଟାଏକୋଣ୍ଡୋ ପ୍ରେସିଡେଣ୍ଟ କପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଗତ ଅଗଷ୍ଟରେ ଅଷ୍ଟ୍ରେଲିଆ

**ଟାଏକୋଣ୍ଡୋ ବିଶ୍ୱ ର୍‍ୟାଙ୍କିଙ୍ଗ**

ଓପନ ଟାଏକୋଣ୍ଡୋ ଟୁର୍ଣ୍ଣାମେଣ୍ଟରେ ସେ ମଧ୍ୟ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପୁମ୍‌ସେ ହେଉଛି ଟାଏକୋଣ୍ଡୋର ଏକ ଅଣଯୁଦ୍ଧାତ୍ମକ ରୂପ, ଯେଉଁଥିରେ ଜିମ୍ନାଷ୍ଟିକ୍ ରୁଟିନ୍ ଭଳି ଏକ ଢାଞ୍ଚା ପ୍ରଦର୍ଶନ କରିବାକୁ ହୋଇଥାଏ। ଏକ ଜଜ୍ ପ୍ୟାନେଲ ତାହାର ମୂଲ୍ୟାୟନ କରିଥାନ୍ତି। ଏହି ଫର୍ମାଟକୁ ବର୍ତ୍ତମାନ ଏକ ଅଣ ଅଲିମ୍ପିକ କାଟେଗୋରୀରେ ରଖାଯାଇଛି, କିନ୍ତୁ ଏହାକୁ ଏସିଆନ ଗେମ୍ସରେ ସ୍ଥାନିତ କରାଯାଇଛି। ବେୟର ମୁମ୍ବାଇସ୍ଥିତ ଇଣ୍ଡୋ-କୋରିଆନ ଏକାଡେମୀରେ ଟ୍ରେନିଂ ନେଉଛନ୍ତି।




ଚଳିତବର୍ଷ ଏପ୍ରିଲରେ କ୍ରୀଡ଼ା ମନ୍ତ୍ରଣାଳୟ ତାଙ୍କୁ ଟାର୍ଗେଟ ଏସିଆନ ଗେମ୍ସ ଗ୍ରୁପ୍ (ଟିଏଜିଜି)ରେ ସାମିଲ କରିଛି। ସେ ଏକମାତ୍ର ଭାରତୀୟ ଭାବେ ସମସ୍ତ କାଟେଗୋରୀରେ ବିଶ୍ୱ ର୍‍ୟାଙ୍କିଙ୍ଗ ଟପ୍ ୧୦୦ରେ ସ୍ଥାନ ପାଇଛନ୍ତି।

# ଅଷ୍ଟ୍ରେଲିଆ ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ

**ମେଲବୋର୍ନ, ୧୧।୧୨(ପି.ଟି.)**

ନାମ୍ବିଆ ଓ ଜିମ୍ବାୱେରେ ଆସନ୍ତା ଜାନୁଆରୀ ୧୫ରୁ ଫେବୃଆରୀ ୬ ପର୍ଯ୍ୟନ୍ତ ହେବାକୁଥିବା ୧୯ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ପାଇଁ ଘୋଷଣା କରାଯାଇଥିବା ଅଷ୍ଟ୍ରେଲିଆର ୧୫ ଜଣିଆ ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ ଆର୍ଯ୍ୟନ ଶର୍ମା ଓ ଜନ୍ ଜେମ୍ସଙ୍କୁ ସ୍ଥାନ ମିଳିଛି। ଆର୍ଯ୍ୟନ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ହେଉଛନ୍ତି ଜଣେ ଦକ୍ଷ ବ୍ୟାଟର ଓ ଧୀମା ବାମହାତୀ ସ୍ପିନର। ଅନ୍ୟପକ୍ଷରେ ଜେମ୍ସ ହେଉଛନ୍ତି ଜଣେ ମିଡିୟମ ପେସ୍ ଅଲରାଉଣ୍ଡର। ସେପ୍ଟେମ୍ବରରେ ଭାରତ ବିପକ୍ଷ ୟୁଥ୍ ଟେଷ୍ଟ ଓ ଦିନିକିଆ ଖେଳିଥିବା ଦଳର ଉଭୟ ଅଂଶବିଶେଷ ଥିଲେ। ଭାରତୀୟ ବଂଶୋଦ୍ଭବଙ୍କ ବ୍ୟତୀତ ଦଳରେ ଦୁଇ ଶ୍ରୀଲଙ୍କା ବଂଶୋଦ୍ଭବ (ନାଡେନ କୁରେ ଓ ନିତେଶ ସାମୁଏଲ) ଏବଂ ଜଣେ ଚାଇନିଜ ବଂଶୋଦ୍ଭବ (ଆଲେକ୍ସ ଲି' ୟଙ୍ଗ)ଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଅଷ୍ଟ୍ରେଲିଆ ଗତଥରର ଚାମ୍ପିୟନ ଦଳ ହିସାବରେ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛି। ଅଲିଭର ପିକ୍‌ଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଭାରତ ବିପକ୍ଷ ୧୯ ବର୍ଷରୁ କମ୍ ସିରିଜ ଓ ପର୍ଥରେ ନିକଟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଦଳ ମନୋନୟନ କରାଯାଇଛି। ଆୟର୍ଲାଣ୍ଡ, ଜାପାନ ଓ ଶ୍ରୀଲଙ୍କା ସହିତ ଅଷ୍ଟ୍ରେଲିଆକୁ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍ 'ଏ'ରେ ସ୍ଥାନ ମିଳିଛି। ଅଷ୍ଟ୍ରେଲିଆ ଦଳ ଜାନୁଆରୀ ମାସ ପ୍ରାରମ୍ଭରେ ନାମ୍ବିଆରେ ପହଞ୍ଚିବ। ଦଳ ୯ରୁ ୧୪ ପର୍ଯ୍ୟନ୍ତ ୱାର୍ମଅପ୍ ମ୍ୟାଚ ଖେଳିବ।


ଆର୍ଯ୍ୟନ ଶର୍ମା ଓ ଜନ୍ ଜେମ୍ସ।

# ରାଜ୍ୟସ୍ତରୀୟ ଓପନ ଟାଏକୋଣ୍ଡୋ ୨୬ରୁ

**ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)**


ଓଡ଼ିଶା ଟାଏକୋଣ୍ଡୋ ଆନୁକୂଲ୍ୟରେ ଚଳିତ ମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଭଦ୍ରକର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ମାନ୍ୟତାପ୍ରାପ୍ତ ଏହି ପ୍ରତିଯୋଗିତାରେ ସମସ୍ତ ଜିଲାରୁ ମୋଟ ୯୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷକ ଏବଂ ଖେଳାଳି ଅଂଶଗ୍ରହଣ କରିବେ। ଏଥିରେ ଯେଉଁ ଖେଳାଳି ସଫଳ ହେବେ ସେମାନେ ଇଣ୍ଡିଆ ଟାଏକୋଣ୍ଡୋ ଦ୍ୱାରା ଆୟୋଜିତ ଆସନ୍ତା ଜାତୀୟସ୍ତରୀୟ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ଯେଉଁ ଖେଳାଳିମାନେ ଜାତୀୟସ୍ତରରେ ସଫଳତା ଲାଭ କରିବେ ସେମାନେ ଏସିଆନ୍ ଗେମ୍ସର ଟ୍ରାଏଲ ପାଇଁ ମନୋନୀତ ହେବେ ବୋଲି ଓଡ଼ିଶା ଟାଏକୋଣ୍ଡୋର ସମ୍ପାଦକ ଚିନ୍ମୟ ବେହେରା ପ୍ରକାଶ କରିଛନ୍ତି।

# ଟି୨୦ ବିଶ୍ୱକପ୍ ପାଇଁ ଟିକେଟ ବିକ୍ରି ଆରମ୍ଭ

**ମୁମ୍ବାଇ, ୧୧।୧୨ (ପି.ଟି.)**

ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରୁଥିବା ୨୦୨୬ ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଟିକେଟ ବିକ୍ରି ଗୁରୁବାରଠାରୁ ଆରମ୍ଭ ହୋଇଛି। ଆସନ୍ତାବର୍ଷ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ହେବାକୁଥିବା ଏହିଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟରେ ଟିକେଟର ମୂଲ୍ୟ ଭାରତରେ ସର୍ବନିମ୍ନ ୧୦୦ ଟଙ୍କା ଏବଂ ଶ୍ରୀଲଙ୍କାରେ ସେଠାକାର ମୁଦ୍ରାରେ ୧,୦୦୦ ଟଙ୍କା ରଖାଯାଇଛି।

# ସେମିଫାଇନାଲରେ ଫାଓ ଇଲେଭେନ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ହରିଶଙ୍କର ନାୟକ।

**ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)**

କ୍ଲବ-୭୩ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଆରମ୍ଭ ହୋଇଛି। ୮ ଦଳକୁ ନେଇ ନକ୍‌ଆଉଟ ଭିତ୍ତିରେ ହେଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ୨-୦ ଗୋଲରେ ହରାଇ ଫାଓ ଇଲେଭେନ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ

**ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆରମ୍ଭ**

ପକ୍ଷରୁ ଅରବିନ୍ଦ ଲାକ୍ରା ୮୩ ଓ ହରିଶଙ୍କର ନାୟକ ୯୦+୨ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହରିଶଙ୍କର ନାୟକ ଅତିଥି ପ୍ରଦ୍ୟୁମ୍ନ ପାଢ଼ୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ବିଧାୟକ ଜୟ ନାରାୟଣ ମିଶ୍ର, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ସୁଧାକର ପହି ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଶିବ ଶଙ୍କର ପଣ୍ଡା, ପ୍ରଦୀପ୍ତ ନାୟକ, ଚନ୍ଦ୍ରକାନ୍ତ ବାରିକ, ସୁଜିତ କୁମାର ପାତ୍ରୋ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ଚାମ୍ପିୟନ ଦଳକୁ ପୁରସ୍କାର ଆକାରରେ ୨ ଲକ୍ଷ ଟଙ୍କା ସହ ତପନ ସ୍ମାରକୀ ଟ୍ରଫି ପ୍ରଦାନ କରାଯିବ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ